# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩୦/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, March 30/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 124 | ମୂଲ୍ୟ ₹୭/-




## ଟେନ୍‌ସନରେ ହ୍ରିତିକ୍‌ଙ୍କ ଗର୍ଲଫ୍ରେଣ୍ଡ

ବଲିଉଡ ଅଭିନେତା ହ୍ରିତିକ୍ ରୋଶନଙ୍କ ଗର୍ଲଫ୍ରେଣ୍ଡ ସବା ଆଜାଦ ସାଇକ୍ଲୋସ୍ପୋରା କାଏଟାନେନ୍ସିସ ନାମକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇଛନ୍ତି।

୦୮

୧୪

## ଆଣ୍ଟୋନେଲି ଜାପାନିଜ ଗ୍ରାଁପ୍ରି ବିଜେତା

ଜାପାନିଜ ଫର୍ମୁଲା-୧ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି ମର୍ସିଡିଜର ଇଟାଲିଆନ ଡ୍ରାଇଭର କିମି ଆଣ୍ଟୋନେଲି।





ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ତିହିଡ଼ିର ଗଦି ବଜାରରେ ରବିବାର ଚାଷୀମାନେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

## ପରିବାର ଆଣିଲେ ହତ୍ୟା ଅଭିଯୋଗ

ପୁରୀ/ କୋଣାର୍କ, ୨୯।୩ (ଅଜିତ୍ କୁମାର ମହାନ୍ତି/ ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଙ୍ଗରସ୍ଥିତ ଜିଲା କାରାଗାରରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କାରାଗାରରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ କଏଦୀ ହେଲେ ସାକ୍ଷୀଗୋପାଳ ଡାହାଣ କୁମ୍ଭାରପଡ଼ାର ଦୀପ୍ତି ରଞ୍ଜନ ସ୍ୱାଇଁ ଓରଫ ସିଲୁ (୨୭)। ଶୌଚାଳୟରୁ ତାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ଏନେଇ ରାମଚଣ୍ଡୀ ଥାନା ପୋଲିସ (କେସ୍ ନଂ-୩/୨୬)ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ସିଲୁଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ, ରବିବାର ମଧ୍ୟାହ୍ନରେ ସିଲୁ ଶୌଚାଳୟରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏନେଇ ପରିବାର ଲୋକଙ୍କୁ ଅପରାହ୍ନରେ ଅବଗତ କରାଯାଇଥିଲା। ଏହା ପରେ ପରିବାରଲୋକେ ଚିକିତ୍ସାଳୟରେ ପହଞ୍ଚି ହୋ-ହଲ୍ଲା କରିବା ସହ ସିଲୁଙ୍କ ମୃତ୍ୟୁ ଘଟଣାରେ କାରାଗାର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ସୂଚନା ମୁତାବକ, ୨୦୨୪ ଜୁନ୍ ୩ରୁ ଦୀପ୍ତିରଞ୍ଜନ ଏକ ବଳାତ୍କାର ମାମଲାରେ ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ରହିଥିବା ବେଳେ ରବିବାର ପୂର୍ବାହ୍ନ ସାଢ଼େ ୧୦ରେ ନିଜ ଭଉଣୀଙ୍କ ସହ ଜେଲରୁ ବାହାରିବା ସମ୍ପର୍କରେ କଥା ହୋଇଥିଲେ। ଆସନ୍ତା ୧୮ରେ ଅଦାଲତରେ ତାରିଖ ରହିଥିବା ବିଷୟ ଦୀପ୍ତିରଞ୍ଜନଙ୍କୁ କୁହାଯାଇଥିଲା ବୋଲି ମା' କାଳିକା ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଜେଲ କର୍ତ୍ତୃପକ୍ଷ ସଞ୍ଜୟ ବର୍ମା କହିଛନ୍ତି, ଦୀପ୍ତିରଞ୍ଜନ ଶୌଚାଳୟରେ ଦଉଡ଼ି ଦେଇ ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା। ମୁମୂର୍ଷୁ ଅବସ୍ଥାରେ ପ୍ରଥମେ କାରାଗାର ଡାକ୍ତରଖାନା ଏବଂ ପରେ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ☞ପୃଷ୍ଠା-୪

# ଉଠୁନି ଧାନ, ରାସ୍ତାରେ ଚାଷୀ

ଧାନ ସଂଗ୍ରହକୁ ଆଉ ମାତ୍ର ମଝିରେ ଗୋଟେ ଦିନ ବାକି ଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀଙ୍କ ଠାରୁ ଧାନ କିଣା ହୋଇପାରି ନାହିଁ। ମଣ୍ଡିରେ ଧାନ ଗଦା କରି ଅପେକ୍ଷା କରି ରହିଛନ୍ତି ଚାଷୀ। ମାର୍ଚ୍ଚ ୩୧ ତାରିଖ ଧାନ ସଂଗ୍ରହର ଶେଷ ଦିନ ଥିବାବେଳେ ଚାଷୀଙ୍କଠାରୁ କିଣା ନ ହେବା ଏକ ଅପ୍ରିତିକର ସ୍ଥିତି ସୃଷ୍ଟି କରିଛି। ଧାନ ସଂଗ୍ରହରେ ପରିଚାଳନାଗତ ତ୍ରୁଟିକୁ ଦାୟୀ କରି ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ତୁରନ୍ତ ସେମାନଙ୍କ ଧାନ ନେବାକୁ ପ୍ରଶାସନ ନିକଟରେ ଜିଦ୍ ଧରିଛନ୍ତି। ରବିବାର ବାଲେଶ୍ୱର ଖନ୍ତାପଡ଼ାଠାରେ ଚାଷୀମାନେ ଜାତୀୟ ରାଜପଥ(ଏନ୍‌ଏଚ୍-୧୬) ଅବରୋଧ କରିଥିବାବେଳେ ଭଦ୍ରକ ଜିଲାର ତିହିଡ଼ି ଏବଂ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତାକୁ ଓହ୍ଲାଇଛନ୍ତି।

ବାହାନଗା/ତିହିଡ଼ି/ ଭଣ୍ଡାରିପୋଖରୀ, ୨୯।୩ (ଅରୂପ କୁମାର ଦାସ/ ସଞ୍ଜିତ ବଳ/ ରାଜେନ୍ଦ୍ର ଶତପଥୀ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ଖନ୍ତାପଡ଼ାଠାରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଛି। ଟୋକନ ପାଇ ମଣ୍ଡିରେ ଧାନ ବିକି ନ ପାରି ପ୍ରତିବାଦ ସ୍ୱରୂପ ରବିବାର ଶତାଧିକ ଚାଷୀ ୧୬ନଂ. ଜାତୀୟ ରାଜପଥ ୨ ଘଣ୍ଟା ଧରି ଅବରୋଧ କରିଥିଲେ। ଖନ୍ତାପଡ଼ା ସମିତି ସଭାପତି ଦିଲ୍ଲୀପ ଦାସ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ସହ କଥା ହୋଇ ୨୪ ଘଣ୍ଟା ମଧ୍ୟରେ ଧାନ କିଣା ହେବ ଓ ଯେଉଁ ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବ ସେମାନଙ୍କୁ ଆଉଥରେ ଟୋକନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, ଖନ୍ତାପଡ଼ା ସମିତିକୁ ଖରିଫ ଧାନ କିଣିବାପାଇଁ ସରକାର ୪୦ ହଜାର କୁଇଣ୍ଟାଲ ଟାର୍ଗେଟରେ ଟୋକନ ଦେଇଥିଲେ। ସେଥିମଧ୍ୟରୁ ୩୦ ହଜାର କୁଇଣ୍ଟାଲ ଧାନ କିଣା ସରିଛି। ଆଉ ସାଢେ ୬ ହଜାର କୁଇଣ୍ଟାଲ ଧାନ କିଣି ସମିତି

## ଧାନ ସଂଗ୍ରହ କଣ୍ଟକୁ ଦିନେ, ଜିଦିରେ ଅଟଳ

ଗୋଦାମରେ ଗଚ୍ଛିତ ରଖିଥିଲେ ମଧ୍ୟ ତାହାକୁ କୌଣସି ମିଲର ନେଉନାହାନ୍ତି। ୨ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ଘରେ ପଡ଼ିରହିଥିଲେ ମଧ୍ୟ ଆଉ ଧାନ କିଣା ହେଉନି। ଅନ୍ୟପଟେ କେତେଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲାଣି। ଏହାର ପ୍ରତିବାଦରେ ଖନ୍ତାପଡ଼ା ସେବା ସମବାୟ ସମିତି ଅଧୀନରେ ଥିବା ଚକଜଗନ୍ନାଥପୁର, କଷପାଜୟପୁର, ଖନ୍ତାପଡ଼ା ଆଦି ୩ଟି ପଞ୍ଚାୟତର ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ତୁରନ୍ତ ସରକାର ଚାଷୀଙ୍କ ଧାନ କିଣନ୍ତୁ ଓ ଲାପ୍ସ ଟୋକନ ଫେରସ୍ତ କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ଆନ୍ଦୋଳନସ୍ଥଳରେ ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲା।

ସେହିପରି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଜାମଯୋଡ଼ି ଓ ଅମୃତପୁର ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ସକାଳ ୮ଟା ବେଳେ ଗଦି ବଜାରରେ ଧାନବସ୍ତା ରଖି ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଥିଲେ। ସେମାନେ ଦର୍ଶାଇଥିଲେ, ଟାର୍ଗେଟ ନ ଥିବାରୁ ସମିତି କର୍ତ୍ତୃପକ୍ଷ ଧାନ କିଣା ବନ୍ଦ କରି ଦେଇଛନ୍ତି। ଫଳରେ ଜାମଯୋଡ଼ି ସମିତି ମଣ୍ଡିରେ ୧୫୬ ଏବଂ ଅମୃତପୁର ସମିତି ମଣ୍ଡିରେ ୧୦୧ଜଣ ଚାଷୀ ଧାନ ବିକିପାରି ନାହାନ୍ତି। ଜାମଯୋଡ଼ି ମଣ୍ଡିକୁ ୬୪୦୦ ଏବଂ ଅମୃତପୁର ମଣ୍ଡିକୁ ୧୯୯୬ କୁଇଣ୍ଟାଲ ଟାର୍ଗେଟ ପାଇଁ ସେମାନେ ଦାବି କରିଥିଲେ। ଏହାବ୍ୟତୀତ ଜାମଯୋଡ଼ି ମଣ୍ଡିରେ ୮୦୦୦ କୁଇଣ୍ଟାଲ ଏବଂ ଅମୃତପୁର ମଣ୍ଡିରେ ୭୦୦୦ କୁଇଣ୍ଟାଲ ଧାନବସ୍ତା ପଡ଼ିରହିଛି। ମିଲରମାନେ ମଣ୍ଡିରୁ ଧାନବସ୍ତା ଉଠାଉ ନ ଥିବାରୁ ବର୍ଷା ଖାଇ ଧାନ ଗଜା ମାରିଲାଣି। ଅପରପକ୍ଷେ ଧାନ ବିକିଥିବା ବହୁ ଚାଷୀ ଅଦ୍ୟାବଧି ପ୍ରାପ୍ୟ ପାଇନାହାନ୍ତି। ଅତିରିକ୍ତ ତହସିଲଦାର ନମିତା ଧଳ ଓ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଚାଷୀମାନେ ସମିତିକୁ ଟାର୍ଗେଟ୍ ଦିଆଯାଉ ବୋଲି ଦାବି କରିଥିଲେ। ପରେ ଅଧିକାରୀମାନେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଫୋନ୍‌ରେ କଥା ହୋଇ ସମିତିକୁ ଟାର୍ଗେଟ୍ ଦିଆଯାଇ ଚାଷୀଙ୍କ ସବୁ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ଟାର୍ଗେଟ ଦିଆଯାଉ ଦାବି କରି ଚାଷୀମାନେ ଆନ୍ଦୋଳନ ଅବ୍ୟାହତ ରଖିଥିଲେ। ପରେ ବିଡିଓ ନିରଞ୍ଜନ ବାରିକ ପହଞ୍ଚି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସନ୍ଧ୍ୟାରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପହଞ୍ଚି ୨ ସମିତିକୁ ଅଧିକ ଟାର୍ଗେଟ ପ୍ରଦାନ ☞ପୃଷ୍ଠା-୪

# ପାକ୍ ମଧ୍ୟସ୍ଥ, ଭାରତ ଅସ୍ପଷ୍ଟ

## ଇସ୍‌ଲାମାବାଦରେ ସାଉଦିଆରବ, ଇଜିପ୍ଟ ଓ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ

ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ। ଆମେରିକା-ଇସ୍ରାଏଲ୍‌ର ମିଳିତ ଇରାନ୍ ଆକ୍ରମଣକୁ ରବିବାର ୩୦ ଦିନ ପୂରିଥିବାବେଳେ ପଶ୍ଚିମ ଏସିଆ ସଂଘର୍ଷ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ବିଶେଷକରି ଇରାନ୍ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଥିବା ଆମେରିକୀୟ ସେନାଘାଟିକୁ ଟାର୍ଗେଟ୍ କରୁଥିବାବେଳେ ଇସ୍ରାଏଲ୍ ତେହରାନ୍ ଉପରେ ଘନ ଘନ ମିଶାଇଲ ମାଡ଼ କରୁଛି। ସେପଟେ ଆମେରିକା ସ୍ଥଳଭାଗରେ ଇରାନ୍ ଆକ୍ରମଣ ପାଇଁ ପ୍ରସ୍ତୁତ ହେଲାଣି। ଏଭଳି ସ୍ଥିତିରେ ପାକିସ୍ତାନ ଶାନ୍ତି ଆଲୋଚନା ପାଇଁ ମଧ୍ୟସ୍ଥ ଭୂମିକା ନେଇଛି। ଉତ୍ତେଜନା ହ୍ରାସ ନିମନ୍ତେ ଇସ୍‌ଲାମାବାଦରେ ସାଉଦି ଆରବ, ତୁର୍କୀ ଓ ଇଜିପ୍ଟର ବହିର୍ବ୍ୟାପାର ମନ୍ତ୍ରୀମାନେ ଏକାଠି ହୋଇଛନ୍ତି। ଏପରି କି ଇରାନୀୟ ନେତାଙ୍କ ସହ ଆଲୋଚନା ପାଇଁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ପାକିସ୍ତାନ ଯାଇପାରନ୍ତି ବୋଲି କୁହାଯାଉଛି। ଦେଖିବାକୁ ଗଲେ ପାକିସ୍ତାନ ଏହି ସମ୍ମିଳନୀର ଆୟୋଜନ କରି କୂଟନୈତିକ ବିଚକ୍ଷଣତାର ପରିଚୟ ଦେଇଥିବାବେଳେ ଭାରତର ଆଭିମୁଖ୍ୟ ଅସ୍ପଷ୍ଟ ରହିଛି। ଭାରତରେ ତୈଳ ଏବଂ ଏଲ୍‌ପିଜି ସଙ୍କଟ ଉପୁଜିଥିବାରୁ ନୂଆଦିଲ୍ଲୀର ଉଦ୍ୟମ କେବଳ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ନିଜ ଜାହାଜଗୁଡ଼ିକୁ ଖସାଇ ଆଣିବା ପାଇଁ ଉଦ୍ଦିଷ୍ଟ ବୋଲି ମନେହେଉଛି।

ଇସ୍‌ଲାମାବାଦ/ ଦୁବାଇ/ ନୂଆଦିଲ୍ଲୀ, ୨୯।୩

ଏୟାର ଷ୍ଟ୍ରାଇକ୍ ପରେ ସ୍ଥଳଭାଗରେ ଇରାନ୍ ଆକ୍ରମଣ ପାଇଁ ଆମେରିକା ସଜବାଜ ହେଉଛି। ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଥିବା ଆମେରିକୀୟ ସୈନ୍ୟ ଯଦି ଟାର୍ଗେଟ କରନ୍ତି ତେବେ ସେମାନଙ୍କୁ ଜାଳି ଦିଆଯିବ ବୋଲି ଇରାନ୍ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର କାଲିବଫ୍ ଚେତାବନୀ ଦେଇଛନ୍ତି। ଇରାନ୍ ନିଜ ଭୂଖଣ୍ଡରେ କୌଣସି ପ୍ରକାର ଆମେରିକୀୟ ସୈନ୍ୟ ଏବଂ ୱାଶିଂଟନ୍‌ର କ୍ଷେତ୍ରୀୟ ସହଯୋଗୀଙ୍କ ମୁକାବିଲା ପାଇଁ ପ୍ରସ୍ତୁତ ବୋଲି କହିବା ସହ ଶାନ୍ତି ଆଲୋଚନା ବିଷୟକୁ ଖଣ୍ଡନ କରିଛନ୍ତି। ଇରାନୀୟ ବାଚସ୍ପତିଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି ଯେତେବେଳେ କି ଇସ୍‌ଲାମାବାଦରେ ସାଉଦି ଆରବ, ତୁର୍କୀ ଓ ଇଜିପ୍ଟ ବହିର୍ବ୍ୟାପାର ମନ୍ତ୍ରୀ ଆଲୋଚନା ଆରମ୍ଭ କରିଛନ୍ତି। ରବିବାର ଓ ସୋମବାର ୨ ଦିନ ଧରି ହେବାକୁ ଥିବା ଉକ୍ତ ବୈଠକରେ ଆମେରିକା କିମ୍ବା ଇସ୍ରାଏଲ୍ ଯୋଗଦେଇ ନ ଥିବାବେଳେ ☞ପୃଷ୍ଠା-୪

# ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

## ୭ ଉପଜିଲାପାଳ ନିଯୁକ୍ତ

ଭୁବନେଶ୍ୱର, ୨୯।୩ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ରବିବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୭ଜଣ ଓଏଏସ୍ ଅଧିକାରୀଙ୍କୁ ଉପଜିଲାପାଳ ଭାବେ ଏବଂ ଜଣଙ୍କୁ ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ସମ୍ବଲପୁର କୁଚିଣ୍ଡା ଆଇଟିଡିଏ ପିଏଙ୍କୁ ବରଗଡ଼ ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମଞ୍ଚରେ ପାକିସ୍ତାନ**

# ମନ୍ କୀ ବାତ୍‌ରେ ସମ୍ବଲପୁରର ସୁଜାତା

## ମତ୍ସ୍ୟଚାଷ ମାଧ୍ୟମରେ ହୋଇଛନ୍ତି ସ୍ୱାବଲମ୍ବୀ

ସମ୍ବଲପୁର, ୨୯।୩ (ପ୍ରମୋଦ ବହିଦାର)

ଜଣେ ସାଧାରଣ ଗୃହିଣୀରୁ ସଫଳ ମତ୍ସ୍ୟଚାଷୀ ସାଜିଥିବା ସମ୍ବଲପୁରର ସୁଜାତା ଭୂୟାଁଙ୍କ ସଫଳତା ଆଜି ସାରା ଦେଶ ପାଇଁ ଏକ ଉଦାହରଣ ସାଜିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ସୁଜାତାଙ୍କ ଉଦ୍ୟମ ଓ ସଫଳତା ସମ୍ପର୍କରେ ଆଲୋଚନା କରିବା ପରେ ତାଙ୍କ ପାଖକୁ ଏବେ ଶୁଭେଚ୍ଛାର ସୁଅ ଛୁଟିଛି। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ରବିବାର ତାଙ୍କ ଘରେ ପହଞ୍ଚି ସୁଜାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷରେ ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କି ବାତ୍‌ର ୧୩୨ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଏହି ସଂସ୍କରଣରେ ସେ ଦେଶ-ବିଦେଶର ବିଭିନ୍ନ ପ୍ରସଙ୍ଗକୁ ଉପସ୍ଥାପନ କରିବା ସହ ଦୁଇଜଣ ଓଡ଼ିଆଙ୍କୁ ମଧ୍ୟ ସେମାନଙ୍କ ଉଦ୍ୟମ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ସେମାନେ ହେଲେ ସମ୍ବଲପୁରର ସୁଜାତା ଭୂୟାଁ ଏବଂ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ।



ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟଚାଷୀ ସୁଜାତା ଭୂୟାଁ।

ପ୍ରଧାନମନ୍ତ୍ରୀ ମୋଦି ମହିଳା ସଶକ୍ତୀକରଣ ଉଦାହରଣ ଦେଇ କହିଥିଲେ, ସୁଜାତା ଜଣେ ଗୃହିଣୀ। କିନ୍ତୁ ସେ କିଛି ଭିନ୍ନ କାମ କରିବା ସହିତ ପରିବାରର ଉନ୍ନତିରେ ଭାଗୀଦାରି ହେବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ କିଛି ବର୍ଷ ପୂର୍ବରୁ ହୀରାକୁଦ ଜଳଭଣ୍ଡାରରେ ଫିଶ୍ ଫାର୍ମିଂ(ମତ୍ସ୍ୟଚାଷ) ଆରମ୍ଭ କରିଥିଲେ। ତେବେ ସୁଜାତାଙ୍କର ଏହି ଯୋଜନା ସହଜ ନ ଥିଲା। କାରଣ ପାଣିପାଗ ଏବଂ ଅନ୍ୟ ପାରିପାର୍ଶ୍ୱିକ ସ୍ଥିତି ଯୋଗୁ ସେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ। ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଖଡ଼ିଆଳ,(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଡୁକଲାଠାରେ ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁକଲା ଗ୍ରାମର ମୁରଲୀଧର ରଣା (୫୮)। ଶନିବାର ବିଳମ୍ବିତ ରାତିରେ ମୁରଲୀଧର ରଷିଗାଁରୁ ଡୁକଲାକୁ ଫେରୁଥିବା ବେଳେ ସମ୍ମୁଖପଟରୁ ଆସୁଥିବା ବାଇକ୍ ଓଡ଼ି ୨୬ଏଚ ୯୫୨୪ ଧକ୍କା ଦେଇଥିଲା। ମୁରଲୀଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଉନ୍ନୟନ କାମ ବନ୍ଦ: ପଡ଼ିରହିଛି ୧୩ କୋଟି ଅନୁଦାନ

### କଳାହାଣ୍ଡି ଜିଲା
### ୨ ବର୍ଷ ହେଲା ନାହାନ୍ତି ଯୋଜନା କମିଟି ଅଧ୍ୟକ୍ଷ

ଭବାନୀପାଟଣା,୨୯।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଯୋଜନା କମିଟି ଅଧ୍ୟକ୍ଷ ନାହାନ୍ତି ବୋଲି ଜିଲାର ଉନ୍ନୟନ କାମ ବାଧାପ୍ରାପ୍ତ ହୋଇଛି। ରାଜ୍ୟ ସରକାର ବଦଳିବା ପରେ ୨୦୨୪ ପରଠାରୁ ନୂଆ ଜିଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତି କରିନାହାନ୍ତି। ଫଳରେ ଅଧ୍ୟକ୍ଷ ନ ଥିବାରୁ ଗତ ୨ଟି ଆର୍ଥିକବର୍ଷ ୨୦୨୪-୨୫ ଓ ୨୦୨୫ -୨୬ରେ ଜିଲା ଯୋଜନା କମିଟିର ବୈଠକ ବସିନାହିଁ। ଜିଲାକୁ ବାର୍ଷିକ ୬.୫୦କୋଟି ଅନୁଦାନ ଆସିଥାଏ। ବର୍ତ୍ତମାନ ୨ବର୍ଷର ମୋଟ ୧୩କୋଟି ଟଙ୍କା ବିନିଯୋଗ ନ ହୋଇ ପଡ଼ିରହିଛି। ଜିଲାରେ ରାସ୍ତା ନିର୍ମାଣ, ଜଳଯୋଗାଣ ଭଳି ଉନ୍ନୟନ କାମରେ ତାହା ଖର୍ଚ୍ଚ ହୋଇପାରୁ ନାହିଁ। କ୍ରିଟିକାଲ ଗ୍ୟାପ ଫଣ୍ଡ ବା ସିଜିଏଫ ଖର୍ଚ୍ଚକୁ ଅନୁମୋଦନ ମିଳିପାରୁ ନାହିଁ। ପ୍ରକାଶ ଯେ, ଜିଲା ଯୋଜନା କମିଟି ଜିଲାର ଚିଠା ବିକାଶ ଯୋଜନାକୁ ଅନୁମୋଦନ କରନ୍ତି । ଯଦ୍ୱାରା ବାକି ରହିଯାଉଥିବା ବଳକା ପ୍ରକଳ୍ପକୁ କ୍ରିଟିକାଲ ଗ୍ୟାପ ଫଣ୍ଡରେ ଅନୁମୋଦନ ମିଳିଥାଏ। ମାତ୍ର ଜିଲା ଯୋଜନା କମିଟି ଅଧ୍ୟକ୍ଷ ନ ଥିବାରୁ ତାହା



ଜିଲା ଯୋଜନା କାର୍ଯ୍ୟାଳୟ।

ସମ୍ଭବ ହେଉନାହିଁ। ପୂର୍ବତନ ବିଜେଡି ସରକାର କାଳରେ ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ କଳାହାଣ୍ଡି ଜିଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ତାଙ୍କ ମୃତ୍ୟୁ ପରେ ତତ୍କାଳୀନ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ। ନିଯୁକ୍ତ କରାଯାଇଥିଲା। ମାତ୍ର ୨୦୨୪ ସାଧାରଣ ନିର୍ବାଚନ ପରେ ସରକାର ବଦଳିଗଲା। ଇତିମଧ୍ୟରେ ୨ଟି ଆର୍ଥିକ ବର୍ଷ ବିତିଯାଇଛି। ମାତ୍ର ଭାଜପା ସରକାର କଳାହାଣ୍ଡି ଜିଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତି ପ୍ରତି ଆନ୍ତରିକତା ଦେଖାଉ ନ ଥିବା ନେଇ ରାଜନୈତିକ ସମୀକ୍ଷକ ତଥା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଆସୁଛି। ଗତ ୨୦୧୫- ୧୬ ମସିହା ପରେ ବିଜେଡି ସରକାର ଅମଳରେ କେତେକ ଜିଲାରେ ମନ୍ତ୍ରୀଙ୍କ ଜାଗାରେ କିଛି ବିଧାୟକଙ୍କୁ ଜିଲା ଯୋଜନା କମିଟିରେ ଅଧ୍ୟକ୍ଷ ଭାବେ ସରକାର ନିଯୁକ୍ତି ଦେଇଥିଲେ। ଯଦ୍ୱାରା ଅନେକ ଜିଲାରେ ମନ୍ତ୍ରୀମାନେ ଅଧ୍ୟକ୍ଷ ପଦରେ ଥିବାବେଳେ ଆଉ କିଛି ଜିଲାରେ ବିଧାୟକମାନଙ୍କୁ ବି ଅଧ୍ୟକ୍ଷ କରାଯାଇଥିଲା। ଏମିତିକି ଉକ୍ତ ପଦରେ ରହୁଥିବା ବିଧାୟକଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମଧ୍ୟ ମିଳୁଥିଲା। ମାତ୍ର ନୂଆ ସରକାର ଆସିବା ପରେ ଜିଲା ଯୋଜନା କମିଟିଗୁଡ଼ିକରେ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ପ୍ରକାଶଥାଉକି, ନିୟମ ଅନୁସାରେ ପ୍ରତ୍ୟେକ ଜିଲାରେ ଜିଲା ଯୋଜନା କମିଟି ଗଠନ କରାଯାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପଞ୍ଚାୟତମାନଙ୍କ ଯୋଜନାକୁ ସଂଯୋଜନ କରି ବିକାଶ ଯୋଜନାକୁ ଚୂଡ଼ାନ୍ତ କରିବା। ଓଡ଼ିଶାରେ ଏହାକୁ 'ଓଡ଼ିଶା ଜିଲା ଯୋଜନା କମିଟି ଆଇନ' ଅନୁଯାୟୀ କାର୍ଯ୍ୟକାରୀ କରାଯାଏ। ଜିଲା ଯୋଜନା କମିଟି ଗୁଡ଼ିକର ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଯୋଜନାକୁ ନେଇ ରାଜ୍ୟଯୋଜନା ବୋର୍ଡ ରାଜ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିଥାଏ। ହେଲେ ଏଥିରେ ଗତ ୨ବର୍ଷରୁ କଳାହାଣ୍ଡିରେ ବ୍ୟତିକ୍ରମ ହୋଇଛି। ନୂଆ ଜିଲା ଯୋଜନା କମିଟି ବିଳମ୍ବ ହୋଇଛି। ଫଳରେ ବିଶେଷ କରି କେବିକେ ଅନ୍ତର୍ଭୁକ୍ତ କଳାହାଣ୍ଡିରେ ସଡ଼କ ଓ ପାଣି ସହ ଅନ୍ୟାନ୍ୟ ସାମଗ୍ରିକ ବିକାଶ ଯୋଜନାର ବାର୍ଷିକ ଚିଠାକୁ ଅନୁମୋଦନ ମିଳିପାରୁନାହିଁ। ଆର୍ଥିକ ବର୍ଷରେ ଜିଲାକୁ ଆସିଥିବା ରାଜ୍ୟ ଯୋଜନା ପାଣ୍ଠି, କେନ୍ଦ୍ରୀୟ ଯୋଜନା ପାଣ୍ଠି ଏବଂ କେନ୍ଦ୍ରୀୟ ପ୍ରଯୋଜିତ ଯୋଜନା ପାଣ୍ଠି ମାଧ୍ୟମରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଅନ୍ୟ ଉନ୍ନୟନ ବିଭାଗ ବାବଦକୁ ପ୍ରାପ୍ତ ଅନୁଦାନ ରାଶିର ବିନିଯୋଗ ମଧ୍ୟ ହୋଇପାରୁ ନାହିଁ। ରାଜ୍ୟ ସରକାର ତୁରନ୍ତ କଳାହାଣ୍ଡି ଜିଲା ପାଇଁ ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତି କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କର୍ମଶାଳା


ପ୍ରଶିକ୍ଷଣ କର୍ମଶାଳାରେ ଉପସ୍ଥିତ ଅତିଥି।

ଭବାନୀପାଟଣା,୨୯।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ସେଁପୁର ଶିଶୁ ବିଦ୍ୟାମନ୍ଦିରଠାରେ ଭାଜପା ବୋର୍ଡା ମଣ୍ଡଳ ସଭାପତି ନରେଶ ସାହୁଙ୍କ ନେତୃତ୍ୱରେ ବୋର୍ଡା ମଣ୍ଡଳ ସ୍ତରୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କର୍ମଶାଳା ୨ଦିନ ଧରି ଅନୁଷ୍ଠିତ ହୋଇଛି । ଏଥିରେ ବୋର୍ଡା ଜିଲା ପରିଷଦ ସଦସ୍ୟ ହୃଦାନନ୍ଦ ସାହୁ, ସରପଞ୍ଚ ସଞ୍ଜୀବ କୁମାର ମିଶ୍ର,ଭାଜପା ସାଧାରଣ ସମ୍ପାଦକ ବିଭୀଷଣ ସାହୁ, ଭବାନୀ ଶଙ୍କର ନିଆଲ,ଆଶିଷ କୁମାର ସାହୁ, ଇନ୍ଦୁଭୂଷଣ ସାହୁ, ଲୋକନାଥ ଦୁର୍ଗା, ଲକ୍ଷ୍ମୀକାନ୍ତ ଦାସ, ମନୋଜ ସାହୁ, ଲକ୍ଷ୍ମୀ ବାଗ,ଫକୀର ବାଘେଲ, ରିତା ବାଗ,ଦଶମତି ବେମାଲ,ସନ୍ତୋଷ କୁମାର ଦାସ,ଶରତ ଚନ୍ଦ୍ର ସାହୁ, ଅକ୍ରୁର ହରପାଳ, ଜୟରାମ ଗହୀର, ବିଘ୍ନରାଜ ଗହୀର, ସାଗର ମାଝୀ, ରାଧାକାନ୍ତ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଦିବାକର ବାଗ, ଡୁଲେଶ୍ୱର ସାହୁ, ଅଶ୍ୱିନୀ କୁମାର ପ୍ରଧାନ, ଲୋକନାଥ ହେର୍ଣ୍ଣା, ରାଘବ ଛତ୍ରିୟା, ବୈକୁଣ୍ଠ ସାହୁ, ବଡ଼ମୁଟୁ ନାଏକ, ଗୁଣନିଧି ବେହେରା, ଲୋକନାଥ ବେହେରା, ପ୍ରତାପ ସାହୁ, ଉମା ବଗର୍ତ୍ତି, ଚୁମନ ବେମାଲଙ୍କ ସହ ମଣ୍ଡଳ କମିଟିର ସମସ୍ତ ପଦାଧିକାରୀ, ସମସ୍ତ ବୁଥ ସଭାପତି, ବରିଷ୍ଠ କର୍ମକର୍ତ୍ତା, ବୁଦ୍ଧିଜୀବୀ ଆଦି ପ୍ରମୁଖ ଉପସ୍ଥିତ ଥିଲେ।

## ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ନୂଆପଡା,୨୯।୩ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଖୋଲିଗାଁ ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରମ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଖାଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁଳଦୀପ ମୁଖ୍ୟ ଅତିଥି,ସାମାଜିକ କର୍ମୀ ରାଜକୁମାର ଧରୁଆ, ବିଦ୍ୟାଳୟ ପରିଚାଳନା କିଟି ସଭାପତି ଦୁଶାସନ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟ ପାଠ୍ୟକ୍ରମ ଶହ ବୌଦ୍ଧିକ ଓ ଶାରୀରିକ ଶିକ୍ଷା ବ୍ୟାୟାମ,ପ୍ରାଣାୟମ,ଯୋଗ ଓ ଖେଳକୁଦ ଜରୁରି ବୋଲି କହିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହ ଶିକ୍ଷକ ହେମଲାଲ ମାଝି, ମେଘରାଜ ମାଝି, ମକରନ ମାଝି,ଖଗେ ଧରୁଆ, ପିଲାବାଇ ମାଝି,ଘରମଣି ମାଝି, ଫୁଲମତୀ ମାଝି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ଘନଶ୍ୟାମ ନାୟକ ମଂଚ ପରିଚାଳନା କରିଥିବା ବେଳେ ଅତୁଲ୍ୟ କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଙ୍ଗିଛି କେନାଲ: ଆସୁନି ପାଣି

ଖଡ଼ିଆଳ,୨୯।୩(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳରେ ଭାଙ୍ଗି ଯାଇଛି କେନାଲ। ପାଣି ପାଇଁ ଚିନ୍ତାରେ ନେହେନା, ଚିଚେର, ତୋର୍ଲି ବିଛନାପାଲି ଗ୍ରାମର ଚାଷୀ। ତିଖାଲି ଡ୍ୟାମ ମୁଖ୍ୟ କେନାଲରୁ ନେହେନା ଗ୍ରାମ ପର୍ଯ୍ୟନ୍ତ ଶାଖା କେନାଲ ମାଧ୍ୟମରେ ରବି ଧାନ ଚାଷ ହେଉଥିବାବେଳେ ବିଗତ ଆଠ ଦିନ ହେବ ଖଡ଼ିଆଳ ମୋଡେଲ ଡିଗ୍ରୀ କଲେଜ ପାଖରେ କେନାଲ ଭାଙ୍ଗି ଯାଇଛି। ଫଳରେ ୮ଦିନରୁ ଅଧିକ ହେବ ଚାଷ ଜମିଗୁଡ଼ିକୁ କେନାଲ ପାଣି ବନ୍ଦ ରହିଛି। ସୂଚନାଯୋଗ୍ୟ, ଏହି କେନାଲ ପୂର୍ବରୁ ସେହିଠାରେ ହିଁ ଭାଙ୍ଗି ଯାଇଥିବାବେଳେ ସ୍ଥାୟୀ କାର୍ଯ୍ୟ ନ କରି ବାଲିବସ୍ତା ଦେଇ କାର୍ଯ୍ୟ ଶେଷ କରିଦେଇଥିଲେ। ସେତେବେଳେ ଯଦି ବିଭାଗ ଭଙ୍ଗା କେନାଲକୁ ସିମେଣ୍ଟ କାର୍ଯ୍ୟ କରି ସ୍ଥାୟୀ କାର୍ଯ୍ୟ କରିଥାନ୍ତା, ଆଜି ଚାଷୀଙ୍କୁ ୮ଦିନ ହେଲା ପାଣିର ସମସ୍ୟା ହୁଅନ୍ତା ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହି କେନାଲ କାମଗୁଡ଼ିକ ନିମ୍ନମାନର ହୋଇଥିବା ଯୋଗୁ ବର୍ଷକୁ ବର୍ଷ ଭାଙ୍ଗି ଯାଉଛି। ଏହି ଦୁର୍ବଳ କେନାଲ ଉପରେ ପୁଣି ବିଭାଗ ପକ୍ଷରୁ ଲକ୍ଷଲକ୍ଷ ଟଙ୍କାର ଦେଢ ଫୁଟ ଉଚ୍ଚର ସିମେଣ୍ଟ ବାଡ ଦେଇ ଅଯଥା ସରକାରୀ ଅର୍ଥ ଖର୍ଚ୍ଚ କରାଯାଉଥିବା ଚର୍ଚ୍ଚା ହେଉଛି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ କେନାଲ ମରାମତି କାର୍ଯ୍ୟ ଶେଷ କରିବାକୁ ଚାଷୀ ମହଲରେ ଦାବି ହେଉଛି।

## ଉଦନ୍ତୀ ମହୋତ୍ସବ ଉଦ୍‌ଯାପିତ, ମନମୋହିଲେ ସମ୍ବଲପୁରୀ ଗାୟକ



ଉଦନ୍ତୀ ମହୋତ୍ସବ ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

ସିନାପାଲି,୨୯।୩(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳର ଗର୍ବ ଓ ଗୌରବର ପର୍ବ ଉଦନ୍ତୀ ମହୋତ୍ସବ ୩ଦିନ ଧରି ଆୟୋଜିତ ହୋଇଥିବାବେଳେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକ ଦର୍ଶକଙ୍କ ମନ ମୋହିଥିବା ଦେଖିବାକୁ ମିଳିଛି। ଉଦ୍‌ଯାପନୀ ଦିବସର ସନ୍ଧ୍ୟାକାଳୀନ ସମାରୋହରେ ଉତ୍ସବ ପାଳନ କମିଟିର ଉପଦେଷ୍ଟା ତଥା ପୂର୍ବତନ ସଭାପତି ବୈଶମ୍ପାୟନ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହୋତ୍ସବ ପାଳନ କମିଟି ସମ୍ପାଦକ ସୁରଜ ମେହେର, ଉପଦେଷ୍ଟା ନୀଳମଣି ମେହେର, ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, ପ୍ରାକ୍ତନ ସାଂସଦ ବସନ୍ତ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ମହୋତ୍ସବ ପାଳନ କମିଟିର ଉପସଭାପତି ମନୋରଞ୍ଜନ ମେହେର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ପରିଚୟ ପ୍ରଦାନ କରିଥିଲେ। ଗାୟତ୍ରୀ ଶକ୍ତି ପୀଠ ସିନାପାଲି ପକ୍ଷରୁ ଦେବ ପୂଜନ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସିନାପାଲି ହାଇସ୍କୁଲ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉତ୍ସବ ପାଳନ କମିଟିର ସଦସ୍ୟ ସନ୍ତୋଷ କୁମାର ବାଗ ବିବରଣୀ ପଠନ କରିଥିଲେ। ଉଦନ୍ତୀ ମହୋତ୍ସବ ରାଜ୍ୟ ତଥା ରାଜ୍ୟ ବାହାରେ ଲୋକପ୍ରିୟତା ଲାଭ କରିଥିବା ବେଳେ କଳା, ସାହିତ୍ୟ,ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଏହା ଏକ ମହାମିଳନ ବୋଲି ଅତିଥି ମତପ୍ରକାଶ କରିଥିଲେ। ଗୌତମ ମେହେର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାନୁର୍ଯ୍ୟ ମେହେର ଓ ହରେକୃଷ୍ଣ ମେହେର ମାନପତ୍ର ପଠନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଉତ୍ସବ ପାଳନ କମିଟିର ସହ ସମ୍ପାଦକ ବଂଶୀଧର ଜଗତ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତ୍ରୀ ସୁରଚିତା ସ୍ୱାଇଁ, କମେଡ଼ିଆନ ଟୁକୁନା ଓ ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକଙ୍କ ଦମଦାର ସଙ୍ଗୀତ ନୃତ୍ୟ ଲୋକଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲା। ଶେଷରେ ମହୋତ୍ସବ ପାଳନ କମିଟିର କୋଷାଧ୍ୟକ୍ଷ ଦିବ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ବୋଡ଼େନ, ୨୯।୩ (ଟିକେଶର ନାଗ)

ଭାରତୀୟ ଜନତା ପାର୍ଟି ପକ୍ଷରୁ ନୂଆପଡା ଜିଲା ବୋଡ଼େନ ବ୍ଲକର ପବିତ୍ର ତୀର୍ଥ ପୀଠ ପାତାଳ ଗଙ୍ଗା ଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ୨୦୨୬ର ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦଘାଟନୀ ସଭାରେ ସଭାପତି ନୀଳାମ୍ବର ମେହେରଙ୍କ ସଭାପତିତ୍ୱରେ ପାତାଳଗଙ୍ଗା ମଣ୍ଡଳ ପ୍ରଶିକ୍ଷଣରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଜିଲା ସଭାପତି ଅଭିନ୍ଦ୍ର ଜିତ ସିଂ ମଲ୍ଲିକ, ମୁଖ୍ୟବକ୍ତା ରୂପେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ମାଝୀ, ସିନାପାଲି ମଣ୍ଡଳ ସଭାପତି ମାର୍କଣ୍ଡ ଗହିର ମଞ୍ଚାସୀନ ଥିଲେ। ସମ୍ପ୍ରେଶର ମଣ୍ଡଳ ସଭାପତି ରାଜ କିଶୋର ହେର୍ଣ୍ଣାଙ୍କ ପରିଚାଳିତ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି ମୁଖ୍ୟ ଅତିଥି, ମୁଖ୍ୟବକ୍ତା ରୂପେ +୨ ବି ପି ସି ର ପ୍ରାଧ୍ୟାପକ ଗୟାଧର ମହାନ୍ତି, ବିଶିଷ୍ଟ ଅତିଥି ଭାବରେ ଷ୍ଟେଟ କାଉନସିଲ ମେମ୍ବର ଶିବ ପ୍ରସାଦ ମୁଣ୍ଡ, ବରିଷ୍ଠ ଜିଲା ଉପସଭାପତି ଅବନୀ ରଞ୍ଜନ ଯୋଶୀ ପ୍ରମୁଖ ମଞ୍ଚାସିନ ଥିଲେ। ପରବର୍ତ୍ତୀ ସମୟରେ ଆଜିର ପ୍ରଥମ ଓ ଦ୍ୱିତୀୟ ଦିନର ପ୍ରଶିକ୍ଷଣକୁ ଆଠ ଟି ସେଶନରେ ଭାଗ କରି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିବସରେ ବକ୍ତା ଭାବେ ନୂଆପଡ଼ା ଜିଲା ପ୍ରଭାରୀ ଆର୍ତ୍ତତ୍ରାଣ ମହାପାତ୍ର, ଅଧ୍ୟାପକ ଗୟାଧର ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦ ସହ ସଂଯୋଜକ କାଳିଆ କୃଷ୍ଣ ବାଗ, ଜିଲା ସାଧାରଣ ସମ୍ପାଦକ ଅଜିତ କୁମାର ଚଲାଣ ବିଭିନ୍ନ ବିଷୟ ରେ ଆଲୋଚନା କରିଥିଲେ। ଉଦଯାପନୀ ଦିବସ ସଭା ଜିଲା ଉପସଭାପତି ଅବନୀ ଖମାରୀ ପରିଚାଳନା କରିଥିଲେ।

## ରିଷିଡ଼ା ରାମଲୀଳା: ତାଡ଼କା ବଧ ମଞ୍ଚସ୍ଥ

ରିଷିଡା, ୨୯।୩ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ କୁମ୍ଭାରପଡ଼ା ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ଦ୍ୱିତୀୟ ରଜନୀରେ ତାଡ଼କା ବଧ ନାଟକ ମଞ୍ଚସ୍ଥ ହୋଇଛି। ନାଟ୍ୟ ଅଭିନୟରେ ନୂଆ ଓ ପୁରୁଣା କଳାକାର ଅଭିନୟ କରିଥିଲେ। ଖୋଲା ରଙ୍ଗମଞ୍ଚରେ ନାଟ୍ୟ ଅଭିନୟ ବେଶ ଆକର୍ଷଣୀୟ ଥିଲା। ଏଠାରେ ଶ୍ରୀରାମ ନବମୀ ଠାରୁ ୧୪ ଦିନ ପର୍ଯ୍ୟନ୍ତ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥାଏ। ନାଟକର ବିଭିନ୍ନ ଭୂମିକାରେ ରାମ-ଚରଣ ରଣା, ଲକ୍ଷ୍ମଣ-ସାନ ରଣା, ବିଶ୍ୱାମିତ୍ର-ଲକ୍ଷ୍ମଣ ରଣା, ଭରତ-ତନ୍ମୟ ରଣା, ଶତ୍ରୁଘ୍ନ-ଜିତୁ ରଣା ତାଡ଼କା-ବିରଞ୍ଚି ରଣା, ବଶିଷ୍ଠ-ସୁରେନ୍ଦ୍ର ରଣା, କୌଶଲ୍ୟା ବଡ଼ ରଣା, ସୁବାହୁ ସୁଶାନ୍ତ ମଲ୍ଲିକ, ସୁମିତ୍ରା- ଡୋଲଶ୍ୱର ରଣା, ମାରିଚ--ଅମିତ ରଣା, ପଣ୍ଡିତ- ନବୀନ ରଣା, ପ୍ରମୁଖ ଅଭିନୟ କରୁଛନ୍ତି। ମୋହନ ଲାଲ ରଣା ପୁରାଣ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। ଜଗନ୍ନାଥ ସାଂସ୍କୃତିକ ସଂସଦ ସଭାପତି ସୁରେନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, ସହ ସମ୍ପାଦକ ପ୍ରଦୀପ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। କମିଟି ପକ୍ଷରୁ ତୃତୀୟ ରଜନୀ ଶିବଧନୁ ଭଗ୍ନ ସୂଚନା ଦିଆଯାଇଛି।

## ସୀତାରାମଙ୍କ ବିବାହ ଉତ୍ସବ

କର୍ଲାମୁଣ୍ଡା,୨୯।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ କୁଶୁର୍ଲା ହଜାରିପଡା ଠାରେ ଶ୍ରୀ ରାମନବମୀ ପାଳନ ଅବସରରେ ରବିବାର ସୀତା ବିବାହ ଉତ୍ସବ ଧୁମଧାମରେ ପାଳନ କରାଯାଇଛି। ପିତା ପକ୍ଷ ହଜାରୀପଡା (ଅଯୋଧ୍ୟାପୁରୀ) ହୋଇଥିବାବେଳେ ଝିଅ ପକ୍ଷ ମ.ରାମପୁର ବ୍ଲକ ମସ୍କାଦାଣ୍ଡି (ମିଥିଳାପୁରୀ) ହୋଇଥିଲା। ବର ପିତା ଭାବେ ପଦୁଛରଣ ଭୋଇ ପିତାଙ୍କ ଦାୟିତ୍ୱ ତୁଲାଇଥିଲେ। ହଜାରୀପଡା ଶ୍ରୀ ରାମମନ୍ଦିରଠାରୁ ମସ୍କାଦାଣ୍ଡି ଅଭିମୁଖେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ମହାପ୍ରଭୁ ବରବେଶରେ ସଜବାଜ ହୋଇ ଅଶ୍ୱ ବାହାନାରେ ବରଯାତ୍ରୀ ଯାଇଥିଲେ। ସାରଥି ଭାବରେ ରବି ମଲ୍ଲିକ ଥିବାବେଳେ ମସ୍କାଦାଣ୍ଡି ଗ୍ରାମର ମୁଖିଆ ସିଙ୍ଗମଲ ଭୋଇ, ରୋହିତ ଭୋଇ, ଟଙ୍କଧର ନାଏକ,ଆଗଦୁ ଭୋଇ, କୈଳାଶ ଗହୀର, ଗୌର କୁମାର, ସତ୍ୟବାନ ଭୋଇ, ଯଦୁମଣି ସାହୁ, କୁସୁର୍ଲା ଗ୍ରାମର ଧନେଶ୍ୱର ସାହୁ, ଅଶୋକ ସାହୁ, ଚନ୍ଦ୍ରହାସ୍ୟ ସାହୁ, ରାମନବମୀ କମିଟିର କର୍ତ୍ତା କୈଳାଶ ସାହୁ, ସଭାପତି ସୋମନାଥ ସାହୁ, ଉପସଭାପତି ସୁଶାନ୍ତ ସାହୁ, ସମ୍ପାଦକ ତ୍ରିଲୋଚନ ସାହୁ, କୋଷାଧ୍ୟକ୍ଷ ଡମ୍ବରୁଧର ସାହୁ, ପୂର୍ବତନ ସଭାପତି ଶ୍ୟାମରାଜ ସାହୁ, ପୂର୍ବତନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ସମେତ ହଜାରୀପଡା ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ଓ କଳାରୁଦ୍ର ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

## ଲିମଡିହିରେ କରମା ପୂଜା



ନୂଆପଡା,୨୯।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଲିମଡିହି ସାହୁ ସମାଜ ପକ୍ଷରୁ ରବିବାର ୩ତମ କରମା ପୂଜା ଅନୁଷ୍ଠିତ ହୋଇଯାଇଛି। ସାହୁ ସମାଜ ଆୟୋଜକ କମିଟି ସଭାପତି ଦୁଧନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ବିଧାୟକ ଜୟଢୋଲକିଆ ମୁଖ୍ୟ ଅତିଥି,କୋମନା ତହସିଲ ଅଧ୍ୟକ୍ଷ ଟେକରାମ ସାହୁ, ପରସଖୋଲ ପରିକ୍ଷେତ୍ର ସଭାପତି ତାରାଚନ୍ଦ ସାହୁ, ଜଟଗଡ ପରିକ୍ଷେତ୍ର ସଭାପତି ପଦମରାମ ସାହୁ, ଅବରସରପ୍ରାପ୍ତ ଯବାନ ଈଶ୍ୱର ସାହୁ, ସନ୍ଦୀପ ସାହୁ, ସମ୍ପାଦକ ରମେଶ କୁମାର ସାହୁ, ଉପ ମୋହନ ସାହୁ, କୋଷାଧ୍ୟକ୍ଷ ସୁରତ ସାହୁ, କ୍ରିଷ୍ଣା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମଞ୍ଚାସୀନ ଥିଲେ। ଯଶୋବନ୍ତ ସାହୁ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଭାବରେ ଦାୟୀତ୍ୱ ତୁଲାଇ ଥିବାବେଳେ ଦେବ କୁମାର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଭରତ ସାହୁ,ରୋଶନ ସାହୁ, ଜୈତରାମ ସାହୁ, ବାବୁରାମ ସାହୁ, ମୁକେଶ ସାହୁ ପ୍ରମୁଖ ଆୟୋଜନ କରିଥିଲେ। ରାଜୁ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୟ ସିଂହ ଦେଓ ୯ମ ଥର ଓକିଲ ସଂଘର ସଭାପତି

ମ. ରାମପୁର, ୨୯।୩
(ଶଶି ଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲ୍ଲା ମ. ରାମପୁର ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜୟ ସିଂହ ଦେଓ ସଭାପତି ହେଇଛନ୍ତି ନବମ ଥର।ସମ୍ପାଦକ ଭାବେ ସପନ ପଟ୍ଟନାୟକ, ଯତୀନ ସାହୁ ଉପ ସଭାପତି, ଦୁର୍ଗା ମିଶ୍ର ସହ ସମ୍ପାଦକ, ପ୍ରଦୀପ ପ୍ରହରାଜ ଯୁଗ୍ମ ସମ୍ପାଦକ,ଆଶିଷ ମିଶ୍ର କୋଷାଧ୍ୟକ୍ଷ, ବିଶ୍ୱମ୍ଭର ରଣା ପାଠାଗାର ସମ୍ପାଦକ ହେଇଥିବା ବେଳେ, ସୁଶ୍ରୀ ରଶ୍ମିତା ରଣା, ମମତା ଭୋଇ, ସ୍ମୃତିକା ପଟ୍ଟନାୟକ, ବିରଞ୍ଚି ଶତପଥି, ପ୍ରଭାକର ନାଗ ପ୍ରମୁଖ କାର୍ଯ୍ୟକାରୀ ସମିତି ସଭ୍ୟ ହେଇଛନ୍ତି।

## ମା' ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ସମ୍ପନ୍ନ

- ଭକ୍ତଙ୍କ ପିଠିରେ ଆସ୍ଥାନକୁ ବିଜେକଲେ ମା'
- ୮ ଦିନ ବିଭିନ୍ନ ଗାଁକୁ ଯାଇ ପୂଜା ପାଇଥିଲେ
- ମାନସିକଧାରୀ ବୋଦା, କୁକୁଡ଼ା ବଳି ଦେଲେ

ଲାଞ୍ଜିଗଡ଼,୨୯।୩(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଇଷ୍ଟଦେବୀ ମା' ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ରବିବାର ସମ୍ପନ୍ନ ହୋଇଯାଇଛି। ମା' ଠାକୁରାଣୀ ୯ ଦିନ ଧରି ଦ୍ୱାର ଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେଲା ପରେ ରବିବାର ସକାଳେ ନିଜ ଆସ୍ଥାନରେ ବିରାଜମାନ କରିଛନ୍ତି। ପୂଜକ ଭକ୍ତଙ୍କ ପିଠିରେ ମା'ଙ୍କୁ ଆସ୍ଥାନକୁ ନେଇଥିଲେ। ଘଣ୍ଟଯାତ୍ରା ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇଥିଲା। ଲାଞ୍ଜିଗଡ଼ ରାଜଉଆସରୁ ମା'ଙ୍କ ଘଣ୍ଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରି ପୂଜକମାନେ ଆହ୍ୱାନ କରିଥିଲେ। ଜମ୍ମେଶ୍ୱର ପୂଜାରୀ ମା'ଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରିଥିବାବେଳେ ମା'ଙ୍କ ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ପୂଜାର୍ଚ୍ଚନା ସହିତ ଘଣ୍ଟ ସାଙ୍ଗରେ ଅଞ୍ଚଳର ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ। ୮ ଦିନ ବିଭିନ୍ନ ଗାଁକୁ ଯାଇ ଭକ୍ତମାନଙ୍କ ଘରେ ପୂଜା ପାଇବା ପରେ ନବମ ଦିନ ନିଜ ମନ୍ଦିରରେ ଗୋଟିଏ ଦିନ ପାଇଁ ବିଶ୍ରାମ ନେଇଥିଲେ। ପୁଣି ସେହିଦିନ ସନ୍ଧ୍ୟାରେ ଲାଞ୍ଜିଗଡ ରାଜାଙ୍କ ଘରକୁ ଯାଇ ପୂଜା ପାଇବା ପରେ ରାତିସାରା ଲାଞ୍ଜିଗଡ଼ ସହରର ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ମା'ଙ୍କ ସେବକ


ଲାଞ୍ଜିଗଡ଼ର ଇଷ୍ଟଦେବୀ ମା' ଠାକୁରାଣୀଙ୍କୁ ଆସ୍ଥାନକୁ ନିଆଯାଉଛି।

ପୂଜାରୀ ପଡ଼ାରୁ ଏକ ବିରାଟ ଆଡୁଆଳରେ ମା'ଙ୍କୁ ମନ୍ଦିରକୁ ଆଣିଥିଲେ। ଗ୍ରାମର ପ୍ରତ୍ୟେକ ପଡାବାସୀ ନିଜ ଦ୍ୱାର ସାମ୍ନାରେ ଚିତାଆଙ୍କି ଘଣ୍ଟ, ଘଣ୍ଟା, ଶଙ୍ଖ, ଖୋଳତାଳ ବାଦ୍ୟରେ ମା'ଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ। ମାନସିକଧାରୀମାନେ ବୋଦା, କୁକୁଡ଼ା, ପାରା ବଳି ମଧ୍ୟ ଦେଇଥିବାର ଦେଖିବାକୁ ମିଳିଥିଲା। ମା' ଠାକୁରାଣୀ ନିଜ ଆସ୍ଥାନକୁ ଆସିବା ସମୟରେ ଭକ୍ତମାନଙ୍କ ପିଠିରେ ଚଢି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ମା' ପିଠି ଉପରେ ଚଢି ଆସିଲେ ବିଭିନ୍ନ ରୋଗ ଶୋକ ଦୂର ହେବା ସହ ଲୋକେ ଶାନ୍ତିମୟ ଜୀବନଯାପନ କରିବାର ବିଶ୍ୱାସ ରହିଛି। ମନ୍ଦିରକୁ ଆସିବା ପରେ ଗ୍ରାମର ସମସ୍ତଙ୍କ ଘରୁ ଶସ୍ୟ ସଂଗ୍ରହ କରାଯାଇଥିଲା। ସେହି ଶସ୍ୟ ମା'ଙ୍କ ଠାରେ ପୂଜାର୍ଚ୍ଚନା କଲା ପରେ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ସେହି ଶସ୍ୟକୁ ରଖି ଅକ୍ଷୟ ତୃତୀୟାରେ ବାହାର କରି ଜମିରେ ଦେଲେ ଭଲ ଅମଳ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ଘଣ୍ଟଯାତ୍ରା ଅବସରରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷଦିନରେ ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ମା' ଠାକୁରାଣୀ ପୂଜା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ବିକ୍ରି ସରିନି, ସରିଯିବ ଧାନ ସଂଗ୍ରହ ପ୍ରକ୍ରିୟା


ସହରାଟିକ୍ରା ମଣ୍ଡିରେ ଖୋଲା ଆକାଶତଳେ ବିକ୍ରି ଅପେକ୍ଷାରେ ପଡ଼ିଥିବା ଧାନ।


ସହରାଟିକ୍ରା ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

- ଧାନ ସଂଗ୍ରହ ପ୍ରକ୍ରିୟା ସରିବାକୁ ୨ଦିନ ବାକି
- ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ି ରହିଛି ଧାନ
- ୨୧ଦିନରେ ପହଞ୍ଚିଲା ଚାଷୀଙ୍କ ଧାରଣା

ବରଗଡ଼,୨୯।୩(ପ୍ରେମାନନ୍ଦ ଖମାରୀ)

ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ସରିବାକୁ ଆଉମାତ୍ର ୨ଦିନ ବାକି। ଆସନ୍ତା ୩୧ତାରିଖରେ ଏହି ପ୍ରକ୍ରିୟା ଶେଷ ହୋଇଯିବ। ଅନ୍ୟପଟେ ଏବେ ମଧ୍ୟ ବରଗଡ଼ ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ହଜାର ହଜାର ବସ୍ତା ଧାନ ଖୋଲା ଆକାଶତଳେ ପଡ଼ି ରହିଛି। ସେଥିମଧ୍ୟରେ ବିଭାଗୀୟ ଅବହେଳା ଯୋଗୁ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଚାଷୀଙ୍କ ସର୍ବାଧିକ ଧାନ ରହିଛି। ଏହି ଧାନ ବିକ୍ରି ପାଇଁ ସମ୍ପୃକ୍ତ ଚାଷୀମାନେ ଗତ ୯ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି। ଧାରଣାକୁ ବିଜେଡି, କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି ସମେତ ବିଭିନ୍ନ ଚାଷୀ ସଂଗଠନ, ସାମାଜିକ ଅନୁଷ୍ଠାନ ସମର୍ଥନ କରିଛନ୍ତି। ସେହିପରି ଚାଷୀମାନେ ପୋଷ୍ଟକାର୍ଡରେ ଏହି ସମସ୍ୟା ନେଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇଛନ୍ତି। ଏହାସତ୍ତ୍ୱେ ଏହାର କିଛି ସମାଧାନ ହୋଇପାରି ନାହିଁ। ଅନ୍ୟପଟେ ୨ଦିନ ପରେ ଖରିଫ୍ ଧାନ କିଣାବିକା ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରି ଦେଉଥିବାରୁ ସମ୍ପୃକ୍ତ ଚାଷୀଙ୍କ ଧାନବିକ୍ରି ଚିନ୍ତା ବଢ଼ି ଚାଲିଛି। ଏହା ସହିତ କାଳବୈଶାଖୀ ଯୋଗୁ ବିକ୍ରି ଅପେକ୍ଷା ରହିଥିବା ଧାନକୁ ସୁରକ୍ଷିତ ରଖିବା ମଧ୍ୟ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୨୮ତାରିଖରୁ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲାର ୧ଲକ୍ଷ ୬୪ହଜାର ଚାଷୀ ଧାନବିକ୍ରି ପଞ୍ଜୀକରଣ କରିଥିଲେ। କିନ୍ତୁ ୧ଲକ୍ଷ ୬୨ହଜାର ୨୨୪ ଜଣ ଚାଷୀଙ୍କୁ ଧାନବିକ୍ରି ଟୋକନ ମିଳିଛି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୫୮ହଜାର ୯୯୪ ଜଣ ଚାଷୀ ୭୬ଲକ୍ଷ ୯୭ହଜାର ୬୦୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ତେବେ ସାଟେଲାଇଟ୍ ସର୍ଭେରେ ଭେରିଫିକେଶନ ଯୋଗୁ ଜିଲାର ୨୧୦୦ ଚାଷୀ କଟିଥିବା ସମବାୟ ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟପଟେ ଏପର୍ଯ୍ୟନ୍ତ ଜିଲାର ୪୮୦୪ ଜଣ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଅପରପକ୍ଷେ ଜିଲାର ୧୨୦୦ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଥିବାରୁ ଧାନବିକ୍ରି କରି ପାରି ନ ଥିବା ଖୋଦ୍ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ବିଧାନସଭାରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

କିନ୍ତୁ ରାଜ୍ୟ ସରକାର ସେଭଳି ପଞ୍ଜୀକୃତରୁ ବାଦ୍ ପଡ଼ିଥିବା ଚାଷୀଙ୍କ ଧାନ କିଣିବା ପାଇଁ ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନେଇ ନାହାନ୍ତି। ଜିଲାରେ ଏଭଳି ଭାବେ ପ୍ରାୟ ୪୦ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇପାରି ନାହିଁ। ସେଥିମଧ୍ୟରୁ ପ୍ରାୟ ୩୦ହଜାର କୁଇଣ୍ଟାଲ ଧାନ କେବଳ ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ ଭେଡ଼େନ ବ୍ଲକର ସହରାଟିକ୍ରା ମଣ୍ଡିରେ ପଡ଼ି ରହିଛି। ବିକ୍ରି ହୋଇପାରି ନ ଥିବା ଯୋଗୁ ବହୁ ପରିମାଣରେ ଧାନ ଉକ୍ତ ମଣ୍ଡିର ଖୋଲା ଆକାଶତଳେ ପଡ଼ି ରହିଛି। କାଳବୈଶାଖୀ ପ୍ରଭାବରେ ଥରକୁ ଥର ଝଡ଼ବର୍ଷା ହେଉଥିବାରୁ ଚାଷୀମାନେ ତାକୁ ତାରପୋଲିନରେ ଘୋଡ଼ାଇ ରଖିଛନ୍ତି ଏବଂ ରାଜ୍ୟ ସରକାର ସହାୟକ ମୂଲ୍ୟରେ ସେହି ଧାନ କିଣିବେ ଏବଂ ସେହି ଧାନ ବିକ୍ରି ଚାଷୀମାନେ ଇନପୁଟ୍ ଆସିଷ୍ଟାଣ୍ଟ(ବୋନସ୍) ମଧ୍ୟ ପାଇବେ ବୋଲି ମନରେ ଆଶା ବାନ୍ଧିଛନ୍ତି। କିନ୍ତୁ ୨ଦିନ ପରେ ଧାନ କିଣାବିକା ପ୍ରକ୍ରିୟା ସରିଯାଉ ଥିବାରୁ ଚାଷୀମାନେ ସେଥିପ୍ରତି ସନ୍ଦିହାନରେ ଅଛନ୍ତି। ତେବେ ସେହି ଧାନସବୁ କିଣା ନ ଗଲେ ଆନ୍ଦୋଳନ ଆଗକୁ ଆହୁରି ତୀବ୍ର ହେବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୨ଗିରଫ

ବରଗଡ଼,୨୯।୩(ପ୍ରେମାନନ୍ଦ ଖମାରୀ)


ଜବତ ମାରଣାସ୍ତ୍ର।

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବରଡ଼ୋଲ ରାସ୍ତାରେ ଡକାୟତି ଯୋଜନା କରୁଥିବାବେଳେ ଶନିବାର ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବରହମଚାରୀର ସତ୍ୟମ ଚୌଧୁରୀ ଏବଂ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୬ର କିରଣ ନାଗ। ସେମାନଙ୍କ ପାଖରୁ ଗୋଟିଏ ମହିନ୍ଦ୍ରା ସ୍କର୍ପିଓ(ନଂ-ଓଡ଼ି୦୮ ୦୦୦୯), ୨ଟି ମୋବାଇଲ, ଖଣ୍ଡା ଏବଂ ଅନ୍ୟ ମାରଣାସ୍ତ୍ର ଜବତ ହୋଇଛି। ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏକ ମାମଲା(ନଂ-୧୮୩/୨୬) ରୁଜୁ ହୋଇଛି।

ବରଡ଼ୋଲ ରାସ୍ତାରେ ୫ ଅଭିଯୁକ୍ତ ଡକାୟତି ଯୋଜନା କରୁଥିଲେ। ପାଟ୍ରୋଲିଂ କରୁଥିବା ବେଳେ ପୋଲିସ ତାହା ଜାଣିପାରି ଘଟଣାସ୍ଥଳକୁ ପହଞ୍ଚିଥିଲା। ପୋଲିସକୁ ଦେଖି ଅନ୍ୟ ୩ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ଯାଇଥିବା ବେଳେ ଉପରୋକ୍ତ ୨ଅଭିଯୁକ୍ତ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ପୋଲିସ ଏହି ଘଟଣାର ଅଧିକ ତଦନ୍ତ କରିବା ସହିତ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଲାଇଛି।

## ସିଏନ୍‌ଆଇ ଚର୍ଚ୍ଚରେ ଖଜୁରି ପର୍ବ


ସିଏନଆଇ ଚର୍ଚ୍ଚରେ ଅନୁଷ୍ଠିତ ଖଜୁରି ପର୍ବରେ ମୁଖ୍ୟଅତିଥିଙ୍କ ଗହଣରେ ଶ୍ରଦ୍ଧାଳୁବୃନ୍ଦ।

ବରଗଡ଼,୨୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରସ୍ଥିତ ସିଏନଆଇ ଚର୍ଚ୍ଚ ପରିସରରେ ରବିବାର ଖ୍ରୀଷ୍ଟିୟ ଧର୍ମର ମହାନ ଖଜୁରି ପର୍ବ ପାଳିତ ହୋଇଛି। ଉକ୍ତ ଧାର୍ମିକ ଉତ୍ସବରେ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଉତ୍ସବରେ ଯୋଗ ଦେଇଥିବା ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିଥିଲେ। ମହିଳା ସମିତିର ସଭାନେତ୍ରୀ କୁମୁଦିନୀ ବାଗ ଖଜୁରି ପର୍ବର ତାତ୍ପର୍ଯ୍ୟ ଉପରେ ବାକ୍ୟ ବିତରଣ କରିଥିଲେ। ଉପସ୍ଥିତ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା ଶେଷ ପ୍ରାର୍ଥନା କରିଥିଲେ। ଚନ୍ଦ୍ରଶେଖର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ମନ୍ଦିରରେ ସୀତା ବିବାହ

ବରପାଲି,୨୯।୩(ଚିତ୍ତରଞ୍ଜନ ସାହୁ)

ବରପାଲି ଶ୍ରୀରାମ ମନ୍ଦିରରେ ୧୩୭ତମ ରାମ ନବମୀ ତଥା ସୀତା ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୬ ତାରିଖରେ କଳସ ଶୋଭାଯାତ୍ରା ପରେ ୨୭ ତାରିଖରେ ରାମ ନବମୀ ପାଳିତ ହୋଇଥିଲା। ୨୮ ତାରିଖରେ ଶ୍ରୀରାମଙ୍କ ବରାନୁଗମନ ଶୋଭାଯାତ୍ରା ମନ୍ଦିରରୁ ବାହାରି ସହର ପରିକ୍ରମା ପୂର୍ବକ ରାମ ମନ୍ଦିରରେ ପହଞ୍ଚିବା ପରେ ସୀତା ରାମଙ୍କ ବୈଦିକ ରୀତିରେ ବୈବାହିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବରଯାତ୍ରୀ ରାମ ମନ୍ଦିରରେ ପହଞ୍ଚିବା ପରେ କନ୍ୟା ପକ୍ଷରୁ ବାଟବରଣ ଆଦି କାର୍ଯ୍ୟ ପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ସୁଧୀର ଦାଶ ଓ ବିଜୟ ଲକ୍ଷ୍ମୀ ଦାଶ କନ୍ୟା ପିତାମାତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସୁନିଲ ଦାଶ ଓ ସୁମତି ଦାଶ ବର ପିତା ମାତା ଦାୟିତ୍ୱ ନିର୍ବାହ କରିଥିଲେ। ବରାନୁଗମନ ଶୋଭାଯାତ୍ରାରେ ବହୁ ଭକ୍ତ ସାମିଲ ହୋଇଥିଲେ।

## ବିଶ୍ୱ ନାଟ୍ୟ ଦିବସରେ ନାଟକ ମଞ୍ଚସ୍ଥ


ବିଶ୍ୱ ନାଟ୍ୟ ଦିବସରେ ଆୟୋଜକ, କଳାକାର, ଅତିଥିବୃନ୍ଦ।

ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସୌଖୀନ କଳାକାର ସଂଘ ପକ୍ଷରୁ ଶୁକ୍ରବାର ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ଉପସଭାପତି ଓଡ଼ିଶା ନାଟ୍ୟ ସଂଘ ପଶ୍ଚିମ ପ୍ରାନ୍ତର ପ୍ରଦୀପ କୁମାର ପଣ୍ଡା, ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ସିନେ ଅଭିନେତ୍ରୀ ଡ. ତପସ୍ୱିନୀ ଗୁରୁ ଅତିଥି ଭାବରେ ଯୋଗ ଦେଇଥିଲେ। ସଂଘର ଉପସଭାପତି ତ୍ରିନାଥ ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ବରିଷ୍ଠ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ, ସୁଶୀଲ ମହାପାତ୍ର ମଧ୍ୟ ମଞ୍ଚାସୀନ ଥିଲେ। ନାଟ୍ୟକାର ରାଜେଶ ରାୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୌଖୀନ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀଛାତ୍ର ସୁଶ୍ରୀ ସୁଚିସ୍ମିତା ପାତ୍ର, ସ୍ନେହାଶ୍ରୀ ସାହୁ, ଶୁଭମ୍ ମହାପାତ୍ର, ଆତ୍ରିକ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୌଖୀନ ନୃତ୍ୟ ଶିକ୍ଷା କେନ୍ଦ୍ରର ନୃତ୍ୟଗୁରୁ ଗୋପାଳ ଦାଶ ଓ ନେହେରୁ ସରାଫଙ୍କ ପ୍ରଶିକ୍ଷଣରେ ଛାତ୍ରୀ ସୁଶ୍ରୀ ବିଭିସ୍ତା ଦେହେରି, ତ୍ରସିକା ମିଶ୍ର, ଆରୁଶି ଅରଣ୍ୟ ତ୍ରିପାଠୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସୌଖୀନ କଳାକାର ସଂଘର କଳାକାରମାନଙ୍କ ଦ୍ୱାରା ରାଜେଶ ରାୟଙ୍କ ଦ୍ୱାରା ରଚିତ ଓ ପୂର୍ଣ୍ଣଚନ୍ଦ୍ର ଦାଶ, ଅଶୋକ ବେହେରାଙ୍କ ନିର୍ଦ୍ଦେଶିତ ନାଟକ ଉଧି ପ୍ରଦର୍ଶନ କରାଯାଇଥିଲା। ଉକ୍ତ ନାଟକରେ ବିଭିନ୍ନ ଭୂମିକାରେ ପ୍ରଭାସ ରଂଜନ ମହଲା, ଅଶୋକ ବେହେରା, ତ୍ରିନାଥ ପ୍ରସାଦ ତ୍ରିପାଠୀ, ସଞ୍ଜୟ ପାଢ଼ୀ, ସ୍ୱରୂପ ପଟ୍ଟନାୟକ, ପ୍ରୟାସ ବିର୍ଡ଼ିଆ, ମୋହିତ ଭୋଇ, ଅନନ୍ତ ମଜୁମଦାର ଓ ପୂର୍ଣ୍ଣଚନ୍ଦ୍ର ଦାସ ଅଭିନୟ କରିଥିଲେ। ଗୋପାଳ ମିଶ୍ର, ପରିତୋଷ ବେହେରା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଶୁଭମ୍ ମହାପାତ୍ର କଣ୍ଠଦାନ କରିଥିଲେ।

## ଡା. ଶିଶିର କୁମାରଙ୍କ ପରଲୋକ

ସୋହେଲା,୨୯।୩(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲାରେ ସୁପରିଚିତ ଡା. ଶିଶିର କୁମାର ସାହୁ (୮୨)ଙ୍କ ରବିବାର ପରଲୋକ ଘଟିଛି। ସେ କିଛି ଦିନ ହେଲା ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ୧୩ ତାରିଖ ସକାଳେ ପ୍ରାତଃଭ୍ରମଣ କରୁଥିବା ସମୟରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ। ଡାକ୍ତର ଶିଶିର ସାହୁ ୧୯୬୨ରୁ ୧୯୬୬ ପର୍ଯ୍ୟନ୍ତ ବୁର୍ଲାରେ ଏମ୍‌ବିବିଏସ ପାଠ ପଢ଼ିବା ପରେ ପ୍ରଥମେ ବରଗଡ଼ ଡାକ୍ତରଖାନାରେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସେ ବରଗଡ଼ ଜିଲାର ବିଜେପୁର ଓ ପାଣିମୋରା ଡାକ୍ତରଖାନାରେ ଚାକିରି କରିବା ପରେ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀ ଭାବରେ କାର୍ଯ୍ୟ କରି ୨୦୦୨ରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ମଧ୍ୟ ସେ ନିଃସ୍ୱାର୍ଥପର ଭାବରେ ରୋଗୀମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଆସୁଥିଲେ। ସଂଗ୍ରାମୀ ଗ୍ରାମ ପାଣିମୋରାର ସ୍ୱାଧୀନତା ସଂଗ୍ରାମୀଙ୍କୁ ମାଗଣା ଚିକିତ୍ସା କରିବାର ସୌଭାଗ୍ୟ ଲାଭ କରିବା ସହ ସେ ସୋହେଲା ଉପକାରାଗାରର ଅନ୍ତେବାସୀଙ୍କୁ ମଧ୍ୟ ସ୍ୱାସ୍ଥ୍ୟସେବା ଯୋଗାଉଥିଲେ। ଉତ୍ସର୍ଗୀକୃତ ସେବା ପାଇଁ ସେ ବହୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ବିଧାୟକ ଇରାସିସ୍ ଆଚାର୍ଯ୍ୟ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।



## ସିରଜିନା ସମ୍ମାନ ପାଇବେ ନାଟ୍ୟକାର ସୁଶାନ୍ତ


ବୈଠକରେ କର୍ମକର୍ତ୍ତାଗଣ।

ପଦ୍ମପୁର,୨୯।୩ (ପ୍ରଦୀପ୍ତ ଦାଶ)

ଚଳିତବର୍ଷ ନାଟ୍ୟକାର ସୁଶାନ୍ତ ମିଶ୍ରଙ୍କୁ ସିରଜିନା ସମ୍ମାନରେ ସମ୍ମାନିତ କରାଯିବ ବୋଲି ରବିବାର ପଦ୍ମପୁରଠାରେ ଅନୁଷ୍ଠିତ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ସିରଜିନା'ର ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଚଳିତବର୍ଷ ମଧ୍ୟ ୨୦ଜଣଙ୍କୁ ସମ୍ମାନିତ କରାଯିବ। କବିତା ପାଇଁ ଗୁଣସାଗର ସାହୁ ଗଳ୍ପ ସମ୍ମାନ, ଶ୍ରୀ ନରେନ୍ଦ୍ର ମହାନ୍ତି ପ୍ରବନ୍ଧ ପାଇଁ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଅଭିନୟ ସମ୍ମାନ, ସୁବ୍ରତ କୁମାର ପଟ୍ଟନାୟକ ଓ ମାନସ ରଞ୍ଜନ ସାହୁ ନୁଆମୁହଁ ସମ୍ମାନ, ସଦାନନ୍ଦ ମେହେର ସାହିତ୍ୟ ସେବା ସମ୍ମାନ ଶ୍ରୀ ଗୌରାଙ୍ଗ ପାଣ୍ଡେ ଓ ଶ୍ରେଷ୍ଠ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଦହନା ସାହିତ୍ୟ ଅନୁଷ୍ଠାନ କଁଟାପାଲି ବରଗଡ଼କୁ ଦିଆଯିବ। ଏହାଛଡ଼ା ଶିବ ସୁନା ଶୁଭମ ଘିବେଲା ବଟକୃଷ୍ଣ ସାହୁ ଝସକେତନ ମେହେର ଓ ଦହିତା ରାମଲୀଳା ଅନୁଷ୍ଠାନକୁ ମଧ୍ୟ ସମ୍ମାନିତ କରାଯିବାକୁ ପ୍ରସ୍ତାବ ହୋଇଥିଲା। ବୈଠକରେ ସଭାପତି ଆଦିତ୍ୟ କୁମାର ରଥ, କାର୍ଯ୍ୟକାରୀ ସଭାପତି ଭୋଜରାଜ ବୁଡେକ, ଉପସଭାପତି ଆନନ୍ଦ ବେହେରା ଓ ଜୟ କୁମାର ସାହୁ, ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ସଂଯୋଜକ ଦେବେନ୍ଦ୍ର ତ୍ରିପାଠୀ, ସନ୍ତୋଷ କୁମାର ଶତପଥୀ, ସନାତନ ବାରିକ କିଶୋର ପାତ୍ର ଓ ଭଉଣୀମାନେ ଯୋଗଦାନ କରିଥିଲେ। ଶେଷରେ ଆନନ୍ଦ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିୟମ ଉଲ୍ଲଂଘନକାରୀଙ୍କ ଉପରେ ପୋଲିସର ଧରପଗଡ଼

ବରଗଡ଼,୨୯।୩(ପ୍ରେମାନନ୍ଦ ଖମାରୀ)

ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଯାନବାହନ(ଗାଡ଼ି) ଗୁଡ଼ିକ ଉପରେ ପୋଲିସ ଧରପଗଡ଼କୁ ଜୋରଦାର୍ କରିଛି। ଏହି କ୍ରମରେ ରବିବାର ବରଗଡ଼ ଟାଉନ ଥାନା ପୋଲିସ ୩୧ ବାଇକ୍ ଏବଂ ୭ଟି ୪ଚକିଆ ଗାଡ଼ିକୁ ଜବତ କରିଛି। ମୋଟର ସାଇକେଲ ଗୁଡ଼ିକରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନମ୍ବର ପ୍ଲେଟ ଲାଗି ନଥିବା ବେଳେ ୪ଚକିଆ ଗାଡ଼ି ଗୁଡ଼ିକ ଅନଧିକୃତ ସାଇଲେନ୍ସର ବ୍ୟବହାର କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମାହେଶ୍ୱରୀ ନର୍ସିଂ କଲେଜରେ ସମ୍ବର୍ଦ୍ଧନା ସମାରୋହ


ମାହେଶ୍ୱରୀ ନର୍ସିଂ କଲେଜର ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି ଓ ଅଧ୍ୟାପିକା, ଅଧ୍ୟାପକବୃନ୍ଦ।

ବରଗଡ଼,୨୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ମାହେଶ୍ୱରୀ ନର୍ସିଂ କଲେଜର ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨୫ ତାରିଖରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସେହିପରି ଅନ୍ତିମ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ସମାରୋହରେ ମାହେଶ୍ୱରୀ ନର୍ସିଂ କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଭାଜପାର ବରଗଡ଼ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନସେବାରେ ବ୍ରତୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଲେଜର ଉପଅଧ୍ୟକ୍ଷା ଜାଗୃତି ଦିଶ୍ରୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଲେଜର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ହାତୀ ସୁରକ୍ଷା ସଭିଙ୍କ ନୈତିକ ଦାୟିତ୍ୱ



ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼,୨୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜୁନାନୀ ଗ୍ରାମରେ ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ର ଓ ଗୋପାଳପୁର ଆଶ୍ରମ ସ୍କୁଲ ଭଟଲିର ଇକୋ କ୍ଲବ ଆନୁକୂଲ୍ୟରେ ରବିବାର ହାତୀ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଗୋପାଳପୁର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଉଚ୍ଛବ ଭୁଏ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବନ୍ୟପ୍ରାଣୀ ବିଭାଗର ସହକାରୀ ବନ ସଂରକ୍ଷକ ଦିଲ୍ଲୀପ କୁମାର ଧଳ ମୁଖ୍ୟ ଅତିଥି, ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ ମୁଖ୍ୟବକ୍ତା ଏବଂ ପ୍ରକୃତିବନ୍ଧୁ ଶୋଭାରାମ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦ୍ରୁପଦ ପାତ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସମସ୍ତ ଗ୍ରାମବାସୀ ଓ ପ୍ରକୃତିପ୍ରେମୀ ବିଦ୍ୟୁତ୍ ତାରକୁ ସୁରକ୍ଷିତ କରି ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଯେପରି କ୍ଷତି ନ ହୁଏ, ସେଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବନ୍ୟପ୍ରାଣୀ ସହ ସଂଘର୍ଷ ନ କରି ହାତୀ ପରି ଜୀବର ସୁରକ୍ଷା କରିବା ଆମର ନୈତିକ ଦାୟିତ୍ୱ ଓ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ହେଲେ ଅନୁକମ୍ପା ଆପ୍ ମାଧ୍ୟମରେ କିପରି ସହାୟତା ପାଇବେ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ସଞ୍ଜୀବ ଭୁଏଙ୍କ ସମେତ ଜୁନାନୀ ଗ୍ରାମବାସୀ ଓ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ। ଶିକ୍ଷକ ରୋହିତ ଭୁଏ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିବୃନ୍ଦ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମର ସ୍ମୃତିସନ୍ତକ ସ୍ୱରୂପ ଗ୍ରାମବାସୀଙ୍କୁ ଚାରା ପ୍ରଦାନ କରାଯାଇଥିଲା।

## ଅଧାରୁ ଅମଳ ଛାଡ଼ିଦେଲେ ଚାଷୀ

ବରଗଡ଼,୨୯।୩
(ପ୍ରେମାନନ୍ଦ ଖମାରୀ)


ଚାଷୀମାନେ ଅଧାରୁ ଅମଳ ଛାଡ଼ି ଦେଇଥିବା ପରିବା କିଆରି।

### ଟମାଟୋର ଅଭାବୀ ବିକ୍ରି

ବରଗଡ଼ ଜିଲାରେ ଧାନ ଭଳି ବିଭିନ୍ନ ପନିପରିବାରେ ମଧ୍ୟ ଅଭାବୀ ବିକ୍ରି ସ୍ଥିତି ଉପୁଜିଛି। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ୁଛି। ଏପରି କି ବିକ୍ରିରେ ମୂଳ ମୂଲ୍ୟ ମିଳୁ ନ ଥିବାରୁ ଅଧାରୁ ଅମଳକୁ ଚାଷୀମାନେ ଛାଡ଼ି ଦେଉଛନ୍ତି। ବର୍ତ୍ତମାନ ଟମାଟୋ ବିକ୍ରିରେ ଏଭଳି ଅଭାବନୀୟ ସ୍ଥିତି ଉପୁଜିଛି। ଜିଲାର ଗାଇସିଲେଟ ବ୍ଲକର ଗନିଆଁପାଲି, ମଲମୁଣ୍ଡା, ଚାଟିପାଲି, କେରମେଲୀ, ଜଡ଼ାଗଞ୍ଜା, ଯୁଗୀବନ୍ଧଳୀ, ତଳପାଲି, ଜାନକେଡ଼ା, ବୁରୋମୁଣ୍ଡା, ଗୌରନମୁଣ୍ଡା, ଅମ୍ବାଭୋନା ବ୍ଲକର ବରା, ବଡ଼ଧରା, ରୁଚିଦା, ନାରଙ୍ଗପୁର ଅଞ୍ଚଳରେ ଟମାଟୋ ବିକ୍ରିରେ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବଡ଼ଧରା ଗ୍ରାମର ରମେଶ ବେହେରା, ସୂର୍ଯ୍ୟକାନ୍ତ ବେହେରା ଚାଷଜମିରେ ଅମଳ ଛାଡ଼ି ଦେଇଛନ୍ତି। ସେହିପରି ଘେଁସ, ତିଳେଇମାଲର ରବି ଗରିଆ ଜମି ଭାଗ ନେଇ ଚାଷ କରିଥିବା ୩୦ ଡେସିମିଲରେ ଟମାଟୋ ଅମଳକୁ ଅଧାରୁ ଛାଡ଼ି ଦେଇଛନ୍ତି। ବେପାରୀମାନେ ଟମାଟୋ କି.ଗ୍ରା. ପ୍ରତି ୨ଟଙ୍କାରୁ ୩ଟଙ୍କା ଦରରେ ମାଗୁଥିବା ଯୋଗୁ ସେଭଳି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ତେବେ ପରିବା ସଂରକ୍ଷଣ ପାଇଁ ଜିଲାରେ ଶୀତଳ ଭଣ୍ଡାରର ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ବିଭିନ୍ନ ସମୟରେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି ଦୃଷ୍ଟିରୁ ଜିଲାର ପ୍ରତ୍ୟେକ ବ୍ଲକରେ ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଦାବି କରିଛନ୍ତି।

**ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ**

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):** ଖେଜୁର ପର୍ବରେ ଯୋଗ ଦେବା ପାଇଁ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ଚର୍ଚ୍ଚ ଯିବା ବେଳେ ରବିବାର ଜଣେ ବୃଦ୍ଧଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି କାଲୋସିହିରିଆ ଗ୍ରାମର ସମାରୁ ମିଞ୍ଜ(୬୫)। ଖବର ପାଇ ଫାଣ୍ଡି ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।



# ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦିଅ

## କୋଇଡ଼ାରେ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିଶାଳ ରାଜ୍ୟ ସମ୍ମିଳନୀ




ସମ୍ମିଳନୀରେ ବଣାଇ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

**ଟେନ୍‌ସା,୨୯।୩(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡ଼ା ସିଆଇଟିୟୁ ଅଫିସ ପରିସର ମଧରେ ରବିବାର କୋଇଡାରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ବିଶାଳ ୪ର୍ଥତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ପଣ୍ଡା, ରାଜ୍ୟ ଆଶା କର୍ମୀ ଉପ ସଭାପତି ହୃଦାନନ୍ଦ ଯାଦବ, ସିଆଇଟିୟୁ ରାଜ୍ୟ ସଂଯୋଜିକା ପୁଷ୍ପା ଦାସ, ବାଲେଶ୍ୱର ଜିଲା ସଂଯୋଜିକା ଗାୟତ୍ରୀ ଉପାଧ୍ୟାୟ, ରାଜ୍ୟ ଆଶାକର୍ମୀ ସମ୍ପାଦିକା ଶକୁନ୍ତଳା ମହାକୁଡ଼, ଖୋର୍ଦ୍ଧା ଜିଲା ଆଶାକର୍ମୀ ସମ୍ପାଦିକା ବନଲତା ସେନ ପ୍ରମୁଖ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ମାସକୁ ୧୦ହଜାର ବଦଳରେ ୨୬ ହଜାର ଓ ସହାୟିକାଙ୍କୁ ୭ହଜାର ବଦଳରେ ୨୬ ହଜାର ଦରମା ପ୍ରଦାନ, ମହିଳା କର୍ମୀଙ୍କୁ ନ୍ୟାଯ୍ୟ ଦାବି ପ୍ରଦାନ କରାଯିବା ନେଇ ସରକାରଙ୍କ ନିକଟରେ ଆଲୋଚନା ହୋଇଥିଲା। ସଂଘର ମୁଖ୍ୟ ୯ଦଫା ଦାବି ଗୁଡିକ ହେଲା ମାସିକ ଦରମା ୨୬,୦୦୦ ଟଙ୍କାକୁ ବୃଦ୍ଧି, ସାମାଜିକ ସୁରକ୍ଷା ଓ ସମସ୍ତ କର୍ମୀଙ୍କୁ ସରକାରୀ ମାନ୍ୟତା, ଇପିଏଫ୍ ଓ ଅବସରକାଳୀନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ପାଇଁ ଅଧିକ ବଜେଟ ଅର୍ଥ ବ୍ୟବସ୍ଥା, କୋଇଡା ବ୍ଲକରେ ନିଜସ୍ୱ ଗୃହ ନ ଥିବା କେନ୍ଦ୍ରଗୁଡ଼ିକ ପାଇଁ ପକ୍କା ଘର ନିର୍ମାଣ, କେନ୍ଦ୍ରରେ ପାନୀୟ ଜଳର ସୁବିଧା, କେନ୍ଦ୍ରଗୁଡ଼ିକୁ ନିୟମିତ ପୁଷ୍ଟିକର ଖାଦ୍ୟ ଯୋଗାଣ, ବଜାର ଦର ଅନୁଯାୟୀ ଅଣ୍ଡାର ମୂଲ୍ୟ ଧାର୍ଯ୍ୟ କରିବା, ସରକାରୀ କାର୍ଯ୍ୟକ୍ରମରେ କର୍ମୀଙ୍କୁ ସାମିଲ କରିବା ସହ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ସେହିପରି ସି.ଆଇ.ଟି.ୟୁ. ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି କହିଛନ୍ତି, ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମର୍ଯ୍ୟାଦା ଦେବା, ମାସିକ ବେତନ ବୃଦ୍ଧି, ପେନ୍‌ସନ ବ୍ୟବସ୍ଥା, ସାମାଜିକ ସୁରକ୍ଷା ସୁବିଧା, କାର୍ଯ୍ୟ ପରିସ୍ଥିତିରେ ସୁଧାର ନିତାନ୍ତ ଆବଶ୍ୟକ। ବିଧାୟକ ଲକ୍ଷ୍ମଣ ମୁଣ୍ଡା ତାଙ୍କ ଭାଷଣରେ କହିଥିଲେ ଦୀର୍ଘଦିନ ଧରି ଏହି ସମସ୍ତ ଦାବି ସରକାରଙ୍କ ନଜରକୁ ଅଣାଯାଇଥିଲେ ମଧ ପଦକ୍ଷେପ ନିଆଯାଇନାହିଁ। ତେଣୁ ଏହି ସମ୍ମିଳନୀ ଏକ ମାଧମ। ଯେଉଁଠି ନିଜର ହକ ଲଢ଼େଇକୁ ଆଗାମୀ ଦିନରେ ବିଧାନସଭା ସମ୍ମୁଖକୁ ନେବା ପାଇଁ ଏଠାରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଗଲା ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ଅଞ୍ଚଳର ରେଣୁବାଳା ନାଏକ, ଲକ୍ଷ୍ମୀ ପାତ୍ର, ମନ୍ଦୋଦରୀ ମାହାନ୍ତ, ପାନେଶ୍ୱରୀ ମାହାନ୍ତ, ରାମେଶ୍ୱରୀ କିଷାନ, ମୀନାକ୍ଷୀ ସାହୁଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ ଅଙ୍ଗଓାଡି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

# ବନ୍ଧମୁଣ୍ଡାରେ ଖଜୁର ପର୍ବ ପାଳିତ



ଖଜୁର ପର୍ବ ପାଳିତ ହେଉଛି।

**ବନ୍ଧମୁଣ୍ଡା,୨୯।୩(ସୁବ୍ରତ ଦେ)**

ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ କେଥିଲିକ ଚର୍ଚ୍ଚରେ ରବିବାର ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଖଜୁର ପର୍ବ ପାଳନ କରିଛନ୍ତି। ଏହି ଅବସରରେ ଖଜୁର ଡାଳିର ଆଶୀର୍ବାଦ ନେବା ପରେ ବହୁ ସଂଖ୍ୟକ ଭକ୍ତ ଏକ ରାଲି ବାହାର କରିଥିଲେ। ଭକ୍ତମାନେ ହାତରେ ଖଜୁର ଡାଳ ଧରି ଯିଶୁ ମସିହୀ ଭଜନ ଗାଇ ସମଗ୍ର ଅଞ୍ଚଳରେ ଭକ୍ତିର ସନ୍ଦେଶ ପ୍ରଚାର କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡା, ବିଶ୍ରା ଓ ଭାଲୁଲତା ଅଞ୍ଚଳରୁ ଆସିଥିବା ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକମାନେ ସାମିଲ ହୋଇଥିଲେ। ଏହି ଅବସରରେ ଚର୍ଚ୍ଚର ଫାଦର ଜୋସେଫ ପାଇସ କହିଥିଲେ, ଏହି ରବିବାରକୁ ପୁଣ୍ୟ ସପ୍ତାହର ଆରମ୍ଭ ଭାବେ ପାଳନ କରାଯାଇଥାଏ। ଯାହା ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସେ ଆହୁରି କହିଥିଲେ, ପ୍ରଭୁ ଯିଶୁ ନିଜ ଜୀବନର ଶେଷ ସମୟରେ ଶାନ୍ତି, ପ୍ରେମ ଓ ଭାଇଚାରାର ସନ୍ଦେଶ ଦେଇ ଯେରୁସାଲେମରେ ପ୍ରବେଶ କରିଥିଲେ, ଯାହାର ସ୍ମୃତିରେ ଏହି ଖଜୁର ପର୍ବ ପାଳନ କରାଯାଇଥାଏ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଜଗାଙ୍ଗପୁର,୨୯।୩(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଲୁହାଖାନ ଗ୍ରାମରେ ରବିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ମନୋଜ ମାଝୀ (୩୨)। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଅଧିକାରୀ ରାଜେଶ ସେଠି ଘଟଣାର ତଦନ୍ତ କରୁଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ରବିବାର ସକାଳେ ଘରଠାରୁ ୧ କି.ମି.ଦୂରରେ ଥିବା ଏକ ଗଛରେ ମନୋଜଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ପଥ ସଞ୍ଚାଳନ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୨୯।୩(ଜୟ ନାରାୟଣ ମେଣ୍ଡୁଲି)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ସୁନ୍ଦରଗଡ଼ ସଂଘ ଜିଲା ଶାଖା ତରଫରୁ ରାଷ୍ଟ୍ରୀୟ ନବବର୍ଷ ଆରମ୍ଭ ତଥା ଶ୍ରୀରାମ ନବମୀ ଅବସରରେ ଏକ ଭବ୍ୟ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ରବିବାର ଅପରାହ୍ନରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଏହି ସଞ୍ଚାଳନ ବାହାରି ମେଡିକାଲ ସମ୍ମୁଖଦେଇ ରଙ୍ଗାଡ଼ିପା ଛକ, ସୁନାରୀପଡ଼ା, ରିଜେଣ୍ଟ ମାର୍କେଟ, ଜଗନ୍ନାଥ ମନ୍ଦିର, ଡେଲି ମାର୍କେଟ ଦେଇ ପୁଣି ଶିଶୁ ମନ୍ଦିର ଯାଏଁ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଜିଲା ସଂଘଚାଳକ କୈଳାସ ଭିଡିରିଆ ଏବଂ ଜିଲା କାର୍ଯ୍ୟବାହ ତୀର୍ଥବାସୀ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ବିଭାଗ ତଥା ପ୍ରାନ୍ତ କାର୍ଯ୍ୟକର୍ତ୍ତା ମଧ ଉପସ୍ଥିତ ଥିଲେ। ହେମଗିରି, ଲେଫ୍ରିପଡା, ଟାଙ୍ଗରପାଲି, ସଦର, ସବଡେଗା, ବଡ଼ଗାଁ ତଥା କୁତ୍ରା ବ୍ଲକରୁ ସ୍ୱୟଂସେବକ ମାନେ ପୂର୍ଣ୍ଣ ଗଣବେଶରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ସ୍ୱୟଂସେବକ ଯୋଗଦାନ କରିଥିଲେ। ସହରର ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଥିଲା ତଥା ସହରବାସୀ ପଥ ସଞ୍ଚାଳନରେ ସହଯୋଗ କରିଥିଲେ। ସଂଘ ଚଳିତ ବର୍ଷ ଶତାବ୍ଦୀ ପାଳନ କରୁଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମାଜରେ ପଞ୍ଚ ପରିବର୍ତ୍ତନର ବାର୍ତ୍ତା ପହଞ୍ଚାଇବା। ପରିବାର ପ୍ରବୋଧନ, ପର୍ଯ୍ୟାବରଣ ସଂରକ୍ଷଣ, ସ୍ୱ ଆଧାରିତ ଜୀବନ ତଥା ନାଗରିକ ଶିଷ୍ଟାଚାର ଆଦିକୁ ନାଗରିକ ଜୀବନରେ ପାଳନ ପାଇଁ ବାର୍ତ୍ତା ଦେଇଆସୁଛି। ଏହି ପଥ ସଞ୍ଚାଳନ କାର୍ଯ୍ୟକ୍ରମରେ ସଂଘର ବିବିଧ ସଂଗଠନ ଯଥା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବିଦ୍ୟାର୍ଥୀ ପରିଷଦ, ବନବାସୀ କଲ୍ୟାଣ ଆଶ୍ରମ ତଥା ପତଞ୍ଜଳି ଯୋଗ ସମିତିର ବହୁ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ। ନଗରର ସଂଘ ଅଧିକାରୀ ନାରାୟଣ ପଟେଲ, ନନ୍ଦଲାଲ ପଟେଲ, ବୁଲୁ ବହିଦାର, ରତ୍ନାକର ବେହେରା, ମହେଶ୍ୱର ବେହେରା ସହଯୋଗ କରିଥିବା ସମସ୍ତ ସଙ୍ଗଠନ, ପୋଲିସ ଓ ପ୍ରଶାସନ ବିଭାଗକୁ ଧନ୍ୟବାଦ ପ୍ରଦାନ କରିଥିଲେ।



ପଥ ସଞ୍ଚାଳନ କାର୍ଯ୍ୟକ୍ରମରେ ପିଲାମାନେ।

# ସାପ କାମୁଡ଼ାରେ ଇଟାଭାଟି ଶ୍ରମିକ ମୃତ

**କୁଆଁରମୁଣ୍ଡା,୨୯।୩(ମହେନ୍ଦ୍ର କୁମାର ସାହୁ)**

ବିଷାକ୍ତ ସାପ କାମୁଡ଼ାରେ ରବିବାର ଜଣେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ ରାଜ୍ୟର ଚମ୍ପା ଜିଲା କରିଭଅର ଗ୍ରାମର ରମେଶ କୁମାର ଟଣ୍ଡନ(୪୨)। ଏ ନେଇ ରାଏବୋଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୬) ରୁଜୁ ହୋଇଛି। ପୋଲିସ ରାଉରକେଲା ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଇଟାଭାଟି ନିକଟରେ ଥିବା ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ନିକଟସ୍ଥ ବୀରମିତ୍ରପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ହେଲେ ସେଠାରୁ ଡାକ୍ତର ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ




ଉପସ୍ଥିତ ସାମ୍ବାଦିକ ସଂଘର କର୍ମକର୍ତ୍ତା।

**କୁତ୍ରା,୨୯।୩(ଦେବାଶିଷ ସାହୁ)**

କୁତ୍ରା ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସୁନ୍ଦରଗଡ ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ସଭାପତି କାହ୍ନୁ ଚରଣ ସାହୁଙ୍କ ଅଧକ୍ଷତାରେ ରବିବାର ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ର ବରିଷ୍ଠ ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର ଯୋଗଦେଇ ସମାଜର ବିକାଶ ପାଇଁ ଖବରଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହାସହିତ ଆଗାମୀ ଦିନରେ ସଂଘର ସମସ୍ତ ପ୍ରକାର ଉନ୍ନତି ଦିଗରେ ସଦାସର୍ବଦା ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଖବରଦାତା ଜୟକୃଷ୍ଣ ସେଠ ଯୋଗଦେଇ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ବିଷୟରେ ଆଲୋକପାତ କରିବା ସହ ଲୋକଙ୍କ ସମସ୍ୟାକୁ ଖବର କାଗଜ ମାଧମରେ ପ୍ରକାଶ କରିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରମଣି ପଟେଲ, କୁତ୍ରା ସରପଞ୍ଚ ଭୂବନ କୁଜୁର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାସହ ସମାଜ ଗଠନରେ ବିଶେଷ ଭୂମିକା ପାଇଁ ଡୁନମୁରା ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଯୁବ ଉଦୀୟମାନ ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁ, ଅଲେକେରା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ତାଜନ, ସଫଳ ଚାଷୀ ବିକ୍ରମ ମିଞ୍ଜ, ଆୟୁର୍ବେଦିକ ବୈଦ୍ୟ ଫିଲିପ କେରକେଟା, ସମାଜସେବୀ ତଥା ବରିଷ୍ଠ ଖବରଦାତା ଅକ୍ଷୟ କୁମାର ଧଳ, ଖବରଦାତା ଜୟକୃଷ୍ଣ ସେଠ, ପ୍ରଶାନ୍ତ କୁମାର ସାହୁ, ଦେବାଶିଷ ସାହୁ, ଲାଲଟୁ ମିତ୍ର, ସନ୍ତୋଷ କୁମାର ସାହୁ, ନମି ସନ୍ୟାସୀ, ଉପେନ୍ଦ୍ର ବଘାର, ବିକାଶ ରଞ୍ଜନ ନାୟକ, ସମାଜସେବୀ ଶିବ କିଶାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ପଙ୍କଜ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଉପ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଖବରଦାତା ମନୋଜ ତନ୍ତୀ, ମୁକେଶ ପ୍ରସାଦ, ଭୋଗଲ ତିର୍କୀ, ପ୍ରଦୀପ କୁମାର ନନ୍ଦ, ଅନନ୍ତ ପଟେଲ, ପପୁ ସିଂ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଭାପତି କାହ୍ନୁଚରଣ ସାହୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଖବରଦାତା ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ସତ୍‌ସଙ୍ଗ ଦ୍ୱାରା ଶାଶ୍ୱତ ଶାନ୍ତି ମିଳିଥାଏ



ବୀରମିତ୍ରପୁରରେ ସଦ୍‌ଭାବନା ସତ୍‌ସଙ୍ଗ ଉପଲକ୍ଷେ ଅନୁଷ୍ଠିତ ଶୋଭାଯାତ୍ରା।

**କୁଆଁରମୁଣ୍ଡା,୨୯।୩(ମହେନ୍ଦ୍ର କୁମାର ସାହୁ)**

ମାନବ ଉତଥାନ ସେବା ସମିତି ପକ୍ଷରୁ ରବିବାର ବୀରମିତ୍ରପୁର ଜଗନ୍ନାଥ ମନ୍ଦିର ପରିସରରେ ସଦ୍‌ଭାବନା ସତ୍‌ସଙ୍ଗ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ଶୋଭା ଯାତ୍ରା ଜଗନ୍ନାଥ ମନ୍ଦିର ପରିସରରୁ ବାହାରି ଚାଇନା ଟାଉନ, ବସ ଷ୍ଟାଣ୍ଡ, ଭାଟି ରୋଡ ଦେଇ ଜଗନ୍ନାଥ ମନ୍ଦିର ପରିସର ପହଞ୍ଚିଥିଲା। ଶୋଭା ଯାତ୍ରାରେ ମହାତ୍ମା ଦୀବାକର ନନ୍ଦ, ସାଧ୍ୱୀ ପ୍ରେରଣା, ମହାତ୍ମା ବିବେକାନନ୍ଦ, ମହାତ୍ମା ଆଜପା ନନ୍ଦ, ମହାତ୍ମା ନିଶ୍ଚଳାନନ୍ଦ ସାମିଲ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗରେ ଯୋଗଦେଇ ଶାଶ୍ୱତ ଶାନ୍ତି ହିଁ ସତ୍‌ସଙ୍ଗ ଦ୍ୱାରା ପ୍ରାପ୍ତି ହୋଇଥାଏ ବୋଲି ଉପସ୍ଥିତ ମହାତ୍ମାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କର୍ମକର୍ତ୍ତାଙ୍କ ମଧରୁ ମିଡିଆ ସେଲ ପ୍ରମୁଖ ଜଗନ୍ନାଥ କୋକ, ଅଭିନବ ଜୈଶୱେଲ, ଭାଗିରଥୀ ସାହୁ, ଜିଲା ସମ୍ପାଦକ ଖାଡେଶ୍ୱର ବେହେରା, ଜିଲା ସଭାପତି ଯୋଗୀନ୍ଦ୍ର ମହନ୍ତ, ଶାଖା ପ୍ରଧାନ, ଜେନାମଣୀ ନିଖଣ୍ଡିଆ, ତହସିଲ ସମ୍ପାଦକ ମହିପାଲ ନିଖଣ୍ଡିଆ ପ୍ରମୁଖ ଏହି ଶୋଭା ଯାତ୍ରାରେ ଯୋଗ ଦେଇଥିଲେ। ଶୋଭା ଯାତ୍ରା ପରେ ଏକ ସତ୍‌ସଙ୍ଗ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆରମ୍ଭରେ ସତପାଲ ମହାରାଜ କର ପୂଜାର୍ଚ୍ଚନା କରିଥିଲେ। ସାଧ୍ୱୀ ପ୍ରେରଣା ମାନବ ଧର୍ମ ଉପରେ ତାଙ୍କର ବ୍ୟାଖ୍ୟାନ ପ୍ରଦାନ କରିଥିଲେ। ଶେଷରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ସତପାଲ ମହାରାଜଙ୍କ ଅନୁଗାମୀ ଏଥିରେ ଯୋଗ ଦେଇଥିଲେ।

# ଜୟ ଶ୍ରୀରାମରେ କମ୍ପିଲା କୋଇଡ଼ା ଖଣି ଅଞ୍ଚଳ



ଶୋଭାଯାତ୍ରାରେ ବାହାରିଥିବା ଅଞ୍ଚଳବାସୀ

**ଟେନ୍‌ସା,୨୯।୩(ସମୀର କୁମାର ପାଢ଼ୀ)**

ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା କୋଇଡ଼ା ଖଣି ଅଞ୍ଚଳ। ହଜାର ହଜାର ରାମ ଭକ୍ତମାନେ ଶନିବାର ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରିଥିଲେ। କୋଇଡା ହନୁମାନ ମନ୍ଦିରରୁ ରାମ ଖଣ୍ଡା ବାହାରି ସମଗ୍ର ଖଣି ଅଞ୍ଚଳ ପରିକ୍ରମା କରିଥିଲା। ସମସ୍ତେ ହାତରେ ଶ୍ରୀରାମ ପତକା ଧରି ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରାରେ ସମସ୍ତ ଖଣି କର୍ମଚାରୀ, ବରିଷ୍ଠ ଅଧିକାରୀ, ପୂର୍ବତନ ବିଧାୟକ, ମାନ୍ୟଗଣ ବ୍ୟକ୍ତି ମଧ ସାମିଲ ହୋଇଥିଲେ। ରାମ, ହନୁମାନ, ଲକ୍ଷ୍ମଣ, ସୀତା ବେଶ ଧାରଣ କରି ନୃତ୍ୟ, ଗୀତରେ ଖଣି ଅଞ୍ଚଳ କମ୍ପି ଉଠିଥିଲା। ଏହି ଶୋଭାଯାତ୍ରାରେ କଳାହାଣ୍ଡି ଜିଲାର କଟପା ଡ୍ୟାନ୍ସ ଗ୍ରୁପଙ୍କ ଶ୍ରୀରାମ ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା।

## ୪ତମ ଶନି ମନ୍ଦିର ପ୍ରତିଷ୍ଠା ଦିବସ

**ବଡ଼ଗାଁ,୨୯।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ଥିବା ଶନି ମନ୍ଦିରର ଚତୁର୍ଥତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ବେହେରା, ସୁନ୍ଦରଗଡ଼ ବେଦ ପ୍ରଚାରକ ପରମାନନ୍ଦ ରାଉତ, ବାସୁଦେବ ହୋତା, ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ କର୍ମକର୍ତ୍ତା ଗଣେଶ ସେଠ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପାମରା ଗାଁର ରାଧାମାଧବ ଓ ଗୌରାଙ୍ଗ ସଙ୍କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ପରିବେଷଣ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ତୁଳସୀ ଖିଲାରୀ ପ୍ରଥମ, ଶଙ୍କରାପୋଷ ଗାଁର ତ୍ରିଶା ପୋଢ ଦ୍ୱିତୀୟ ଓ ସାକ୍ଷୀ କୁମାର୍ ତୃତୀୟ ସ୍ଥାନ ପାଇଥିଲେ। ପ୍ରଥମରୁ ତୃତୀୟ ସ୍ଥାନ ପାଇଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଗୁଡ଼ିକୁ ମନ୍ଦିର ପୃଷ୍ଠ ପୋଷକ କମଳ ସୁନ୍ୟାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କମିଟି କର୍ମକର୍ତ୍ତା ତେଣୁ ଚରଣ ରାଉତ, ରାହୁଲ ସୁନ୍ୟାନୀ, ବିଶାଳ ସୁନ୍ୟାନୀ, ରଞ୍ଜନ ସୁନ୍ୟାନୀ, ଅର୍ଜୁନ ମହାକୁଡ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ଗଣେଶ ନଗରରେ ଅଷ୍ଟ ପ୍ରହର ନାମଯଜ୍ଞ

**ସୁନ୍ଦରଗଡ,୨୯।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସହରର ଗଣେଶ ନଗର ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରଥମକରି ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମ କ୍ରମେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ୨୨ତାରିଖରୁ ଅଧିବାସ ହୋଇ ୨୪ତାରିଖରେ ଉଦ୍‌ଯାପିତ ହୋଇଥିଲା। ସ୍ଥାନୀୟ ପୂଜା ମଣ୍ଡପରେ ଆୟୋଜିତ ଏହି ନାମ ଯଜ୍ଞରେ ସ୍ଥାନୀୟ ଅଞ୍ଚଳର ପୁରୁଖା ବ୍ୟକ୍ତି ସଦା ଗୋପାଳ ଚାଲାନଙ୍କ ତତ୍ତ୍ୱାବଧାନରେ କର୍ତ୍ତାଭାବେ ପ୍ରଫୁଲ୍ଲ ଦାଶ ଓ ଅନ୍ୟ କର୍ମକର୍ତ୍ତା ମୂରଲୀଧର ଜେନା, ବିଜୟାନନ୍ଦ ବହିଦାର, ଅଞ୍ଜନ ଦାସ, ଚନ୍ଦ୍ର ଶେଖର ଶର୍ମା, ଅଜୟ କୁମାର ସାହୁ, ହୃଦାନନ୍ଦ ନାଏକ, ପିଣ୍ଟୁ ରାଉତ, ପିଣ୍ଟୁ ପ୍ରଧାନ, ଗିରିଶ ଦାସ, ନାରାୟଣ ସାହୁ, ସାଧୁଚରଣ ସାହୁ, ମନୋଜ ଲେଙ୍କା, ତପନ ବାରିକ, ଅମର ସାହୁ, କୈଳାସ ସାହୁ, ରାକେଶ ଜେନା, ଲାଲ ଶଙ୍କର ପତି ଓ ଅନ୍ୟ କର୍ମକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ନାମ ଯଜ୍ଞରେ ପୁରୋହିତ ଭାବେ ପଣ୍ଡିତ କେଶବ ସା ଓ ତାଙ୍କ ସହଯୋଗୀ କାର୍ଯ୍ୟ ତୁଲାଇଥିଲେ।



# ତାରକାସୁର ବଧ, ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ

## ବଡ଼ଗାଁ ରାମଲୀଳା ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା



ଅହଲ୍ୟା ଉଦ୍ଧାର ନାଟକର ଏକ ଦୃଶ୍ୟ।

**ବଡ଼ଗାଁ,୨୯।୩(ଅଶୋକ ଷଡ଼ଙ୍ଗୀ )**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଆରମ୍ଭ ହୋଇଥିବା ରାତ୍ରିକାଳୀନ ପ୍ରସିଦ୍ଧ ରାମଲୀଳା ଯାତ୍ରାର ଶନିବାର ଦ୍ୱିତୀୟ ଦିନରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ତାରକାସୁର ବଧ ଓ ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ ହୋଇଥିଲା। ଲଙ୍କା ନରେଶ ପ୍ରତାପୀ ରାବଣଙ୍କ ନିର୍ଦ୍ଦେଶରେ ଅସୁରମାନେ ଅତ୍ୟାଚାର କରିଥିଲେ। ଏପରି କି ବ୍ରହ୍ମର୍ଷି ବିଶ୍ୱାମିତ୍ର ଦଣ୍ଡକାରଣ୍ୟରେ କରୁଥିବା ଯଜ୍ଞ ସ୍ଥଳରେ ବିଭ୍ରାଟ ସୃଷ୍ଟି କରିଥିଲେ। ବିଶ୍ୱାମିତ୍ର ସଂକଳ୍ପ କାରଣରୁ ତପୋବଳର ପ୍ରୟୋଗ ନ କରି ଯୋଗବଳରେ ରାଜା ଦଶରଥଙ୍କ ଘରେ ଭଗବାନ ବିଷ୍ଣୁ, ରାମଚନ୍ଦ୍ର ରୂପରେ ଜନ୍ମ ନେଇଥିବା ଜାଣିପାରିଥିଲେ। ଏହାପରେ ବ୍ରହ୍ମର୍ଷି ବିଶ୍ୱାମିତ୍ର ଅଯୋଧା ନଗରୀକୁ ଗମନ କଲେ ଓ ରାମଚନ୍ଦ୍ରଙ୍କୁ ସାଥିରେ ନେବାକୁ ରାଜା ଦଶରଥଙ୍କୁ ଜଣାଇଥିଲେ। ରାଜା ଦଶରଥଙ୍କ ଅନୁମତି ପାଇ ରାମ ଓ ଲକ୍ଷ୍ମଣ ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କ ସହିତ ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରା କଲେ। ଦଣ୍ଡକାରଣ୍ୟରେ ବିଶ୍ୱାମିତ୍ର ଶ୍ରୀରାମଙ୍କୁ ବ୍ରହ୍ମ ବିଦ୍ୟା ଓ ଅସ୍ତ୍ର ପ୍ରଦାନ କରିଥିଲେ। ଏହାପରେ ରାମ ଓ ଲକ୍ଷ୍ମଣ ଅରଣ୍ୟରେ ସୁବାହୁ, ମାରୀଚ ରାକ୍ଷସକୁ ବଧ କରିଥିଲେ। କିଛିଦିନ ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି ସୀତା ସ୍ୱୟଂମ୍ବର ନିମନ୍ତେ ମିଥିଳା ନଗରୀକୁ ଗମନ କଲେ। ବାଟରେ ଗୌତମ ଋଷିଙ୍କ ଅଭିଶାପରେ ଶିଳା ହୋଇ ପଡିରହିଥିବା ଅହଲ୍ୟାଙ୍କୁ ଉଦ୍ଧାର କରିଥିଲେ। ରାମାୟଣର ଏହି ବିଷୟବସ୍ତୁକୁ ନେଇ କଳାକାରମାନେ ଅଭିନୟ ପ୍ରଦର୍ଶିତ କରିଥିଲେ। ଶ୍ରୀରାମ, ଲକ୍ଷ୍ମଣ, ରାଜା ଦଶରଥ, ବଶିଷ୍ଠ ଋଷି, ବିଶ୍ୱାମିତ୍ର, ବିଶ୍ୱାମିତ୍ରଙ୍କ ଶିଷ୍ୟ, ତାରକାସୁର, ସୁବାହୁ, ମାରୀଚ, ଅହଲ୍ୟା ଓ ରାକ୍ଷସ ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ଦିବ୍ୟ ଲୋଚନ ପୃଷେଟ, ରାଜେଶ ଚକ୍ରବର୍ତ୍ତୀ, ସୋନୁ ପାଣିଗ୍ରାହୀ, ଶିବାଶିଷ ହୋତା, ନନ୍ଦୁ ସା, ଦୀପ ପଣ୍ଡା, ରାହୁଲ ସା, ବାବଲୁ ପୃଷେଟ, ଚନ୍ଦନ ମିଶିର, ଶୁଭମ ସା ଅଭିନୟ ପ୍ରଦର୍ଶନ କରିଥିଲେ।

**ବିଜ୍ଞାନ, ଗଣିତଚକ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ**

ରେଙ୍ଗାଲି,(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପିଏମଶ୍ରୀ ନୂଆରଢ଼ୋଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତଚକ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୬ଟି ଗ୍ରୁପରେ ଛାତ୍ର ଛାତ୍ରୀମାନେ ସମସ୍ତ କାର୍ଯ୍ୟଗୁଡିକ ପ୍ରଦର୍ଶିତ କରିଥିଲେ। ୧୦ ଜଣ ବିଚାରକଙ୍କ ଦ୍ୱାରା ପ୍ରଦର୍ଶନୀ ବିଚାର କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଲୁମ୍ନି କମିଟି ସଭାପତି ନୋଦ ବିହାରୀ ନନ୍ଦ, ସମ୍ମାନୀତ ଅତିଥିଭାବେ ବସନ୍ତ କୁମାର ତଣ୍ଡକାର ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଝରଣା ବେହେରା ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ପୁରାଣରେ ଓଡ଼ିଆ ଭକ୍ତି ସାହିତ୍ୟର ମହତ୍ତ୍ୱ ରହିଛି

## ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର

ସମ୍ବଲପୁର,୨୯।୩(ବି.ଶଙ୍କର)



ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଓ ହିନ୍ଦୀ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଛି। ଭାରତୀୟ ଜ୍ଞାନ ପରମ୍ପରା ଓ ଭକ୍ତି ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ରରେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିଲେ। ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ସାରଳା ଚେୟାର ପ୍ରାକ୍ତନ ପ୍ରଫେସର ଉଦୟନାଥ ସାହୁ ମୁଖ୍ୟ ଅତିଥି, ସମ୍ବଲପୁରସ୍ଥିତ ଭାରତୀୟ ପ୍ରବନ୍ଧନ ପ୍ରତିଷ୍ଠାନ ପ୍ରଫେସର ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା, ଅବସରପ୍ରାପ୍ତ ହିନ୍ଦୀ ପ୍ରାଧ୍ୟାପକ ତଥା ଅନୁବାଦକ ପ୍ରଫେସର ଜୟନ୍ତ କରଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରଫେସର କରଶର୍ମା ଭାରତୀୟ ଜ୍ଞାନ ପରମ୍ପରାର ଐତିହାସିକ ବିକାଶକ୍ରମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ସାହୁ ରାମାୟଣ, ମହାଭାରତ, ଭାଗବତରେ ମାନବିକ ମୂଲ୍ୟବୋଧ ଏବଂ ଓଡ଼ିଆ ଭକ୍ତି ସାହିତ୍ୟର ସ୍ୱତନ୍ତ୍ର୍ୟ ଓ ମହତ୍ୱ ରହିଛି ବୋଲି ଛାତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ।

ମୁଖ୍ୟବକ୍ତା ପ୍ରଫେସର ପୃଷେଠ ଓଡ଼ିଶା ମାଟିରେ ଯେଉଁ ସମନ୍ୱୟବାଦୀ ଧର୍ମଧାରା ଜନ୍ମ ନେଇଥିଲା ତାହା ଉଲ୍ଲେଖ କରିଥିଲେ। ଏଥିସହ ପଶ୍ଚିମ ଓଡ଼ିଶାର ଯୋଗିନୀ ଲକ୍ଷ୍ମୀଙ୍କରା ଏବଂ କନ୍ଧକବି ଯୁଗ ଦାସଙ୍କ ଭକ୍ତି ସାହିତ୍ୟ ପରମ୍ପରାକୁ ଅବଦାନ ବିଷୟରେ କହିଥିଲେ। ଅନ୍ତର୍ଜାତୀୟ ସମ୍ପାନର ଆବାହକ ତଥା ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଅଖିଳ ବିଶ୍ୱାଳ ସଂପାନ ଉଦ୍ଦେଶ୍ୟ ଜ୍ଞାପନ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ନିର୍ଦ୍ଦେଶକ ତଥା ହିନ୍ଦୀ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଂପାନ ସଂରଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଙ୍ଗଠନ ସମ୍ପାଦକ ପ୍ରଫେସର ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ ଏବଂ ପ୍ରଫେସର ରମେଶ ଚନ୍ଦ୍ର ମାର୍ଦ୍ଧା ଉତ୍ସବ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ସଂପାନରେ କେରଳ କାଲିକଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଏ. ଅଚ୍ୟୁତନ, କଲୋମ୍ବୋ କେଲେନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଆନନ୍ଦ ଆବେସୁନ୍ଦର ଓ ପ୍ରଫେସର ରତ୍ନାୟକ, ଝାଡଖଣ୍ଡର ପ୍ରଫେସର ଜୟନ୍ତ କଶ୍ୟପ, ରାଞ୍ଚି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଜଙ୍ଗବାହାଦୁର ପାଣ୍ଡେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଗୋପୀନାଥ ବାଗ, ସୁରଜମଲ ମହାବିଦ୍ୟାଳୟ ଅଧକ୍ଷ ଡ. ମନୋଜ କୁମାର ପଣ୍ଡା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଶ୍ୟାମ ଭୋଇ, ଝାରସୁଗୁଡା ମହିଳା ମହାବିଦ୍ୟାଳୟର ଡ. ମୀନା ସୋନୀ, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚକ ସଂପାନରେ ଭାଗ ନେଇଥିଲେ। ଏହାସହିତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଆଗତ ହିନ୍ଦୀ ଏବଂ ଓଡ଼ିଆ ଅଧ୍ୟାପିକା, ଅଧ୍ୟାପକ, ଗବେଷକ, ଛାତ୍ରୀଛାତ୍ରମାନେ ସଂପାନ ଶୀର୍ଷକ ଓ ଉପଶୀର୍ଷକକୁ ନେଇ ୮୫ଟି ଗବେଷଣା ପତ୍ର ଉପସ୍ଥାପନା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଚେୟାରର ପ୍ରାକ୍ତନ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗଦାନ କରି ଜ୍ଞାନ ଓ ଭକ୍ତିର ସମନ୍ୱୟ ଓ ବିରୋଧାଭାସ ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଓ ଓଡ଼ିଆ ବିଭାଗର ଅତିଥି ଅଧ୍ୟାପିକା ରଞ୍ଜିତା ମାଝୀ, ହେମନ୍ତୀ ସାହୁ, ଲୁଚକାନ୍ତି ପ୍ରଧାନ, ନିକିତା ବହିଦାର, ଯୋଗେଶ୍ୱରୀ ରଣା ତଥା ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

**ଉପସ୍ଥାପନା ହେଲା ୮୫ଟି ଗବେଷଣା ପତ୍ର**

## ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ବୈଠକ



ବୈଠକରେ ଉପସ୍ଥିତ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ କର୍ମକର୍ତ୍ତାମାନେ।

ସମ୍ବଲପୁର,୨୯।୩(ବି.ଶଙ୍କର)

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ବୈଠକ ରବିବାର ସମ୍ବଲପୁର ସହର ମହାନ୍ତିପଡାସ୍ଥିତ ବରିଷ୍ଠ ନାଗରିକ ମଙ୍ଗଳ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ମହାସଂଘର ଉପସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଥିବା ଅନେକ ବରିଷ୍ଠ ନାଗରିକ ସଂଘର ସଭ୍ୟମାନଙ୍କ ଉପସ୍ଥିତିରେ ମହାସଂଘର ବାର୍ଷିକ ଉତ୍ସବ ସମ୍ବଲପୁରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟରେ ଆସନ୍ତା ଏପ୍ରିଲ ୧୯ ତାରିଖରେ ପାଳନ କରାଯିବାକୁ ସବସମ୍ମତିକ୍ରମେ ସ୍ଥିରୀକୃତ ହୋଇଛି। ସମ୍ବଲପୁର ବରିଷ୍ଠ ନାଗରିକ ସମାଜର ସଦାନନ୍ଦ ସୋନବର୍ଷା, ହୀରାକୁଦ ବରିଷ୍ଠ ସଂଘ ସୁରେନ୍ଦ୍ର କୁମାର ଚୌବେ, ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସଂଘ ଅନ୍ତର୍ଯ୍ୟାମୀ ପାଣି, ଧନକଉଡ଼ା ବରିଷ୍ଠ ନାଗରିକ ପରିଷଦ ଭକ୍ତ ପ୍ରସାଦ ପଣ୍ଡା, ପ୍ରତ୍ୟୁଷ ଭ୍ରମଣ ସଂଘର ପ୍ରଫୁଲ୍ଲ କୁମାର ପାଢ଼ୀ, ହୀରାଖଣ୍ଡ ବରିଷ୍ଠ ନାଗରିକ ପରିଷଦର ରାମେଶ୍ୱର ପାଢ଼ୀଙ୍କ ସମେତ ବିଭିନ୍ନ ସଂଘ ସଭାପତି ଓ ସଦସ୍ୟମାନଙ୍କର ମତାମତ ଓ ପରାମର୍ଶରେ ବାର୍ଷିକ ଉତ୍ସବ ଆୟୋଜନର ଯୋଜନା ପ୍ରଣୟନ କରାଯାଇଛି। ମହାସଂଘ ସମ୍ପାଦକ ନାରାୟଣ ନାୟକ ଧନ୍ୟବାଦ ଓ ପ୍ରଫେସର ଧନେଶ୍ୱର ମେହେର ସୂଚନା ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## ଯୁବକଙ୍କ ଗଳିତ ମୃତଦେହ ଜବତ

କୁଚିଣ୍ଡା,୨୯।୩(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଧୀନ କେଶାଇବାହାଲ ବିଦେଶୀ ମଦ ଦୋକାନ ନିକଟ ଜଙ୍ଗଲରୁ ପୋଲିସ ଶନିବାର ରାତିରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକ ମହୁଲପାଲି ଥାନା ଯୁରାବାହାଲ ଗ୍ରାମର ଗଣେଷ ମରେଇ(୩୮)। ଏନେଇ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୬)ରୁଜୁ କରି ପୋଲିସ ରବିବାର ମୃତଦେହ କୁଚିଣ୍ଡା ମେଡ଼ିକାଲରେ ବ୍ୟବଚ୍ଛେଦ କରାଇଛି। ଗଣେଷ ଗୁରୁବାର କେଶାଇବାହାଲକୁ କୌଣସି କାମରେ ଯାଇ ଘରକୁ ଫେରି ନ ଥିଲେ। କେଶାଇବାହାଲ ବିଦେଶୀ ମଦ ଦୋକାନରୁ କେନ୍ଦୁମାଲ ରାସ୍ତା ନିକଟ ଜଙ୍ଗଲରେ ଏକ ମୃତଦେହ ପଡ଼ିଥିବା ସୂଚନା ପାଇ ମହୁଲପାଲି ପୋଲିସ ଶନିବାର ରାତିରେ ମୃତଦେହ ଜବତ କରିଥିଲା। କେଉଁ କାରଣରୁ ଯୁବକଙ୍କ ମୃତ୍ୟୁ ହେଲା ସେ ନେଇ ପୋଲିସ ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ କରୁଥିବା ମହୁଲପାଲି ଥାନା ଆଇଆଇସି ଇନ୍ଦ୍ରଦେବ ଓରାମ କହିଛନ୍ତି।

## ଲକ୍ଷ୍ୟ ଧାର୍ଯ୍ୟ କରି ଅଗ୍ରସର ହୁଅ

ପଡିଆବାହାଲ,୨୯।୩(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଡିଆବାହାଲସ୍ଥିତ ମେଗାମାଇଣ୍ଡ ଇଣ୍ଟର ନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ ସଭାରେ ସ୍କୁଲ ଚେୟାରମ୍ୟାନ ସୂର୍ଯ୍ୟକାନ୍ତ ବଡ଼ାଇ, ମ୍ୟାନେଜିଙ୍ଗ ଡାଇରେକ୍ଟର ଈଶ୍ୱର ବିଶାଳ, ଶୁଭେନ୍ଦୁ ଦାସ, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ଅଧ୍ୟାପକ ଯତୀନ୍ଦ୍ର ମୋହନ ପଧାନ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜଲକ୍ଷ୍ୟ ଧାର୍ଯ୍ୟ କରି ଅଗ୍ରସର ହେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସଭାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଟାମ୍ପରକେଲା ଗୌନ୍ତିଆଙ୍କ ପରଲୋକ

ରେଙ୍ଗାଲି,୨୮।୩ (ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଟାମ୍ପରକେଲା ଗାଁର ଗୌନ୍ତିଆ ଦିଲ୍ଲୀପ ବାବୁଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୭ବର୍ଷ ହୋଇଥିଲା। ସେ ସେଣ୍ଟ୍ରାଲ ବ୍ୟାଙ୍କରେ ଚାକିରି କରୁଥିଲେ। ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଦିଲୀପ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ସାଇଶକ୍ତି ବାବୁ ମୁଖାଗ୍ନି ଦେଇଥିଲେ।

## ଏପ୍ରିଲ୍ ୨ରେ ଅଯୋଧ୍ୟା ସରୋବରରେ ନୌକା ଚାଳନା ପ୍ରତିଯୋଗିତା



ଆୟୋଜିତ ଖବରଦାତା ସମ୍ମିଳନୀରେ ବୀର ବଜରଙ୍ଗ ସଂଘ କର୍ମକର୍ତ୍ତାବୃନ୍ଦ।

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ହାଟପଡ଼ାସ୍ଥିତ ମହାନଦୀର ଅଯୋଧ୍ୟା ସରୋବରରେ ଆସନ୍ତା ଏପ୍ରିଲ୍ ୨ ତାରିଖରେ ତୃତୀୟ ମାନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ଥାନୀୟ ବୀର ବଜରଙ୍ଗ ସଂଘ ଏବଂ କୈବର୍ତ୍ତ ସମାଜର ମିଳିତ ଆନୁକୂଲ୍ୟରେ ଆସନ୍ତା ଚୈତ୍ର ପୂର୍ଣ୍ଣିମା ଗୁରୁବାର ଆୟୋଜିତ ହେବାକୁ ଥିବା ଏହି ନୌକା ଚାଳନା ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ୍ ୯୦ଜଣ ପ୍ରତିଯୋଗୀ ଭାଗ ନେବେ। ସ୍ଥାନୀୟ ସାମ୍ବାଦିକ ଭବନରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତାର ପ୍ରସ୍ତୁତି ସମ୍ପର୍କରେ ଏହି ସୂଚନା ଦେଇଛନ୍ତି ସଂଘ ସଭାପତି ଦିଲୀପ ସାହୁ। ସେ କହିଛନ୍ତି, ଏପ୍ରିଲ ୨ ତାରିଖ ଅପରାହ୍ନ ୩ଟାରୁ ମହାନଦୀର ଅଯୋଧ୍ୟା ସରୋବର ଘାଟଠାରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଦୁଇଜଣ ଲେଖାଏ ପ୍ରତିଯୋଗୀ ମୋଟ୍ ୪୫ଟି ନୌକାରେ ନାଉରୀ ଭାବେ ନୌକା ଚାଳନା କରିବେ ବୋଲି ସେ କହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାମାୟଣର କୈବର୍ତ୍ତ ପ୍ରସଙ୍ଗ ଉପରେ ଏକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ବ୍ୟବସ୍ଥା ହୋଇଛି। ଏହି ଅବସରରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୧୧ ହଜାର, ଦ୍ୱିତୀୟ ବିଜେତାଙ୍କୁ ୭୧ଶହ, ତୃତୀୟଙ୍କୁ ୫୧ଶହ ଏବଂ ଚତୁର୍ଥ ସ୍ଥାନ ପାଇଁ ୩୧ଶହ ଟଙ୍କା ସହ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ ଭଳି ଆକର୍ଷଣୀୟ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ଖବରଦାତା ସମ୍ମିଳନୀକୁ ବବଲୁ ବାଗ ସଂଯୋଜନା କରିଥିଲେ। ଏଥିରେ ବୀର ବଜରଙ୍ଗ ସଂଘ ସମ୍ପାଦକ ସୋମନାଥ ସେଠ୍, ରେଫରୀ ଦିଲୀପ ଜେନା, ରାଜା ବରାଳ, କୈବର୍ତ୍ତ ସମାଜର କିରଣ ସେଠ୍ ଉପସ୍ଥିତ ଥିଲେ।

**ଭାଗ ନେବେ ୯୦ ପ୍ରତିଯୋଗୀ**

## ଅଂଶୁପ୍ରିୟା ସୁରଜାଲ ଶିକ୍ଷା କେନ୍ଦ୍ରରେ ସମ୍ମାନ ସମାରୋହ

ସମ୍ବଲପୁର,୨୯।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଆମ୍ବେଦକର ନଗରସ୍ଥିତ ଅଂଶୁପ୍ରିୟା ସୁରଜାଲ ନିଃଶୁଳ୍କ ଶିକ୍ଷାକେନ୍ଦ୍ରରେ ରବିବାର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ୩ଛାତ୍ରୀଛାତ୍ର ଚଳିତବର୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚୟନ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନ କାର୍ଯ୍ୟକ୍ରମରେ ବି.ଏସ.ଭୋଇ, ସାମାଜିକ କର୍ମୀ ମାନସ ପୁରୋହିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଂଶୁପ୍ରିୟା ଶିକ୍ଷା ସମ୍ପାଦକ ମଧୁରାଜ ନାୟକ ପରିଚାଳନା କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ଅରୁଣ ସୁରଜାଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବସ୍ତିଅଞ୍ଚଳରେ ଶିକ୍ଷାର ଆଲୋକ ପହଞ୍ଚାଇବା ପାଇଁ କରାଯାଉଥିବା ଚେଷ୍ଟା ବିଷୟରେ ଅତିଥିମାନେ ପ୍ରଶଂସା କରିଥିଲେ। ଏହାସହ ଶିକ୍ଷାକେନ୍ଦ୍ରରେ ହୋଇଥିବା ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାକେନ୍ଦ୍ର ଶିକ୍ଷକ ବିଭୂତି ରଞ୍ଜିତ, ଆୟୁଶ ସୁରଜାଲ, ଅନିକେଶ ସୁରଜାଲ, ପଦୁ ସୁରଜାଲ, କଳା ଶିକ୍ଷକ ସୁଶାନ୍ତ ଗର୍ଡିଆ, ନୃତ୍ୟ ଶିକ୍ଷକ ପ୍ରଭାତ ବେସନ ପ୍ରମୁଖଙ୍କୁ ମଧ୍ୟ ସେମାନଙ୍କ ଯୋଗଦାନ୍ କୁ ପାଇଁ ସମ୍ମାନୀତ କରାଯାଇଥିଲା। ଶେଷରେ ଯୁରନ୍ଦା ରାଜହଂସ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକକଥା, ଜନମାନସରେ କୁଦୋପାଲି ଆଜି ବି ଜୀବିତ




ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)

**ଜିଏମ୍‌ୟୁରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ**

ଆଜି ବି ଲୋକକଥା ଓ ଜନମାନସରେ କୁଦୋପାଲିର ବୀରତ୍ୱ ଜୀବିତ ରହିଛି। ଅତୀତର ଇତିହାସ ପୁନଃନିର୍ମାଣରେ ମୌଖିକ ପରମ୍ପରାର ଭୂମିକା ଅନନ୍ୟ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ଦୁଇଦିନ ଧରି ଚାଲିଥିବା ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ଐତିହାସିକ ଗବେଷଣା ପରିଷଦ(ଆଇସିଏଚ୍ଆର୍), ନୂଆଦିଲ୍ଲୀ ସଦସ୍ୟ ପ୍ରଫେସର ହରିହର ପଣ୍ଡା ଏହା କହିଛନ୍ତି। ଉଦ୍‌ଯାପନୀ ଦିବସରେ 'ପଶ୍ଚିମ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ: ପରମ୍ପରା ଜ୍ଞାନ ପ୍ରଣାଳୀରୁ ଅର୍ନ୍ତଦୃଷ୍ଟି' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତବ୍ୟ ରଖି ସେ କୁଦୋପାଲି ସଂଗ୍ରାମର ଅନେକ ଅନାବିଷ୍କୃତ ଦିଗ ଉପରେ ଆଲୋକପାତ କରି କହିଥିଲେ, ପଶ୍ଚିମ ଓଡ଼ିଶା ହେଉଛି ପ୍ରାଚୀନ ସଂସ୍କୃତି ଓ ସଭ୍ୟତାର ଏକ ସମୃଦ୍ଧ ଗନ୍ତାଘର। ବିଶେଷକରି ଉପର ମହାନଦୀ ଉପତ୍ୟକାର ଐତିହ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଐତିହାସିକ ଗବେଷଣା ପରିଷଦ ନୂଆଦିଲ୍ଲୀ ସହଯୋଗରେ ଜିଏମ୍‌ୟୁ ଇତିହାସ ବିଭାଗ ଓ ଓଡ଼ିଶା ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଆୟୋଜିତ ଆୟୋଜିତ ହୋଇଥିଲା। ସମ୍ମାନୀତ ଅତିଥି ପ୍ରଫେସର ପତିତ ପାବନ ମିଶ୍ର ଆଞ୍ଚଳିକ ଇତିହାସର ଉନ୍ମୋଚନ ପାଇଁ ନିରନ୍ତର ଗବେଷଣାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ଓଡ଼ିଶା ସମେତ ଛତିଶଗଡ଼, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ବହୁ ଶିକ୍ଷାବିତ, ବିଦ୍ୱାନ, ଗବେଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିନରେ ବିଭିନ୍ନ ବୈଷୟିକ ଅଧିବେଶନରେ ପ୍ରାୟ ୧୫ଟି ଗବେଷଣା ପତ୍ର ଉପସ୍ଥାପନ କରାଯାଇଥିଲା। ପ୍ରାରମ୍ଭରେ ଆଲୋଚନାଚକ୍ର ଆୟୋଜନ କମିଟି ସଂଯୋଜକ ଡ. ଅତୁଲ କୁମାର ପ୍ରଧାନ ସ୍ୱାଗତ ଅଭିଭାଷଣ ଦେବା ସହ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସହସଂଯୋଜିକା ଡ. ସସ୍ମିତା ରାଣୀ ଶାସିନୀ ଶୈକ୍ଷିକ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। ଅଧ୍ୟାପିକା ଅଞ୍ଜଳି ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ ଖେଳାଳି ଚୟନ

ସମ୍ବଲପୁର,୨୯।୩(ବି.ଶଙ୍କର)

ସମ୍ବଲପୁର କଡାଡି ପ୍ରିମିୟର ଲିଗ ଖେଳାଳି ଚୟନ ଶିବିର ରବିବାର ସ୍ଥାନୀୟ ଗଙ୍ଗାଧର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସମ୍ବଲପୁର କଡାଡି ପ୍ରିମିୟର ଲିଗ ସଭାପତି ସିଦ୍ଧାର୍ଥ ଶାହାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୨୫୦ ଖେଳାଳି ଭାଗ ନେଇଥିଲେ। ସମ୍ବଲପୁର ଜିଲାର ୧୫୦, ବରଗଡ଼, ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ଦେବଗଡ଼, ଅନଭୋଳ, ରାୟଗଡା, ସୁବର୍ଣ୍ଣପୁର, ବ୍ରଜରାଜନଗର ଅଞ୍ଚଳରୁ ୧୦୦ ଜଣ ସାମିଲ ଥିଲେ। ଏଥିରେ ମୋଟ ୧୮୦ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଆସନ୍ତା ଏପ୍ରିଲ ୫ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଖେଳାଳିଙ୍କ ମୂଲ୍ୟ ନିର୍ଦ୍ଧାରିତ ହେବ। ଖେଳାଳି ଚୟନ କମିଟି ଜାତୀୟ କବାଡି ଖେଳାଳି ରାଜେଶ ସେଠ, ଉମାପତି ତ୍ରିପାଠୀ, ଭଜନ ତରିଆ, ସୁମନ୍ତ ବାଗ, ଇନ୍ଦ୍ରିଜିତ ବାଗ, ସଞ୍ଜିବ ସେଠ, ଜଗନ୍ନାଥ ଜେନା ରହିଥିଲେ। ଭାଜପା ନେତା ସୁଧିର ବହିଦାର, ଦୀପକ ବରାଳ ଏବଂ ବ୍ରହ୍ମାନନ୍ଦ ରାଉତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ ଯେ, ଆସନ୍ତା ଏପ୍ରିଲ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଗଙ୍ଗାଧର ମୁକ୍ତ ମଣ୍ଡପ ସ୍ଥିତ ପଡିଆରେ କବାଡି ପ୍ରତିଯୋଗିତା ହେବାକୁ ସ୍ଥିର ହୋଇଛି ।

**ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୨୫୦ ଖେଳାଳି ସାମିଲ**



ସମ୍ବଲପୁର କବାଡି ପ୍ରିମିୟର ଲିଗ ପାଇଁ ଚୟନ ଶିବିରରେ ଖେଳାଳିମାନେ।

## ସାହିତ୍ୟ ସମୃଦ୍ଧ ହେଲେ ସମାଜ ବିକଶିତ ହେବ

ସମ୍ବଲପୁର,୨୯।୩(ବି.ଶଙ୍କର)




ବାର୍ଷିକ ସମ୍ମିଳନୀରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

**ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶା ରାଜ୍ୟ ଶାଖା ବାର୍ଷିକ ସମ୍ମିଳନୀ**

ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶା ରାଜ୍ୟ ଶାଖାର ୩ୟ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ ଓ କବିତା ପାଠୋତ୍ସବ ରବିବାର ସ୍ଥାନୀୟ ପାଲ୍ଥ ନିବାସଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଚୟନ କମିଟି ସଦସ୍ୟ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ସ୍ୱତନ୍ତ୍ର ଅତିଥି, ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ମୁରଲୀଧର ନାୟକ ମୁଖ୍ୟ ଅତିଥି, ବ୍ୟଙ୍ଗଶ୍ରୀ କବି ଗଦାଧର ନିଆଲ ମୁଖ୍ୟବକ୍ତା, ଡ. ସୁଶିଲ କୁମାର ବେହେରା, କବି ଡ. ଟିକି ବାବା, ଶିକ୍ଷାବିତ୍ କୈଳାସ ମହାରଣା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟର କୌଣସି ଜାତି ନଥାଏ । ସାହିତ୍ୟ ଏକ ମାନବବାଦ ଅଟେ । ତେଣୁ ସାହିତ୍ୟ ସମୃଦ୍ଧ ହେଲେ ଦେଶ ଓ ସମାଜ ବିକଶିତ ହେବ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ରାଜ୍ୟ ସଭାପତି ନିହାଲ ସିଂ ସଭାପତିତ୍ୱ କରିଥିବା ବେଳେ ଆକାଶବାଣୀର ସ୍ୱକୃତିପ୍ରାପ୍ତ ସଙ୍ଗୀତକାର ଶିବଶଙ୍କର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଡ. ଶିବପ୍ରସାଦ ସାହୁ, ସାହିତ୍ୟ କ୍ଷେତ୍ରରେ ଅପରାଜିତା ବେସନ, ଲୋକକଳା ଓ ସଂସ୍କୃତି କ୍ଷେତ୍ରରେ ପଙ୍କଜ ଜାଲ ଏବଂ ସମାଜସେବା କ୍ଷେତ୍ରରେ ପବିତ୍ର ଦେହୁରୀ, ଡ. ମୁରଲୀଧର ମହାନନ୍ଦ, ଅଜୟ କୁମ୍ଭାର, ମୀନା ତାଣ୍ଡିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା । ରାଜ୍ୟ ଉପସଭାପତି ମମୀନା ଖାତୁନ, ସମ୍ପାଦକ ଏସ.କେ. ଇନ୍ତିଖାପ, ଜିଲା ସଭାପତି କର୍ମରାଜ ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ସୁଦର୍ଶନ ଦୀପ, ଗଣମାଧ୍ୟମ ସମ୍ପାଦକ ଜଗନ୍ନାଥ କୁମ୍ଭାର, ସମ୍ପାଦକ ପରମେଶ୍ୱର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଏସ ମୁଖାର୍ଜି, ଯମୁନା ଶିକା, ସୁନନ୍ୟା ନାୟକ, ଶିବପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩୦/୨୦୨୬ | Bhubaneswar, Monday, March 30/2026 | ପୃଷ୍ଠା-୩



ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଆୟୋଜିତ ଲୋକ ଅଧିକାର ସମାବେଶ। **(ଫଟୋ: ମନୋରଞ୍ଜନ ମିଶ୍ର)**

# ପୋଲିସର ଚିନ୍ତା ବଢ଼ାଇଲେ ୯ ମାଓବାଦୀ

## ମାଓବାଦୀମୁକ୍ତ ଡେଡ୍‌ଲାଇନ୍‌କୁ ଆଉ ଦିନେ

### ଶୁକ୍ରୁଙ୍କ ପରେ ମଙ୍ଗ ଧରିଛନ୍ତି ଛତିଶଗଡ଼ର ରାଜୁ

ଭୁବନେଶ୍ୱର/ଫୁଲବାଣୀ,୨୯।୩ (ତ୍ରିନାଥ ମହାନ୍ତି)/ରାକେଶ କୁମାର ରାଉତ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଇଥିବା ମାଓବାଦୀମୁକ୍ତ ଟାର୍ଗେଟ ସମୟ ମାର୍ଚ୍ଚ ୩୧କୁ ଆଉ ଗୋଟିଏ ଦିନ ରହିଛି। ହେଲେ ଏବେବି କନ୍ଧମାଳରେ ୮/୯ଜଣ ମାଓବାଦୀ ଲୁଚି ବୁଲୁଥିବାରୁ ଓଡ଼ିଶା ପୋଲିସର ଚିନ୍ତା ବଢ଼ିଛି। ଟପ୍ କ୍ୟାଡର ମାଓବାଦୀ କୁହାଯାଉଥିବା ଶୁକ୍ରୁଙ୍କ ଆତ୍ମସମର୍ପଣ ପରେ ଶେଷ ସଙ୍ଗଠନ ଭାଙ୍ଗିଯିବ ଓ ତାଙ୍କ ସହ ଥିବା ସମସ୍ତ ମାଓବାଦୀ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବେ ବୋଲି ପୋଲିସ ଆଶା ରଖିଥିଲା। ଖୋଦ୍ ପୋଲିସ ଡିଜି ୱାଇ.ବି. ଖୁରାନିଆ ମଧ୍ୟ ବାରମ୍ବାର କହୁଥିଲେ, ଶୁକ୍ରୁଙ୍କୁ ଏନ୍‌କାଉଣ୍ଟର କିମ୍ବା ସେ ଆତ୍ମସମର୍ପଣ କରିବା ପରେ ଓଡ଼ିଶା ମାଓବାଦୀମୁକ୍ତ ହୋଇଯିବ ଓ ଆଣ୍ଟି ମାଓବାଦୀ ଅପରେଶନ ଶେଷ ହେବ। କିନ୍ତୁ ଇତିମଧ୍ୟରେ ଶୁକ୍ରୁ ଓ ତାଙ୍କ ସହଯୋଗୀ ଆତ୍ମସମର୍ପଣ କରିଥିଲେ ମଧ୍ୟ ଅନ୍ୟ ସହଯୋଗୀମାନେ ଆସୁନାହାନ୍ତି। ଏପରିକି ଶୁକ୍ରୁଙ୍କ ମାଧ୍ୟମରେ ମଧ୍ୟ ପୋଲିସ ସେମାନଙ୍କୁ ଆତ୍ମସମର୍ପଣ ପାଇଁ ଚାପ ପକାଇଥିଲା। ☞ପୃଷ୍ଠା-୭

# ଭିମ୍‌ସାରରେ ପିଜି ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

- ଚିକିତ୍ସା ପାଇଁ ଆଇସିୟୁରେ ଭର୍ତ୍ତି
- ଏଚ୍‌ଓଡିଙ୍କ ନିର୍ଯାତନା ଅଭିଯୋଗ ନେଇ ଚର୍ଚ୍ଚା

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମ୍‌ସାର)ର ଜଣେ ପିଜି ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି। ବର୍ତ୍ତମାନ ସେ ଭିମ୍‌ସାରର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ହେଉଛନ୍ତି ଭିମ୍‌ସାର ଶିଶୁରୋଗ ବିଭାଗ ପ୍ରଥମ ବର୍ଷର ପିଜି ଛାତ୍ରୀ ନୀହାର ନଳିନୀ ମେହେର(୨୬)। ଶନିବାର ସକାଳେ ସେ କେତୋଟି ନିଶାବଟିକା ଖାଇ ଦେଇଥିଲେ। ଇମରଜେନ୍ସି ଡ୍ୟୁଟି ଓ ଅନ୍ୟାନ୍ୟ କାର୍ଯ୍ୟକୁ ନେଇ ସେ ମାନସିକ ଚାପରେ ଥିଲେ। ଏହାସାଙ୍ଗକୁ ବିଭାଗୀୟ ମୁଖ୍ୟଙ୍କ ମାନସିକ ନିର୍ଯାତନାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ଜୋର୍ ଧରିଛି। ତେବେ ଭିମ୍‌ସାରର ଅଧୀକ୍ଷକ ତଥା ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ଲାଲମୋହନ ନାୟକ କହିଛନ୍ତି, ଛାତ୍ରୀଜଣଙ୍କ ସୁସ୍ଥ ହେବା ପରେ ତାଙ୍କୁ ପଚରାଉଚରା କରାଯିବ। ଅଭିଯୋଗର ସତ୍ୟାସତ୍ୟ ଅନୁସାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାୟ ମାସେ ତଳେ ସେ ଶିଶୁରୋଗ ବିଭାଗରେ ଯୋଗଦେଇଥିଲେ। ଛାତ୍ରୀଙ୍କ ସ୍ୱାମୀ ମଧ୍ୟ ଜଣେ ଡାକ୍ତର ଏବଂ ସେ କଟକ ଏସ୍‌ସିବିରେ ନ୍ୟୁରୋ ସର୍ଜରିରେ ପିଜି କରୁଛନ୍ତି।




# ଆଜି ସ୍ୱାସ୍ଥ୍ୟବିଭାଗର ଖର୍ଚ୍ଚ ଦାବି ଆଲୋଚନା

## ଆସିବ ଗିଲୋଟିନ୍, ପାରିତ ହେବ ୨୨ ବିଭାଗର ଖର୍ଚ୍ଚଦାବି

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷର ବଜେଟ ପାଇଁ ସୋମବାର ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଛି। କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ଗୃହ ଗତ ୮ଦିନ ଧରି ଚାଲିପାରିନାହିଁ। ବିରୋଧୀ ବିଜେଡି, କଂଗ୍ରେସ ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରି ରହିଛନ୍ତି। କେତେବେଳେ କୋକେଇ ଶୋଭାଯାତ୍ରା ତ ଆଉ କେତେବେଳେ କଳାପୋଷାକ ପରିଧାନ ଏବଂ ଏସ୍‌ସିବି ଅଗ୍ନିକାଣ୍ଡର ମୃତକଙ୍କ ଲାଗି ଏକାଦଶାହ ପାଳନ ଭଳି ଅଭିନବ ପ୍ରତିବାଦ କରି ଗୃହ ହୁଲସ୍ଥୁଲ କରୁଛନ୍ତି। ବିନା ବିରୋଧୀରେ ଗୃହ, ସାଧାରଣ ପ୍ରଶାସନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେଉଛି ଏବଂ ପାରିତ ହେଉଛି। ଏହିପରିପ୍ରେକ୍ଷୀରେ ସୋମବାର ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଥିବାବେଳେ ବିଜେଡି, କଂଗ୍ରେସ ସମେତ ବିରୋଧୀଦଳ ପକ୍ଷରୁ ସମ୍ମିଳିତ ଆନ୍ଦୋଳନ ଗାନ୍ଧୀମାର୍ଗରେ ହେବାକୁ ଡାକରା ଦିଆଯାଇଛି। ଆସନ୍ତାକାଲି ବିରୋଧୀଙ୍କ ବିରୋଧ ଏବଂ ସରକାରଙ୍କ ମୁକାବିଲା କିଭଳି ହେଉଛି ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି।

ଅନ୍ୟପକ୍ଷରେ ୨୨ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇପାରିନାହିଁ। ରାଜ୍ୟ ସଭା ନିର୍ବାଚନ, ଅଶୋକାଷ୍ଟମୀ ଓ ବିଧାନସଭାର କାର୍ଯ୍ୟସୂଚୀରେ ନ ଥିବା ଭଳି ଅନ୍ୟାନ୍ୟ କାରଣରୁ ପାରିତ ହୋଇପାରି ନ ଥିବା ସମସ୍ତ ବିଭାଗର ଖର୍ଚ୍ଚ ଦାବି ସୋମବାର ଗିଲୋଟିନ୍‌ରେ ପାରିତ ହେବାକୁ ରହିଛି। ବିଧାନସଭାର ସୂଚନା ଅନୁଯାୟୀ, ରାଜ୍ୟ ସଭା ନିର୍ବାଚନ ଲାଗି ମାର୍ଚ୍ଚ ୧୬ ତାରିଖ ଗୃହ କାର୍ଯ୍ୟ ହୋଇ ନ ଥିଲା। ସେଦିନର ଉଚ୍ଚଶିକ୍ଷା, ଗଣଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନାକୁ ମାର୍ଚ୍ଚ ୩୦ ତାରିଖ ଗିଲୋଟିନରେ ☞ପୃଷ୍ଠା-୭



# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତା ସଂକ୍ରାନ୍ତୀୟ କର୍ମଶାଳା, ସ୍ଥାନ: ମେନ୍ ଅଡିଟୋରିୟମ, ଏମ୍ସ, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ, ଏକାମ୍ର ସାହିତ୍ୟ ସଂସଦ ମିଳିତ ସହଯୋଗରେ ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଜଳବାୟୁ ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ପିପୁଲ ପଦ୍ମଜା ପ୍ରିମିୟମ ହୋଟେଲ ଆଣ୍ଡ୍ କନଭେନଶନ, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଓଡ଼ିଆ ପକ୍ଷ-୨୦୨୬' ସମ୍ବନ୍ଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୧୪ତମ ଆଲୋଚନାଚକ୍ର ଓ ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ଅପରାହ୍ନ ୫ଟା ୪୫।
- ସାଇବିନାୟକ ଶିଶୁ ମନ୍ଦିରର ୭ମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଶିଶୁ ମନ୍ଦିର ପରିସର, ଗୋବିନ୍ଦପ୍ରସାଦ, ବମିଖାଲ, ସମୟ: ସନ୍ଧ୍ୟା ୬ଟା।
- ପୂର୍ବ ରଙ୍ଗ ଜାତୀୟ ନାଟକ ଉତ୍ସବରେ 'ଜିସ୍ ଲାହୋର ନହିଁ ଦେଖାହେ ଓ ଜନ୍ମାହି ନହିଁ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ପାଠାଗାର ଆଧୁନିକୀକରଣ ଓ ଡିଜିଟାଇଜେଶନ୍‌ର ଉଦ୍‌ଘାଟନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ଅପରାହ୍ନ ୧ଟା ୩୦।
- କଟକ ବୈଶାଖୀ ବାଣିଜ୍ୟ ମେଳାର ପଞ୍ଚମ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

### ବାଲେଶ୍ୱର

- ରାମ-ଶଙ୍କରଙ୍କ ପ୍ରତିଷ୍ଠାର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ୪୫ତମ କଳିନାଶନ ଯଜ୍ଞ, ସ୍ଥାନ:ନହରପାଟଣା ବାରୁଣୀ ପଡ଼ିଆ, ବାଲେଶ୍ୱର,ସମୟ:ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ:ବ୍ଲକ ସମ୍ମିଳନୀ କକ୍ଷ, ସିମୁଳିଆ,ସମୟ:ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ପ୍ରଶିକ୍ଷଣ ଉତ୍ସବ, ସ୍ଥାନ:ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର,ସମୟ:ପୂର୍ବାହ୍ନ ୧୧ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ଖାଦ୍ୟ ବଣ୍ଟନ,ସ୍ଥାନ:ମିଶନ ପଡ଼ିଆ, ବାଲେଶ୍ୱର,ସମୟ: ମଧ୍ୟାହ୍ନ ୧୨ଟା।
- ୫ମ ବାର୍ଷିକ ସହଜପଦା ମହୋତ୍ସବ, ସ୍ଥାନ:ସହଜପଦା, ସିମୁଳିଆ, ସମୟ:ସନ୍ଧ୍ୟା ୬ଟା।

### ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଖବରଦାତା ମଦନ ମୋହନ ଦାସଙ୍କ ସ୍ମୃତିସଭା, ସ୍ଥାନ: କାଞ୍ଚିଆପାଳ, ଖଡ଼ିପଦା, ଧାମନଗର, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦେହୁଡ଼ି ଆନନ୍ଦପୁର, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ମହାଯଜ୍ଞର ପୂର୍ଣ୍ଣାହୁତି ଓ ରାବଣ ପୋଡ଼ି, ସ୍ଥାନ: ଧାମନଗର ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଶାଳ ନଗର ସଙ୍କୀର୍ତ୍ତନ, ସ୍ଥାନ: ଧାମନଗର, ସମୟ: ସନ୍ଧ୍ୟା ୭ଟା।

### ମୟୂରଭଞ୍ଜ

- ଆର୍‌କେ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ଶିଶୁମନ୍ଦିରର ବାର୍ଷିକୋତ୍ସବ,ସ୍ଥାନ: ଡିହିରାକୁଳ ବିଦ୍ୟାଳୟ ପରିସର, ଉଦଳା, ସମୟ: ଅପରାହ୍ନ ୪ଟା୩୦।
- ପ୍ରବଚନ ସମାରୋହ, ସ୍ଥାନ:ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା,ସମୟ:ସନ୍ଧ୍ୟା ୭ଟା।

### ବ୍ରହ୍ମପୁର

- ଉପଡାକଘର ଉଦଘାଟନ, ସ୍ଥାନ: ମେଡିକାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: କୋଟିନଡ଼ା ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ : ବଡଖୋଲି ଗ୍ରାମପଞ୍ଚାୟତ, ଆସିକା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ଅରଖପୁର ପଞ୍ଚାୟତ କାର୍ଯ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

### ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନାଟକ 'ଢୋଲିଆ', ସ୍ଥାନ: ଆର୍ଟ ଏଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।
- ଜିଲା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଓକିଲ ସଂଘ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୧ଟା।
- ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।

### ସମ୍ବଲପୁର

- ମା' କାମାକ୍ଷା ଦେବୀଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ସକାଳ ୯ଟା ୩୦।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଯୁଯୁମୁରା, ସମୟ : ପୂର୍ବାହ୍ନ ୧୦ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ, ଜୈବିକ, ଉଦ୍ଭିଦ ବିଜ୍ଞାନ ଓ ଆଇଏସଟି ବିଭାଗର ମିଳିତ ଆୟୋଜନରେ ଛତୁ ଚାଷ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ : ପୂର୍ବାହ୍ନ ୧୦ଟା।
- ରାମ ନବମୀ କମିଟି ପକ୍ଷରୁ ୭୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ରାମଲୀଳା ଉତ୍ସବ, ସ୍ଥାନ : ଠେମରା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- କୁଚିଣ୍ଡା ଗୁଦଗୁଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କୁଚିଣ୍ଡା କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

### ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲୋଇସିଂହା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ରାଉରକେଲା

- ଡାମିଟ୍ସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସିଡବ୍ଲୁଏସ୍ ହସ୍ପିଟାଲ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଦିବସ ପାଇଁ ପ୍ରତିଯୋଗିତା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ:ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ଆର୍ଟ୍ସ କର୍ମଶାଳା, ସ୍ଥାନ: ଗୋପବନ୍ଧୁପାଠାଗାର, ସମୟ: ସକାଳ ୮ଟା।
- ନୂତନ ଗ୍ରାମ ନ୍ୟାୟାଳୟ ଉଦ୍‌ଘାଟନୀ ସମାରୋହ, ସ୍ଥାନ:ବିଶ୍ରା ଥାନା ନିକଟସ୍ଥ, ସମୟ:ସକାଳ ୯ଟା।
- ସାହିତ୍ୟ ଆଲୋଚନା ଚକ୍ର, ସ୍ଥାନ:ରାଉରକେଲା କଲେଜ, ସମୟ:ପୂର୍ବାହ୍ନ ୧୦ଟା।

### ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ,ସ୍ଥାନ:ବାଲିଶଙ୍କରା ବ୍ଲକ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।

### ବରଗଡ଼

- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଣାପ୍ରତିଷ୍ଠା ଉତ୍ସବ, ସ୍ଥାନ:ବିଜାଢୋଲ, ଝାରବନ୍ଧ, ସମୟ:ସକାଳ ୯ଟା।
- ବୁଢାରଜା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଯୋଗୀମଠ, ଗାଇସିଲେଟ,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରପାଲି, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ବାବାମଠ(ମାଲିପାଲି), ଗାଇସୀମା, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସାଧକ ଡଃ ମାନଭଞ୍ଜନ ପ୍ରଧାନଙ୍କ ଜୟନ୍ତୀ, ସ୍ଥାନ: ଲୁ ନାଟକ ଆଶ୍ରମ, ମହୁଲପାଲି, ପଦ୍ମପୁର,ସମୟ:ପୂର୍ବାହ୍ନ ୧୦ଟା।
- ପେହେଚାନ ଇଂଲିସ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବହୁଜନ ସମାଜ ପାର୍ଟି ପକ୍ଷରୁ ଆନ୍ଦୋଳନ, ସ୍ଥାନ: ଲାଞ୍ଜିଗଡ଼ ବେଦାନ୍ତ କାରଖାନା ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା।

### ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଖୁଣ୍ଟିଗୋରା, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ଗଡଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ଚତୁର୍ଥ ଦିବସରେ ନାଟକ ସୀତା ଚୋରି, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର, ମାରୁତି ମଣ୍ଡପ, ବୌଦ୍ଧ, ସମୟ: ରାତ୍ର ୯ଟା।

### ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ ମଧ୍ୟପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ରାମନବମୀ ଉପଲକ୍ଷେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବରଘାଟ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଗବର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉର୍ଲେ ରାମଲୀଳାରେ ସୀତା ବିବାହ, ସ୍ଥାନ: ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ଚତୁର୍ଥ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ଚତୁର୍ଥ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଖଇରମାଲ,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।
- ଶ୍ରୀରାମ ଲୀଳା ନାଟକ ରାମ ବନବାସ ପରିବେଷଣ, ସ୍ଥାନ:ଯୁବରାଜପୁର ,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।
- ଡୁଲେଶ୍ୱର ଶ୍ରୀରାମ ଲୀଳାରେ ରାମ ବନବାସ ପରିବେଷଣ, ସ୍ଥାନ : ଡୁଲେଶ୍ୱର,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।
- ଶ୍ରୀରାମ ଲୀଳା ନାଟକ, ସ୍ଥାନ: ଅଡ଼ାଲ, ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।

### ନୂଆପଡ଼ା

- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ବଡଦୋହେଲ ଗାଁ, ସମୟ: ସକାଳ ୭ଟା ୪୫।
- ଚବିଶ ପ୍ରହର ଅଖଣ୍ଡ ନାମ ପୂର୍ଣ୍ଣାହୂତି, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି, ସମୟ: ସକାଳ ୯ଟା ୧୫।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ କରଣବାହାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ୩ୟ ଜେପି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ବିଶୋରା ଗାଁ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସକାଳୁ ବନ୍ଧୁଙ୍କ ମାଧ୍ୟମରେ ଶୁଭଖବର ପାଇ ଖୁସି ହେବେ। ଟେନ୍ସନ କାରଣରୁ ଆଜି କୌଣସି କାମ କରିବାକୁ ଆଦୌ ଇଚ୍ଛା ହେବନାହିଁ। ପଡ଼ୋଶୀଙ୍କ ସହାୟତାରେ ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ଆନୁଷ୍ଠାନିକ କାମ କିମ୍ବା ନିର୍ମାଣ କାମ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ପୁରାତନ ରୋଗରେ କଷ୍ଟ ଅନୁଭବ କରିପାରନ୍ତି। ଆଇନ ଓ ଗଣତନ୍ତ୍ରର ପ୍ରତୀକ ଶନି ସଂଗଠନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ସୁଫଳ ପ୍ରଦାନ କରିବେ। ପ୍ରତିବନ୍ଧକ ଦୂରେଇଯିବା ସହ ଶିଳ୍ପ , ବାଣିଜ୍ୟ ଓ ପରିବହନ ସକାଶେ ଦିନଟି ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବା ସହ ଅଭିଳଷିତ କାର୍ଯ୍ୟ ହାସଲ କରିପାରିବେ।

**ମିଥୁନ** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିକୁ ସଜାଡି ନେବେ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, କଦାପି ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡୋଶୀମାନଙ୍କ ସହ ଆଲୋଚନା ଫଳପ୍ରଦ ହେବ। କଳା,ସାହିତ୍ୟ ଓ କ୍ରୀଡ଼ା ମନୋରଞ୍ଜନ ପ୍ରୀତିପ୍ରଦ ହେବା ସହ ନିର୍ମାଣାଧୀନ କାମ ଓ ଆନୁଷ୍ଠାନିକ କ୍ଷେତ୍ରରେ ଅଗ୍ରଗତି ଘଟିବ।

**କର୍କଟ** ଦିନଟି ବହୁତ ବଢିଆ, ଯାହା ଆଶା କରୁଛନ୍ତି ତାହା ଅବଶ୍ୟ ସମ୍ପନ୍ନ ହୋଇପାରିବ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବା ସକାଶେ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମୟିକ ମତାନ୍ତରର ଆଶଙ୍କା ରହିଛି।

**ସିଂହ** ପ୍ରତ୍ୟେକ କାମ ସଂଘର୍ଷ ଓ ସମସ୍ୟା ମଧ୍ୟ ଦେଇ ହାସଲ କରିବେ। ବିଶେଷ କାମରେ ହଠାତ୍ ବାହାରକୁ ଯିବାକୁ ପଡିପାରେ। ଏଣେ ପରିବାରରେ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତଭେଦର ଆଶଙ୍କା ରହିଛି। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** ବିଶେଷ ଅସୁବିଧା ନ ହେଲେ ମଧ୍ୟ ନିଜଲୋକଙ୍କ ବିରୁଦ୍ଧାଚରଣ ବେଶି ବାଧିବ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତିତ ରହିଛନ୍ତି, ସେଥିରେ ସଫଳତା ପାଇବେ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ। କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ଭାବପ୍ରବଣବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ତୁଳା** ଶୁଭଗ୍ରହଙ୍କ ସୁଫଳ ପ୍ରଭାବରୁ ଅର୍ଥନୈତିକ, ସାମାଜିକ, ବୈଷୟିକ ସୁଖ ସୁବିଧାର ଅଭାବ ରହିବ ନାହିଁ। ଆଜି ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ ଓ ପ୍ରଶଂସା ଲାଭ କରିବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମିତ ହେବେ। ଉଚ୍ଚାରୋହୀ ରବିଙ୍କ ପ୍ରଭାବରୁ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା** ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡିବେ। ସବୁ ସମୟରେ ଅଯଥା କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସାମାଜିକ, ରାଜନୈତିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ।

**ଧନୁ** ଚନ୍ଦ୍ରଙ୍କ ପ୍ରଭାବରେ ମନରେ ଯାହା ଥାଉନା କାହିଁକି ଉପରେ ହସି କଥା କହି ପ୍ରିୟଭାଜନ ହେବେ। ପଡୋଶୀଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ମକର** ଚନ୍ଦ୍ର ଓ ଶୁକ୍ରଙ୍କ ସ୍ଥିତିରୁ ମାନସିକ ଅସ୍ଥିରତା କ୍ରମଶଃ ଦୂରେଇଯାଇ ମୁହଁରେ ହସ ଫୁଟି ଉଠିବ। ଆଗାମୀ ଆଶା ଓ ଭରସାକୁ ନେଇ ବିଭିନ୍ନ ପ୍ରକାର କଳ୍ପନାଜଳ୍ପନା କରିପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚୁବା ଅଦଳବଦଳ ହୋଇଯାଇପାରେ। ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ।

**କୁମ୍ଭ** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଦ୍ୱିତୀୟସ୍ଥ ରବି ପାରିବାରିକ ସମସ୍ୟା କିମ୍ବା କଳହ ସାଙ୍ଗକୁ ଧନହାନି ଘଟାଇପାରେ। ସମସ୍ୟା ବଢ଼ିବାରୁ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଯୋଗାଯୋଗ କଲେ କେତେମାତ୍ରାରେ ଉପକୃତ ହୋଇପାରନ୍ତି।

**ମୀନ** ଦ୍ୱାଦଶାଧିପ ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସହ ଦୂର ଯାତ୍ରା କରିପାରନ୍ତି। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି, ପ୍ରଶାସନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ। ପାରିବାରିକ, ଅର୍ଥନୈତିକ ଓ ବନ୍ଧୁ ସମ୍ପର୍କ ମଧ୍ୟ ଉଣା ହେବନାହିଁ।

ଆଜି ମାର୍ଚ୍ଚ ୩୦ ତାରିଖ, ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ସୋମବାର। ଶ୍ରୀମନ୍ଦିରରେ ଶ୍ରୀରାମ ବନବାସ ଓ କନ୍ଦର୍ପାଧିବାସ, ରାଶିନକ୍ଷତ୍ର-ମଘା/ସିଂହ, ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୫ ଗତେ, ଘ.୦୭।୧୭ ମଧ୍ୟେ, ଘ.୧୦।୩୮ ଗତେ, ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୭ ଗତେ, ଘ. ୦୮।୪୮ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘିଅ ସରସର ଗୁଡ଼ ସରସର**
**ଫୁଲୁଥାଏ ବିରିବରା,**
**ତୁଚ୍ଛା ପଲମରେ ଫୁଲି ମରୁଥାଏ**
**ନିଲଠା ଚିତଉ ଫଡ଼ା।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ଅନ୍ୟଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘୁଙ୍ଗା ଯାହା ସପନ ଦେଖେ**
**ମନ କଥା ମନରେ ରଖେ।**

ମୂକ ବ୍ୟକ୍ତି ମନର କଥାକୁ କାହା ଆଗରେ ବର୍ଣ୍ଣନା କରିପାରି ନ ଥାନ୍ତି। ଦେଖିଥିବା ସ୍ୱପ୍ନ ଭଳି ଆଖି ଦେଖା କଥାକୁ ଅନ୍ୟ ଆଗରେ ବ୍ୟକ୍ତ କରିବାରେ ଅସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଉଠୁନି ଧାନ, ...

ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଅମୃତପୁର ସମିତି ସଭାପତି ବିଜୟ କୁମାର ରାଉତ ଏବଂ ଜାମଯୋଡ଼ି ସମିତି ସଭାପତି ଅର୍ଜୁନ ଚରଣ ନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ।

ଅନୁରୂପ ଭାବେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ଶିରିଡ଼ି ସାଇ ସ୍ୱୟଂସହାୟକ ଗୋଷ୍ଠି ମଣ୍ଡିରେ ଧାନ ବିକ୍ରି ଅପେକ୍ଷାରେ ଥିବା ଚାଷୀମାନେ ରବିବାର ପୂର୍ବାହ୍ନରେ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତା ଅବରୋଧ କରିଥିଲେ। ୩୮୦୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ମଣ୍ଡିକୁ ଟାର୍ଗେଟ ମିଳିଥିବାବେଳେ ୩୩୦୦୦ କୁଇଣ୍ଟାଲ କିଣାସରିଛି। ଆଉ ୧୦୯ ଚାଷୀ ୫୧୦୦ କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ଅଛନ୍ତି। ହେଲେ ମଣ୍ଡିକୁ ଅଧିକ ଟାର୍ଗେଟ ମିଳିନାହିଁ। ୨ ଦିନ ଅତିକ୍ରମ କରିଗଲେ ଆଉ ଧାନ ବିକିବା ସମ୍ଭବ ହେବ ନାହିଁ ବୋଲି ଆଶଙ୍କା କରି ଶତାଧିକ ଚାଷୀ ମଣ୍ଡିସମ୍ମୁଖ ରାସ୍ତା ଉପରେ ଧାନବସ୍ତା ରଖି ବସି ରହିଥିଲେ। ଅତିରିକ୍ତ ତହସିଲଦାର ନୀହାର ରଞ୍ଜନ ମଲ୍ଲିକ, ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ହିମାଂଶୁ ଦାସ ଓ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ସୋମବାର ମଧ୍ୟାହ୍ନ ସୁଦ୍ଧା ଚାଷୀଙ୍କ ଧାନକିଣା ନିଷ୍ପତ୍ତି ହେବ ବୋଲି ପ୍ରଶାସନିକ ପ୍ରତିଶ୍ରୁତି ମିଳିବା ପରେ ସେପର୍ଯ୍ୟନ୍ତ ରାସ୍ତା ଅବରୋଧ ସ୍ଥଗିତ ରଖାଯାଇଛି।

## ପାକ୍ ମଧ୍ୟସ୍ଥ, ଭାରତ ...

ପାକିସ୍ତାନ ଏଥିରେ ଅଧ୍ୟକ୍ଷତା ବା ଶାନ୍ତି ପାଇଁ ମଧ୍ୟସ୍ଥତା କରୁଛି। ମଧ୍ୟପ୍ରାଚ୍ୟ ସ୍ଥିତି ସମ୍ପର୍କରେ ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍‌ଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫେବୃଆରୀ ୨୮ରୁ ଚାଲିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧର ମାସକ ଭିତରେ ୩,୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଲାଣି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୫ ସୂତ୍ରୀ ସର୍ତ୍ତ ରଖିବା ସହ ସାମୟିକ ଯୁଦ୍ଧବିରତି ଘୋଷଣା କରିଥିବାବେଳେ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ଜାରି ରହିଛି। ତେହରାନ୍ ମଧ୍ୟ ଏହାର ଜବାବ ଦେବାକୁ ପଛାଉନାହିଁ। ଆମେରିକା ଅନେକ ହଜାର ସୈନ୍ୟଙ୍କୁ ମଧ୍ୟପ୍ରାଚ୍ୟକୁ ପଠାଇଥିବାବେଳେ ଇରାନ୍ ସମର୍ଥିତ ହୁତି (ୟେମେନ୍‌ର କିଛି ଅଂଶ ଶାସନ କରୁଥିବା) ସଶସ୍ତ୍ର ଗୋଷ୍ଠୀ ଇସ୍ରାଏଲ୍‌କୁ ଟାର୍ଗେଟ କରି ମିଶାଇଲ ଛାଡ଼ିଛି। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାବେଳେ ପାକିସ୍ତାନ ପକ୍ଷରୁ କୂଟନୈତିକ ଟେବୁଲରେ ଶାନ୍ତି ପ୍ରୟାସ ଆଶାର ଆଲୋକ ଦେଖାଇଛି। ଇଜିପ୍ଟର ବଦର ଅବ୍‌ଦେଲାଟି, ତୁର୍କୀର ହକାନ୍ ଫିଦାନ ଓ ସାଉଦି ଆରବର ପ୍ରିନ୍ସ ଫରହାନ୍ ଏଥିରେ ସାମିଲ ହୋଇଛନ୍ତି। ଅବ୍‌ଦେଲାଟି କହିଛନ୍ତି, ଯୁଦ୍ଧ ସମୟରେ ଆମେରିକା ଓ ଇରାନ୍ ମଧ୍ୟସ୍ଥଙ୍କ ଜରିଆରେ ଅନେକ ଆଲୋଚନା କରିଥିବାବେଳେ ଏବଂ ଉଭୟ ପକ୍ଷଙ୍କୁ ନେଇ ପ୍ରତ୍ୟକ୍ଷ ଆଲୋଚନା କରାଇବା ହେଉଛି ଏହି ବୈଠକର ଉଦ୍ଦେଶ୍ୟ। ଏପରି କି ଇରାନ୍ ମଧ୍ୟ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ସମ୍ପର୍କିତ କଟକଣାକୁ କିଛିମାତ୍ରାରେ କୋହଳ କରିଛି। ତେହରାନ୍ ଶନିବାର ବିଳମ୍ବିତ ରାତିରେ ଆଉ ୨୦ଟି ପାକିସ୍ତାନୀ ଜାହାଜକୁ ଏହି ଜଳପଥ ଦେଇ ଯାତ୍ରା ଅନୁମତି ଦେଇଛି। ଏହି ସପ୍ତାହାନ୍ତରେ ଆମେରିକା ଓ ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନାର ଏକ ସଂକୀର୍ଣ୍ଣ ବାଟ ଫିଟିଛି। ଏହି ଘଟଣାକ୍ରମ ପରେ ପାକିସ୍ତାନର କୂଟନୈତିକ ସ୍ଥିତି ମଜଭୁତ୍ ହୋଇଛି। ଇସ୍‌ଲାମାବାଦରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର ନିଜ ପ୍ରତିପକ୍ଷମାନଙ୍କ ସହ ପୃଥକ୍ ଭାବେ ୱାନ୍-ଟୁ-ୱାନ୍ ବୈଠକ ମଧ୍ୟ କରିଛନ୍ତି। ସେହିପରି ପାକିସ୍ତାନର ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ମଧ୍ୟ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ସାମରିକ ସ୍ତରରେ ନିୟମିତ ସମାନ୍ତରାଳ ଆଲୋଚନା ଚଳାଇଛନ୍ତି। ତୁର୍କୀ ସୂତ୍ରରୁ ଜଣାପଡ଼ିଛି ଯେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ପ୍ରସ୍ତାବ ଉପରେ ଆଙ୍କାରା ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ଉଦ୍ୟମ ଚଳାଇଛି। ଆଉ ଏକ କୂଟନୈତିକ ସୂତ୍ରରୁ ଜଣାପଡ଼ିଛି, ତୁର୍କୀ ଯୁଦ୍ଧବିରତି ଉପରେ ଗୁରୁତ୍ୱ ଦେଉଛି। ଏସବୁ ଭିତରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଥରକୁ ଥର ବିବୃତି ଜାରି କରି କହୁଛି, ଇରାନ୍ ଆଉ ୨ଟି ଇନ୍ଧନ ବୋଝେଇ ଜାହାଜକୁ ଭାରତ ପାଇଁ ଛାଡ଼ି ଦେଇଛି, ଯାହାକି ଦିନେ ଦୁଇଦିନ ଭିତରେ ପହଞ୍ଚିବ। ଏଠାରେ ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ ଯେ, ଆମେରିକା-ଇସ୍ରାଏଲ୍ ଆରମ୍ଭ କରିଥିବା ଯୁଦ୍ଧକୁ ନୂଆଦିଲ୍ଲୀ ଅଦ୍ୟାବଧି ନିନ୍ଦା କରିନାହିଁ। ତେଣୁ ଭାରତ ପକ୍ଷରୁ ଯାହାକିଛି କରାଯାଉଛି, ତାହା କେବଳ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ବୋଝେଇ ଜାହାଜକୁ ଭାରତକୁ ଆଣିବା ପାଇଁ ଉଦ୍ଦିଷ୍ଟ। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତର ଆଭିମୁଖ୍ୟରେ କୌଣସି ସ୍ୱଚ୍ଛତା ନ ଥିବା କେତେଜଣ ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ମତ ଦେଇଛନ୍ତି।

## ମନ୍ କୀ ବାତ୍‌ରେ ...

ମତ୍ସ୍ୟଚାଷ ସହିତ ପରିବାରର ଦାୟିତ୍ୱ ତୁଲାଇବା ତାଙ୍କ ପାଇଁ ସେତେଟା ସହଜ ନ ଥିଲା। ଏଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ତାଙ୍କ ଲକ୍ଷ୍ୟରେ ଅଗ୍ରସର ହୋଇ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଏହି ସଫଳତା ଆଜିର ଦିନରେ ସମାଜର ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ସୁଜାତା କହିଛନ୍ତି, ହୀରାକୁଦ ଜଳଭଣ୍ଡାରରେ ଜିଲା ମତ୍ସ୍ୟ ବିଭାଗ ସହଯୋଗରେ କେଜ୍ କଲ୍‌ଚର ମାଧ୍ୟମରେ ସେ ଏହି ମତ୍ସ୍ୟଚାଷ ଆରମ୍ଭ କରିଥିଲେ। ପ୍ରଥମେ ୨୦୨୨ ମସିହାରେ ପ୍ରାୟ ୩୨ଲକ୍ଷ ୪୦ହଜାର ଟଙ୍କା ବ୍ୟୟକରି ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ସରକାରଙ୍କ ତରଫରୁ ସବ୍‌ସିଡି ସହାୟତା ବ୍ୟବସ୍ଥା ତାଙ୍କୁ ଏହି ବ୍ୟବସାୟକୁ ଆଗକୁ ନେବାରେ ସହାୟକ ହୋଇଛି। ବର୍ତ୍ତମାନ ସେ ବାର୍ଷିକ ୨୫ରୁ ୩୦ ଟନ୍ ମାଛ ଉତ୍ପାଦନ କରୁଥିବାବେଳେ ଏଥିରୁ ୬ରୁ ୭ ଲକ୍ଷ ଟଙ୍କା ଲାଭ ପାଉଛନ୍ତି। ମୁଖ୍ୟତଃ 'ତେଲାପିଆ' କିସମର ମାଛ ଚାଷ କରୁଥିବାବେଳେ ତାଙ୍କ ଉତ୍ପାଦିତ ମାଛ ରାୟପୁର, କୋଲକାତା ଓ ବେଙ୍ଗାଲୁରୁ ଆଦି ବଡ଼ ସହରକୁ ରପ୍ତାନି ହେଉଛି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ତାଙ୍କୁ ଆଗକୁ ଏହି ବ୍ୟବସାୟକୁ ଆହୁରି ବଡ଼ କରିବା ଲକ୍ଷ୍ୟରେ ପ୍ରୋତ୍ସାହିତ କରିଛି ବୋଲି ସୁଜାତା କହିଛନ୍ତି।

## ବିଚାରାଧୀନ କଏଦୀଙ୍କ ...

ଘୋଷଣା କରିଥିଲେ। କାରାଗାରରେ ଦୀପ୍ତିରଞ୍ଜନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତାଙ୍କ ପୁଅକୁ ମାରିଦେଇ ମିଛରେ ଶୌଚାଳୟରେ ଆତ୍ମହତ୍ୟା କରିଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ପରିବାର ଲୋକେ କାରାଗାର ଭିତରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରିବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ ଦଣ୍ଡବିଧାନ ପାଇଁ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ରାମଚଣ୍ଡୀ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

## ବରିଷ୍ଠ ଓଏଏସ୍ ...

ସେହିପରି ଭୁବନେଶ୍ୱର ମହାନଗର ନିଗମର ଉପାୟୁକ୍ତ ଅଶୋକ କୁମାର ଦାସଙ୍କୁ ବଣାଇ ଉପଜିଲାପାଳ, ଦୟାସିନ୍ଧୁ ପରିଡ଼ାଙ୍କୁ ମୟୂରଭଞ୍ଜ କରଞ୍ଜିଆ ଉପଜିଲାପାଳ, ଯଦୁମଣି ନାଏକଙ୍କୁ ଜୟପୁର ଉପଜିଲାପାଳ, ଆଶିଷ ରଞ୍ଜନ ସାହୁଙ୍କୁ ତାଳଚେର ଉପଜିଲାପାଳ, ଅଜୟ ପ୍ରକାଶ ତିର୍କୀଙ୍କୁ ରାଇରଙ୍ଗପୁର ବାମନଘାଟି ଉପଜିଲାପାଳ, ମନସ୍ୱିନୀ ଦାସଙ୍କୁ କଟକ ବାଙ୍କୀ ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଛି। ସ୍ମୃତିରଞ୍ଜନ ମଲ୍ଲିକଙ୍କୁ ଭଦ୍ରକ ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି।

# ପୋଲିସ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ବିଜେଡି

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ନର୍ଲାର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ବାସଭବନରେ ପୋଲିସର ଚଢ଼ାଉ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେଡି କହିଛି।

ଶଙ୍ଖ ଭବନଠାରେ ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟିକା ମନୋରମା ମହାନ୍ତି କହିଛନ୍ତି, ଭାଜପାର ଚାପ ଆଗରେ ମୁଣ୍ଡ ନ ନୁଆଁଇ କ୍ରସ୍ ଭୋଟିଂ କରି ନ ଥିବାରୁ ପୋଲିସ ଲଗାଇ ନିର୍ଯାତନା ଦିଆଯାଉଛି। ଭାଜପା ସରକାର ପ୍ରତିଶୋଧ ପରାୟଣ ହୋଇ ରାଜନୈତିକ ଅଭଦ୍ରାମିର ସୀମା ଲଂଘୁଛି ବୋଲି ମିଶ୍ର ଅଭିଯୋଗ କରିଛନ୍ତି।

ମିଶ୍ର କହିଛନ୍ତି, ବିଧାନସଭା ଚାଲିଥିଲା ବେଳେ ବାଚସ୍ପତିଙ୍କ ବିନା ଅନୁମତିରେ ଜଣେ ବିଧାୟିକାଙ୍କ ପଦମର୍ଯ୍ୟାଦା କ୍ଷୁଣ୍ଣ କରି, ତାଙ୍କ ସରକାରୀ ବାସଭବନକୁ ବଳପୂର୍ବକ ପୋଲିସ ପଶିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାର ପ୍ରଚ୍ଛଦପଟରେ କିଏ ରହିଛି ତାହା ସାର୍ବଜନୀନ ହେବା ଆବଶ୍ୟକ। ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ପୋଲିସର ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ।

ବିଧାୟିକା ମନୋରମା କହିଛନ୍ତି, ବାସଭବନରେ ସେ ଅନୁପସ୍ଥିତ ଥିବାବେଳେ ଝିଅ ଓ ମହିଳା ସହାୟିକାଙ୍କ ପ୍ରତି ପୋଲିସ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଛି, ଏହା ଅତ୍ୟନ୍ତ ନିନ୍ଦନୀୟ।

## ମୋତେ ନ୍ୟାୟ ଦିଅ: ବିଧାୟିକା ମନୋରମା

ଭାଜପା ସରକାରରେ ଜଣେ ବିଧାୟିକା ଭାବେ ନିଜ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବାରେ ସକ୍ଷମ ହୋଇପାରୁନାହିଁ। ରାଜଧାନୀରେ ଯଦି ଜଣେ ମହିଳା ବିଧାୟକଙ୍କ ପ୍ରତି ଏଭଳି ବ୍ୟବହାର କରାଯାଉଛି ତେବେ ଏ ସରକାରରେ ମହିଳାମାନେ କେତେ ନିର୍ଯାତିତ ହେଉଥିବେ ତାହା ସ୍ପଷ୍ଟ ଅନୁମେୟ। ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ରାଜି ହେଲିନି ବୋଲି ରାଜ୍ୟ ସଭା ନିର୍ବାଚନର ପୂର୍ବ ଦିନ ମୋ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଅନୁରୋଧ କରୁଛି ବିନା ମହିଳା ପୋଲିସରେ ମୋ ବାସଭବନକୁ ବଳପୂର୍ବକ ପୁରୁଷ ପୋଲିସ ପଶିବା ଘଟଣାରେ ମୋତେ ନ୍ୟାୟ ଦିଆଯାଉ ବୋଲି ମନୋରମା କହିଛନ୍ତି।

ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାପତି ଈପ୍ସିତା ସାହୁ ପୋଲିସର ଏଭଳି କାର୍ଯ୍ୟକୁ ନିନ୍ଦା କରି କହିଛନ୍ତି, ରାଜ୍ୟରେ ଦିନକୁ ୪ ହତ୍ୟା, ୮ ବଳାତ୍କାର ସହ ଚୋରି, ଡକାୟତି ଓ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ବିଧାୟକମାନଙ୍କୁ ଯେତେ ହଇରାଣ, ନିର୍ଯାତନା ଓ ଧମକ ଦେଲେ ମଧ୍ୟ ଅବିଚଳିତ ଭାବେ ଛାତ୍ର ଓ ଯୁବ ବିଜେଡି ଏହାର ସମ୍ମୁଖୀନ କରିବ ଏବଂ ଜବାବ ଦେବ।

# ବିଧାୟିକାଙ୍କ ଝରକା ଭାଙ୍ଗି ପଶିଲା ନର୍ଲା ପୋଲିସ

ଭୁବନେଶ୍ୱର/ଭବାନୀପାଟଣା/ ନର୍ଲା, ୨୯।୩ (ତ୍ରିନାଥ ମହାନ୍ତି/ ଉତ୍ତମ କୁମାର ଦାଶ/ ସନ୍ତୋଷ ପାତ୍ର)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩ରେ ରହୁଥିବା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସରକାରୀ ବାସଭବନରେ କଳାହାଣ୍ଡି ଜିଲା କେସିଙ୍ଗା ଥାନା ପୋଲିସ ରବିବାର କରିଛି। ନର୍ଲା ତହସିଲଦାର ବିଭୁ ପ୍ରସାଦ ସିଂଙ୍କୁ ବିଧାୟିକାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ହତ୍ୟା ଧମକ ଦେବା ଅଭିଯୋଗରେ ନର୍ଲା ଥାନା ପୋଲିସ ମାମଲା (ନଂ.୭୨/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେଣୁ ନର୍ଲା ଥାନାରେ ଏକ ପୋଲିସ ଟିମ୍ ଭୁବନେଶ୍ୱର ଆସି ସକାଳେ ବିଧାୟିକାଙ୍କ ଘର କବାଟ ବାଡ଼େଇଥିଲେ। ହେଲେ କେହି ନ ଖୋଲିବାରୁ ପୋଲିସ ଘର ଝରକା ଭାଙ୍ଗି ଭିତରକୁ ପଶି ବିଧାୟିକାଙ୍କ ଘରୋଇ ସହାୟିକାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଖବର ପାଇବା ପରେ ଖାରବେଳନଗର ଥାନା ପୋଲିସ ପହଞ୍ଚି ନର୍ଲା ପୋଲିସକୁ ତଦନ୍ତରେ ସହଯୋଗ କରିବା ସହ ଗାଳିଗୁଲଜ ଅଭିଯୋଗର ତଦନ୍ତ କରିଥିଲା।

### ତହସିଲଦାରଙ୍କୁ ବିଧାୟିକା ସ୍ୱାମୀଙ୍କ ହତ୍ୟା ଧମକ ମାମଲା



ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ ପୋଲିସ ସହ ଆଲୋଚନା କରୁଛନ୍ତି।

ତେବେ ସେତେବେଳେ ବିଧାୟିକା ଘରେ ନ ଥିବାବେଳେ ପୋଲିସ ତାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦଙ୍କୁ ନ ପାଇ ଫେରିଯାଇଥିବା ଜଣାପଡିଛି।

ଅନ୍ୟପକ୍ଷରେ ବିଧାୟିକାଙ୍କ ଘରେ ପୋଲିସ ପହଞ୍ଚିବାକୁ ନେଇ ଆପତ୍ତି ଉଠାଇଛନ୍ତି ତାଙ୍କ ଘରୋଇ ସହାୟିକା। ଏପରିକି ପୋଲିସ ବିନା ସୂଚନାରେ ହଠାତ୍ ପହଞ୍ଚି ଖୋଜାଖୋଜି କରିବା ଓ ସେ ଘର ଭିତରେ ପୋଷାକ ବଦଳାଉଥିବା ବେଳେ ପୋଲିସ ଜବରଦସ୍ତ ପଶି ଗାଳିଗୁଲଜ କରିଥିବା ସେ କହିଛନ୍ତି। ତେବେ ପୋଲିସ ଚଢାଉ ଖବର ପାଇ ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଈପ୍ସିତା ସାହୁ, ମନ୍ମଥ ରାଉତରାୟଙ୍କ ସମେତ କେତେଜଣ ବିଜେଡି ନେତା ପହଞ୍ଚି ଘଟଣାକୁ ବିରୋଧ କରିଥିଲେ। କାହିଁକି ନର୍ଲା ପୋଲିସ ବିନା ୱାରେଣ୍ଟରେ ବିଧାୟିକାଙ୍କ ଘରେ ଚଢ଼ାଉ କଲା, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସଭା ନିର୍ବାଚନରେ ଭାଜପାକୁ ଭୋଟ ଦେବାକୁ ବିଧାୟିକା ମନୋରମା ମହାନ୍ତିଙ୍କ ଉପରେ ଚାପ ପକାଯାଇଥିଲା। ସେ ଭୋଟ ନ ଦେବାରୁ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ସ୍ୱାମୀଙ୍କ ନାଁରେ ମିଛ ମାମଲା ରୁଜୁ କରାଯାଇ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛି ବିଜେଡି।

ହେଲେ ଏପରି ଅଭିଯୋଗକୁ କଳାହାଣ୍ଡି ଏସ୍‌ପି ନାର୍ଗାଜୁନ ଦେବରକୋଣ୍ଡା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପୋଲିସ କୌଣସି ରେଡ୍ କିମ୍ବା ଗିରଫଦାରି ପାଇଁ ଯାଇ ନ ଥିଲା। ପୋଲିସ ନୋଟିସ ଦେବାକୁ ଯାଇଥିଲା। ବିଧାୟିକାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ ନେଇ ହୋଇଥିବା ଅଭିଯୋଗ ଠିକ୍ ନୁହେଁ। ନିୟମ ଅନୁସାରେ ପୋଲିସ ପଚରାଉଚରା ପାଇଁ ଯାଇଥିବା ଏସ୍‌ପି କହିଛନ୍ତି।

ଖାରବେଳଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ନର୍ଲା ପୋଲିସ ବିଧାୟିକାଙ୍କ ଘରେ ଚଢାଉ କରିବା ପରେ ଆମକୁ ଖବର ଦେଇଥିଲା। ପରେ ଆମେ ଯାଇ ସହଯୋଗ କରିଥିଲୁ। କେବଳ ବିଧାୟିକାଙ୍କ ସ୍ୱାମୀଙ୍କୁ ଖୋଜିବାକୁ ନର୍ଲା ପୋଲିସ ଆସିଥିଲା। ତାଙ୍କୁ ନ ପାଇ ଫେରିଯାଇଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ନର୍ଲା ତହସିଲଦାର ବିଭୁ ପ୍ରସାଦ ସିଂ ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ସେ ଉଲ୍ଲେଖ କରିନ୍ତି ଯେ, ଦୁର୍ଗା ପ୍ରସାଦ ବିଭିନ୍ନ ସରକାରୀ କାମରେ ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରି ଆସୁଥିଲେ। ବିରୋଧ କରିବାରୁ ସେ ମୋତେ ଫୋନ୍ କରି ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ସରକାରୀ କର୍ମଚାରୀଙ୍କ ପ୍ରତି ଜଣେ ଲୋକ ପ୍ରତିନିଧି ଏଭଳି ଆଚରଣ ସମ୍ବିଧାନ ସହ ତାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଧରିତ୍ରୀ ବିରୋଧରେ ଅଭିଯୋଗ ଖାରଜ

ପୁରୀ/ଗୋପ,୨୯।୩( ଅଜିତ ମହାନ୍ତି/ ଭାରତୀ ଭୂଷଣ ଉପାଧ୍ୟାୟ)

ଜାଲ ସାର୍ଟିଫିକେଟ ରାକେଟ ସମ୍ପର୍କିତ ଖବର ପ୍ରକାଶନ ବିରୋଧରେ ଧରିତ୍ରୀ ଏବଂ ଏହାର ଖବରଦାତାଙ୍କ ବିରୋଧରେ ହୋଇଥିବା ଏକ ମାନହାନି ମାମଲାକୁ ଅଦାଲତ ଭିତ୍ତିହୀନ ଦର୍ଶାଇ ଖାରଜ କରିଦେଇଛନ୍ତି। ପ୍ରକାଶିତ ଖବରରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ନିଆଯାଇ ନ ଥିଲା କିମ୍ବା ନିର୍ଦ୍ଦିଷ୍ଟ ବିଦ୍ୟାଳୟ ନାମ ଉଲ୍ଲେଖ କରାଯାଇ ନ ଥିବାରୁ ଏହା କୌଣସି ଆକ୍ଷେପମୂଳକ ଖବରକୁ ପ୍ରୋତ୍ସାହିତ କରୁ ନାହିଁ ବୋଲି ଦର୍ଶାଇ ନିମାପଡ଼ା ଅତିରିକ୍ତ ଜିଲାଜଜ୍ ମାନ୍ୟବର ସୌମ୍ୟକ ପାତ୍ର ଅପିଲକୁ ରଦ୍ଦ କରିବା ସହ ନିମାପଡ଼ା ସିଭିଲ୍ ଜଜ୍ ସିନିୟର ଡିଭିଜନ କୋର୍ଟଙ୍କ ରାୟକୁ ବଳବତ୍ତର ରଖିଛନ୍ତି।

ପ୍ରକାଶ ଯେ, ୨୦୦୮ ମସିହାରେ ଧରିତ୍ରୀରେ ଗୋପ ବ୍ଲକ ଅଞ୍ଚଳରେ ଜାଲ ସାର୍ଟିଫିକେଟରେ କେତେଜଣ ଶିକ୍ଷକ ଚାକିରି କରିଥିବା ସମ୍ପର୍କିତ ଅଭିଯୋଗକୁ ନେଇ ଏକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏପରି କି ଉକ୍ତ ଖବରରେ ଗୋପ ଅଞ୍ଚଳର ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମ୍ପୃକ୍ତ ଥାଇ ୫ ହଜାରରୁ ୨୦ ହଜାର ଟଙ୍କା ମଧ୍ୟରେ ବିଭିନ୍ନ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରୁଥିବା ନେଇ ଖବର ପ୍ରକାଶିତ ହୋଇଥିଲା। ଉକ୍ତ ଖବର ବିରୋଧରେ ଜଣେ ଶିକ୍ଷକ ଧରିତ୍ରୀ ସମ୍ପାଦକ ଏବଂ ଗୋପ ଅଞ୍ଚଳରେ କାର୍ଯ୍ୟ କରୁଥିବା ଖବରଦାତା ଭାରତୀ ଭୂଷଣ ଉପାଧ୍ୟାୟଙ୍କ ବିରୋଧରେ ନିମାପଡ଼ା ସିଭିଲ୍ ଜଜ୍(ବରିଷ୍ଠ)ଙ୍କ ଅଦାଲତରେ ଏକ ମାନହାନୀ ମାମଲା(ସିଏସ୍ ନଂ. ୧୨୪/୨୦୦୮) ରୁଜୁ ସହ ୧ଲକ୍ଷଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଉକ୍ତ ମାମଲାରେ ସିଭିଲ ଜଜ୍ ଶୁଣାଣି କରି ସମସ୍ତ ସାକ୍ଷ୍ୟ ଏବଂ ପ୍ରମାଣକୁ ଭିତ୍ତି କରି ୨୦୨୫ ଫେବୃଆରୀ ୧୧ରେ ରାୟ ପ୍ରକାଶ କରିବା ସହ ମାମଲାକୁ ଖାରଜ କରିଥିଲେ। ଅଦାଲତଙ୍କ ଉକ୍ତ ରାୟ ବିରୋଧରେ ସମ୍ପୃକ୍ତ ଶିକ୍ଷକ ନିମାପଡ଼ା ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଅପିଲ୍ କରିଥିଲେ। ଅତିରିକ୍ତ ଜିଲା ଜଜ୍ ସମସ୍ତ ଦସ୍ତାବିଜ ଏବଂ ତଳ କୋର୍ଟଙ୍କ ରାୟକୁ ସମୀକ୍ଷା କରିବା ପରେ ଆବେଦନକାରୀଙ୍କ ପ୍ରାର୍ଥନାକୁ ଖାରଜ କରିବା ସହ ତଳ କୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି।

# ସଂସଦୀୟ ସ୍ଥାୟୀ ଆଇଟି ଯୋଗାଯୋଗ କମିଟିରୁ ଇସ୍ତଫା ଦେଲେ ସସ୍ମିତ



ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଲୋକ ସଭା ସଦସ୍ୟ ତଥା ସଂସଦୀୟ ସ୍ଥାୟୀ କମିଟି(ଆଇଟି-ଯୋଗାଯୋଗ) ଅଧ୍ୟକ୍ଷ ନିଶିକାନ୍ତ ଦୁବେ କରିଥିବା ଅସମ୍ମାନଜନକ ବ୍ୟବହାରକୁ ନେଇ ରାଜ୍ୟ ସଭା ଏମ୍‌ପି ଡ. ସସ୍ମିତ ପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସସ୍ମିତ ଏହି ଘଟଣାକୁ ନେଇ ଶନିବାର ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ପତ୍ର ଲେଖି ନିଶିକାନ୍ତଙ୍କ ଅଧ୍ୟକ୍ଷତାରେ ଥିବା ଆଇଟି-ଯୋଗାଯୋଗ କମିଟିରୁ ଇସ୍ତଫା ପ୍ରଦାନ କରିଥିବା ନେଇ ଅବଗତ କରାଇଛନ୍ତି।

ସସ୍ମିତ ଚିଠିରେ ଉଲ୍ଲେଖ କରିଛନ୍ତି, ସର୍ବସାଧାରଣରେ ଦୁବେ ଯେପରି ଭାବେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଷୟରେ ଅସମ୍ମାନଜନକ ମତାମତ ଦେଇଛନ୍ତି ତାହା ଅସହନୀୟ। ନୈତିକତା ଅନୁଯାୟୀ, ଏପରି ବ୍ୟକ୍ତିଙ୍କ ଅଧୀନରେ ଆଉ ରହିବାକୁ ଚାହୁଁନାହିଁ ବୋଲି ସସ୍ମିତ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଟିଟିଲାଗଡ଼ ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ: କଂଗ୍ରେସ

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସାଂସଦ ଓ ବିଧାୟକମାନେ କ୍ଷମତା ନିଶାରେ ଅନ୍ଧ ହୋଇ ପଡ଼ିଛନ୍ତି। ସର୍ବସାଧାରଣରେ ଟିଟିଲାଗଡ଼ ବିଧାୟକ ବନ୍ଧୁକରୁ ଗୁଳି ଫୁଟାଇବା ଅପରାଧରେ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି କଂଗ୍ରେସ ଅଭିଯୋଗ କରିଛି।

ରାଜ୍ୟ କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, ନାଥୁରାମ୍ ଗଡ୍‌ସେଙ୍କ ଦଳ ଓଡ଼ିଶା ପରି ଶାନ୍ତିପ୍ରିୟ ରାଜ୍ୟରେ ହିଂସା ବଢ଼ାଉଛି। ଟିଟିଲାଗଡ ଭାଜପାର ଲୋକ ପ୍ରତିନିଧି ରାମନବମୀ ପରି ପବିତ୍ର ଦିନରେ ସର୍ବସାଧାରଣରେ ସୁରକ୍ଷା କର୍ମୀଙ୍କ ବନ୍ଧୁକ ନେଇ ଫାଙ୍କା ଗୁଳିଚାଳନା କରିଛନ୍ତି। ଏଥିରୁ ବିଧାୟକଙ୍କ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ପ୍ରତି ଭକ୍ତି ତଥା ଓଡ଼ିଆ ଅସ୍ମିତାକୁ କେତେ ଭଲ ପାଉଛନ୍ତି ତାହା ସ୍ପଷ୍ଟ ଜଣାପଡୁଛି। ଏହାସହିତ ଜନସାଧାରଣରେ ବିଧାୟକ ଏଭଳି କାର୍ଯ୍ୟକଳାପ କରି ଲୋକଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି। ଏତେବଡ଼ ଘଟଣାରେ ବିଧାୟକଙ୍କ ଏହି ଆପରାଧିକ କାର୍ଯ୍ୟକଳାପ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ନ' ନେବା ଅତ୍ୟନ୍ତ ନିନ୍ଦନୀୟ କଥା ବୋଲି ଦେବାଶିଷ କହିଛନ୍ତି।

ସେ କହିଛନ୍ତି, ଟିଟିଲାଗଡ଼ ଘଟଣାରେ ତଦନ୍ତ ନାଁରେ କେବଳ ସୁରକ୍ଷା କର୍ମୀଙ୍କୁ ଜିଲା ପୋଲିସ ପ୍ରଶାସନ ନିଲମ୍ବନ କରିଦେଇ ବିଧାୟକଙ୍କୁ ସୁରକ୍ଷା ଦେଲେ ଚଳିବ ନାହିଁ। ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ, ନଚେତ କଂଗ୍ରେସ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ଦେବାଶିଷ କହିଛନ୍ତି। ଏହି ସମ୍ମିଳନୀରେ ମୁଖପାତ୍ର ଜୟଶ୍ରୀ ପାତ୍ର ଯୋଗଦେଇ ଭାଜପା ବିଧାୟକ ଓ ସାଂସଦଙ୍କ କାର୍ଯ୍ୟକଳାପକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି।

# କେନ୍ଦୁଝରଗଡ଼ ପୌର ଉପାଧ୍ୟକ୍ଷଙ୍କ ସହ ୯ କାଉନ୍‌ସିଲରଙ୍କ ଇସ୍ତଫା

କେନ୍ଦୁଝର,୨୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

## କେନ୍ଦୁଝର ବିଜେଡିକୁ ଶକ୍ତ ଝଟ୍‌କା

କେନ୍ଦୁଝର ରାଜନୀତି ପାଣିପାଗ ବଦଳିବାରେ ଲାଗିଛି। କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ଅନେକ କର୍ମୀ, ନେତା ଅନ୍ୟ ଦଳ ଛାଡ଼ି ଭାଜପାରେ ଯୋଗ ଦେଉଛନ୍ତି। ଏପରିକି ପୂର୍ବରୁ ବିଜେଡି ଘଷିପୁରା ଓ ଚମ୍ପୁଆ ବିଧାୟକ ଜିଲା ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କରୁଥିବା କହି ଆସୁଛନ୍ତି। ଏ ନେଇ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ବିଜେଡି ନିଲମ୍ବନ ମଧ୍ୟ କରିଛି। ଏହାରି ଭିତରେ କେନ୍ଦୁଝର ବିଜେଡିକୁ ଆଉ ଏକ ଶକ୍ତ ଝଟ୍‌କା ଲାଗିଛି। ଆଗକୁ ପୌର ନିର୍ବାଚନ ଥିବାବେଳେ ରବିବାର କେନ୍ଦୁଝରଗଡ଼ ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସଙ୍କ ସମେତ ୯ଜଣ ବିଜେଡି କାଉନ୍‌ସିଲର ସମୂହ ଇସ୍ତଫା ଦେଇଛନ୍ତି। ଏ ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଜଣାଇ ଦେଇଛନ୍ତି। ଦଳୀୟ ନେତାଙ୍କ ଉପରେ ଅସନ୍ତୁଷ୍ଟ ଇସ୍ତଫାର ମୁଖ୍ୟ କାରଣ ବୋଲି କୁହାଯାଉଛି।

ବରଦା ପ୍ରସନ୍ନ କହିଛନ୍ତି, ଆମର ଅଣ କଂଗ୍ରେସ ରାଜନୈତିକ ଦଳ ଥିଲା। ଯେଉଁ ଦଳକୁ ବିରୋଧ କରି ବିଜେଡି ଗଠନ ହୋଇଥିଲା। ଏବେ ସେହି କଂଗ୍ରେସ ଦଳ ସହିତ ରାଜ୍ୟ ସଭା ନିର୍ବାଚନରେ ମେଣ୍ଟ କରାଗଲା। ଏଣୁ ବିଜେଡି ନିଜ ଲକ୍ଷ୍ୟଠାରୁ ଦୂରେଇ ଗଲାଣି ଓ ପ୍ରାଇଭେଟ ପ୍ରପର୍ଟି ହୋଇଯାଇଛି। ଏଣୁ ତାଙ୍କ ସହିତ ୧ ନମ୍ବର କାଉନ୍‌ସିଲର ଶରତ ସାହୁ, ୭ ନମ୍ବର ଅଭିନାଶ ମିଶ୍ର, ୮ ନମ୍ବର ଦୟାନିଧି ପାତ୍ର, ୧୦ ନମ୍ବର ପଦ୍ମିନୀ ପାତ୍ର, ୧୫ ନମ୍ବର ଭଗବାନ ନାଏକ, ୧୬ ନମ୍ବର ସବିତା ପଟ୍ଟନାୟକ, ୨୧ ନମ୍ବର ହେମନ୍ତ ପତି ଓ ୧୨ ନମ୍ବର କାଉନ୍‌ସିଲର କରୁଣାକର ମାରାଣ୍ଡି ଏବଂ ସାଧାରଣ ସମ୍ପାଦକ ପଦରୁ ଶୁଭେନ୍ଦ୍ର ପଟ୍ଟନାୟକ ବରୋଦା ଦାସ, ଶରତ ସାହୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ରାଜ୍ୟ ସଭାପତିଙ୍କୁ ଦେବା ସହ ଜିଲା ସଭାପତିଙ୍କ ନିକଟକୁ କପି ପଠେଇଥିବା କହିଛନ୍ତି। ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି, ଖଣି ପରିବହନକାରୀଙ୍କ ଅର୍ଥ ଏହା ପଛରେ ଅଛି। ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇ ସେମାନେ ପଡ଼ନ୍ତୁ। ଦଳରେ ସାମୟିକ ପ୍ରଭାବ ରହିଛି, କିନ୍ତୁ ଦୀର୍ଘକାଳୀନ ପ୍ରଭାବ ପଡ଼ିବ ନାହିଁ। ଅନ୍ୟ କାଉନ୍‌ସିଲରମାନେ କେନ୍ଦୁଝରରେ ଅଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଇସ୍ତଫା ଦେଇଥିବା କାଉନ୍‌ସିଲର ଓ ସାଧାରଣ ସମ୍ପାଦକ ସୋମବାର ଦିନ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାଜପାରେ ବିଧିବଦ୍ଧ ଭାବେ ଯୋଗଦାନ କରିବେ ବୋଲଇ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏଥିସହ ବିଜେଡିର ଅନ୍ୟ କାଉନ୍‌ସିଲରମାନେ ମଧ୍ୟ ଭୁବନେଶ୍ୱରରେ ଡେରା ପକାଇଥିବା ସୂଚନା ମିଳିଛି। କେନ୍ଦୁଝରଗଡ଼ ପୌରପାଳିକାରେ ୨୧ ୱାର୍ଡରୁ ୧୩ଟି ୱାର୍ଡରେ ବିଜେଡି ବିଜୟୀ ହୋଇଥିବା ବେଳେ ୮ଟି ୱାର୍ଡରେ ଭାଜପା ରହିଛି। ପୌରାଧ୍ୟକ୍ଷା ପଦରେ ଭାଜପାର ନିକୁ ସାହୁ, ଉପାଧ୍ୟକ୍ଷ ପଦରେ ବିଜେଡିର ବରୋଦା ଦାସ ଜିତିଥିଲେ। ଏବେ ସେ ଓ ଅନ୍ୟମାନେ ଭାଜପାରେ ମିଶିଲେ ପଦ ରହିବା ଯଥେଷ୍ଟ ସମ୍ଭାବନା ଥିବା ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରୁଛନ୍ତି। ପୌର ନିର୍ବାଚନ ଆଉ ପ୍ରାୟ ଏକ ବର୍ଷ ଥିବା ବେଳେ ବିଜେଡି ନେତା ଶଙ୍ଖ ଛାଡ଼ି ପଦ୍ମ ଧରିଲେ, ଭାଜପାକୁ ଲାଭବାନ ହେବା ନେଇ କୁହାଯାଉଛି। ମାତ୍ର ଏହାକୁ ଭୋଟର କିଭଳି ଗ୍ରହଣ କରିବେ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି।



"ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟଲାଭ କରିବାକୁ। –ଶ୍ରୀମା

-ଅନଙ୍ଗ ତ୍ରୟୋଦଶୀ,
ଶ୍ରୀମନ୍ଦିରରେ
ବନବାସ ଓ କନ୍ଦର୍ପାଧିବାସ



# ମଞ୍ଚରେ ପାକିସ୍ତାନ

ଭାରତ ସମେତ ବିଶ୍ୱର ଅଳ୍ପ କେତେକ ଦେଶ ପାକିସ୍ତାନକୁ ଏକ ଦୁର୍ଜନ ରାଷ୍ଟ୍ର ଭାବେ ଦେଖିଥାଆନ୍ତି। ଆତଙ୍କବାଦୀଙ୍କ ପାଇଁ ଏହି ଦେଶ ପରିଚିତ ଓ ତା'ର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣରେ ସେମାନେ ଗୁରୁତ୍ୱ ବହନ କରିଥାଆନ୍ତି ବୋଲି କୁହାଯାଇଆସୁଛି। ଭାରତୀୟ ଗଣମାଧ୍ୟମ ଓ ସରକାରୀ ମୁଖପାତ୍ରମାନେ ଏଭଳି ବିଶେଷକରି ଗତ କିଛି ଦଶନ୍ଧି ଧରି ପାକିସ୍ତାନକୁ ଏକ ଉଗ୍ରବାଦ ସମର୍ଥକ, ଦରିଦ୍ର ଓ ଦୁର୍ବଳ ଦେଶ ଭାବେ ଚିତ୍ରଣ କରିଆସୁଛନ୍ତି। ଏବକାର ସ୍ଥିତିରେ ସେହିସବୁ ମନଗଢ଼ା କାହାଣୀ ହୁଏତ ଗ୍ରହଣଯୋଗ୍ୟ ହେବା କଷ୍ଟକର। ସେଥିପାଇଁ ଏବେ ପାକିସ୍ତାନ ପ୍ରତି ନୂଆ ଶବ୍ଦ–ଦଲାଲ ରାଷ୍ଟ୍ର–ବ୍ୟବହାର କରାଯିବା ଆରମ୍ଭ ହେଲାଣି। ଏଠାରେ ମନେରଖିବାକୁ ହେବ ଯେ, ରାଶନ କାର୍ଡ ହେଉ କିମ୍ବା ଡ୍ରାଇଭିଂ ଲାଇସେନ୍ସ, ଯିଏ ଆଣିବାକୁ ଯାଏ ସିଏ ପ୍ରଥମେ 'ଦଲାଲ' ଖୋଜିଥାଏ। ସାଧାରଣରେ ଦଲାଲମାନେ ଯେଉଁ କାମ ହାସଲ କରିପାରନ୍ତି ତାହା ଅନ୍ୟମାନେ କରିପାରିବେ ନାହିଁ ବୋଲି ସ୍ୱୀକାର କରାଯାଏ। ତେଣୁ ଅନ୍ତର୍ଜାତୀୟ ରାଜନୀତିରେ ଯିଏ ଦଲାଲ ହୋଇ ନିଜର ଲକ୍ଷ୍ୟ ହାସଲ କରିପାରିବ, ସେହି ଦେଶର ନେତୃତ୍ୱ ପୃଥିବୀରେ ଦକ୍ଷ ଭାବେ ପରିଚିତ ହେବ। ପାକିସ୍ତାନର ଏହିଭଳି ଦଲାଲି ପାଇଁ ସେହି ଦେଶର ପତାକା ଉଡ଼ାଉଥିବା ୨୦ଟି ପାଣିଜାହାଜକୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ପାକିସ୍ତାନ ବନ୍ଦର ଯିବାର ଅନୁମତି ଇରାନ୍ ତରଫରୁ ମିଳିସାରିଲାଣି। ଭାରତୀୟ ଗଣମାଧ୍ୟମରେ ମିଥ୍ୟା ପ୍ରଚାର କରି କୁହାଗଲା ଯେ ପାକିସ୍ତାନରେ ତୈଳ ଅଭାବ ଯୋଗୁ ଲକ୍‌ଡାଉନ୍ ବା ସବୁକିଛି ବନ୍ଦ ହେବ। ଏହା ସମ୍ପୂର୍ଣ୍ଣ ଅସତ୍ୟ ବୋଲି ଏବେ ଜଣାପଡୁଛି। ସେହିଭଳି ଭାରତୀୟ ଗଣମାଧ୍ୟମରେ ପ୍ରଚାର କରାଗଲା ଯେ, ଇରାନ ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଭାରତର ତୈଳବାହୀ ଜାହାଜ ହର୍ମୁଜ ଦେଇ ଆସିବାର ଅନୁମତି ମିଳିଛି। ଏହିସବୁ ଜାହାଜର ନାମ, ମାଲିକାନା କିମ୍ବା କେତେ ପରିମାଣର ତେଲ ଆଣୁଛନ୍ତି ସେ ସମ୍ପର୍କରେ କୌଣସି ତଥ୍ୟ ଇଣ୍ଟରନେଟ୍‌ରେ ଉପଲବ୍ଧ ହେଉ ନାହିଁ।

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣଜନିତ ସୃଷ୍ଟ ଯୁଦ୍ଧ ଯୋଗୁ ସମଗ୍ର ପୃଥିବୀ ପ୍ରଭାବିତ ହୋଇଥିବା ବେଳେ ପାକିସ୍ତାନ ମଧ୍ୟସ୍ଥ ଭୂମିକା ନିର୍ବାହ କରିବାକୁ ଆଗେଇ ଆସିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ସମ୍ବନ୍ଧୀୟ ଆଲୋଚନା ପାଇଁ ପାକିସ୍ତାନ, ସାଉଦି ଆରବ, ତୁର୍କୀ ଓ ଇଜିପ୍ଟ ବହିର୍ବ୍ୟାପାର ମନ୍ତ୍ରୀମାନେ ଇସ୍‌ଲାମାବାଦରେ ଏକ ବୈଠକରେ ଯୋଗଦେଇଛନ୍ତି। ଦୁଇଦିନିଆ ବୈଠକରେ ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ ଲାଗି ନେତାମାନେ ଆଲୋଚନା କରିବେ। ଏହା ଜଣାଶୁଣା ଯେ, ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ସହ ପାକିସ୍ତାନର ଉତ୍ତମ ସମ୍ପର୍କ ରହିଛି। ପରମାଣୁ ଅସ୍ତ୍ର ଧାରଣ କରିଥିବା ପାକିସ୍ତାନ ସହିତ ସାଉଦି ଆରବର ସାମରିକ ବୁଝାମଣା ହୋଇଥିବା ଦୃଷ୍ଟିରୁ ଇସ୍‌ଲାମାବାଦଠାରେ ଯୁଦ୍ଧ ବନ୍ଦ ସଂକ୍ରାନ୍ତ ଆଲୋଚନା ଗୁରୁତ୍ୱ ବହନ କରୁଛି। ଏମିତି ଦେଖିଲେ ଇରାନ୍ ସହ ପାକିସ୍ତାନର ମଧ୍ୟ ଦୀର୍ଘ ବର୍ଷର ସମ୍ପର୍କ ରହିଆସିଛି। ଅତୀତକୁ ଦେଖିଲେ ପାକିସ୍ତାନକୁ ଆମେରିକା ବହୁ ବର୍ଷ ଧରି ସାମରିକ ସାହାଯ୍ୟ ଓ ଆର୍ଥିକ ସହଯୋଗ ଯୋଗାଇ ଆସିଛି। ସମ୍ଭବତଃ ଯୁଦ୍ଧଗ୍ରସ୍ତ ଇରାନ୍ ଓ ଆମେରିକା ସାମ୍ପ୍ରତିକ ସ୍ଥିତି ଦେଖି ପାକିସ୍ତାନର ମଧ୍ୟସ୍ଥତାକୁ ଗ୍ରହଣ କରିପାରନ୍ତି।

ଉପରଲିଖିତ ବିଷୟ ଉପରେ ଆଲୋଚନା କଲା ବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତର ମଧ୍ୟସ୍ଥ ଭୂମିକା ଗୌଣ କିମ୍ବା ଶୂନ ହୋଇଗଲା ଭଳି ଦେଖାଯାଉଛି। ଯୁଦ୍ଧ ୪ର୍ଥ ସପ୍ତାହରେ ପହଞ୍ଚିଲା ପରେ ଗୋଟେ 'ଘୋ' ସୃଷ୍ଟି ହୋଇଥିଲା ଯେ, ମଧ୍ୟପ୍ରାଚ୍ୟରେ ଶାନ୍ତି ଆଣିବା ଲାଗି ଭାରତ ପ୍ରମୁଖ ରାଷ୍ଟ୍ର ଭାବେ ଉଭା ହେବ। କାରଣ ଇରାନ୍ ସହିତ ଭାରତର ପାରମ୍ପରିକ ଓ ବ୍ୟବସାୟିକ ସମ୍ପର୍କ ସୁଦୃଢ଼ ରହିଆସିଛି। କେବଳ ଗୋଟେ କେଁ ଉଠିଲା ଯେ, ଭାରତର ପ୍ରଧାନମନ୍ତ୍ରୀ ଇସ୍ରାଏଲ ଗସ୍ତ କରି ଫେରିବା ପରେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ହେଲା। ସେବେଠାରୁ ଇରାନ୍ ସମ୍ପୂର୍ଣ୍ଣ ଭାବେ ଭାରତକୁ ଭରସି ପାରୁନାହିଁ। ଏଥିସହିତ ଇରାନ୍‌ରେ ନିର୍ମାଣାଧୀନ ଚବାହାର ବନ୍ଦର ହାତକୁ ନେଇଥିବା ଭାରତ ସେଥିରୁ ସମ୍ପୂର୍ଣ୍ଣ ଭାବେ ଓହରି ଯାଇଛି। ଏହାର ଅର୍ଥ ହେଲା ଇରାନ୍ ସହ ସମ୍ପର୍କ ତୁଟିବା ସହିତ ଭାରତୀୟ କରଦାତାଙ୍କ ଦ୍ୱାରା ଦିଆଯାଇଥିବା ଅନେକ ହଜାର କୋଟି ଟଙ୍କା ମୂଲ୍ୟର ସେହି ପୁଞ୍ଜିନିବେଶ ପାଣିରେ ପଡ଼ି ନଷ୍ଟ ହେଲା।

୨୮ ମାର୍ଚ୍ଚରେ ଇରାନ୍ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ମଧ୍ୟରେ ଏକ ଘଣ୍ଟା ଫୋନ୍‌ରେ ଆଲୋଚନା ହୋଇଥିବା ଖବର ପ୍ରକାଶ ପାଇଛି। ସେଥିରେ ପେଜେସ୍କିଆନ୍ ପାକିସ୍ତାନର କୂଟନୈତିକ ପ୍ରୟାସକୁ ପ୍ରଶଂସା କରିଛନ୍ତି। କଥାବାର୍ତ୍ତା ବେଳେ ଶରିଫ୍ ଇରାନ୍ ରାଷ୍ଟ୍ରପତିଙ୍କୁ ଆମେରିକା ଓ ଉପସାଗରୀୟ ରାଷ୍ଟ୍ରଙ୍କ ସହ କୂଟନୈତିକ ସମ୍ପର୍କ ବିଷୟରେ ଜଣାଇଥିବା ଗଣମାଧ୍ୟମରେ ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ଭାରତର ବୈଶ୍ୱିକ ଭୂମିକା ସୁଦୃଢ଼ ରହିଆସିଥିବା ନେଇ ବାରମ୍ବାର ନୂଆଦିଲ୍ଲୀ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଠିକ୍ ବେଳକୁ ଛାତ୍ର ପଛ ବେଞ୍ଚରେ ବସିଲା ଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ବୈଦେଶିକ ସମ୍ପର୍କ କେବଳ କଥାରେ କହିବୁଲିଲେ ହୋଇ ନ ଥାଏ। ସେଥିପାଇଁ ସଘନ ପ୍ରୟାସ ଓ ନିରନ୍ତର କୌଶଳ ଆପଣାଯିବା ଦରକାର। ପାକିସ୍ତାନ ସାମରିକ ରଣକୌଶଳ ଓ ସ୍ୱଷ୍ଟ କୂଟନୈତିକ ଆଭିମୁଖ୍ୟ ପୋଷଣ କରିଆସୁଥିବାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ବଡ଼ ଯୁଦ୍ଧ ସଙ୍କଟକୁ ଟାଳିବା ଲାଗି ମଧ୍ୟସ୍ଥ ହେବାର ସୁଯୋଗ ପାଇଲା ବୋଲି କୁହାଯାଉଛି। ଓଡ଼ିଆରେ ଢଗ ଅଛି–'ପଗଡ଼ି ଭିଡୁ ଭିଡୁ କଚେରି ବରଖାସ୍ତ'। ମଧ୍ୟସ୍ଥ ଟେବୁଲକୁ ଯୁଦ୍ଧଗ୍ରସ୍ତ ଦେଶକୁ ଆଣିବା ଲାଗି ନିଆଯାଉଥିବା ଆନୁଷଙ୍ଗିକ ପଦକ୍ଷେପ ସୋସିଆଲ ମିଡିଆରେ ପୋଷ୍ଟ କରି ବାହାବା ନେବା ଭାରତୀୟ ନେତୃତ୍ୱଙ୍କ ପାଇଁ ଆଗ ହୋଇଯାଇଥିବାରୁ ପାକିସ୍ତାନ ଆଲୋଚନାର କେନ୍ଦ୍ରସ୍ଥଳରେ ପହଞ୍ଚିଗଲା। କୌତୂହଳର ବିଷୟ ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ୨୪ ମାର୍ଚ୍ଚରେ ହୋଇଥିବା ଟେଲିଫୋନ୍ କଥାବାର୍ତ୍ତା ବେଳେ ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କଙ୍କ ଉପସ୍ଥିତି ନେଇ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଖବରକୁ ଖଣ୍ଡନ କରିବା ଲାଗି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ବ୍ୟସ୍ତ ହୋଇ ଲାଗିପଡ଼ିଲେ। କୁହାଯାଇପାରେ, ଯେତେବେଳେ ଯାଏ ପ୍ରଚାରସର୍ବସ୍ୱ ଦିଗକୁ ଭାରତ ଗୁରୁତ୍ୱ ଦେଉଥିବ ସେତେବେଳ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ନେତୃତ୍ୱ ନେବା ଲାଗି ଜରୁରୀ ବିଷୟ ଗୌଣ ହେଇଯାଉଥିବ।

# ଆମେରିକାର ବିଶ୍ୱ ଅଭିଯାନ



ଜନାର୍ଦ୍ଦନ ପତି

ଚଳିତ ବର୍ଷ ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ଯୋଡ଼ି ଅଚାନକ ଇରାନ୍ ଉପରେ ବୋମାବର୍ଷଣ କରି ଇରାନର ଶୀର୍ଷନେତା ଆୟାତୋଲ୍ଲା ଖାମନେଇ ଓ ତାଙ୍କ ପରିବାର ସହିତ ଅନ୍ୟ ସାମରିକ ନେତାଙ୍କୁ ହତ୍ୟା କରିଛନ୍ତି। କେବଳ ସେତିକି ନୁହେଁ ଇରାନର ଏକ ବାଳିକା ବିଦ୍ୟାଳୟରେ ଆକ୍ରମଣ ଯୋଗୁ ୧୮୦ ଛାତ୍ରୀ ଏବଂ ଶିକ୍ଷକର ମୃତ୍ୟୁ ଘଟିଛି। ଏହି ଆକ୍ରମଣର ପୂର୍ବଦିନ ପର୍ଯ୍ୟନ୍ତ ସୁଇଜରଲାଣ୍ଡର ଜେନେଭାରେ ଇରାନ–ଆମେରିକା ମଧ୍ୟରେ ଆଲୋଚନା ଚାଲିଥିଲା ଏବଂ ଓମାନ ମଧ୍ୟସ୍ଥତା କରୁଥିଲା। ସେତେବେଳ ପର୍ଯ୍ୟନ୍ତ ଇରାନ କିମ୍ବା ଓମାନ ଜାଣି ନ ଥିଲେ ଯେ, ଆଉ କେଇଘଣ୍ଟା ପରେ ଆମେରିକା–ଇସ୍ରାଏଲ ଆକ୍ରମଣ କରିବେ। ଅର୍ଥାତ ଶାନ୍ତି ଆଲୋଚନା ଥିଲା ଏକ ଛଳନା। ଆଲୋଚନାର ପର୍ଦ୍ଦା ପଛରେ ଇସ୍ରାଏଲ ଓ ଆମେରିକା ମଧ୍ୟରେ ଗୁପ୍ତ ମନ୍ତ୍ରଣା ଚାଲିଥିଲା ଇରାନ ଉପରେ କିପରି ଆକ୍ରମଣ କରାଯିବ।

୨୦୨୫ ଜୁନ୍‌ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ୧୨ ଦିନ ଧରି ଯୁଦ୍ଧ କରିଥିଲେ ଏବଂ ଇରାନର ସୁଡ଼ଙ୍ଗ ଭିତରେ ଥିବା ଆଣବିକ ଶକ୍ତିକୁ ବୋମାମାରି ଧ୍ୱଂସ କରିଦେବା ସହିତ ଇରାନ ସେନାପତିମାନଙ୍କୁ ହତ୍ୟା କରିଥିଲେ। ଏହି ଆକ୍ରମଣ ଯୋଗୁ ଇରାନର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା ଓ ଇରାନରେ ସରକାର ବିରୋଧରେ ଲଗାତର ବିକ୍ଷୋଭ ହୋଇଥିଲା। ଅବଶ୍ୟ ଏହି ଗଣବିକ୍ଷୋଭ ପଛରେ ସି.ଆଇ.ଏ.ର ହାତ ଥିଲା। ଇରାନ ସରକାର ଏହି ବିକ୍ଷୋଭକୁ ଦମନ କରିବାକୁ ଯାଇ ପ୍ରାୟ ତିନି ହଜାର ଲୋକଙ୍କୁ ହତ୍ୟା କରିଥିଲେ। ଆମେରିକା ଆଶା କରିଥିଲା ଯେ, ଇରାନର ଲୋକମାନେ ସରକାରଙ୍କୁ ବିତାଡିତ କରିଦେବେ, ଯେମିତି ବାଂଲାଦେଶ ଓ ନେପାଳରେ ହୋଇଥିଲା। ଆମେରିକା ରାଷ୍ଟ୍ରପତି ବାରମ୍ବାର ଇରାନର ବିକ୍ଷୋଭକାରୀଙ୍କୁ ସରକାରକୁ ଭାଙ୍ଗି ଦେବା ପାଇଁ ଆହ୍ୱାନ ଦେଇଥିଲେ। ହେଲେ ଆମେରିକାର ଏହି ଚକ୍ରାନ୍ତ ସଫଳ ହେଲା ନାହିଁ।

ଅନ୍ୟ ଏକ ଦେଶର ସରକାରକୁ ହଟାଇ, ଶାସନକୁ ବଦଳାଇ ଦେବାର ଧାରା ଆମେରିକା ଗ୍ରହଣ କରି ଚାଲିଛି। ଇରାକର ରାଷ୍ଟ୍ରପତି ସଦ୍ଦାମ ହୁସେନ, ଲିବିୟାର ରାଷ୍ଟ୍ରପତି ଗଦ୍ଦାଫି, ପାନାମାର ରାଷ୍ଟ୍ରପତି ନରିଏଗା, କଂଙ୍ଗୋର ରାଷ୍ଟ୍ରମୁଖ୍ୟ ପ୍ୟାଟ୍ରିସ ଲୁମ୍ମା, ଚିଲିର ରାଷ୍ଟ୍ରପତି ସାଲଭୋଦୋର ଆଲେଣ୍ଡେ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମିଲୋସେଭିକ ଓ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇ ପ୍ରମୁଖଙ୍କୁ ଆମେରିକା ହତ୍ୟା କରିଛି ବା ଜେଲରେ ମାରିଛି। ଗତ ଜାନୁଆରୀ ୩ରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ବଳପୂର୍ବକ ଅପହରଣ କରି, ମିଥ୍ୟା ମାମଲାରେ ଜେଲରେ ରଖିଛି। ଆମେରିକା ନିଜକୁ ଏକ ସଭ୍ୟ ଓ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ଡିଣ୍ଡିମ ପିଟୁଛି। ମାତ୍ର ଏହା ବର୍ବରତା ଓ ଅସଭ୍ୟତାର ରାସ୍ତା ଧରିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ (୧୯୪୫) ପୃଥିବୀରେ ଯେଉଁ ବିଶ୍ୱବ୍ୟବସ୍ଥା ଗଢ଼ି ଉଠିଛି, ଆମେରିକା ତାହାକୁ ପରିବର୍ତ୍ତନ କରିବାକୁ ଚାହୁଁଛି। ରାଷ୍ଟ୍ରସଂଘକୁ ଭାଙ୍ଗି ଦେଇ ଆମେରିକା ନେତୃତ୍ୱରେ ଆଉ ଏକ ବିଶ୍ୱସଂସ୍ଥା ଗଢିବାକୁ ଆମେରିକା ଚାହୁଁଛି। ଜର୍ମାନୀର ମ୍ୟୁନିକ ସହରରେ ଅନୁଷ୍ଠିତ 'ନିରାପା ସମ୍ମିଳନୀ' (ଫେବୃଆରୀ ୧୩–୧୫, ୨୦୨୬)ରେ ଆମେରିକାର ସେକ୍ରେଟାରି ଅଫ୍ ଷ୍ଟେଟ୍‌ସ ମାର୍କୋ ରୁବିଓ ଯେଉଁ ଭାଷଣ ଦେଲେ ତାହା ସବୁଠାରୁ ଗମ୍ଭୀର ଓ ବିପଦପୂର୍ଣ୍ଣ। ରୁବିଓ କହିଲେ, କଲମ୍ବସଙ୍କ ଆମେରିକାର ଆବିଷ୍କାର ପରଠାରୁ ୧୪୫୨ରୁ ୧୯୪୫ ପର୍ଯ୍ୟନ୍ତ ପାଞ୍ଚଶହ ବର୍ଷ ଧରି ପାଶ୍ଚାତ୍ୟ ସଭ୍ୟତା ସମଗ୍ର ବିଶ୍ୱକୁ କବଳିତ କରିଥିଲା। ମାତ୍ର ଦା–ହାତୁଡ଼ି ପତାକା ଧରି ଧର୍ମଦ୍ରୋହୀମାନେ ବିପ୍ଳବ କରି, ପୃଥିବୀର ଭାରସାମ୍ୟକୁ ବଦଳାଇବାକୁ ଉଦ୍ୟମ କରୁଛନ୍ତି। ଏହି ପରିସ୍ଥିତିରେ ବିଶ୍ୱରେ ପାଶ୍ଚାତ୍ୟ ସଭ୍ୟତାକୁ ଶକ୍ତିଶାଳୀ କରିବା ପାଇଁ ଆମେରିକା ପଛରେ ୟୁରୋପ ନିଃସର୍ତ୍ତରେ ଠିଆ ହେବା ଦରକାର। ଏହାର ଅର୍ଥ ଆମେରିକା ଓ ପଶ୍ଚିମ ୟୁରୋପ ମିଳିତ ଭାବେ ସମଗ୍ର ବିଶ୍ୱକୁ କବଳିତ କରିବାକୁ ହେବ।

ଭେନେଜୁଏଲା ଉପରେ ଆକ୍ରମଣ କରିଥିବା ପଟଭୂମିରେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଆମେରିକାକୁ ସମର୍ଥନ କରିଛନ୍ତି। ଇରାନ ଉପରେ ଇସ୍ରାଏଲ–ଆମେରିକା ଆକ୍ରମଣ କରିବା ପରେ ପଶ୍ଚିମ ୟୁରୋପ ଓ ଉପସାଗରୀୟ ଆମେରିକାର ବୋଲକରା ଦେଶଗୁଡ଼ିକ ଆମେରିକା ଯୁଦ୍ଧଘାଟି ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିଛନ୍ତି। ଆଉ ଏକ ଘଟଣା ହେଉଛି ଯେ, ୟୁରୋପର ଅଧିକାଂଶ ଦେଶ ଆମେରିକାର ଆକ୍ରମଣ ନୀତିକୁ ଗ୍ରହଣ କରୁନାହାନ୍ତି।

ପଶ୍ଚିମ ଏସିଆ ସୀମା ଡେଇଁ ଏହି ଯୁଦ୍ଧ ଭାରତ ମହାସାଗରରେ ପହଞ୍ଚିଲାଣି। ଗତ ଫେବୃଆରୀରେ ଭାରତ ସରକାରଙ୍କ ନିମନ୍ତ୍ରଣ ପାଇ ଇରାନର ଏକ ଯୁଦ୍ଧଜାହାଜ ବିଶାଖାପାଟଣା ବନ୍ଦର ନିକଟରେ ଭାରତ ସହିତ ମିଳିତ ସମରାଭ୍ୟାସ କରି ଫେରୁଥିଲା। ଶ୍ରୀଲଙ୍କା ନିକଟରେ ଏହି ଯୁଦ୍ଧ ଜାହାଜ ଥିବା ଅବସ୍ଥାରେ ଆମେରିକାର ସବମରିନରୁ ମାରଣାସ୍ତ୍ର କ୍ଷେପଣ କରାଯାଇ ତାକୁ ଧ୍ୱଂସ କରଦିଆଗଲା। ଫଳରେ ଶତାଧିକ ନୌବାହିନୀ ଅଫିସର ପ୍ରାଣ ହରାଇଛନ୍ତି। ଶ୍ରୀଲଙ୍କାର ତଟରକ୍ଷୀ ବାହିନୀ ୩୨ ଜଣଙ୍କୁ ଉଦ୍ଧାର କରିଛନ୍ତି। ପରିତାପର ବିଷୟ, ଭାରତ ମହାସାଗରକୁ ଏ ଯୁଦ୍ଧ ପହଞ୍ଚିବା ପରେ ଓ ଭାରତର ନିମନ୍ତ୍ରଣକ୍ରମେ ଆସିଥିବା ଏହି ଯୁଦ୍ଧ ଜାହାଜକୁ ଭାବେ ଧ୍ୱଂସ କରାଯିବା ସତ୍ତ୍ୱେ ଭାରତ ସରକାର ନୀରବ ରହିଛନ୍ତି।



ଇରାନସ୍ଥିତ ହର୍ମୋଜ ଷ୍ଟ୍ରେଟ୍ ଦେଇ ବିଶ୍ୱର ପ୍ରାୟ ୨୦ ଶତାଂଶ ବ୍ୟବସାୟିକ ଜାହାଜ ବିଭିନ୍ନ ଦେଶକୁ ଯାଇଥାଏ। ଇରାନ ଏବେ ହର୍ମୋଜ ଷ୍ଟ୍ରେଟ୍ ଦେଇ ଜାହାଜଗୁଡ଼ିକୁ ଯିବାପାଇଁ ଅନୁମତି ଦେଉନାହିଁ। ରୁଷିଆ, ଚାଇନା ଜାହାଜକୁ ଅବଶ୍ୟ ଯିବାକୁ ଅନୁମତି ଦିଆଯାଉଛି। ୟୁରୋପର ଜାହାଜ ଅଟକିଯିବା ଫଳରେ ତେଲ ଓ ଗ୍ୟାସ ସରବରାହ ବନ୍ଦ ହୋଇଯାଇଛି।

ୟୁରୋପିୟାନ ୟୁନିୟନ ତଥା ନାଟୋର ସଦସ୍ୟ ସ୍ପେନ ନିଜ ଦେଶର ବନ୍ଦର ବା ବିମାନ ବନ୍ଦରରୁ କ୍ଷେପଣାସ୍ତ୍ର ପ୍ରୟୋଗ କରି ଇରାନ ଉପରେ ଆକ୍ରମଣ କରିବାକୁ ଅନୁମତି ଦେଉନାହିଁ। ଫଳରେ ସ୍ପେନ ଓ ଆମେରିକାର ସମ୍ପର୍କରେ ଅବନତି ଘଟୁଛି। ଆମେରିକା ଭିତରେ ଏହି ଯୁଦ୍ଧକୁ ବିରୋଧ କରାଯାଉଛି, କାରଣ ଏହି ଯୁଦ୍ଧ ପାଇଁ ଆମେରିକା କଂଗ୍ରେସର ଅନୁମତି ନିଆଯାଇନାହିଁ। ବିଶେଷଜ୍ଞଙ୍କ ମତରେ ଆମେରିକା ଦୀର୍ଘକାଳ ଧରି ଯୁଦ୍ଧ ଚଳାଇବା ସମ୍ଭବ ନୁହେଁ। କାରଣ କ୍ରମଶଃ ବିଶ୍ୱ ଜନମତ ଆମେରିକା ବିରୋଧରେ ଯାଉଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ଶିଶୁ ଓ ମହିଳାଙ୍କୁ ହତ୍ୟା କରିବାର ପ୍ରବଣତା ଦେଖାଇଛନ୍ତି।

ସାମ୍ରାଜ୍ୟବାଦ ଅନ୍ୟ ଦେଶକୁ ଦଖଲ କରେ। ସେହି ଦେଶର ସମ୍ପଦକୁ ନିଜ ଦଖଲକୁ ନେଇଥାଏ। ସେହିକ୍ରମରେ ଇରାନରେ କିଏ ସରକାରରେ ରହିବ, ତାହା ନିଷ୍ପତ୍ତି ନେବ ଆମେରିକା। ୧୯୭୯ରେ ଇସ୍‌ଲାମିକ ବିପ୍ଳବ ସମୟରେ ଇରାନର ଶେଖ ଦେଶ ଛାଡ଼ି ପଳାଇଥିଲେ। ବର୍ତ୍ତମାନ ତାଙ୍କ ପୁଅ ରେଜା ପାହେଲଭିଙ୍କୁ ଇରାନର ରାଷ୍ଟ୍ର କ୍ଷମତାରେ ବସାଇବା ପାଇଁ ଆମେରିକା ମସୁଧା କରୁଛି। ତେବେ ଏହା ଆଦୌ ସହଜ ନୁହେଁ। ଇରାନ, ଇରାକ ନୁହେଁ। ଇରାନର ସାଧାରଣ ଲୋକମାନେ ଆମେରିକାର ବୋଲକରାକୁ ମାନିବେ ନାହିଁ। ଅତୀତରେ ଇରାନର ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ୧୯୫୩ରେ ସି.ଆଇ.ଏ. ଦ୍ୱାରା ଗାଦିଚ୍ୟୁତ କରାଯିବା ପରେ ଫାଶୀ ଦିଆଯାଇଥିଲା ଓ ଆମେରିକାର ବୋଲାକରା ରେଜା ପାହଲିଭିଙ୍କୁ କ୍ଷମତାସୀନ କରାଯାଇଥିଲା। ଏହି ଷଡ଼ଯନ୍ତ୍ରରେ ଆମେରିକା ଓ ଇଂଲଣ୍ଡ ସାମିଲ ଥିଲେ। ମାତ୍ର ୧୯୭୯ରେ ଖୋମେନିଙ୍କ ନେତୃତ୍ୱରେ ଇସଲାମିକ ବିପ୍ଳବ ଘଟିଥିଲା ଓ ଶାହା ଗାଦିଚ୍ୟୁତ ହୋଇଥିଲେ। ଆମେରିକା ୧୯୭୯ ଠାରୁ ଇରାନ ବିରୋଧରେ ବାସନ୍ଦ ଲଗାଇଛି। ୧୯୮୦ ଦଶକରେ ଇରାକ–ଇରାନ ଯୁଦ୍ଧ ଆଠ ବର୍ଷ ଧରି ଚାଲିଥିଲା। ଏହି ଯୁଦ୍ଧରେ ଆମେରିକା ଇରାକକୁ ସାହାଯ୍ୟ କରିଥିଲା। ମାତ୍ର ଇରାନ ଏଥିରେ ଲୋପ ହୋଇନଥିଲା। ଏବେ ଇରାନ ସାହସର ସହ ଆମେରିକା ଓ ଇସ୍ରାଏଲର ମିଳିତ ବାହିନୀ ବିରୋଧରେ ଲଢୁଛି। ଉପସାଗରୀୟ ଦେଶଙ୍କ ମଧ୍ୟରୁ ଲେବାନନ, ସିରିଆ ଏବଂ ଓମାନକୁ ଛାଡ଼ିଦେଲେ ଅନ୍ୟ ସବୁ ଦେଶ ଯଥା– ସାଉଦିଆରବ, ଜୋର୍ଡାନ, ୟୁଏଇ, କାତାର, କୁଏଟ ଆଦି ଆମେରିକାର ବୋଲକରା ତଥା ଏଜେଣ୍ଟ ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ବେଲଜିୟମ, ୟୁକ୍ରେନ, ହଙ୍ଗେରୀ ସମେତ ୟୁରୋପିୟାନ ୟୁନିୟନମାନେ ଆମେରିକା ସପକ୍ଷରେ। ଏକ ଅନ୍ୟାୟ ଓ ଧ୍ୱଂସକାରୀ ଯୁଦ୍ଧକୁ ତଥାକଥିତ ସଭ୍ୟ ଦେଶଗୁଡ଼ିକ ସମର୍ଥନ ଦେବା ଘୃଣାର ବିଷୟ।

ଏ ଯୁଦ୍ଧର ପରିଣାମ କ'ଣ ହେବ, ତାହା ସ୍ପଷ୍ଟ ନୁହେଁ। ତେବେ ଇରାନ ପ୍ରମାଣ କରିଚାଲିଛି ଯେ, ସେ ଆମେରିକା ଓ ଇସ୍ରାଏଲର ଅନ୍ୟାୟ ସର୍ତ୍ତ ପାଖରେ ଆତ୍ମସମର୍ପଣ କରିବ ନାହିଁ କି ସେମାନଙ୍କ ଗୋଲାମ ହେବ ନାହିଁ। ଭାରତ ସରକାର ଇରାନ ପାଖରୁ ଅନେକ କିଛି ଶିଖିବାର ଅଛି।

ମୋ:୯୪୩୭୦୦୭୭୭୦

# ସନ୍ଧିକ୍ଷଣରେ ସବୁଜିମା ସ୍ୱାସ୍ଥ୍ୟ



ଅଲେଖ ଚନ୍ଦ୍ର ସାମଲ

ବର୍ତ୍ତମାନ ସମୟର ସବୁଠାରୁ ଉଦ୍‌ବେଗଜନକ ଚିତ୍ରଟି ଜାତିସଂଘର ଜିଏଫ୍‌ଆର୍‌ଏ ରିପୋର୍ଟରୁ ଜଣାପଡ଼ିଛି, ତାହା ହେଉଛି ଆମ ପୃଥିବୀର ବିଶେଷକରି ଜଙ୍ଗଲର ସ୍ୱାସ୍ଥ୍ୟ ଓ ସ୍ଥିତି ଭଲ ନାହିଁ। ଅର୍ଥାତ୍ ଜଙ୍ଗଲ ବୃଦ୍ଧି ହାରରେ ଆଶାନୁରୂପକ ଅଗ୍ରଗତି ଘଟୁନି। ତେବେ ଗୋଟିଏ ଭଲ ଖବର ହେଉଛି ବିଶ୍ୱ ତାଲିକାରେ ଜଙ୍ଗଲର ଆୟତନ ଦୃଷ୍ଟିରୁ ଦେଖିଲେ ଭାରତର ସ୍ଥାନ ନବମ। କିନ୍ତୁ ଜାତିସଂଘର ରିପୋର୍ଟଟି ଏହା ସୁସ୍ପଷ୍ଟ କରିଛି ଯେ ୨୦୩୦ ସୁଦ୍ଧା ବିଶ୍ୱସ୍ତରରେ ନିଘଞ୍ଚ ଜଙ୍ଗଲ ସୃଷ୍ଟି କରାଯିବାର ଯେଉଁ ମାପକାଠି ଓ ମାନଦଣ୍ଡ ରହିଥିଲା ସେଥିରୁ ସୁଫଳ ସେପରି ମିଳୁନି। ଜଙ୍ଗଲ କ୍ଷୟ ନିଶ୍ଚିତ ଭାବରେ ସବୁଜିମାର ଭବିଷ୍ୟତକୁ ନେଇ ଉଦ୍‌ବେଗ ସୃଷ୍ଟି କରିବା ସ୍ୱାଭାବିକ।

ପ୍ରଥମଟି ହେଉଛି ଗ୍ଲୋବାଲ ଫରେଷ୍ଟ ରିସୋର୍ସେସ ଆସେସ୍‌ମେଣ୍ଟ ଜିଏଫ୍‌ଆର୍‌ଏ ରିପୋର୍ଟ ଯାହା ଜାତିସଂଘର 'ଫୁଡ ଏଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେଶନ' ଦ୍ୱାରା ପ୍ରକାଶିତ। ସେଥିରେ ୧୯୯୦ରୁ ୨୦୨୫ ମସିହା ମଧ୍ୟରେ ଉପଲବ୍ଧ ପ୍ରଚୁର ଡେଟା ଠୁଳ କରାଯାଇ ସମୁଦାୟ ଅବଧିକୁ ୧୯୯୦ରୁ ୨୦୦୦, ୨୦୦୦ରୁ ୨୦୧୫ ଏବଂ ୨୦୧୫ରୁ ୨୦୨୫ ଭଳି ୩ଟି କାଳ ଖଣ୍ଡରେ ବିଭାଜନ କରି ୨୩୬ଟି ଦେଶର ଜଙ୍ଗଲର ସ୍ଥିତିକୁ ସୋପାନ କ୍ରମେ ତୁଳନାତ୍ମକ ବିଶ୍ଳେଷଣ କରାଯାଇଛି। ତାହା ଅନୁସାରେ ପୃଥିବୀରେ ଘଟି ଚାଲିଥିବା ଜଙ୍ଗଲ କ୍ଷୟର ବିକଳ ଚିତ୍ର ମୁଖ୍ୟତଃ ୪ଟି ଦେଶରେ ଜଙ୍ଗଲ ଆଚ୍ଛାଦନ କାରଣରୁ ଅପେକ୍ଷାକୃତ ନିଷ୍ପ୍ରଭ ହୋଇଥାଏ, ଯେଉଁ ଦେଶଗୁଡ଼ିକ ହେଲେ ରୁଷିଆ, ବ୍ରାଜିଲ, କାନାଡ଼ା ଓ ଯୁକ୍ତରାଷ୍ଟ୍ର ଆମେରିକା। ସମ୍ପ୍ରତି ପୃଥିବୀର ସମୁଦାୟ ଜଙ୍ଗଲର ୨୬% ଅର୍ଥାତ୍ ୮୩୨.୬୩ ନିୟୁତ ହେକ୍ଟର ଆୟତନ ବିଶିଷ୍ଟ ଜଙ୍ଗଲ ରୁଷିଆରେ ଅଛି ଯାହା ସର୍ବାଧିକ। ପରବର୍ତ୍ତୀ ତିନିଟି ସ୍ଥାନରେ ଅଛନ୍ତି ବ୍ରାଜିଲ ୪୮୬.୦୯ ନିୟୁତ ହେକ୍ଟର, କାନାଡ଼ା ୩୬୮.୮୨ ନିୟୁତ ହେକ୍ଟର ଏବଂ ଯୁକ୍ତରାଷ୍ଟ୍ର ଆମେରିକା ୩୦୮.୯ ନିୟୁତ ହେକ୍ଟର। ସେହି ରିପୋର୍ଟରୁ ଜଣାପଡ଼ିଛି ଯେ ୭୨.୭୪ ନିୟୁତ ହେକ୍ଟର ପରିମିତ ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ଭାରତ ସମ୍ପ୍ରତି ପୃଥିବୀର ସମୁଦାୟ ଜଙ୍ଗଲର ୨%ର ଅଧିକାରୀ। ସେହି ରିପୋର୍ଟରୁ ଜଣାପଡ଼ିଛି ଯେ ୧୯୯୦–୨୦୦୦ ମସିହା କାଳଖଣ୍ଡରେ ପରିଦୃଷ୍ଟ ହେଉଥିବା ନେଟ୍ ଜଙ୍ଗଲ କ୍ଷୟ ବାର୍ଷିକ ୧୦.୭ ନିୟୁତ ହେକ୍ଟର ୨୦୦୦–୨୦୧୫ ମଧ୍ୟବର୍ତ୍ତୀ ଅବଧିରେ ବାର୍ଷିକ ୩.୬୮ ନିୟୁତ ହେକ୍ଟରକୁ ହ୍ରାସ ପାଇବା ପଛରେ ଅଛି କାନାଡ଼ା, ଚାଇନା, ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ଜଙ୍ଗଲ ଆୟତନ ବୃଦ୍ଧିର ଅବଦାନ। ତେବେ ଏହା ସତ୍ତ୍ୱେ ୨୦୧୫–୨୦୨୫ ଅବଧିରେ ନେଟ୍ ଜଙ୍ଗଲ କ୍ଷୟରେ ପୁନର୍ବାର ବୃଦ୍ଧି ଘଟି ତାହା ବାର୍ଷିକ ୪.୧୨ ନିୟୁତ ହେକ୍ଟରରେ ପହଞ୍ଚିଥିବା ମଧ୍ୟ ଚିନ୍ତାର କାରଣ ହୋଇଥାଏ। ପ୍ରକାଶ



ଥାଉକି ବିଭିନ୍ନ ପ୍ରାନ୍ତରେ ଜଙ୍ଗଲ ସୃଷ୍ଟିର ଉଦ୍ୟମ ପ୍ରଗାଢ଼ ହୋଇଥିଲେ ହେଁ ଜଙ୍ଗଲ କ୍ଷୟର ଭରଣା କରିବା ଲାଗି ତାହା ଯଥେଷ୍ଟ ନୁହେଁ ଏବଂ ଜଙ୍ଗଲ ଆୟତନ ବୃଦ୍ଧି ସବୁ ପ୍ରାନ୍ତରେ ସମାନୁପାତିକ ନୁହେଁ ମଧ୍ୟ। ଅଳ୍ପ କିଛି ଦେଶର ଉନ୍ନତ ପ୍ରଦର୍ଶନ ହେତୁ ଦୃଶ୍ୟପଟ ଆଂଶିକ ଆଶ୍ୱାସନାମୂଳକ ହୋଇଥାଏ।

ଦ୍ୱିତୀୟ ରିପୋର୍ଟ ଅର୍ଥାତ୍ ଫରେଷ୍ଟ ଡିକ୍ଲେୟାରେଶନ ଆସେସ୍‌ମେଣ୍ଟ ରିପୋର୍ଟ ୨୦୨୫ ଦର୍ଶାଇଥାଏ କିଭଳି ଜଙ୍ଗଲ କ୍ଷୟଜନିତ ଉଦ୍‌ବେଗଜନକ ସ୍ଥିତିର ମୁକାବିଲା ସକାଶେ ବୈଶ୍ୱିକ ଉଦ୍ୟମ ଆଦୌ ଯଥେଷ୍ଟ ନୁହେଁ। ଏହି ରିପୋର୍ଟ ୟୁଏନ୍‌ଡିପିର ତତ୍ତ୍ୱାବଧାନରେ ଗୋଟିଏ ସ୍ୱେଚ୍ଛାସେବୀ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ। ତାହା କହିଛି ଯେ ୨୦୧୪ ମସିହାର ନ୍ୟୁୟର୍କ ଘୋଷଣାନାମା ଏବଂ ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ହୋଇଥିବା 'କପ୍ ୨୬'ର ଘୋଷଣାନାମା ଅନୁସାରେ ୨୦୩୦ ମସିହା ସୁଦ୍ଧା ଜଙ୍ଗଲ କ୍ଷୟ ରୋକିବା ଏବଂ ଜଙ୍ଗଲ ରିକ୍ତ ୩୫୦ ନିୟୁତ ହେକ୍ଟର ଅଞ୍ଚଳରେ ପୁନର୍ଭରଣା କରିବାର ଲକ୍ଷ୍ୟ ପରାହତ ହେବା ଅନିବାର୍ଯ୍ୟ। କାରଣ ଜଙ୍ଗଲ ପୁନର୍ଭରଣା ଦିଗରେ ଅଗ୍ରଗତିର ସ୍ଥିତି ହେଉଛି ମାତ୍ର ୩୭ ଶତାଂଶ। ଏଥିରେ କୁହାଯାଇଛି ଯେ କେବଳ ୨୦୨୪ରେ ଜଙ୍ଗଲ କ୍ଷୟର ପରିମାଣ ହେଉଛି ୮.୧ ନିୟୁତ ହେକ୍ଟର। ଏଥିରୁ ସର୍ବାଧିକ ଅର୍ଥାତ୍ ୮୦% ହେଉଛି ବିଷୁବ ମଣ୍ଡଳୀୟ ଅଞ୍ଚଳରେ। ବିଷୁବ ମଣ୍ଡଳୀୟ ଜଙ୍ଗଲଗୁଡ଼ିକର ଜୈବ ବିବିଧତା ସଘନ ହୋଇଥିବା ଦୃଷ୍ଟିରୁ ବିକଳ୍ପଶୂନ୍ୟ ଏବଂ ତହିଁରେ କ୍ଷତି ଉଦ୍‌ବେଗଜନକ। ଏହି ରିପୋର୍ଟ ଅନୁସାରେ ଜଙ୍ଗଲ କ୍ଷୟର କାରଣ ଭାବେ ଯାହା ସର୍ବାଗ୍ରେ ରହିଛି, ତାହା ସମସ୍ତଙ୍କୁ ବିସ୍ମିତ କଲା ଭଳି କୃଷିର ଅଭିବୃଦ୍ଧି ଅର୍ଥାତ୍ ଚାଷବାସ ଓ ପ୍ରାଣୀପାଳନ ସକାଶେ ଯେଉଁ ବୃକ୍ଷ ଛେଦନ ହେଉଛି ତାହା ସମୁଦାୟ ଜଙ୍ଗଲ କ୍ଷୟର ୮୬ ପ୍ରତିଶତ।

ଆମେ ସମସ୍ତେ ଏଥିରେ ସମର୍ଥନ କରିବା ଯେ ବାସ୍ତବରେ ଜଙ୍ଗଲ କ୍ଷୟ ଆଶାତୀତ ଭାବେ ହେଉଛି। ଗୋଟିଏ ପଟେ ଖାଦ୍ୟ ଅଧିକାର କ୍ଷେତ୍ରକୁ ଦେଖିଲେ ପୃଥିବୀର ପ୍ରତ୍ୟେକ ମନୁଷ୍ୟ ଲାଗି ଖାଦ୍ୟର ନିରନ୍ତର ବୃଦ୍ଧି ନିମିତ୍ତ ବିଶେଷକରି କୃଷି ଓ ପ୍ରାଣୀପାଳନ କ୍ଷେତ୍ର ନିମନ୍ତେ ସମତଳ ଭୂମି ଦରକାର ପଡ଼ିବ। ଯାହାକି ଜଙ୍ଗଲ ନଷ୍ଟ ହେବ ବା ଜଙ୍ଗଲ ବିଲୁପ୍ତି ହେବାର ପ୍ରଥମ ପାହାଚ କହିଲେ ଅତ୍ୟୁକ୍ତି ହେବନାହିଁ। ପୃଥିବୀର ଖାଦ୍ୟ ଚାହିଦାରେ ବାର୍ଷିକ ୧.୩% ହାରରେ ବୃଦ୍ଧି ପରିଲକ୍ଷିତ ହେଉଛି। ପ୍ରାକୃତିକ ଜଙ୍ଗଲ ଯେଉଁପରି ଭାବରେ ନଷ୍ଟ ହେଉଛି କୌଣସି ପରିସ୍ଥିତିରେ କୃତ୍ରିମ ଉପାୟରେ ଜଙ୍ଗଲ ବା ପରିବେଶର ଘନତା ସୃଷ୍ଟି କରିବା ସମ୍ପୂର୍ଣ୍ଣ ବୃଥା। ସେହିପରି ଜଙ୍ଗଲରେ ମଧ୍ୟ ଖାଦ୍ୟ ଓ ଖାଦକ ଗୋଟିଏ ସ୍ଥାନରେ ରହୁଥିଲେ ମଧ୍ୟ ଜଙ୍ଗଲ ଏକ ଭାରସାମ୍ୟ ରକ୍ଷା କରନ୍ତି। ବର୍ତ୍ତମାନ ସମୟରେ ପୂର୍ବପରି ପ୍ରାଣୀମାନଙ୍କ ଶିକାର କିଛିକାଂଶରେ କମିଛି କିନ୍ତୁ ବୃକ୍ଷରୋପଣ ଯେପରି ଭାବରେ ହେବା କଥା ସେପରି ହେଉନାହିଁ। ପରିସଂଖ୍ୟାନର ତଥ୍ୟ ମୁତାବକ ଜଙ୍ଗଲ କ୍ଷୟ ପାଇଁ ଜୈବ ବିବିଧତା ଉପରେ ଗୁରୁତ୍ୱ ଦେବା ସର୍ବାଦୌ ବାଞ୍ଛନୀୟ।

**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ: ୯୪୩୭୨୫୭୧୨୩**

## ଏଇ ଭାରତରେ

ଦିଲ୍ଲୀ–ଏନ୍‌ସିଆର, ଉତ୍ତରପ୍ରଦେଶ, ହରିୟାଣା ଏବଂ ଗୁଜରାଟର ୨୦ଟି ସରକାରୀ ଓ ୮ଟି ଘରୋଇ ସ୍କୁଲରେ ପିଲାମାନେ ଚାଷକରି ପରିବା ଉତ୍ପାଦନ କରିବାକୁ ସକ୍ଷମ ହୋଇପାରିଛନ୍ତି। ଏହା ସମ୍ଭବ ହୋଇଛି ପ୍ରଗତି ଚାଓ୍ୱାଲଙ୍କ ଅର୍ବାନ ଫାର୍ମିଂ ମିଶନ ଦ୍ୱାରା। ଏବେ ସୁଦ୍ଧା ସେ ୭୮,୦୦୦ ପିଲାଙ୍କୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଦେଇସାରିଲେଣି। । ପିଲାଙ୍କୁ ଚାଷ କରିବାରେ ବି ସେ ସହଯୋଗ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ପୁସ୍ତକ ଜ୍ଞାନ ହାସଲ କରିବା ସହ ପ୍ରକୃତି ସହ ଜଡ଼ିତ ହେଉଛନ୍ତି। ସାରା ଜୀବନ ପାଇଁ ଏକ ଉପଯୋଗୀ ଅଭ୍ୟାସକୁ ଆପଣାଇପାରୁଛନ୍ତି। ଚାଓ୍ୱାଲ ଶୋ ଗୁଡ୍ ଫାଉଣ୍ଡେଶନ ଗଠନ କରି ୨୦୧୭ରୁ ଏହି କାର୍ଯ୍ୟ ଜାରି ରଖିଛନ୍ତି। ୨୦୧୮ରେ ସରକାରୀ ସ୍କୁଲଗୁଡ଼ିକର ଭାଗୀଦାରିରେ ପିଲାଙ୍କ ପାଇଁ ଏକ ସମନ୍ୱିତ ପାଠ୍ୟକ୍ରମ ଗଢ଼ିଥିଲେ, ଯେଉଁଥିରେ ସମୟସାରଣୀରେ କୃଷିକୁ ସିଧାସଳଖ ଯୋଡ଼ି ପାରିଥିଲେ। ଶିକ୍ଷକ ଓ ପିଲାମାନେ ସ୍କୁଲରେ ପନିପରିବା ଚାଷ କରୁଛନ୍ତି । ସ୍କୁଲ ଛାତ ଉପରେ ବଗିଚା ମଧ୍ୟ କରୁଛନ୍ତି। ଏହାଦ୍ୱାରା ପିଲାମାନେ ଚାଷ ପଦ୍ଧତି, ସମୟ ଓ ଉତ୍ପାଦନ ସମ୍ପର୍କିତ ଜ୍ଞାନ ପାଉଚନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୦ ମାର୍ଚ୍ଚ ୧୯୭୭

- ଲୋକସଭା ସଦସ୍ୟ ସୁବ୍ରମନ୍ୟମ ସ୍ୱାମୀଙ୍କ ଉପରେ ରହିଥିବା ସମସ୍ତ ଅଭିଯୋଗକୁ ଡିରେକ୍‌ଟରେଟ୍ ଅଫ୍ ଏନ୍‌ଫୋର୍ସମେଣ୍ଟ ବିଚାରାଳୟର ଅନୁମତି ନେଇ ପ୍ରତ୍ୟାହାର କରିଦେଇଛନ୍ତି।
- ଜମ୍ମୁ ଓ କଶ୍ମୀର ବିଧାନସଭାକୁ ଭାଙ୍ଗିଦେବ ସମ୍ପର୍କରେ ଡକ୍ଟର କରଣ ସିଂହ ଲୋକ ସଭାରେ ମୁଲତବି ପ୍ରସ୍ତାବ ଆଗତ କରିଛନ୍ତି।

## ଚିରନ୍ତନୀ

ଦୂରଦେଶୁ ପରବାସୀ
ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ
ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | | 9 | |
| 1 | | 9 | | | | 8 | 2 | |
| | | | | 8 | | | | 7 |
| | | | 4 | | 5 | 3 | 6 | |
| | | | | 9 | 1 | 4 | | 8 |
| | | | | | | | | |
| 9 | | 1 | | | | | | 6 |
| | 6 | | | 3 | | | | |
| | | 5 | 9 | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 3 | 4 | 9 | 6 | 5 | 8 |
| 6 | 9 | 8 | 7 | 1 | 5 | 3 | 4 | 2 |
| 5 | 3 | 4 | 8 | 6 | 2 | 7 | 9 | 1 |
| 3 | 6 | 2 | 1 | 7 | 4 | 5 | 8 | 9 |
| 9 | 4 | 1 | 6 | 5 | 8 | 2 | 3 | 7 |
| 8 | 7 | 5 | 2 | 9 | 3 | 4 | 1 | 6 |
| 1 | 2 | 3 | 5 | 8 | 7 | 9 | 6 | 4 |
| 4 | 5 | 6 | 9 | 2 | 1 | 8 | 7 | 3 |
| 7 | 8 | 9 | 4 | 3 | 6 | 1 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିସ୍ଥାପିତଙ୍କୁ ଘରଡ଼ିହ

ମହାଶୟ,

ହୀରାକୁଦ ନଦୀବନ୍ଧ ନିର୍ମାଣ ହେବା ପରେ ବିଦ୍ୟୁତ ଉତ୍ପାଦନ ଓ ଜଳସେଚନର ସୁବିଧା ହୋଇପାରିଛି। ମହାନଦୀ ଓ ଏହାର ଶାଖା ନଦୀର ବନ୍ୟା ଦାଉରୁ ଜନସାଧାରଣ ସୁରକ୍ଷିତ ହୋଇଛନ୍ତି। ଏହି ନଦୀବନ୍ଧ ନିର୍ମାଣ ସମୟରେ ବହୁ ପରିବାର ବିସ୍ଥାପିତ ହୋଇଥିଲେ। ସେମାନେ ଦୀର୍ଘ ୭୦ ବର୍ଷ ପରେ ନ୍ୟାଯ୍ୟ ଅଧିକାର ଘରଡିହ ପାଇପାରିବେ। ସେମାନଙ୍କୁ ଅସ୍ଥାୟୀ ଭାବେ ଥଇଥାନ କରାଯାଇଥିଲା। ନିଜସ୍ୱ ଜାଗା ମିଳି ନ ଥିଲା। ଲୋକେ ବିସ୍ଥାପିତ ହେବା ପରେ କେତେକଙ୍କୁ ସହାୟତା ଦିଆଯାଇଥିଲା। ହେଲେ ତାହା ସେମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିପାରୁ ନ ଥିଲା। ସରକାରଙ୍କ ଏଭଳି ନିଷ୍ପତ୍ତି ବିସ୍ଥାପିତଙ୍କ ପରିବାରର ବିକାଶରେ ସହାୟକ ହୋଇପାରିବ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୋଳ ମଣ୍ଡପରେ ମାଂସ ଭୋଜିକୁ ବିରୋଧ କରିବାରୁ ଗଣ୍ଡଗୋଳ

## ରାସ୍ତାରୋକୋ କଲେ ଗ୍ରାମବାସୀ

ଭଦ୍ରକ,୨୯।୩ (ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ନାଥସାହି ଦୋଳ ମଣ୍ଡପରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେଜଣ ଯୁବକ ରବିବାର ଅପରାହ୍ନରେ ମଦ ପିଇବା ସହ ମାଂସ ଭୋଜି କରିବା ଘଟଣାକୁ ବିରୋଧ କରିବାରୁ ଗଣ୍ଡଗୋଳ ଘଟିଛି। ସୂଚନା ଅନୁଯାୟୀ, ସେହି ଯୁବକମାନେ ଦୋଳ ମଣ୍ଡପରେ ମଦ ପିଉଥିବା ଓ ମାଂସ ଖାଉଥିବା ବେଳେ ଗ୍ରାମର ୨ଜଣ ଯୁବକ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣାକୁ ନେଇ ନାଥସାହି ଓ ବେହେରାସାହିର



ରାସ୍ତାରୋକୋ ସ୍ଥଳରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସମାଧାନ ନେଇ ଜିଲାପାଳଙ୍କ ସହ ଫୋନ୍‌ରେ କଥା ହେଉଛନ୍ତି।

ଲୋକମାନେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ମିର୍ଜାପୁର ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରୋକୋ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିବାରୁ ରାସ୍ତାର ଉଭୟପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସିଟି ଡିଏସ୍‌ପି ଅନିଲ ପ୍ରଧାନ, ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ ସାହୁ ଓ ସାବରଙ୍ଗ ଥାନାଧିକାରୀ ଶାନ୍ତନୁ ଜେନା ସେଠାରେ ପହଞ୍ଚି ଆଲୋଚନା କରିଥିଲେ। ମଣ୍ଡପ ଚତୁଃପାର୍ଶ୍ୱରେ ସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ ସହ ଅସାମାଜିକ ଯୁବକମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ଗ୍ରାମବାସୀ ଦାବି କରିଥିଲେ। ଅତିରିକ୍ତ ଏସ୍‌ପି ଫୋନ ମାଧ୍ୟମରେ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୫ଟା ବେଳେ ରାସ୍ତାରୋକୋ ହଟିଥିଲା। ଅତିରିକ୍ତ ଏସ୍‌ପି ବେହେରା କହିଛନ୍ତି, ସ୍ଥିତି ନିୟନ୍ତ୍ରଣାଧୀନ ଅଛି। ଗ୍ରାମବାସୀଙ୍କ ଦାବି ବିଷୟରେ ଜିଲା ପ୍ରଶାସନ ପଦକ୍ଷେପ ନେବ। ସେମାନେ ଜିଲାପାଳଙ୍କ ସହ ଏ ବିଷୟରେ ଆଲୋଚନା କରିବେ ବୋଲି କୁହାଯାଇଛି। ଏନେଇ ଥାନାଧିକାରୀ ସାହୁ କହିଛନ୍ତି, ମଣ୍ଡପରେ ବିୟର୍ କାର୍ଟୁନ ରହିଥିଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସ୍ଥିତିକୁ ନଜରରେ ରଖି ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ସମ୍ପତ୍ତି ବିବାଦରେ ବଡ଼ଭାଇଙ୍କୁ ହତ୍ୟା: ୨ ଭାଇ ଗିରଫ

କୋରାପୁଟ/ନାରାୟଣପାଟଣା,୨୯।୩ (ଅମିତାଭ ବେହେରା/ରାଜକିଶୋର ଜେନା)

ଜମି, ସମ୍ପତ୍ତି ବଣ୍ଟାକୁ ନେଇ ବଡ଼ଭାଇଙ୍କୁ ହତ୍ୟା କରିଥିବା ୨ ସାନଭାଇଙ୍କୁ କୋରାପୁଟ ଜିଲା ନାରାୟଣପାଟଣା ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନାରାୟଣପାଟଣା ଥାନା ଅଧୀନ ତେନ୍ତୁଳିପଦର ପଞ୍ଚାୟତ କେନ୍ଦୁମୁଣ୍ଡା ଗ୍ରାମର କାର୍ଲା ହୁଇକା ଓ ଲିଙ୍ଗୁ ହୁଇକା। ଏନେଇ ଥାନାରେ ଖବରଦାତା ସମ୍ମିଳନୀ କରି ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ ବେହେରା ରବିବାର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, କେନ୍ଦୁମୁଣ୍ଡା ଗ୍ରାମର ବିଜୁନୁ ହୁଇକାଙ୍କ ୪ ପୁଅଙ୍କ ମଧ୍ୟରୁ ବଡ଼ପୁଅ ପାଲସୁ ହୁଇକା(୪୦)ଙ୍କ ନାମରେ ସମସ୍ତ ସମ୍ପତ୍ତି ରହିଥିଲା। ୨ ସାନଭାଇ



ଗିରଫ ୨ ଅଭିଯୁକ୍ତ।

ସମ୍ପତ୍ତିରୁ ଭାଗ ନେବା ପାଇଁ ପୂର୍ବରୁ ବିବାଦ କରୁଥିଲେ। ଗତ ୨୭ ତାରିଖ ସନ୍ଧ୍ୟାରେ ଧାର ନେଇଥିବା ଟଙ୍କାକୁ ନେଇ ପାଲସୁ ତାଙ୍କ ସାନଭାଇମାନଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଭାଇମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଏହା ହିଂସାର ରୂପ ନେଇଥିଲା। ୨ ସାନଭାଇ ମିଶି ପାଲସୁଙ୍କୁ ଗାମୁଛାରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ପରେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପାଲସୁଙ୍କ ମୃତ୍ୟୁ ହୋଇଥିଲା। ପାଲସୁଙ୍କ ସ୍ତ୍ରୀ ତୁଳସୀ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ବେଳେ ୨ ଭାଇ ତାଙ୍କୁ ଧମକ ଦେଇଥିଲେ। ଏ ନେଇ ତୁଳସୀ ନାରାୟଣପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ କାର୍ଲା ଓ ଲିଙ୍ଗୁଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ୨ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଏବଂ ନାରାୟଣପାଟଣା ଥାନାଧିକାରୀ ମମତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଟାଙ୍ଗୀ-ଚୌଦ୍ୱାର ଆର୍‌ଆଇ ଗିରଫ

## ମ୍ୟୁଟେଶନ କେସ୍‌ରେ ୩୦,୦୦୦ ଲାଞ୍ଚ

କଟକ/ଚୌଦ୍ୱାର,୨୯।୩(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ତହସିଲ ଅନ୍ତର୍ଗତ ମଙ୍ଗରାଜପୁର ଆର୍‌ଆଇ ରାଜାରାମ ବାନ୍ଦ୍ରା ଭିଜିଲାନ୍ସ ଦ୍ୱାରା ରବିବାର ଗିରଫ ହୋଇଛନ୍ତି। ଏକ ଜମିର ମ୍ୟୁଟେଶନ କେସ୍‌ରେ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ସୂଚନାନୁସାରେ, ଜଣେ ବ୍ୟକ୍ତି ତାଙ୍କ ପତିତ କିସମ ଜମିକୁ ଘରବାରି କିସମକୁ ପରିବର୍ତ୍ତନ କରିବା ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ତହସିଲରେ ଅନ୍‌ଲାଇନ ମାଧ୍ୟମରେ ଏକ ମ୍ୟୁଟେଶନ କେସ୍



ଆର୍‌ଆଇ ରାଜାରାମ ବାନ୍ଦ୍ରା।

୨୦୨୬ ମାର୍ଚ୍ଚ ୧୦ରେ ଫାଇଲ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗାଇଡ୍‌ଲାଇନ ଅନୁସାରେ ଆବେଦନକାରୀ ବ୍ୟକ୍ତି ଏଥିପାଇଁ ଆବେଦନ କରିଥିଲେ। ଏହାପରେ ଆର୍‌ଆଇ ବାନ୍ଦ୍ରା ଆବେଦନକାରୀଙ୍କୁ ଯୋଗାଯୋଗ କରି ମାର୍ଚ୍ଚ ୨୯ ତାରିଖ (ରବିବାର) ଆର୍‌ଆଇ ଅଫିସକୁ ଆସିବା ବେଳେ ୩୦,୦୦୦ ଟଙ୍କା ସାଙ୍ଗରେ ନେଇ ଆସିବାକୁ କହିଥିଲେ। ଟଙ୍କା ନ ଆଣିଲେ ସେ ଆବେଦନକାରୀ ସପକ୍ଷରେ ରିପୋର୍ଟ ଦେବେ ନାହିଁ ବୋଲି ଧମକ ମଧ୍ୟ ଦେଇଥିଲେ। ଏଭଳି ଧମକ ଶୁଣି ଆବେଦନକାରୀ କୌଣସି ଉପାୟ ନ ପାଇ ଏ ବାବଦରେ ଭିଜିଲାନ୍ସରେ ଜଣାଇଲେ। ଯୋଜନା ମୁତାବକ ସେ ଅଫିସ୍‌କୁ ଆସି ୩୦,୦୦୦ ଟଙ୍କା ଲାଞ୍ଚ ଅର୍ଥ ଆର୍‌ଆଇଙ୍କୁ ପ୍ରଦାନ କଲେ। ଏହି ସମୟରେ ସେଠାରେ ପୂର୍ବରୁ ଉପସ୍ଥିତ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିବା ସହ ତାଙ୍କଠାରୁ ଲାଞ୍ଚ ୩୦,୦୦୦ ଟଙ୍କା ଜବତ କରିଥିଲେ। ଏନେଇ କଟକ ଭିଜିଲାନ୍ସରେ ଏକ ମାମଲା (ନଂ.୧୩/୨୦୨୬) ରୁଜୁ ହୋଇଛି। ଆୟବର୍ହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଆର୍‌ଆଇଙ୍କ ଦୁଇଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି। ଭିଜିଲାନ୍ସ ଉଭୟ ସ୍ଥାନରେ ତନଖି ଚଳାଇବା ସହ ତଦନ୍ତ ଚାଲୁ ରହିଥିବା ଜଣାଯାଇଛି।

# ପୂର୍ବ ଶତ୍ରୁତାରୁ ଛାତ୍ରଙ୍କୁ ହାଣିଲେ ଯୁବକ

ଭଞ୍ଜନଗର,୨୯।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ଡିହପଡାଲ ନିକଟସ୍ଥ ବଡ଼ନଦୀରେ ଗାଧୋଉଥିବା ସମୟରେ ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଅଶୋକ ନାଇକ (୧୭)ଙ୍କୁ ରବିବାର ସକାଳେ ଜଣେ ଯୁବକ ଖଣ୍ଡାରେ ହାଣି ଦେଇଛନ୍ତି। ପୂର୍ବ ଶତ୍ରୁତାରୁ କୌଣସି କଥାକୁ ନେଇ ଯୁକ୍ତିତର୍କ ହେବା ପରେ ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ ଅଶୋକଙ୍କ ବାମ ହାତକୁ ଖଣ୍ଡାରେ ହାଣି ଦେଇଥିଲେ। ଗୁରୁତର ଅଶୋକଙ୍କୁ ଭଞ୍ଜନଗର ମେଡିକାଲ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ କାବୁ କରି ପଚରାଉଚରା କରୁଛି।

# ଶିମିଳିପାଳରୁ ଶିକାରୀ ଗିରଫ, ବନ୍ଧୁକ ଜବତ

ବାରିପଦା,୨୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜା ଯାଇଥିବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ କଏଦ ଫଟୋଚିତ୍ରକୁ ନେଇ ବନ ବିଭାଗ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ କପ୍ତିପଦା ଥାନା ଅଧୀନ ଜେ.ଏସ୍. ଜାମଡିହା ଗ୍ରାମର ଦଶରଥ ସିଂ (୫୦)। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୧୮୦ ଗ୍ରାମ ବିସ୍ଫୋରକ, ସାଇକେଲ ବଲ୍, ପିନ୍ ଓ ମାଚିସ ବାକ୍ସ ପରି ଶିକାର ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି।



ବନ ବିଭାଗ ଦ୍ୱାରା ଗିରଫ ଶିକାରୀ ଓ ଜବତ ବନ୍ଧୁକ।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଜଙ୍ଗଲ ମଧ୍ୟରେ ଲାଗିଥିବା ଏଆଇ କ୍ୟାମେରାରୁ ବନ ବିଭାଗ ନିକଟକୁ ଏକ ଫଟୋ ଆସିଥିଲା। ଏହି ସୂଚନା ପାଇବା ମାତ୍ରେ ପୋଡ଼ାଡ଼ିହା ରେଞ୍ଜର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲ ମଧ୍ୟରେ ଅତର୍କିତ ଚଢ଼ାଉ କରିଥିଲା। ବନ କର୍ମଚାରୀମାନେ ଜଙ୍ଗଲରେ ଛପି ରହିଥିବାବେଳେ ଜଣେ ବ୍ୟକ୍ତି ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଚତୁରତାର ସହ ବନ ବିଭାଗ ଟିମ୍ ଦଶରଥଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏହି ଶିକାରୀ ଦଳରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ସେ ନେଇ ବନ ବିଭାଗ ତଦନ୍ତ ଜାରି ରଖିଥିବା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

୩ୟ ପୃଷ୍ଠାରୁ...

## ପୋଲିସର ଚିନ୍ତା...

କିନ୍ତୁ ସେମାନେ ଆତ୍ମସମର୍ପଣ କରୁ ନ ଥିବାରୁ ପୋଲିସ ଏନ୍‌କାଉଣ୍ଟର କରିବା ପାଇଁ ଅପରେଶନ୍‌କୁ ଜୋର୍‌ଦାର କରିଛି।

ସୂଚନା ଅନୁସାରେ, ଶୁକ୍ରୁ ଆତ୍ମସମର୍ପଣ କରିବା ପରେ କନ୍ଧମାଳରେ ମାଓବାଦୀ ସଂଗଠନ ସମ୍ଭାଳିବା ପାଇଁ ଛତିଶଗଡ଼ରୁ ଜଣେ ଟପ୍ କ୍ୟାଡର ମାଓବାଦୀ ରାଜୁଙ୍କୁ ପଠାଯାଇଛି। ସେ କନ୍ଧମାଳ ଜଙ୍ଗଲକୁ ଆସି ଶୁକ୍ରୁ ଟିମ୍‌ର ସଦସ୍ୟଙ୍କୁ ଆତ୍ମସମର୍ପଣ ନ କରିବାକୁ ପ୍ରବର୍ତ୍ତାଇବା ସହ ପ୍ରୋତ୍ସାହିତ କରୁଛନ୍ତି। ଆଗକୁ ସଙ୍ଗଠନ ଦୃଢ଼ କରି ନେତୃତ୍ୱ ନେବାକୁ ଲୋଭ ଦେଖାଉଛନ୍ତି। ନଚେତ କଥା ନ ମାନି ଯିଏ ପୋଲିସ ନିକଟରେ ଆତ୍ମସମର୍ପଣ କରିବ ତାଙ୍କୁ ଜଙ୍ଗଲ ଭିତରେ ହତ୍ୟା କରିବାକୁ ମଧ୍ୟ ଧମକ ଦିଆଯାଇଛି। ପୂର୍ବରୁ ମଧ୍ୟ ଶୁକ୍ରୁ ଏହିଭଳି ତାଙ୍କ ସାଥୀମାନଙ୍କୁ ଆତ୍ମସମର୍ପଣ ନ କରିବାକୁ ଧମକ ଦେଉଥିଲେ। ଏପରିକି ଆତ୍ମସମର୍ପଣ କରିବାକୁ ଯାଉଥିବା ସାଥୀ ଅନ୍ୱେଷଙ୍କୁ ମଧ୍ୟ ସେ ଗୁଳି ମାରି ହତ୍ୟା କରି ଜଙ୍ଗଲରେ ପୋତିଦେଇଥିଲେ। ତେଣୁ ଏହି ୯ ମାଓବାଦୀ ଆତ୍ମସମର୍ପଣ କରିବା ଆଶା କ୍ଷୀଣ ହେଉଥିବାରୁ ପୋଲିସ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସେମାନଙ୍କୁ କିଭଳି ଏନ୍‌କାଉଣ୍ଟର କରି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଟାର୍ଗେଟକୁ ସଫଳ କରାଯିବ ସେଥିପାଇଁ ଶେଷ ପ୍ରୟାସ ଚଳାଇଛି ଓଡ଼ିଶା ପୋଲିସ। ୩୧ତାରିଖ ଭିତରେ ବାକି ୯ ମାଓବାଦୀ ଆତ୍ମସମର୍ପଣ ନ କଲେ ଏନ୍‌କାଉଣ୍ଟର କରାଯିବ ବୋଲି ପୋଲିସ ନିଶ୍ଚିତ କରିଛି।

ଏପରି ସ୍ଥିତିରେ ପୋଲିସ ଡିଜି ଖୁରାନିଆ ରବିବାର କନ୍ଧମାଳ ଜିଲା ଗସ୍ତ କରି ମାଓବାଦୀ ଅପରେଶନ ସ୍ଥିତିର ସମୀକ୍ଷା କରିବା ସହ ଲୁଚି ରହିଥିବା ମାଓବାଦୀଙ୍କୁ ଅନ୍ତିମ ସୁଯୋଗ ଦେଇଛନ୍ତି। ଜିଲା ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିପି କହିଲେ, କନ୍ଧମାଳରେ ଲୁଚିଥିବା ୯ଜଣ ମାଓବାଦୀ ୩୧ ତାରିଖ ସୁଦ୍ଧା ଆତ୍ମସମର୍ପଣ କରିବାକୁ ଆମେ ସୁଯୋଗ ଦେଉଛୁ। ସେମାନେ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ଶୁକ୍ରୁଙ୍କ ଭଳି ଟପ୍ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଲେଣି। ପୋଲିସ ସହ ଯୋଗାଯୋଗ କରି ଅସ୍ତ୍ର ଛାଡ଼ନ୍ତୁ। ୩୧ ପରେ ଆତ୍ମସମର୍ପଣକୁ ଆଉ ଗ୍ରହଣ କରାଯିବ ନାହିଁ। ଜଙ୍ଗଲରେ ଚାଲିଥିବା ମାଓ ଅପରେଶନରେ ସେମାନଙ୍କ ଜୀବନ ଯିବ ବୋଲି ଡିଜିପି କହିଛନ୍ତି।

ଆହୁରି ମଧ୍ୟ ସେ କହିଛନ୍ତି, ବର୍ଷକ ଭିତରେ ୭୭ ମାଓବାଦୀ ଓଡ଼ିଶା ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ୨୩ଜଣ ମାଓବାଦୀ ଏଠୁ ଯାଇ ଛତିଶଗଡ଼ରେ ଆତ୍ମସମର୍ପଣ କରିଛନ୍ତି। ୨୭ ମାଓବାଦୀଙ୍କୁ କୋମ୍ବିଂ ଅପରେଶନ ବେଳେ ନିପାତ କରାଯାଇଛି। ୨୦୨୫ ଜାନୁଆରୀ ୨୫ରେ ୧୭ଜଣ ନିପାତ ହୋଇଥିଲେ। ନୂଆପଡ଼ା ସୀମାନ୍ତ ଅପରେଶନରେ ୧୭ଜଣଙ୍କୁ ନିପାତ କରାଯାଇଥିଲା। ଓଡ଼ିଶାରେ ଏବେ ଏମାନଙ୍କ ସଂଖ୍ୟା ସିଙ୍ଗଲ ଡିଜିଟ୍‌କୁ ଖସିଆସିଛି। ଗୋଟିଏ ଛୋଟ ଗ୍ରୁପ୍ କନ୍ଧମାଳ-ରାୟଗଡ଼ା-କଳାହାଣ୍ଡି ସୀମାନ୍ତରେ ଲୁଚି ବୁଲୁଛି।

ଆଣ୍ଟି ମାଓବାଦୀ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ଓଡ଼ିଶାର କୋରାପୁଟ ଓ ମାଲକାନଗିରି ମାଓବାଦୀମୁକ୍ତ ହୋଇସାରିଛି। କନ୍ଧମାଳରେ ଏବେ ଛୋଟ ମାଓବାଦୀ ଗ୍ରୁପ୍ ରହିଛି। ଦିଆଯାଇଥିବା ସମୟ ଭିତରେ ସେମାନେ ଆତ୍ମସମର୍ପଣ ନ କଲେ ଆମେ ଜଙ୍ଗଲରେ ଖୋଜି ଖୋଜି ଏନ୍‌କାଉଣ୍ଟର କରିବୁ ବୋଲି ଏଡିଜି କହିଛନ୍ତି। ସମ୍ମିଳନୀରେ ଆଇଜି ଅପରେଶନ ଡ. ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, କନ୍ଧମାଳ ଏସ୍‌ପି ହରିଶ ବିସି ଉପସ୍ଥିତ ଥିଲେ।

## ଆଜି ସ୍ୱାସ୍ଥ୍ୟବିଭାଗର...

ପାରିତ ହେବାପାଇଁ ରହିଥିଲା। ସେହିପରି ଶୁକ୍ରବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ପାଇଁ ନଗର ଉନ୍ନୟନ ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଖର୍ଚ୍ଚ ଦାବି ଗିଲୋଟିନରେ ପାରିତ ହେବାକୁ ରହିଛି। ଏହାବାଦ୍ ଅର୍ଥ, ଜଙ୍ଗଲ ଓ ପରିବେଶ ସୁରକ୍ଷା, ମତ୍ସ୍ୟ ଓ ପଶୁସମ୍ପଦ ଭଳି ଯେଉଁସବୁ ବିଭାଗର ଖର୍ଚ୍ଚଦାବି ପାରିତ ହୋଇପାରି ନାହିଁ ସେସବୁ ଗିଲୋଟିନରେ ପାରିତ ହେବ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଚ୍ଚ ୧୦ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ରହିଥିବାବେଳେ ୧୧ରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ୧୨ରେ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ, ୧୩ରେ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି। ଏହାସହିତ ୧୭ରେ ଇସ୍ପାତ ଓ ଖଣି, ପରିବହନ, ୧୮ରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ, ୧୯ରେ ଜଳସମ୍ପଦ, ୨୦ରେ ନିର୍ମାଣ, ୨୩ରେ କୃଷି ଓ କୃଷକ ସଶକ୍ତୀକରଣ, ୨୪ରେ ରାଜସ୍ୱ ଓ ଶ୍ରମ, ୨୫ରେ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚ ଦାବି ପାରିତ ହୋଇଛି।









ଜେରୁଜେଲମ୍‌କୁ ଯୀଶୁଖ୍ରିଷ୍ଟଙ୍କ ପ୍ରବେଶ ସ୍ମରଣରେ ପାମ୍ ସନ୍‌ଡେ ପାଳନ ଅବସରରେ ଇସ୍ରାଏଲୀମାନେ ସ୍ଥାନୀୟ କ୍ୟାଥୋଲିକ୍ ଫ୍ରାନ୍ସିସ୍କାନ୍ ମୋନାଷ୍ଟେରି ଅଫ୍ ସେଣ୍ଟ ସେଭିୟର ଚର୍ଚ୍ଚରେ ଶୋଭାଯାତ୍ରା କରୁଛନ୍ତି। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ୧୦ ବର୍ଷରେ ୧୦,୦୦୦ ମାଓବାଦୀଙ୍କ ଆତ୍ମସମର୍ପଣ

**ନୂଆଦିଲ୍ଲୀ,୨୯।୩(ପି.ଟି.)**

### ମାଓବାଦୀଶୂନ୍ୟ ଭାରତ ଉପରେ ଆଜି ଲୋକ ସଭାରେ ଆଲୋଚନା

ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓବାଦୀ ମୁକ୍ତ କରିବା ଲାଗି ସରକାର ସମୟସୀମା ଧାର୍ଯ୍ୟ କରିଥିଲେ। ଏହା ଶେଷ ହେବାକୁ ଆଉ ମାତ୍ର ଗୋଟିଏ ଦିନ ଥିବାବେଳେ ଏନେଇ ସରକାର କରିଥିବା ଉଦ୍ୟମ ସମ୍ପର୍କରେ ସୋମବାର ଲୋକ ସଭାରେ ଆଲୋଚନା ହେବ। ରୁଲ୍-୧୯୩ ଅନୁଯାୟୀ, ଉକ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଲୋକ ସଭା ସଚିବାଳୟ ତାଲିକାଭୁକ୍ତ କରିଥିବାରୁ ଏହା ଉପରେ ଭୋଟିଂ ହେବ ନାହିଁ। ସ୍ୱଳ୍ପ ସମୟର ଏହି ଆଲୋଚନା ପରେ ସରକାର ଉତ୍ତର ରଖିବେ। ଟିଡିପି ସଦସ୍ୟ ବାୟରେଡ୍ଡୀ ଶବରୀ ଏବଂ ଶିବସେନା ସଦସ୍ୟ ଶ୍ରୀକାନ୍ତ ଶିନ୍ଦେ ଆଲୋଚନା ଆରମ୍ଭ କରିବେ।

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦୀ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଥିଲେ। ସଦ୍ୟ ସମୀକ୍ଷା ଅନୁଯାୟୀ, ଦେଶରେ ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ୮ରୁ ୭କୁ ହ୍ରାସ ପାଇଛି। ମାଓବାଦୀ ନିରୋଧୀ ଅଭିଯାନରେ ଅଧିକ ସୁରକ୍ଷା ବଳଙ୍କୁ ସାମିଲ କରାଯାଇ ସମୟସୀମା ଶେଷ ସୁଦ୍ଧା ଅବଶିଷ୍ଟ ସଶସ୍ତ୍ର ମାଓବାଦୀଙ୍କୁ ନିପାତ କରିବା ଲାଗି ଉଦ୍ୟମ ଜାରି ରହିଛି।

ସୁରକ୍ଷା ଚାପ ସହ ପୁନର୍ବାସନ ଉଦ୍ୟମ ମାଓବାଦ ଅଭିଯାନକୁ ବଡ଼ ଝଟକା ଦେଇଛି। ଗତ ଦଶନ୍ଧି ମଧ୍ୟରେ ୧୦,୦୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଅସ୍ତ୍ର ତ୍ୟାଗ କରିଥିବାବେଳେ ବହୁସଂଖ୍ୟାରେ ଶୀର୍ଷ ମାଓବାଦୀ ନିହତ ହୋଇଥିବା ସରକାରୀ ଅଧିକାରୀମାନେ ସୂଚନା ନେଇଛନ୍ତି। ୨୦୨୫ରେ ମୋଟ ୨,୩୦୦ ମାଓବାଦୀ ଅସ୍ତ୍ର ସମର୍ପଣ କରିଥିବାବେଳେ ୨୦୨୬ର ପ୍ରଥମ ୩ ମାସରେ ୬୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମାଓବାଦୀଙ୍କୁ ଦମନ କରିବା ପାଇଁ ସରକାର ଏକକ, ବହୁମୁଖୀ ଏବଂ ନିର୍ଣ୍ଣାୟକ ରଣନୀତି ଆପଣାଇଛନ୍ତି। ଏଥିସହିତ ମାଓବାଦୀ ପ୍ରବଣ ଅଞ୍ଚଳର ବିକାଶ ପାଇଁ ସରକାର ରୂପରେଖ ପ୍ରସ୍ତୁତ କରିଛନ୍ତି। ଉକ୍ତ ଅଞ୍ଚଳରୁ ସରକାର ୫ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ଫୋର୍ସ (ସିଏପିଏଫ୍)ଙ୍କୁ ପ୍ରତ୍ୟାହାର କରିନେଇ ସେଠାରେ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି।

# ମଧ୍ୟପ୍ରାଚ୍ୟ ରଣକ୍ଷେତ୍ର: ଟଳିଲେଣି ୪,୫୦୦

## ମାସକରେ ୪୦ ଲକ୍ଷ ବିସ୍ଥାପିତ

**ତେହରାନ୍,୨୯।୩**

ଫେବୃଆରୀ ୨୮ରେ ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ଆରମ୍ଭ କରିଥିବା ଅପରେଶନକୁ ଇତିମଧ୍ୟରେ ଏକ ମାସ ପୂରିଛି। ଇରାନ୍ ଉପରେ ଉକ୍ତ ଦୁଇ ଦେଶର ଆକ୍ରମଣ ପରେ ଏହି ଯୁଦ୍ଧ ମହାଯୁଦ୍ଧରେ ପରିଣତ ହେବା ସହ ସମଗ୍ର ମଧ୍ୟପ୍ରାଚ୍ୟ ଘୋର ସଙ୍କଟ ମଧ୍ୟକୁ ଟାଣି ହୋଇଯାଇଛି। ଗୋଟିଏପଟେ ଆମେରିକା ଓ ଇସ୍ରାଏଲ ଇରାନ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଇରାନ୍ ଆମେରିକାକୁ ଟାର୍ଗେଟ କରି ସାଉଦି ଆରବ, ୟୁଏଇ, କାତାର, କୁଏଟ୍, ଇରାକ୍ ଏବଂ ଜୋର୍ଡାନ ଉପରେ ଆକ୍ରମଣ ଚଳାଇଛି। ସେପଟେ ଇରାନ୍ ସମର୍ଥନରେ ବାହାରି ହିଜବୁଲ୍ଲା ଇସ୍ରାଏଲ ଉପରେ ଆକ୍ରମଣ କରିବାରୁ ଇସ୍ରାଏଲର ଆଇଡିଏଫ୍ ଲେବାନନ୍‌ରେ ଆକାଶମାର୍ଗରୁ ଆକ୍ରମଣ କରିବା ସହ ଗ୍ରାଉଣ୍ଡ ଅପରେକଶନ ଜାରି ରଖିଛି। ମଙ୍ଗଳବାର ହୁତି ବିଦ୍ରୋହୀ ସଂଗଠନ ଇରାନ୍‌କୁ ସମର୍ଥନ କରି ଇସ୍ରାଏଲ ଉପରେ ଆକ୍ରମଣ କରିଥିଲାବେଳେ ଏବେ ୟେମେନ୍ ମଧ୍ୟ ଏହି ମହାଯୁଦ୍ଧରେ ଯୋଡିହୋଇ ଆମେରିକା ଏବଂ ଇସ୍ରାଏଲ ଟାର୍ଗେଟକୁ ଆସିଛି। ଫଳରେ ସମଗ୍ର ମଧ୍ୟପ୍ରାଚ୍ୟ ଏବେ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଆଗକୁ ଆମେରିକା ଇରାନ୍‌ରେ ଗ୍ରାଉଣ୍ଡ ଅପରେଶନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିବା ପରେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆଶଙ୍କା ବଢ଼ିଛି।

ବର୍ତ୍ତମାନ ସୁଦ୍ଧା ଏକ ମାସ ଧରି ଚାଲିଥିବା ଯୁଦ୍ଧରେ ମଧ୍ୟପ୍ରାଚ୍ୟ ମୃତ୍ୟୁସଂଖ୍ୟା ୪୫୦୦ରୁ ଅଧିକରେ ପହଞ୍ଚିଛି। କେବଳ ଇରାନ୍‌ରେ ଏହାର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ୨୦୦୦ରୁ ୩୩୦୦ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ୨୪,୮୦୦ ଲୋକ ଆହତ ହୋଇଥିଲାବେଳେ ପ୍ରାୟ ୪୦ ଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ଇରାନୀୟ ଗଣମାଧ୍ୟମ ସୂତ୍ରରୁ କୁହାଯାଇଛି। ଇସ୍ରାଏଲ ଆକ୍ରମଣରେ ଲେବାନନ୍‌ରେ ୧୧୦୦ ଲୋକଙ୍କ ମୃତ୍ୟୁ ହୋଇଥିଲାବେଳେ ପ୍ରାୟ ୩ ହଜାର ଲୋକ ବିସ୍ଥାପିତ ହୋଇଥିବା କୁହାଯାଇଛି। ଇରାନ୍ ଆକ୍ରମଣରେ ଇସ୍ରାଏଲରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଆମେରିକା ସେନାର ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଏହାବ୍ୟତୀତ ସାଉଦି ଆରବ, ୟୁଏଇ , କାତାର, ଇରାକ୍ ଆଦି ଦେଶରେ ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଏକାଧିକ ନାଗରିକ ଆହତ ହୋଇଥିବା କୁହାଯାଇଛି। ଏହି ଯୁଦ୍ଧରେ ଇରାନ୍‌ର ପ୍ରାୟ ୧୦,୦୦୦ ସାମରିକ, ଶିଳ୍ପାଞ୍ଚଳ, ଗବେଷଣାଗାରକୁ ଆମେରିକା ଓ ଇସ୍ରାଏଲ ଟାର୍ଗେଟ କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଛନ୍ତି। ଏହି କ୍ରମରେ ଏଠାକାର ୮୧,୦୦୦ରୁ ଅଧିକ ଅଟ୍ଟାଳିକା ଧ୍ୱଂସ ହୋଇଯାଇଥିବା କୁହାଯାଇଛି। ଇରାନ୍‌ର ୧୫୦ରୁ ଅଧିକ ନୌସେନା ଘାଟିକୁ ଉଡ଼ାଇ ଦିଆଯାଇଛି। ସବୁଠୁ ବଡ଼ କଥା ହେଲା, ମଧ୍ୟପ୍ରାଚ୍ୟର ସମସ୍ତ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ଦେଶ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଯୁଦ୍ଧରେ ଜଡ଼ିତ ହୋଇପଡ଼ିଥିବାରୁ ଇନ୍ଧନ ସମସ୍ୟାକୁ ନେଇ ବୈଶ୍ୱିକ ଅର୍ଥନୀତି ମାସକ ମଧ୍ୟରେ ୧୧.୫ ଟ୍ରିଲିୟନ ଡଲାର ହ୍ରାସ ପାଇଛି। ସେହିପରି ଅନ୍ତର୍ଜାତୀୟ ବଜାରରେ ପେଟ୍ରୋଲିୟମ ଏବଂ ଗ୍ୟାସ୍ ମୂଲ୍ୟ ଅନ୍ୟୂନ ୪୦ରୁ ୫୦ ପ୍ରତିଶତ ବୃଦ୍ଧି ପାଇଛି। କେବଳ ଏଲଏନ୍‌ଜି ମୂଲ୍ୟରେ ୬୦ ପ୍ରତିଶତ ବୃଦ୍ଧି ହୋଇଥିବା କୁହାଯାଇଛି।

## ଆମେରିକା, ୟୁରୋପରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ ତୀବ୍ର

**ୱାଶିଂଟନ୍,୨୯।୩**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକଚାଟିଆ ନୀତି ଓ ଇରାନ୍ ଯୁଦ୍ଧକୁ ବିରୋଧ କରି ଆମେରିକାରେ ଲକ୍ଷ ଲକ୍ଷ ଲୋକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଯୁଦ୍ଧ ଯୋଗୁ ଏବେ ଆମେରିକାରେ ଦେଖାଯାଇଥିବା ମହଙ୍ଗା ସ୍ଥିତିକୁ ନେଇ ଆମେରିକାରେ ସବୁ ପ୍ରଦେଶରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ ତେଜିଥିଲାବେଳେ ଏହା ୟୁରୋପକୁ ମଧ୍ୟ ବ୍ୟାପିଛି। ଏଥିପାଇଁ 'ନୋ କିଙ୍ଗସ୍' ର୍‍ୟାଲି ଓ ବିକ୍ଷୋଭରେ ୮୦ ଲକ୍ଷରୁ ଅଧିକ ଲୋକ ସାମିଲ ହୋଇଛନ୍ତି। ଶନିବାର ୱାଶିଂଟନ୍, ନ୍ୟୁୟର୍କ, ଲସ୍ ଏଞ୍ଜେଲସ୍ , ଟେକ୍ସାସ୍ ସମେତ ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ଲକ୍ଷ ଲକ୍ଷ ଲୋକ ବିକ୍ଷୋଭ କରିଛନ୍ତି। କେବଳ ମିନେସୋଟାରେ ୧୦ ଲକ୍ଷରୁ ଅଧିକ ନାଗରିକ ବିକ୍ଷୋଭରେ ସାମିଲ ହୋଇଥିବା କୁହାଯାଇଛି। ଗତ ବର୍ଷ ଟ୍ରମ୍ପ୍‌ଙ୍କ ବିରୋଧରେ ଦୁଇଟି ପର୍ଯ୍ୟାୟରେ ଏହି ରାଲି ଆୟୋଜିତ ହୋଇଥିଲାବେଳେ ଏବେ ନୋ କିଙ୍ଗସ୍ ରାଲି ଆମେରିକାର ୫୦ଟି ପ୍ରଦେଶ ସମେତ ଲଣ୍ଡନ, ପ୍ୟାରିସ୍ ଏବଂ ରୋମ୍‌ରେ ଆୟୋଜନ କରାଯାଇଛି। ଆମେରିକାର ବଡ଼ ବଡ଼ ସହର ସମେତ ଅନ୍ୟ ବହୁ ସହରରେ ୩୨୦୦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟ୍ରମ୍ପ୍‌ଙ୍କୁ ତୁରନ୍ତ ହଟାଇବାକୁ ଦାବି କରାଯାଇଛି। ଆଗକୁ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ରହିଥିବାରୁ ଆମେରିକାରେ ଏଭଳି ସ୍ଥିତି ଟ୍ରମ୍ପ୍ ପ୍ରଶାସନ ପାଇଁ ପ୍ରତିକୂଳ ସ୍ଥିତି ଆଣିବ ବୋଲି ଆଶଙ୍କା କରାଯାଉଛି।




ଆମେରିକାରେ ଚାଲିଥିବା ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ।

## ଏଲ୍‌ପିଜି ସଂଯୋଗ ଫେରାଇଲେଣି ୬,୦୦୦ ପିଏନ୍‌ଜି ଉପଭୋକ୍ତା

**ନୂଆଦିଲ୍ଲୀ,୨୯।୩**

ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ନେଇଥିବା ୬,୦୦୦ ଉପଭୋକ୍ତା ଇତିମଧ୍ୟରେ ସେମାନଙ୍କ ଏଲ୍‌ପିଜି ସଂଯୋଗ ଫେରାଇଦେଲେଣି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଚିବ ନୀରଜ ମିତ୍ତଲ କହିଛନ୍ତି। ଅନ୍ୟ ପିଏନ୍‌ଜି ଉପଭୋକ୍ତାମାନେ ତୁରନ୍ତ ସେମାନଙ୍କ ଏଲ୍‌ପିଜି ସଂଯୋଗ ତ୍ୟାଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଏଲ୍‌ପିଜି ଯୋଗାଣ ପ୍ରଭାବିତ ହୋଇଥିବାବେଳେ ଯେଉଁଠି ପିଏନ୍‌ଜି ସଂଯୋଗ ରହିଛି, ସେଠାରେ ଲୋକମାନେ ଏହାର ସୁଯୋଗ ନେବା ଲାଗି ପରାମର୍ଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି ସଂଯୋଗ ନ ନେବେ, ସେମାନଙ୍କୁ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ ବୋଲି ସରକାର ପୂର୍ବରୁ କହିଥିଲେ। ଚଳିତ ମାସରେ ୨,୯୦,୦୦୦ ନୂଆ ପିଏନ୍‌ଜି ସଂଯୋଗ ନେଲେଣି। ପିଏନ୍‌ଜି ଏବଂ ସିଏନ୍‌ଜି ଯୋଗାଣ ପୂର୍ଣ୍ଣମାତ୍ରାରେ ଜାରି ରହିଛି। ଶିଳ୍ପସଂସ୍ଥା ଏବଂ ବ୍ୟବସାୟିକ ଉପଭୋକ୍ତାମାନେ ସେମାନଙ୍କ ହାରାହାରି ବ୍ୟବହାରରୁ ୮୦ ପ୍ରତିଶତ ଉପରୋକ୍ତ ଗ୍ୟାସ୍ ବ୍ୟବହାର କରୁଛନ୍ତି।

## ଯୁଦ୍ଧକୁ ନେଇ କଂଗ୍ରେସର ରାଜନୀତି ପ୍ରବାସୀ ଭାରତୀୟଙ୍କ ପାଇଁ ବିପଦ: ମୋଦି

**ନୂଆଦିଲ୍ଲୀ ,୨୯।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଏବେ ସାରା ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇଛି। ଏଥିରେ ଭାରତ ମଧ୍ୟ ପ୍ରଭାବିତ ହୋଇଛି। କିନ୍ତୁ ଯୁଦ୍ଧକୁ ନେଇ କଂଗ୍ରେସ ଯେଭଳି ଟିପ୍ପଣୀ କରୁଛି, ତଦ୍ୱାରା ଉପସାଗରୀୟ ଦେଶଗୁଡ଼ିକରେ ରହୁଥିବା ଭାରତୀୟଙ୍କ ପାଇଁ ବିପଦ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରବିବାର କେରଳର ପାଲାକାଡ୍‌ରେ ଏକ ରାଲିକୁ ସମ୍ବୋଧିତ କରି ମୋଦି କହିଛନ୍ତି, ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତ ଉପରେ ଯେତେ କମ୍ ପ୍ରଭାବ ପଡ଼ିବ ତାହା ଉପରେ ସରକାର ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ବିଶେଷକରି ଉପସାଗର ଅଞ୍ଚଳର ବିଭିନ୍ନ ଦେଶରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରାଯାଉଛି। କିନ୍ତୁ କଂଗ୍ରେସ ଏଭଳି ସ୍ଥିତିରେ ରାଜନୈତିକ ଫାଇଦା ଉଠାଇବାରୁ ପଛଉ ନାହିଁ। ଯୁଦ୍ଧ ପ୍ରସଙ୍ଗରେ କଂଗ୍ରେସ ନେତା ଯେଭଳି ମନ୍ତବ୍ୟ ଦେଉଛନ୍ତି ତାହା ଉପସାଗର ଅଞ୍ଚଳରେ ରହୁଥିବା ପ୍ରାୟ ୧ କୋଟି ଭାରତୀୟଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବାପରେ ମଧ୍ୟପ୍ରାଚ୍ୟ ସ୍ଥିତି ଜଟିଳ ହୋଇଥିବାରୁ ସାଉଦି ଆରବ, ୟୁଏଇ, କାତାର ଏବଂ କୁଏଟ୍ ଆଦି ଦେଶ ସହ କୂଟନୈତିକ ସ୍ତରରେ ଆଲୋଚନା କରି ଭାରତୀୟଙ୍କ ସୁରକ୍ଷା ଲାଗି ନିରନ୍ତର ଉଦ୍ୟମ କରାଯାଇଛି।

## ସପ୍ତାହରେ ୨ ଦିନ ଲକ୍‌ଡାଉନ୍ ଘୋଷଣା କରିପାରେ ପାକିସ୍ତାନ

**ଇସ୍‌ଲାମାବାଦ,୨୯।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ପାକିସ୍ତାନରେ ଇନ୍ଧନ ସଙ୍କଟ ଗୁରୁତର ହୋଇଛି। ସାରା ଦେଶରେ ଶକ୍ତି ଓ ଇନ୍ଧନ ବ୍ୟବହାର କମାଇବା ଉଦ୍ୟମ ସ୍ୱରୂପ ପାକ୍ ସରକାର ପ୍ରତି ସପ୍ତାହରେ ୨ ଦିନ ଲକ୍‌ଡାଉନ୍ କରିବା ପାଇଁ ବିଚାର କରୁଛନ୍ତି। ଏନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରମାନଙ୍କୁ ଦିଆଯିବା ସହ ଆଜାଦ କଶ୍ମୀର ଏବଂ ଗିଲ୍‌ଗିଟ୍-ବଲ୍ଟିସ୍ତାନ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଇଛି। ସେମାନଙ୍କ ମତାମତ ମିଳିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରସ୍ତାବିତ ଯୋଜନାରେ ଶନିବାର ମଧ୍ୟାହ୍ନରୁ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ଲକ୍‌ଡାଉନ୍ କଟକଣା ଜାରି ରହିବ। ଏହି ସମୟରେ ବିବାହ ସମେତ ବ୍ୟବସାୟିକ କାର୍ଯ୍ୟ ହେବ ନାହିଁ। ବଜାର, ଅଫିସ ଓ ଅନ୍ୟାନ୍ୟ ଅଣଜରୁରୀ ସେବା ବନ୍ଦ ରହିବ। ଅଧିକ ବ୍ୟବହାର ସମୟରେ ଆର୍ଥିକ କାର୍ଯ୍ୟ ରୋକି ଶକ୍ତି ସମ୍ବଳ ଉପରୁ ଚାପ ହ୍ରାସ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟଗୁଡ଼ିକର ସହମତି ମିଳିବା ପରେ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇବା ଆଶା କରାଯାଉଛି। ପ୍ରସ୍ତାବକୁ ମଞ୍ଜୁରୀ ମିଳିଲେ ଏପ୍ରିଲ ୪ରୁ ଏହା ଲାଗୁ ହୋଇପାରେ ବୋଲି କୁହାଯାଉଛି।

## ୫ ଦିନିଆ ରିମାଣ୍ଡରେ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ

**କାଠମାଣ୍ଡୁ,୨୯।୩(ପି.ଟି.)**

ନେପାଳର ବିଭିନ୍ନ ଅଞ୍ଚଳରେ ବିକ୍ଷୋଭ ଜାରି ରହିଥିବା ସତ୍ତ୍ୱେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ କାଠମାଣ୍ଡୁ ଜିଲା କୋର୍ଟ ରବିବାର ୫ ଦିନିଆ ରିମାଣ୍ଡରେ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ତେବେ ଓଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ କାଠମାଣ୍ଡୁର ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଉଛି। ଗତବର୍ଷ ନେପାଳରେ ଜେନ୍ ଜି ଆନ୍ଦୋଳନକୁ ବଳପୂର୍ବକ ଦମନ କରିବାରେ ସମ୍ପୃକ୍ତି ନେଇ ଓଲି ଏବଂ ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ ଶନିବାର ଗିରଫ କରାଯାଇଥିଲା। ଲେଖକଙ୍କୁ ମଧ୍ୟ ୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆନ୍ଦୋଳନରେ ପ୍ରାଣ ହରାଇଥିବା ୨୭ ଜଣ ଛାତ୍ରଙ୍କ ପରିବାରରୁ ଜଣକୁ ସରକାରୀ ନିଯୁକ୍ତି ଦେବା ପ୍ରସ୍ତାବକୁ ନବନିଯୁକ୍ତ ପ୍ରଧାନମନ୍ତ୍ରୀ ବଲେନ୍ଦ୍ର ଶାହ ଅନୁମୋଦନ କରିଛନ୍ତି।

## ମାତାପିତାଙ୍କୁ ଅବହେଳା କଲେ ଦରମାରୁ କଟିବ ୧୦ ହଜାର

**ହାଇଦ୍ରାବାଦ,୨୯।୩**

### ତେଲଙ୍ଗାନା ସରକାର ଆଣିଲେ ବିଲ୍

ବୃଦ୍ଧ ମାତାପିତାଙ୍କ ପ୍ରତି ଯତ୍ନ ଏବଂ ପରିଣତ ବୟସରେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ସାମାଜିକ ଦାୟିତ୍ୱବୋଧକୁ ତେଲଙ୍ଗାନା ସରକାର ଗୁରୁତ୍ୱ ଦେଇ ରବିବାର ଏକ ଐତିହାସିକ ବିଲ୍‌କୁ ଅନୁମୋଦନ ଦେଇଛନ୍ତି। 'ତେଲଙ୍ଗାନା ଏମ୍ପ୍ଲଇଜ୍ ଆକାଉଣ୍ଟେବିଲିଟି ଆଣ୍ଡ ମନିଟରିଂ ଅଫ୍ ପାରେଣ୍ଟିଆଲ ସପୋର୍ଟ ବିଲ୍-୨୦୨୬' ନାମରେ ଅଣାଯାଇଥିବା ବିଲ୍ ବିଧାନସଭାରେ ବହୁମତରେ ପାରିତ ହୋଇଛି। ଏହି ବିଲ୍ ଅନୁସାରେ ଯଦି କୌଣସି ସରକାରୀ କର୍ମଚାରୀ ତାଙ୍କ ମାଆବାପାଙ୍କ ଯତ୍ନ ନେଉ ନ ଥିବା ଅଭିଯୋଗ ହୁଏ ତେବେ ତାଙ୍କ ଦରମାର ୧୫% କିମ୍ବା ୧୦ ହଜାର(ଯେଉଁଟା ସର୍ବନିମ୍ନ ହେବ) ଟଙ୍କା ସରକାର କାଟିଦେବେ। ଅନ୍ୟପକ୍ଷରେ ପିଲାମାନଙ୍କଠାରୁ ଆର୍ଥିକ ସହାୟତା ପାଉ ନ ଥିବା ଅଭିଭାବକ ଜିଲ୍ଲାପାଳ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଓ ବରିଷ୍ଠ ନାଗରିକ ଆୟୋଗଙ୍କ ନିକଟରେ ଆବେଦନ କରି ସହାୟତା ପାଇପାରିବେ। ପିଲାମାନଙ୍କ ଉପରେ ନିର୍ଭରଶୀଳ ବୃଦ୍ଧ ମାଆବାପାଙ୍କ ପ୍ରତି ଯତ୍ନ ଏବଂ ଆର୍ଥିକ ଦିଗକୁ ନିଶ୍ଚିତ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡି କହିଛନ୍ତି, ବୃଦ୍ଧ ମାଆବାପାଙ୍କ ଯତ୍ନ ଲାଗି ବ୍ୟକ୍ତିଗତ ସ୍ତରରେ ନିଶ୍ଚିତ କରିବାକୁ ହେବ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଉତ୍ତରଦାୟିତ୍ୱ ରହିଛି। ବାପାମାଆଙ୍କ ପ୍ରତି ରହିଥିବା ଏହି ସାମାଜିକ ଦାୟିତ୍ୱବୋଧକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉକ୍ତ ବିଲ୍ ଆଣିଛନ୍ତି।

## ୨ ଆସନରୁ ଲଢ଼ିବେ ବିଜୟ

### ପ୍ରାର୍ଥୀ ଘୋଷଣା କଲା ଟିଭିକେ

**ଚେନ୍ନାଇ,୨୯।୩**

ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝଗମ୍ (ଟିଭିକେ) ରବିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପ୍ରଥମ ଥର ପାଇଁ ଟିଭିକେ ନିର୍ବାଚନ ଲଢ଼ିବାକୁ ଯାଉଥିବାବେଳେ ବିଜୟ ପେରାମ୍ବୁର ଏବଂ ତ୍ରିଚି ଇଷ୍ଟ ଆସନରୁ ପ୍ରାର୍ଥୀ



ହୋଇଛନ୍ତି। ଦଳକୁ ଗୋଟିଏ ଥର ସୁଯୋଗ ଦେବା ନିମନ୍ତେ ବିଜୟ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଦଳୀୟ ଚିହ୍ନ ହ୍ୱିସିଲରେ ଭୋଟ ଦିଅନ୍ତୁ, ଏହା ଏକ ହ୍ୱିସିଲ୍ ବିପ୍ଳବ ନିର୍ବାଚନ ବୋଲି ସେ କହିଛନ୍ତି।

ଏପ୍ରିଲ ୨୩ରେ ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଶାସକ ଡିଏମ୍‌କେ ପଞ୍ଚମୁଖୀ ଲଢ଼େଇର ସମ୍ମୁଖୀନ ହେବାକୁ ଯାଉଛି। ଏଆଇଏଡିଏମ୍‌କେ ଏବଂ ଭାଜପାକୁ ନେଇ ଏନ୍‌ଡିଏ ମେଣ୍ଟ କ୍ଷମତାକୁ ଫେରିବା ଲାଗି ଉଦ୍ୟମ ଚଳାଇଥିବାବେଳେ ବଡ଼ ଫଳାଫଳ ଲକ୍ଷ୍ୟରେ ବିଜୟଙ୍କ ଟିଭିକେ ରହିଛି। ଏସ୍. ରାମଦୋସଙ୍କ ନେତୃତ୍ୱାଧୀନ ପିଏମ୍‌କେ ଏବଂ ଶଶୀକଳାଙ୍କ ଦଳ ଚତୁର୍ଥ ଫ୍ରଣ୍ଟ ଭାବେ ଉଭା ହୋଇଥିବାବେଳେ ନାମ୍ ତାମିଲାର କାଚ୍‌ଚି (ଏନ୍‌ଟିକେ) ଏକାକୀ ଲଢ଼ୁଛି।

## ଟେନ୍‌ସନ୍‌ରେ ହ୍ରିତିକ୍‌ଙ୍କ ଗର୍ଲଫ୍ରେଣ୍ଡ

**ମୁମ୍ବାଇ**

ବଲିଉଡ ଅଭିନେତା ହ୍ରିତିକ୍ ରୋଶନଙ୍କ ଗର୍ଲଫ୍ରେଣ୍ଡ ସବା ଆଜାଦ ଆଜିକାଲି କଷ୍ଟକର ସ୍ଥିତି ଦେଇ ଗତି କରୁଛନ୍ତି। ସାଇକ୍ଲୋସ୍ପୋରା କାଏଟାନେନ୍ସିସ ରୋଗରେ ସେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର ୧୪ ଦିନ ମଧ୍ୟରେ ତାଙ୍କର ୪ କିଲୋ ଓଜନ ହ୍ରାସ ହୋଇଛି। ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରି ସେ ନିଜ ଯନ୍ତ୍ରଣା ବିଷୟ ପ୍ରକାଶ କରିଛନ୍ତି। ହସ୍ପିଟାଲ୍‌ରେ ଶୋଇଥିବା ଏକ ଫଟୋ ଶେୟାର କରି ସବା ଲେଖିଛନ୍ତି, ମୋ ଜୀବନର ସବୁଠାରୁ ଖରାପ ୧୪ ଦିନ। ସାଇକ୍ଲୋସ୍ପୋରା କାଏଟାନେନ୍ସିସ ଏକ ଭୟଙ୍କର ରୋଗ। ବିଶେଷକରି ମୋ ପରି ଜଣେ ମହିଳାଙ୍କ ପାଇଁ, ଯିଏ କେବଳ ଘରେ ରନ୍ଧା ଖାଦ୍ୟ ଖାଏ ଏବଂ ଯେଉଁଠାକୁ ଯାଏ ସାଙ୍ଗରେ ନିଜ ପାଣି ବୋତଲ ନେଇକି ଯାଏ। କିଏ ଜାଣେ ଏହି ରୋଗ କେଉଁଠାରୁ ଆସିଲା। ଚଲାବୁଲା ମଧ୍ୟ ମୋ ପାଇଁ ଏକ ସଂଘର୍ଷ ପାଲଟିଛି। ତେବେ ଏଭଳି ପରିସ୍ଥିତିରେ ବି ହ୍ରିତିକ୍ ମୋ ସହ ଅଛନ୍ତି ବୋଲି ସବା ଉଲ୍ଲେଖ କରିଛନ୍ତି।



# ଟିଟିଲାଗଡ଼ ବିଧାୟକଙ୍କୁ ଗିରଫ ଦାବି

**ରାମ ନବମୀ ରାଲିରେ ଗୁଳି ଫୁଟାଇବା ଘଟଣା**

- ବଲାଙ୍ଗୀରରେ ଏସ୍‌ପିଙ୍କୁ ଭେଟିଲେ ଯୁବ ବିଜେଡି ପ୍ରତିନିଧି
- ଟିଟିଲାଗଡ଼, ସଇଁନ୍ତଲା ଥାନାରେ ଦାବିପତ୍ର ଦେଲା ବିଜେଡି

ବଲାଙ୍ଗୀର/ ଟିଟିଲାଗଡ/ ସଇଁନ୍ତଲା, ୨୯।୩ (ବୀରେନ୍ଦ୍ର କୁମାର ଝାଙ୍କର/ ଶରତ ମିଶ୍ର/ ରାଖାଲ ପ୍ରସାଦ ଶତପଥୀ)

ଶ୍ରୀରାମ ନବମୀ ଉତ୍ସବ ରାଲିରେ ଫାଙ୍କା ଗୁଳିଚାଳନାକୁ ନେଇ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଜେଡି ରବିବାର ବଲାଙ୍ଗୀର ଏସ୍‌ପିଙ୍କୁ ଫେରାଦ ହୋଇଛି। ଏହାସହିତ ଜିଲାର ବିଭିନ୍ନ ଥାନାରେ ମଧ୍ୟ ଜୈନଙ୍କ ବିରୋଧରେ ଅଭିଯୋଗପତ୍ର ଦିଆଯାଇ ତାଙ୍କ ଗିରଫ ଦାବି କରାଯାଇଛି। ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ହୋତା ଏବଂ ଜିଲା ଯୁବ ବିଜେଡି ସଭାପତି ଯତିନ ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପି ଅଫିସ ଯାଇ ଏସ୍‌ପି ଅଭିଲାଷ ଜୀଙ୍କୁ ଦାବିପତ୍ର ଦେଇଥିଲେ। ସର୍ବସାଧାରଣ ସ୍ଥାନ ଏବଂ ଟିଟିଲାଗଡ ସହରରେ ଚାଲିଥିବା ଶ୍ରୀରାମ ନବମୀ ରାଲିରେ ଜଣେ ବିଧାୟକ ଫାଙ୍କା ଗୁଳିଚାଳନା କରିବା ଏକ ସାଂଘାତିକ ଘଟଣା। ଏହାକୁ ବିଜେଡି ପ୍ରତିବାଦ କରିବା ସହ ତୁରନ୍ତ ଜୈନଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରୁଛି ବୋଲି ଏସ୍‌ପିଙ୍କୁ ଜଣାଇଥିଲେ। ବିଧାୟକ ଗୁଳି ଫୁଟାଇବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସାଧାରଣରେ ଭୟର ବାତାବରଣ ଦେଖାଦେଇଥିଲା ଏବଂ ଏଭଳି ବେଆଇନ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କଥା। ମାତ୍ର ଏହା ନ କରି ପିଏସ୍‌ଓଙ୍କୁ ନିଲମ୍ବିତ କରାଯାଇଛି। ପୋଲିସ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରୁ ବୋଲି ଦାବି କରିଥିଲେ। ଏସ୍‌ପି ଅଭିଲାଷ କହିଥିଲେ, ଏହି ଘଟଣାରେ ପୋଲିସ ସବୁ ପ୍ରକାର ତଦନ୍ତ ଆରମ୍ଭ କରିଛି। ବିଧାୟକଙ୍କ ବନ୍ଧୁକ ଜବତ କରିଛି। ପିଏସ୍‌ଓଙ୍କୁ ନିଲମ୍ବିତ କରାଯାଇଛି। ଏବେ ବି ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ। ବିଜେଡି ପ୍ରତିନିଧି ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ସରୋଜ କୁମାର ମେହେରଙ୍କ ଲିଖିତ ଅଭିଯୋଗପତ୍ରକୁ ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଟିଟିଲାଗଡ ନଗର ସଭାପତି ଶ୍ୟାମ ପ୍ରସାଦ ଗରିଆଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ଟିଟିଲାଗଡ ଥାନାରେ ବିଧାୟକଙ୍କ ବିରୋଧରେ ଅଭିଯୋଗ ପତ୍ର ଦିଆଯାଇଥିଲା। ସଇଁନ୍ତଲା ବ୍ଲକ ବିଜେଡି ସଭାପତି ସୁବାସ ବୁଡେକଙ୍କ ନେତୃତ୍ୱରେ ସଇଁନ୍ତଲା ଥାନାରେ ମଧ୍ୟ ଅଭିଯୋଗ ପତ୍ର ଦିଆଯାଇ ତାଙ୍କର ଗିରଫ ଦାବି କରାଯାଇଥିଲା।



ବଲାଙ୍ଗୀର ଯୁବ ବିଜେଡି ପ୍ରତିନିଧି ମଣ୍ଡଳୀ ଏସ୍‌ପି ଅଭିଲାଷ ଜୀଙ୍କୁ ଅଭିଯୋଗପତ୍ର ଦେଇ ଟିଟିଲାଗଡ଼ ବିଧାୟକଙ୍କ ଗିରଫ ଦାବି କରୁଛନ୍ତି।

## ଜଳଯୋଗାଣ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକ୍ଷମ କରାଯାଉ

**ପାନୀୟ ଜଳ ସମସ୍ୟା ଉତ୍କଟ ହେବା ଆଶଙ୍କା**

ଲାଠୋର, ୨୯।୩(ଭୁବନେଶ୍ୱର ବାରିକ)

ବର୍ତ୍ତମାନ ଖରା ତାତି ସାଙ୍ଗକୁ ପାନୀୟ ଜଳର ଆବଶ୍ୟକତା ବଢି ଚାଲିଛି। ଏପରି ସ୍ଥଳେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଝଲିଆଲିଟି ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଆଦିବାସୀ ବହୁଳ ଉକ୍ତ ଗ୍ରାମର ଲୋକସଂଖ୍ୟା ୬ ଶହ ହେବ। ଗ୍ରାମରେ ଏକ ଜଳ ଯୋଗାଣ ପ୍ରକଳ୍ପ ଓ ଓଭରହେଡ ଟାଙ୍କି ନିର୍ମାଣ କରାଯାଇ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କିଛି ଦିନ ଜଳ ଯୋଗାଣ ଚାଲିଲା। ହେଲେ ଯେଉଁ ଗଭୀର କୂପ ଖୋଳା ଯାଇଥିଲା ସେଥିରୁ ପାଣି ବାହାରିଲା ନାହିଁ। ପରବର୍ତ୍ତୀ ସମୟରେ ଆଉ ଦୁଇ ଗୋଟି ଗଭୀର କୂଅ ଖୋଳା ଯାଇଥିଲେ ହେଁ ସେଥିରୁ ମଧ୍ୟ ପାଣି ବାହାରିଲା ନାହିଁ। ପାଣି ବନ୍ଦ ହେବା ଯୋଗୁ ପ୍ରକଳ୍ପ ଏବଂ ଓଭର ହେଡ ଟାଙ୍କିକୁ ସେମିତି ପକେଇ ରଖାଗଲା। ଫଳରେ ଷ୍ଟାଣ୍ଡ ପୋଷ୍ଟଗୁଡିକ ଭାଙ୍ଗି ନଷ୍ଟ ହୋଇଗଲା। ତେବେ କିଛି ଦିନ ତଳେ ଗ୍ରାମ ବିଦ୍ୟାଳୟ ସମ୍ମୁଖରେ ଆଉ ଏକ କୂଅ ଖୋଳି ସେଠାରୁ ପାଇପ ଯୋଗେ ଓଭର ହେଡ ଟାଙ୍କିକୁ ପାଣି ନେଇ ଲୋକଙ୍କୁ ସେଠାରୁ ଜଳ ଯୋଗାଣ ପାଇଁ ଯୋଜନା କରା ଯାଇଥିଲା। ଯୋଜନା ମୁତାବକ କାମ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି କାମ ସରିନାହିଁ। ବର୍ତ୍ତମାନ ଲୋକ ପାନୀୟ ଜଳ ପାଇଁ ଅସୁବିଧା ଭୋଗିବା ସହ ଗ୍ରାମରେ ଥିବା ବିଭିନ୍ନ ନଳକୂପରୁ ଗୋଳିଆ ପାଣି ସଂଗ୍ରହ କରି ପାନୀୟ ରୂପେ ବ୍ୟବହାର କରୁଛନ୍ତି। କେବେ କୂଅ ଖୋଳା କାମ ସରିବ ଏବଂ ପାନୀୟ ଜଳ ସୁବିଧାରେ ମିଳିବ ଗ୍ରାମବାସୀ ଚାହିଁ ବସିଛନ୍ତି। ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାମ ଶେଷ କରି ଜଳ ଯୋଗାଣ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।



କାର୍ଯ୍ୟକ୍ଷମ ହୋଇ ନ ପାରି ପଡ଼ି ରହିଥିବା ଝଲିଆଲିଟି ଓଭର ହେଡ ଟାଙ୍କି।

## ଦୁର୍ଘଟଣାରେ ଯୁବକ ମୃତ

ବିନିକା, ୨୯।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା–ରାମପୁର ମୁଖ୍ୟ ରାସ୍ତାର ଜାମପାଲି ଛକ ନିକଟରେ ଶନିବାର ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତକ ଗଡଗଡବାହାଲ ଗ୍ରାମର ଦେବବ୍ରତ ପଧାନ। ଶନିବାର ରାତି ପ୍ରାୟ ୮ଟାରେ ସେ ରାମପୁର ପଟରୁ ବାଇକ ଯୋଗେ ଆସୁଥିବା ବେଳେ ଜାମପାଲି ଛକ ନିକଟରେ ଏକ ଟ୍ରକ (ନଂ.ଓଡି ୧୫ ଭି ୮୧୯୮) ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଦେବବ୍ରତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନା ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରେଫର କରିଥିଲେ। ରବିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମାରୁତି ଚରଣ ପଧାନ ସୂଚନା ଦେଇଛନ୍ତି।

# କଳାହାଣ୍ଡିରେ ବିଜେଡିର ବିକ୍ଷୋଭ ପ୍ରଦର୍ଶନ

**ବିଧାୟିକା ମନୋରମା ମହାନ୍ତିଙ୍କ ବାସ ଭବନରେ ପୋଲିସ ଚଢ଼ାଉ ଘଟଣା**



ଗାନ୍ଧୀ ଛକରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭବାନୀପାଟଣା, ୨୯।୩(ଉତ୍ତମ କୁମାର ଦାଶ)

ରାଜନୈତିକ ଉଦ୍ଦେଶ୍ୟ ରଖି କଳାହାଣ୍ଡି ଜିଲା ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ବାଚସ୍ପତିଙ୍କ ବିନା କ୍ଲିୟରେନ୍ସରେ ପୋଲିସ ଚଢ଼ାଉ କରିବା ଘଟଣାକୁ ଦୃଢ଼ ନିନ୍ଦା କରିଛି କଳାହାଣ୍ଡି ଜିଲା ବିଜୁ ଯୁବ –ଛାତ୍ର–ମହିଳା ଜନତା ଦଳ। ଏହି ଘଟଣାକୁ ନେଇ ରବିବାର ଅପରାହ୍ଣରେ ଭବାନୀପାଟଣା ଗାନ୍ଧୀଛକଠାରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୋଲିସ କେଉଁ ପରିସ୍ଥିତିରେ ବିଧାୟକଙ୍କ ଘରକୁ ବିନା କୌଣସି ମହିଳା ପୋଲିସ ଉପସ୍ଥିତିରେ ଓ ଅନୁମତିରେ ପ୍ରବେଶ କଲା ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି। ବିଧାୟକଙ୍କ ସ୍ୱାମୀ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଜାନୁଆରୀ ମାସରେ ଫୋନ ମାଧ୍ୟମରେ ତହସିଲଦାରଙ୍କ ସହ କଥାବାର୍ତ୍ତା କରିଥିଲେ। କ'ଣ ପାଇଁ ରାଜ୍ୟସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଏତଲା ଦିଆଗଲା ବୋଲି ଯୁବ ବିଜେଡି ଅଭିଯୋଗ କରିଛି। ଆଗାମୀ ଦିନରେ ପୋଲିସ ପକ୍ଷରୁ ସ୍ପଷ୍ଟୀକରଣ ନ ଦେଲେ କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକ ଅଫିସ ଘେରାଉ କରାଯିବ ବୋଲି ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ସାମନ୍ତ ଖମାରୀ, ଯୁବ ନେତା କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ନିଳାମ୍ବର ସାହୁ, ପ୍ରଦୀପ ପ୍ରଧାନ, ନଳୀନ ପଟ୍ଟନାୟକ, ଦିନେଶ ବରଗର୍ତ୍ତି, ପରମାନନ୍ଦ ମାଝୀ, ପ୍ରଦୀପ ସାହୁ , ଦେବେନ୍ଦ୍ର କୁମାର, ସିଲୁ ବିଶି ପ୍ରମୁଖ ଯୋଗଦେଇଥିଲେ।

## ହସ୍ପିଟାଲ ଆସି ୩ ନିଖୋଜ ଅଭିଯୋଗ

ବଲାଙ୍ଗୀର, ୨୯।୩ (ବୀରେନ୍ଦ୍ର କୁମାର ଝାଙ୍କର)

ତୁଷରା ଥାନା ଅନ୍ତର୍ଗତ ଦେଉଳଗୁଡି ଗାଁରେ ଗତ ଦୁଇଦିନ ତଳେ ଜଣେ ୭ ବର୍ଷର ବାଳକ ଏକ କଏନ୍ (ଟଙ୍କା) ଗିଳି ଦେଇଥିଲା। ସେହି ବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କ ମା' ଓ ବଡବାପା ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସିଥିଲେ। ତେବେ ଦୁଇଦିନ ହେଲା ଛୁଆ ସହ ତାଙ୍କ ମା' ଓ ବଡବାପା ଘରକୁ ନ ଫେରିବାରୁ ଲକ୍ଷ୍ମୀଯୋର ଥାନାରେ ଏନେଇ ଅଭିଯୋଗ ହୋଇଥିବା ଜଣାପଡିଛି। ଦେଓଳିଗୁଡି ଗାଁର କୌଶଲ୍ୟା ସୁନା ବଲାଙ୍ଗୀର ଲକ୍ଷ୍ମୀ ଯୋର ଥାନାକୁ ଆସି ତାଙ୍କ ସ୍ୱାମୀ ଉଦେ ସୁନା, ଯା' ଝିଲି ସୁନା ଓ ଝିଲିଙ୍କ ୭ ବର୍ଷର ପୁଅ କୁଆଡେ ନିଖୋଜ ହୋଇଯାଇଥିବା ନେଇ ଅଭିଯୋଗ କରିଥିବା ଜଣାପଡିଛି। କୌଶଲ୍ୟା କହିଛନ୍ତି, ଦୁଇଦିନ ତଳେ ପୁଅ କଏନ ଗିଳି ଦେଇଥିଲା। ତାକୁ ହସ୍ପିଟାଲରେ ଦେଖାଇବାକୁ ଆସି ସେମାନେ ଆଉ ଘରକୁ ଫେରି ନାହାନ୍ତି। ଏପରି କି ସେମାନଙ୍କ ଫୋନ ମଧ୍ୟ ଲାଗୁନଥିବା କହିଛନ୍ତି। ଏନଇ ପୋଲିସ ଖୋଜାଖୋଜିଆରମ୍ଭ କରିଥିବା ଜଣାପଡିଛି।

# ହାଇୱା ଧକ୍କାରେ ଫେରିବାଲା ମୃତ

**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

ଧର୍ମଗଡ, ୨୯।୩(ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ ସହର ଚାରିଛକ ରୁ ବୋଡ଼େନ ଯାଇଥିବା ପୂର୍ତ୍ତ ରାସ୍ତାରେ ରବିବାର ସକାଳେ ଜଣେ ବାଇକ୍ ଆରୋହୀଙ୍କ ଉପରେ ହାଇୱା ମାଡ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ମଧ୍ୟପ୍ରଦେଶ ରାଜ୍ୟର ରତନ ଗଡ ଥାନା ଅନ୍ତର୍ଗତ ଡେକେନ ଗାଁର ରାହୁଲ ମେଘୱାଲ। ସେ ଏହି ଅଞ୍ଚଳରେ ଫେରିବାଲା ଭାବେ ନିଜର ଜୀବିକା ନିର୍ବାହ କରୁଥିଲେ। ରାହୁଲ ସକାଳେ ଏମପି ୪୪ ଏମଏଚ ୦୯୧୮ ନମ୍ବର ବିଶିଷ୍ଟ ବାଇକ୍ ଯୋଗେ ତାଙ୍କ ଘରୁ ବ୍ୟବସାୟ ପାଇଁ ବାହାରିଥିବାବେଳେ ଓଡି୦୮ ଜେ ୦୭୧୨ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇୱା ଆସି ଧକ୍କା ଦେଇ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ସମ୍ପର୍କୀୟ ବୁଲା ବେପାରୀମାନେ ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୪ ଘଣ୍ଟା ଧରି ରାସ୍ତା ଅବରୋଧ ହେବା ଦ୍ୱାରା କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରିବା ସହ ୧ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବା ପରେ ରାସ୍ତା ଅବରୋଧ ହଟିଥିଲା। ଧର୍ମଗଡ଼ ଥାନାରେ ଏନେଇ ଏକ ମାମଲା (ନଂ. ୧୪୨/୨୦୨୬) ରୁଜୁ କରାଯିବା ସହ ହାଇୱାକୁ ପୋଲିସ ଜବତ କରିଛି। ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ିଲେ କନ୍‌ଷ୍ଟେବଲ

ବୌଦ୍ଧ, ୨୯।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଗଞ୍ଜେଇ ଚାଷ ଓ କାରବାର ନେଇ ରାଜ୍ୟରେ ଚର୍ଚ୍ଚାରେ ଥିବାବେଳେ ରବିବାର ଗଞ୍ଜେଇ ଚାଲାଣବେଳେ ଜଣେ ପୋଲିସ କର୍ମଚାରୀ ଧରାପଡ଼ିଛନ୍ତି। ବୌଦ୍ଧ ରିଜର୍ଭ କାର୍ଯ୍ୟାଳୟରେ କନ୍‌ଷ୍ଟେବଲ ଥିବା ଲକ୍ଷ୍ମୀପ୍ରସାଦ ଗ୍ରାମର ନିଧି ସାହୁ ବଘିଆପଡା ଅଞ୍ଚଳରୁ ଗଞ୍ଜେଇ ନେଇ ନିଜ ବାଇକ୍‌ରେ ଆସୁଥିବାବେଳେ ନେଦେନ ବାରପୁଗୁଡ ଛକଠାରେ ଧରାପଡିଥିଲେ। ବୌଦ୍ଧ ପୋଲିସ ତାଙ୍କଠାରୁ ୧୦ କେଜି ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୧୫୧/୨୦୨୬) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନଳିନୀକାନ୍ତ ଦାସ ସୂଚନା ଦେଇଛନ୍ତି।

## ମାଟ୍ରିକ ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ର ପରିଦର୍ଶନ କଲେ ବୋର୍ଡ ସଭାପତି

ବୌଦ୍ଧ, ୨୯।୩ (ଅଜିତ କୁମାର ବାରିକ)

ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ମାଟ୍ରିକ ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ର ରବିବାର ପରିଦର୍ଶନ କରିଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ। କେନ୍ଦ୍ରରେ ଚାଲିଥିବା ମୂଲ୍ୟାଙ୍କନ ପ୍ରକ୍ରିୟାର ତଦାରଖ କରି ଏଥିରେ ନିଯୁକ୍ତ ଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ତମ ମୂଲ୍ୟାଙ୍କନ ପାଇଁ ପରାମର୍ଶ ଦେଇଥିଲେ। ଜଣେ ଯୋଗ୍ୟ ଛାତ୍ର କିମ୍ବା ଛାତ୍ରୀ ତା'ର ପ୍ରାପ୍ୟରୁ ଯେମିତି ବଞ୍ଚିତ ନ ହେଉ, ସେଥିପାଇଁ ମୂଲ୍ୟାଙ୍କନ ସହିତ ଜଡ଼ିତ ଥିବା ସହ–ପରୀକ୍ଷକ ଠାରୁ ଆରମ୍ଭ କରି ଉପ ପରୀକ୍ଷକ, ମୁଖ୍ୟ ପରୀକ୍ଷକ ଓ ଅନଲାଇନରେ ମାର୍କ ଚଢାଉଥିବା ଡାଟା ଏଣ୍ଟ୍ରି ଅପରେଟର ପର୍ଯ୍ୟନ୍ତ ସମସ୍ତେ ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ। ଏହା ସହିତ ମୂଲ୍ୟାଙ୍କନ କେନ୍ଦ୍ରରେ ପରୀକ୍ଷକମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ବୁଲି ଦେଖିବା ସହିତ ଷ୍ଟ୍ରଙ୍ଗ ରୁମ ପରିଦର୍ଶନ କରିଥିଲେ। ଏହା ସହିତ ସେ ବୌଦ୍ଧ ଜିଲାରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଥିବାବେଳେ ଆରମ୍ଭ କରିଥିବା କଳାପଟା ଲିଖନ କାର୍ଯ୍ୟକ୍ରମକୁ ପୁଣି ଥରେ ଆରମ୍ଭ କରିବା ପାଇଁ କହିଥିଲେ। ଯାହାଦ୍ୱାରା ମାଟ୍ରିକ ପରୀକ୍ଷାରେ କେହି ଶୂନ ନମ୍ବର ପାଇବେ ନାହିଁ। ମୂଲ୍ୟାଙ୍କନ କେନ୍ଦ୍ରରେ କିଛି ପରୀକ୍ଷକ ମୂଲ୍ୟାଙ୍କନ ପାଇଁ ଦିଆଯାଉଥିବା ପାଉଣା ବୃଦ୍ଧି କରିବା ନିମନ୍ତେ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ

ସୁନ୍ଦରଗଡ, ୨୯।୩ (ଜୟ ନାରାୟଣ ମେଣ୍ଟୁଳି)



ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମଙ୍ଗସପୁରଠାରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ଅରବିନ୍ଦ ଓ ଶ୍ରୀମା'ଙ୍କ ସ୍ମୃତି ଚାରଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ, ଆଇନଜୀବୀ ସୁନିଲ ରାୟ ଓ ଭଷ୍ମା ଥାନା ଆଇଆଇସି ଅମର ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଶ୍ରୀ ଅରବିନ୍ଦଙ୍କ ଶିକ୍ଷାଦର୍ଶନ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଶିଶୁର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ଏକ ମାଧ୍ୟମ। ସ୍କୁଲ ପ୍ରତିଷ୍ଠାତା ଶୁଭମ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ ହୋଇଥିଲା। ଏହାକୁ ସ୍ମରଣୀୟ କରିବା ପାଇଁ ଏବଂ ସାମାଜିକ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଏବଂ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ଉତ୍ସାହର ସହ ରକ୍ତଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ସମସ୍ତ ଅତିଥି, ସ୍ଥାନୀୟ ଜନସାଧାରଣଙ୍କୁ କୃତଜ୍ଞତା ଜଣାଯାଇଥିଲା। ପିଲାମାନଙ୍କୁ ମାନସିକ ଓ ବୌଦ୍ଧିକ ସ୍ତରରେ ସଶକ୍ତ କରିବା ପାଇଁ ବିଦ୍ୟାଳୟ ସର୍ବଦା ଚେଷ୍ଟିତ ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

ORISSA STATE AIDS CONTROL SOCIETY OSACS
(Department of Health & Family Welfare), Government of Odisha
Order No. 3591/OSACS Date: 25.03.2026
File No. OSACS-CST-Misc.-0029-2022

CANCELLATION OF RECRUITMENT NOTIFICATION

No. 10001/150/2526: The advertisement No. 4348 dated 31.12.2024 inviting applications only for the post of Data Manager & Counsellor at the ART Centre, Capital Hospital, Bhubaneswar (on contractual basis) which was also published in different Newspaper i.e. Dharitri, New Indian Express, Prameya stands cancelled due to administrative ground.

OIPR-10001/10060/1/25-26/0007 Sd./- Project Director

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R&B) DIVISION, BARIPADA
No. 34001/269/2526 e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No. S.E. - 85/2025-26

1. Number of Works : Drain work & Building work
2. Approximate estimated cost : 12.78 lakh to 46.76 lakh
3. Period of Completion : 01 (One) & 02 (Two) Calendar Month
4. Date & time of availability of bid documents in the portal : Dt.02.04.2026 to 13.04.2026
5. Last date/time of receipt of bid in the portal : Dt.13.04.2026 upto 5.00 P.M.
6. Date of Opening of bid : Dt.15.04.2026 at 11.00 A.M.
7. Name & address of the Officer Inviting Bid : Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in.

Sd./- R.G. Ray
Superintending Engineer
Mayurbhanj (R&B) Division
OIPR-34001/34025/1/25-26/0005

ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ
Airports Economic Regulatory Authority of India (AERA)
ଭାରତ ସରକାର/Government of India
୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩
ଫୋନ୍: ୦୧୧-୨୪୬୯୫୦୪୪

ସର୍ବସାଧାରଣ ବିଜ୍ଞପ୍ତି

ପ୍ରଥମ ନିୟନ୍ତ୍ରଣ ଅବଧି (୦୧.୦୪.୨୦୨୫ - ୩୧.୦୩.୨୦୩୦) ପାଇଁ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର, ନଭି ମୁମ୍ବାଇ ଲାଗି ବୈମାନିକ ସେବା ନିମନ୍ତେ ଶୁଳ୍କସୂଚୀ ନିର୍ଦ୍ଧାରଣ ସକାଶେ ଅଂଶଧାରକଙ୍କ ପରାମର୍ଶ ବୈଠକ

ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ (ଏଇଆର୍‌ଏ) ପ୍ରଥମ ନିୟନ୍ତ୍ରଣ ଅବଧି (୦୧.୦୪.୨୦୨୫ - ୩୧.୦୩.୨୦୩୦) ଲାଗି ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର, ନଭି ମୁମ୍ବାଇ ନିମନ୍ତେ ଶୁଳ୍କସୂଚୀ ନିର୍ଦ୍ଧାରଣ ସକାଶେ ତା୧୭.୦୩.୨୦୨୬ରିଖରେ ପରାମର୍ଶ ପତ୍ର ସଂ. ୦୮/୨୦୨୫-୨୬ ଜାରି କରିଥିଲେ (ଯାହା ୟୁଆର୍‌ଏଲ୍ www.aera.gov.in ରେ ଉପଲବ୍ଧ)। ଏଇଆର୍‌ଏ ଅଧିନିୟମ, ୨୦୦୮ର ଧାରା ୧୩(୪)ର ବ୍ୟବସ୍ଥା ଅନୁଯାୟୀ ପରାମର୍ଶ ପତ୍ରରେ ସମ୍ବଳିତ ହୋଇଥିବା ପ୍ରାଧିକରଣଙ୍କ ବିଭିନ୍ନ ଶୁଳ୍କସୂଚୀ ସମ୍ବନ୍ଧୀୟ ପ୍ରସ୍ତାବକୁ ଅଂଶଧାରକମାନଙ୍କ ବିଚାର ନିମନ୍ତେ ଆଗତ କରାଯାଇଛି । ଏ ବାବଦରେ ଅଂଶଧାରକମାନଙ୍କ ପରାମର୍ଶ ବୈଠକ **୦୨ ଏପ୍ରିଲ, ୨୦୨୬ (ଗୁରୁବାର) ଅପରାହ୍ଣ ୩.୦୦ ଘଟିକାରେ** ହାଇବ୍ରିଡ୍ ପଦ୍ଧତିରେ (ଫିଜିକାଲ/ଅନଲାଇନ)ରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

**ଷ୍ଟେକ୍‌ହୋଲ୍ଡର୍ସ ରୁମ୍, ୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩**

ଯାତ୍ରୀ/ଯାତ୍ରୀ ସଂଘ, ଜନସାଧାରଣ, ବିମାନବନ୍ଦର ପରିଚାଳକ, ଏୟାରଲାଇନର୍, ଶିଳ୍ପ ସଂଘ/ନିକାୟ, କାର୍ଗୋ, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଫୁଏଲ ଫାର୍ମ ଆଦି ପାଇଁ ସ୍ୱାଧୀନ ସେବା ପ୍ରଦାନକାରୀ ଭଳି ସମସ୍ତ ଅଂଶଧାରକମାନଙ୍କୁ ଉପରୋକ୍ତ ବୈଠକରେ ଅଂଶଗ୍ରହଣ କରିବା ତଥା ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ଶୁଳ୍କସୂଚୀ ପ୍ରସ୍ତାବ ଉପରେ ଉପରୋକ୍ତ ପରାମର୍ଶ ପତ୍ର ଉପରେ ନିଜର ମୂଲ୍ୟବାନ ପ୍ରସ୍ତାବ/ମନ୍ତବ୍ୟ/ଦୃଷ୍ଟିକୋଣ ପ୍ରଦାନ କରିବା ଲାଗି ଅନୁରୋଧ କରାଯାଉଛି ।

ବ୍ୟକ୍ତିଗତ ଭାବେ ଅଂଶଗ୍ରହଣ କରୁଥିବା ଅଂଶଗ୍ରହଣକାରୀମାନେ ୦୧ ଏପ୍ରିଲ, ୨୦୨୬ ସୁଦ୍ଧା ଏଇଆର୍‌ଏକୁ ସେମାନଙ୍କର ନାମ, ଇମେଲ୍ ଠିକଣା, ମୋବାଇଲ ନମ୍ବର, ଗାଡ଼ି ନମ୍ବର ଇମେଲ୍ (director-ps@aera.gov.in ଏବଂ rajan.gupta1@aera.gov.in) ଜରିଆରେ ନିଶ୍ଚିତକରଣ ପଠାଇପାରିବେ । ଅଂଶଧାରକଙ୍କ ବୈଠକ ପୂର୍ବରୁ ଅନ୍‌ଲାଇନ୍ ଲିଙ୍କ୍ ଏଇଆର୍‌ଏ ୱେବ୍‌ସାଇଟ୍ (https://aera.gov.in)ରେ "ନ୍ୟୁଜ୍ ଆଣ୍ଡ ଆନାଉନ୍ସମେଣ୍ଟସ୍" ଟାବ୍ ଅଧୀନରେ ଶେୟାର୍ କରିଦିଆଯିବ ।

CBC 03112/12/0028/2526 ସ୍ୱା./- ସଚିବ, ଏଇଆର୍‌ଏ

GOVERNMENT OF ODISHA E.Mail: rw_rourkela@yahoo.co.in
OFFICE OF THE EXECUTIVE ENGINEER, RURAL WORKS DIVISION-II, SUNDARGARH
No. 25001/367/2526
TENDER CALL NOTICE
BID IDENTIFICATION NO. ONLINE-EERKL-38 of 2025-26

1. Name of the Work : Building Works
2. Total No. of Works : 02 (Two) Nos.
3. Estimated Cost : Rs.7.64 & 38.45 Lakhs
4. Class of Contractor : "D", "C" & "B" Class
5. Period of Completion : 03 (Three) & 08 (Eight) Calendar Months
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online - EERKL-38 of 2025-26 | 02.04.2026 from 10.00 A.M. | 07.04.2026 upto 05.00 P.M. | 06.04.2026 upto 5.00 P.M. | 08.04.2026 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25001/25193/1/25-26/0042 Sd./- Executive Engineer, RW Division-II, Sundargarh

OFFICE OF THE MUNICIPAL COUNCIL, BALASORE
BALASORE (ODISHA), PIN-756003
Tel. No. : 06782-251267(O), e-mail : balasoremunicipality@rediffmail.com
No.1886 Dt.23.03.2026

INVITING EXPRESION OF INTEREST
(EOI regarding leasing of Municipality guest house)

No.13001/816/2526 : The Executive Officer, Balasore Municipality on behalf of Balasore Municipal Council invites EOI (Expression of Interest) for lease out of Municipality guest house situated at OT Road, Bhaskarganj, Balasore on as based to a timely line out for a period of 02 (Two) years & extension of 01 (One) year based on satisfactory performance / (Deprived on the healthy & positive response of the lessee) towards this establishement. The willing participants can submit their proposals on between the schedule time line from Dt.25.03.2026 to Dt.09.04.2026 till 03:30 P.M. The same will be opened on Dt.10.04.2026 at 11:30 P.M. by the tender/purchase Committee constitued for the above purpose (Can also be Obtained in detail from Govt. Website - http://balasore.odisha.gov.in)

Sd./- Executive Officer
Balasore Municipality
OIPR-13001/13154/1/25-26/0022

See Career Appointment on every Wednesday & Saturday

**ଲିଙ୍ଗରାଜ ବାଘଙ୍କୁ ସମ୍ବର୍ଦ୍ଧନା**

କୁଚିଣ୍ଡା,(ବିରଞ୍ଚି ଦର୍ଜୀ): ସମ୍ବଲପୁର ଜିଲା କୁଚିଣ୍ଡା ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ରବିବାର ନୂତନଭାବେ ମନୋନୀତ ହୋଇଥିବା ସମ୍ବଲପୁର ଜିଲା ଉପସଭାପତି ଲିଙ୍ଗରାଜ ବାଘଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୁଚିଣ୍ଡାସ୍ଥିତ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟି ସଭା ଗୃହରେ ବ୍ଲକ ସଭାପତି ସୋମ୍ବାରୁ ବୁଡାଙ୍କ ଅଧକ୍ଷତାରେ ହୋଇଥିବା ସମ୍ବର୍ଦ୍ଧନା ସଭାରେ କୁଚିଣ୍ଡା ବ୍ଲକ ସମ୍ପାଦକ ବାଘଙ୍କୁ ସମ୍ବଲପୁର ଜିଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ ଉପସଭାପତି ଦାୟିତ୍ୱ ଦେଇଥିବାରୁ ଜିଲା ସଭାପତି ନିହାଲ ସିଂଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବ୍ଲକ କମିଟିର ଟିକେଶ୍ୱର ହଂସ, ଗୟାନନ୍ଦ ଭଞ୍ଜ, ଗିରିଜା ଶଙ୍କର ପାତ୍ର, ଗୋକୁଳ ଦେହୁରୀ, ଟଙ୍କଧର ବାଘ, ତ୍ରିନାଥ ଲୁହା, ଜଗଦୀଶ ହଂସ, ଗୋପବନ୍ଧୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କଳା, ସଂସ୍କୃତି ପାଇଁ କୁଚିଣ୍ଡା ସ୍ୱତନ୍ତ୍ର ପରିଚୟ ପାଇଛି



ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ମଞ୍ଚାସୀନ ଅତିଥିମାନେ।

**କୁଚିଣ୍ଡା,୨୯।୩(ବିରଞ୍ଚି ଦର୍ଜୀ)**

ଢୋଲ, ନିଶାନ ଓ ମାଦଳର ତାଳେତାଳେ ଏକ ବର୍ଣ୍ଣାଢ୍ୟ ପରିବେଶରେ ରବିବାର ସନ୍ଧ୍ୟାରେ ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡ଼ିଆରେ ଗୁଦଗୁଦା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, କୁଚିଣ୍ଡା ମାଟି ହେଉଛି କଳା ଓ ସଂସ୍କୃତିର ମାଟି। ଏଠାକାର କଳା ସଂସ୍କୃତି କୁଚିଣ୍ଡାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ତେଣୁ ଏହି କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସମସ୍ତ କଳାକାରଙ୍କ ପ୍ରଥମ କର୍ତ୍ତବ୍ୟ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ମିତ୍ରଭାନୁ ଗୌଣ୍ଟିଆ, ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାଏକ, ବାମରା ବନ୍ୟପ୍ରାଣୀ ଡିଏଫଓ ବିକ୍ରମଦେବ ପଟ୍ଟନାୟକ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ଆକାଶବାଣୀ କଳାକାର ସୁରଥ ଚନ୍ଦ୍ର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଗୁଦଗୁଦା ମହୋତ୍ସବ କମିଟି ଅଧ୍ୟକ୍ଷ ତଥା କୁଚିଣ୍ଡା ଉପଜିଲାପାଳ ସରଓନନ ସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅତିଥିମାନେ ଗୁଦଗୁଦା ମହୋତ୍ସବର ସ୍ମରଣିକାକୁ ଉନ୍ମୋଚନ କରିଥିଲେ। କୁଟୁରାଚୁଆଁ ସ୍ୱପ୍ନ ସାଗର

## ଗୁଦଗୁଦା ମହୋତ୍ସବ ଉଦ୍‌ଘାଟିତ

କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ କେଶାଇବାହାଲ ଜୟ ଧାର୍ମେ ଗୁରୁ ଲୋକକଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବରେ ବିଭିନ୍ନ ବିଭାଗ ପକ୍ଷରୁ ବହୁ ସଂଖ୍ୟକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶେଷରେ ମହୋତ୍ସବର ମୁଖ୍ୟ ସଂଯୋଜକ ସୁରଥ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭବାନୀ ଶଙ୍କର ନାୟକ, ମଳୟ ବେହେରା, ସୌମ୍ୟରଞ୍ଜନ ଧଳ, ପ୍ରୀତମ ପାଣିଗ୍ରାହୀଙ୍କ ସମେତ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଲାଜପତ ରାୟ ଆଇନ ମହାବିଦ୍ୟାଳୟ(ଏଲ୍‌ଆର୍ ଲ କଲେଜ) ଆଲୁମ୍ନି ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ସଂଘ ସମ୍ପାଦକ ଦୁର୍ଗା ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଆଲୁମ୍ନି ସଂଘ ସଦସ୍ୟ ଓ ସମ୍ବଲପୁର ଓକିଲ ସଂଘ(ଡିବିଏ)ର ନବ ନିର୍ବାଚିତ କର୍ମକର୍ତ୍ତା ଏଠାରେ ଥିବା ଲାଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଆଲୁମ୍ନି ସଂଘ ସଦସ୍ୟଙ୍କ ସହ ଡିଏବିର ନବନିର୍ବାଚିତ ସଭାପତି ଚନ୍ଦ୍ର କୁମାର ପୁରୋହିତ, ଉପସଭାପତି ରବି ରଞ୍ଜନ ପୂଝାରୀ, ସମ୍ପାଦକ ପ୍ରବୀଣ ସିଂଦେଓ, ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା,

## ଏଲ୍‌ଆର୍ ଆଇନ କଲେଜ ଆଲୁମ୍ନି ସଂଘ ବୈଠକ

କାର୍ଯ୍ୟକାରୀ ସଭ୍ୟା ସୁତପା ମିତ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଗ୍ରହଣ ପରେ ନବ ନିର୍ବାଚିତ ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ପୁରାତନ ଛାତ୍ର ଭାବେ ଏହି ୬୦ ବର୍ଷର ଗୌରବମୟ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ସଭାରେ ମହାବିଦ୍ୟାଳର ବିଭିନ୍ନ ସମସ୍ୟା ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ, ଆଗାମୀ ହୀରକ ଜୟନ୍ତୀକୁ ସଫଳତାର ସହ ପାଳନ କରିବା, ଜାତୀୟ ମୁଟକୋର୍ଟ ପ୍ରତିଯୋଗିତା ଆୟୋଜନ ଏବଂ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ସେମିନାର କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବରିଷ୍ଠ ଉପସଭାପତି ସିପ୍ରା ମହାନ୍ତି, ଉପସଭାପତି ପ୍ରକାଶ ଶତପଥୀ, ଅରୁଣ କୁମାରଙ୍କ ସମେତ ବରିଷ୍ଠ ସଭ୍ୟ ଚନ୍ଦ୍ର ମହାନ୍ତି, ସୁମନ୍ତ ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ, ହୃଷୀକେଶ ସ୍ୱାଇଁ ଏବଂ ସଂଯୋଜକ ଅଶ୍ୱିନୀ ପାଢ଼ୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭଦର୍ଶିନୀ ମହାନ୍ତି, ନାରାୟଣ ସୁନା, ଅନୁପ କୁମାର ତରିଆ, ନଟବର ମହାରଣା, ରାଜକିଶୋର ପାଢ଼ୀ, ବୁଲୁ ବଡ଼ପଣ୍ଡା, ତ୍ରିଲୋଚନ ତ୍ରିପାଠୀ, ଅର୍ଦ୍ଧେନ୍ଦୁ ଦାଶ, ଭଗତ ସିଂ, ସନ୍ତୋଷିନୀ ନାୟକ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କଫସିରପ, ମଦ ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)**

ସମ୍ବଲପୁର ସର୍କିଟ ହାଉସ ପଛପଟେ ବେଆଇନ ଭାବେ ଅପମିଶ୍ରିତ ନିଷିଦ୍ଧ ନିଶା କଫ ସିରପ ଓ ମଦ କାରବାରରେ ଲିପ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ କୁମ୍ଭାରପଡ଼ା ଅଞ୍ଚଳର ମହମ୍ମଦ ସଜାଦମ ଓରଫ ମହମ୍ମଦ ସଦାମ(୩୫)। ରବିବାର ଧନୁପାଲି ଥାନା ଏସ.ଆଇ ଯୁଗଳ ସେଠଙ୍କ ନେତୃତ୍ୱରେ ଏକ ଦଳ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସର୍କିଟ ହାଉସ ପଛପଟେ ଚଢ଼ାଉ କରିଥିଲେ। ସେଠାରେ କେତେଜଣ ଯୁବକ କଫ ସିରପ୍‌ରେ ଅପମିଶ୍ରଣ କରି ନିଶାଦ୍ରବ୍ୟ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପୋଲିସକୁ ଦେଖି ଫେରାର ହେବାକୁ ଉଦ୍ୟମ ବେଳେ ସଦାମଙ୍କୁ ପୋଲିସ କାବୁ କରିଥିଲା। ତାଙ୍କ ନିକଟରୁ ପୋଲିସ ଶହେ ମିଲିମିଟର ବିଶିଷ୍ଟ ୨୮ ବୋତଲ ସିଲ୍ଡ କଫସିରପ, ୨୫ଲିଟର ଦେଶୀ ମଦ, ନିଶାବଟିକା ଏବଂ ୭ଶହ ମିଲିମିଟର ଅପମିଶ୍ରିତ ତରଳ ପଦାର୍ଥ ଜବତ କରିଛି। ଥାନାରେ ଏକ ମାମଲା (ନଂ.୧୩୦/୨୬) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

# ମା' ମହାମାୟାଙ୍କ ଭବ୍ୟ ଶୀତଳ ଯାତ୍ରା ସମ୍ପନ୍ନ


ମା' ମହାମାୟାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)**

ସମ୍ବଲପୁର ପଟ୍ଟନାୟକପଡ଼ାସ୍ଥିତ ମହାମାୟା ପୀଠରୁ ରବିବାର ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟାଙ୍କ ଭବ୍ୟ ଶୀତଳ ଯାତ୍ରା ସମ୍ପନ୍ନ ହୋଇଛି। ଏହି ଅବସରରେ ପଟ୍ଟନାୟକପଡ଼ା ଛକରେ ରବିବାର ଅପରାହ୍ନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମହାଅଳତୀ କରାଯାଇଥିଲା। ସହସ୍ରାଧିକ ଭକ୍ତଙ୍କ ଗହଣରେ ଦୁଲଦୁଲି ବାଦ୍ୟ, ଘଣ୍ଟ, ଶଙ୍ଖର ତାଳେ ତାଳେ ମା' ମହାମାୟା ଏକ ଭବ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଫାଟକସ୍ଥିତ ମହାମାୟାଙ୍କ ମନ୍ଦିରରେ ପହଞ୍ଚିଥିଲେ। ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ଆସୁଥିବା ମା'ଙ୍କୁ ପୂର୍ଣ୍ଣ କଳସର ଶୀତଳ ଜଳରେ ସ୍ନାନ କରାଇ ସ୍ୱାଗତ କରିଥିଲେ। ଫାଟକସ୍ଥିତ ମନ୍ଦିରକୁ ମା'ଙ୍କ ପ୍ରବେଶ ପରେ ଶୀତଳ ଯାତ୍ରା ସମାପନ ହୋଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ଝଣ୍ଡା ସହିତ ସହସ୍ରାଧିକ ଭକ୍ତଙ୍କ ସମାଗମ ଯାତ୍ରାକୁ ଆକର୍ଷଣୀୟ କରିଥିଲା।

# ବ୍ୟାସକବିଙ୍କ ବୁଦ୍ଧିମତ୍ତା ତାଙ୍କ ଲେଖାରେ ପ୍ରତିଫଳିତ ହୁଏ


ଭୀମଭୋଇ ସାହିତ୍ୟ ସଂସଦ ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଓ ବକ୍ତା।

**ସମ୍ବଲପୁର,୨୯।୩(ବି.ଶଙ୍କର)**

ଫକୀର ମୋହନଙ୍କ କଥନ ଶୈଳୀ: ଏକ ଦୃଷ୍ଟିପାତ ଶୀର୍ଷକ ଆଲୋଚନାଚକ୍ର ଶନିବାର ସନ୍ଧ୍ୟାରେ ସମ୍ବଲପୁର ବୁଢ଼ାରଜା ଭୀମଭୋଇ ନଗରସ୍ଥିତ ଭୀମଭୋଇ ସାହିତ୍ୟ ସଂସଦ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ଆୟୋଜକ ଭୀମଭୋଇ ସାହିତ୍ୟ ସଂସଦ ସଭାପତି ନୌବିହାରୀ ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ତଥା ସାହିତ୍ୟିକ କାମଦେବ ସାହୁ ଆଲୋଚକଭାବେ ଯୋଗଦେଇଥିଲେ। ପ୍ରଫେସର ସାହୁ ବ୍ୟାସକବିଙ୍କ ବିଚକ୍ଷଣ ବୁଦ୍ଧିମତ୍ତାର ପରିପ୍ରକାଶ ତାଙ୍କର ପ୍ରତ୍ୟେକ ଲେଖାରେ ସ୍ପଷ୍ଟ ପ୍ରତିଫଳିତ ହୁଏ ବୋଲି କହିଥିଲେ। ସେ ତତ୍କାଳୀନ ସମୟରେ ଇଂରେଜ ସରକାରଙ୍କ ବିରୋଧରେ ଲେଖା ମାଧ୍ୟମରେ ବିଦ୍ରୋହର ମଞ୍ଜି ବୁଣିଥିଲେ। ମହାଭାରତର କଥନ ଶୈଳୀ

## ଭୀମଭୋଇ ସାହିତ୍ୟ ସଂସଦରେ ଆଲୋଚନାଚକ୍ର

ଏବଂ ବ୍ୟାସକବିଙ୍କ କଥନ ଶୈଳୀର ସାମଞ୍ଜସ୍ୟ ଥିଲା। ବ୍ୟାସକବିଙ୍କ ପ୍ରସିଦ୍ଧ ଉପନ୍ୟାସ ଛଅ ମାଣ ଆଠଗୁଣ୍ଠ ତାଙ୍କ ଗ୍ରାମ୍ୟ ଜୀବନ ପ୍ରତି ଥିବା ଦୃଷ୍ଟିକୋଣକୁ ପ୍ରତିଫଳିତ କରିପାରିଥିଲା। ତେଣୁ ତାଙ୍କ ଆତ୍ମଜୀବନୀ ଉପରେ ଅଧିକ ଆଲୋଚନାର ଆବଶ୍ୟକତା ରହିଛି ବୋଲି ପ୍ରଫେସର ସାହୁ ମତବ୍ୟକ୍ତ କରିଥିଲେ। ବର୍ଷୀୟାନ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଆଲୋଚନାଚକ୍ରର ସମୀକ୍ଷା କରିଥିଲେ। ଏହି ଅବସରରେ ଶାନ୍ତିଲତା ପାଣ୍ଡେ ଫକୀରମୋହନଙ୍କ ଜୀବନୀ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ସରୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବହୁ ସଦସ୍ୟଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳରୁ ସାହିତ୍ୟପ୍ରେମୀ ସାମିଲ ଥିଲେ।

# ସୁରଘୁଙ୍ଗୁର ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**ରେଢ଼ାଖୋଲ, ୨୯।୩(ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢ଼ାଖୋଲର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁର ଘୁଙ୍ଗୁର ୨୪ତମ ରାଜ୍ୟସ୍ତରୀୟ ସୁର ଘୁଙ୍ଗୁର ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କଦମ୍ବ ପଡିଆ ଭୀମ ଭୋଇ କଳା ମଣ୍ଡପରେ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ, ପଞ୍ଚାୟତ ସମିତିଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ନାକଟିଦେଉଳ ପଞ୍ଚାୟତ ସମିତି ଅଧକ୍ଷା ସ୍ୱରୂପାରାଣୀ ସାହୁ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଏସ୍‌ଡିପିଓ ପ୍ରଶାନ୍ତ ମେହେର ଯୋଗଦେଇ ଲୋକକଳା ଏବଂ ସଂସ୍କୃତିକୁ ବଞ୍ଚାଇ ରଖି ପାରିଥିବା ଏହି ସୁରଘୁଙ୍ଗୁର ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ କ୍ରୀଡା, ଶିକ୍ଷା ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସୁରଘୁଙ୍ଗୁର ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସମ୍ବଲପୁରୀ କଣ୍ଠଶିଳ୍ପୀ ପୁଷ୍ପ ରାଜ ସୁନା ଏବଂ କଳାକାର ମାନଙ୍କ ଦ୍ୱାରା ସଂଗୀତ ପରିବେଷଣ ସାଙ୍ଗକୁ ମନୋରଞ୍ଜନଧର୍ମୀ ନୃତ୍ୟ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ସୁରଘୁଙ୍ଗୁର ଅନୁଷ୍ଠାନ ପକ୍ଷରୁ ସୁଶାନ୍ତ ନାଗ, ଗଜାନନ ଭେଷରା, ରାଜେନ୍ଦ୍ର ବୈଠାରୁ, ରଞ୍ଜିତ ଦେହୁରୀ, ପ୍ରକାଶ ମୁଖୀ, ଅନିଲ ମେହେର ଏବଂ କାର୍ଯ୍ୟକର୍ତ୍ତାଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ର ଅନୁଷ୍ଠିତ ହୋଇଯାଇଛି।

# ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଜବତ

**ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)**

ସମ୍ବଲପୁର ସହର ଧନୁପାଲି ଥାନା ଅନ୍ତର୍ଗତ ସାରଳାକାନି ଛକ ନିକଟରେ ଥିବା ଗୋଏଲ ଫର୍ଣ୍ଣିଚରରୁ ଗତ ମାର୍ଚ୍ଚ ୨୬ ତାରିଖରେ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ପୋଲିସ ରବିବାର ପୁଟିବିନ୍ଧା ଅଞ୍ଚଳର ପିଣ୍ଟୁ ଭୁଏ ଓରଫ ଛୋଟୁ(୨୨)ଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ଚୋରି ହୋଇଥିବା ରୁପା ମୁଦ୍ରା, ବିଭିନ୍ନ ବ୍ୟାଙ୍କର ଚେକବୁକ, ଏଟିଏମ କାର୍ଡ ଏବଂ ଅନ୍ୟାନ୍ୟ ସାମଗ୍ରୀ

## ଗୋଏଲ ଫର୍ଣ୍ଣିଚରରୁ ଚୋରି ଘଟଣା

ଜବତ କରିଛି। ଫର୍ଣ୍ଣିଚରର ଷ୍ଟୋର ବ୍ରାଞ୍ଚ ମ୍ୟାନେଜର ସୌମେନ୍ଦ୍ର ମହାପାତ୍ର ଗତ ୨୭ ତାରିଖ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତ କ୍ୟାସ କାଉଣ୍ଟର ଭାଙ୍ଗି ନଗଦ ୨୦ ହଜାର ଟଙ୍କା ସମେତ ରୁପା ମୁଦ୍ରା ଓ ଚେକ ବୁକ ଚୋରି କରିନେଇଥିବା ଏତଲାରେ ଦର୍ଶାଯାଇଥିଲା। ତାଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା(ନଂ.୧୨୬/୨୬)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ସିସି କ୍ୟାମେରା ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ପିଣ୍ଟୁଙ୍କୁ ଚିହ୍ନଟ କରିଥିଲା। ପରେ ପୁଟିବିନ୍ଧା ସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରି ପୋଲିସ ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ଥାନାରେ ପଚରା ଉଚରା ବେଳେ ପିଣ୍ଟୁ ଚୋରି ଘଟଣାରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ।

# ସ୍ଥାନୀୟ ନିଯୁକ୍ତି, ବିକାଶ ଦାବିରେ ମଶାଲ ଶୋଭାଯାତ୍ରା



ହୀରାକୁଦରେ କଂଗ୍ରେସ ଅନୁସୂଚିତ ଜାତି ସେଲ୍ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରାରେ ସାମିଲ କର୍ମକର୍ତ୍ତା।

**ହୀରାକୁଦ,୨୯।୩(ଫିଲିପ କୁମାର)**

ସ୍ଥାନୀୟ ନିଯୁକ୍ତି, ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟରେ ଅବହେଳା ଆଦି ହୀରାକୁଦ ସହରର ବିଭିନ୍ନ ସମସ୍ୟାକୁ ନେଇ ରବିବାର କଂଗ୍ରେସ ଅନୁସୂଚିତ ଜାତି ସେଲ୍ ପକ୍ଷରୁ ପ୍ରତିବାଦ କରାଯାଇଛି। ପ୍ରଦେଶ କଂଗ୍ରେସ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ସଚେତନତା ଅଭିଯାନ ଅନ୍ତର୍ଗତ ହୀରାକୁଦ ଅନୁସୂଚିତ ଶାଖା ପକ୍ଷରୁ ସହରର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଏକ ମଶାଲ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାଟି ମା' ସନ୍ତୋଷୀ ମନ୍ଦିର ଛକରୁ ବାହାରି, ପରିବା ବଜାର, ଦୁର୍ଗାମନ୍ଦିର ଛକ ଦେଇ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା। ଶତାଧିକ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଏହା ପରେ କଲ୍ୟାଣ ମଣ୍ଡପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ

## ହୀରାକୁଦ କଂଗ୍ରେସ ଅନୁସୂଚିତ ଜାତି ସେଲ୍‌ର ପ୍ରତିବାଦ ସଭା

ହୋଇଥିଲା। ଏଥିରେ ହୀରାକୁଦ ଭଳି ଏକ ଶିଳ୍ପ ସମୃଦ୍ଧ ସହରରେ ସ୍ଥାନୀୟ ଶିଳ୍ପ ସଂସ୍ଥାମାନଙ୍କରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ମିଳିବାକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି କଂଗ୍ରେସ ସଭାପତି ମାନସ ମଲ୍ଲିକ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲିପ ଦୁରିଆ, ଗଣେଶ ପଲେଇ, ବାଲିଆ ତ୍ରିପାଠୀ, ରଶ୍ମି ରଞ୍ଜନ ସ୍ୱାଇଁ ଏବଂ ଅନୁସୂଚିତ ଜାତି କଂଗ୍ରେସ ଜିଲା ସଭାପତି ପ୍ରମୋଦ ଛୁରିଆ ଉପସ୍ଥିତ ଥିଲେ। ସଭାରେ ଛତୁ ସେନାପତି ଓ ସୁମନ୍ତ ବାଗଙ୍କ ସମେତ ବହୁ ନେତୃବୃନ୍ଦ ସ୍ଥାନୀୟ ବିକାଶ ପାଇଁ ଏକଜୁଟ ହେବାକୁ ହୀରାକୁଦବାସୀଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ମଧ୍ୟ ନିଜର ଅଧିକାର ପାଇଁ ଏହି ଲଢ଼େଇ ଜାରି ରହିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।


**ORISSA STATE AIDS CONTROL SOCIETY** OSACS
(Department of Health & Family Welfare), Government of Odisha
Order No. 3591/OSACS Date: 25.03.2026
File No. OSACS-CST-Misc.-0029-2022

**CANCELLATION OF RECRUITMENT NOTIFICATION**

No. 10001/150/2526: The advertisement No. 4348 dated 31.12.2024 inviting applications only for the post of Data Manager & Counsellor at the ART Centre, Capital Hospital, Bhubaneswar (on contractual basis) which was also published in different Newspaper i.e. Dharitri, New Indian Express, Prameya stands cancelled due to administrative ground.
OIPR-10001/10060/1/25-26/0007 Sd./- Project Director

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**MAYURBHANJ (R&B) DIVISION, BARIPADA**
No. 34001/269/2526 e-mail - bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No. S.E. - 85/2025-26**

1. Number of Works : Drain work & Building work
2. Approximate estimated cost : 12.78 lakh to 46.76 lakh
3. Period of Completion : 01 (One) & 02 (Two) Calendar Month
4. Date & time of availability of bid documents in the portal : Dt.02.04.2026 to 13.04.2026
5. Last date/time of receipt of bid in the portal : Dt.13.04.2026 upto 5.00 P.M.
6. Date of Opening of bid : Dt.15.04.2026 at 11.00 A.M.
7. Name & address of the Officer Inviting Bid : Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in.
Sd./- R.G. Ray
Superintending Engineer
Mayurbhanj (R&B) Division
OIPR-34001/34025/1/25-26/0005

**GOVERNMENT OF ODISHA** E.Mail: rw_rourkela@yahoo.co.in
**OFFICE OF THE EXECUTIVE ENGINEER, RURAL WORKS DIVISION-II, SUNDARGARH**
No. 25001/367/2526
**TENDER CALL NOTICE**
**BID IDENTIFICATION NO. ONLINE-EERKL-38 of 2025-26**

1. Name of the Work : Building Works
2. Total No. of Works : 02 (Two) Nos.
3. Estimated Cost : Rs.7.64 & 38.45 Lakhs
4. Class of Contractor : "D", "C" & "B" Class
5. Period of Completion : 03 (Three) & 08 (Eight) Calendar Months
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online - EERKL-38 of 2025-26 | 02.04.2026 from 10.00 A.M. | 07.04.2026 upto 05.00 P.M. | 06.04.2026 upto 5.00 P.M. | 08.04.2026 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25001/25193/1/25-26/0042 Sd./- Executive Engineer, RW Division-II, Sundargarh

**OFFICE OF THE MUNICIPAL COUNCIL, BALASORE**
BALASORE (ODISHA), PIN-756003
Tel. No. : 06782-251267(O), e-mail : balasoremunicipality@rediffmail.com
No.1886 Dt.23.03.2026
**INVITING EXPRESION OF INTEREST**
(EOI regarding leasing of Municipality guest house)
No.13001/816/2526 : The Executive Officer, Balasore Municipality on behalf of Balasore Municipal Council invites EOI (Expression of Interest) for lease out of Municipality guest house situated at OT Road, Bhaskarganj, Balasore on as based to a timely line out for a period of 02 (Two) years & extension of 01 (One) year based on satisfactory performance / (Deprived on the healthy & positive response of the lessee) towards this establishement. The willing participants can submit their proposals on between the schedule time line from Dt.25.03.2026 to Dt.09.04.2026 till 03:30 P.M. The same will be opened on Dt.10.04.2026 at 11:30 P.M. by the tender/purchase Committee constitued for the above purpose (Can also be Obtained in detail from Govt. Website - http://balasore.odisha.gov.in)
Sd./- Executive Officer
Balasore Municipality
OIPR-13001/13154/1/25-26/0022

**ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ**
**Airports Economic Regulatory Authority of India (AERA)**
**ଭାରତ ସରକାର/Government of India**
୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩
ଫୋନ୍: ୦୧୧-୨୪୬୯୫୦୪୪

**ସର୍ବସାଧାରଣ ବିଜ୍ଞପ୍ତି**

**ପ୍ରଥମ ନିୟନ୍ତ୍ରଣ ଅବଧି (୦୧.୦୪.୨୦୨୫ - ୩୧.୦୩.୨୦୩୦) ପାଇଁ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର, ନଭି ମୁମ୍ବାଇ ଲାଗି ବୈମାନିକ ସେବା ନିମନ୍ତେ ଶୁଳ୍କସୂଚୀ ନିର୍ଦ୍ଧାରଣ ସକାଶେ ଅଂଶଧାରକଙ୍କ ପରାମର୍ଶ ବୈଠକ**

ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ (ଏଇଆର୍‌ଏ) ପ୍ରଥମ ନିୟନ୍ତ୍ରଣ ଅବଧି (୦୧.୦୪.୨୦୨୫ - ୩୧.୦୩.୨୦୩୦) ଲାଗି ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର, ନଭି ମୁମ୍ବାଇ ନିମନ୍ତେ ଶୁଳ୍କସୂଚୀ ନିର୍ଦ୍ଧାରଣ ସକାଶେ ତା୧୭.୦୩.୨୦୨୬ରିଖରେ ପରାମର୍ଶ ପତ୍ର ସଂ. ୦୮/୨୦୨୫-୨୬ ଜାରି କରିଥିଲେ (ଯାହା ୟୁଆର୍‌ଏଲ୍ www.aera.gov.in ରେ ଉପଲବ୍ଧ)। ଏଇଆର୍‌ଏ ଅଧିନିୟମ, ୨୦୦୮ର ଧାରା ୧୩(୪)ର ବ୍ୟବସ୍ଥା ଅନୁଯାୟୀ ପରାମର୍ଶ ପତ୍ରରେ ସମ୍ବଳିତ ହୋଇଥିବା ପ୍ରାଧିକରଣଙ୍କ ବିଭିନ୍ନ ଶୁଳ୍କସୂଚୀ ସମ୍ବନ୍ଧୀୟ ପ୍ରସ୍ତାବକୁ ଅଂଶଧାରକମାନଙ୍କ ବିଚାର ନିମନ୍ତେ ଆଗତ କରାଯାଇଛି । ଏ ବାବଦରେ ଅଂଶଧାରକମାନଙ୍କ ପରାମର୍ଶ ବୈଠକ **୦୨ ଏପ୍ରିଲ, ୨୦୨୬ (ଗୁରୁବାର) ଅପରାହ୍ନ ୩.୦୦ ଘଟିକାରେ** ହାଇବ୍ରିଡ୍ ପଦ୍ଧତିରେ (ଫିଜିକାଲ/ଅନଲାଇନ)ରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

**ଷ୍ଟେକ୍‌ହୋଲ୍ଡର୍ସ ରୁମ୍, ୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩**

ଯାତ୍ରୀ/ଯାତ୍ରୀ ସଂଘ, ଜନସାଧାରଣ, ବିମାନବନ୍ଦର ପରିଚାଳକ, ଏୟାରଲାଇନର, ଶିଳ୍ପ ସଂଘ/ନିକାୟ, କାର୍ଗୋ, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଫୁଏଲ ଫାର୍ମ ଆଦି ପାଇଁ ସ୍ୱାଧୀନ ସେବା ପ୍ରଦାନକାରୀ ଭଳି ସମସ୍ତ ଅଂଶଧାରକମାନଙ୍କୁ ଉପରୋକ୍ତ ବୈଠକରେ ଅଂଶଗ୍ରହଣ କରିବା ତଥା ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ଶୁଳ୍କସୂଚୀ ପ୍ରସ୍ତାବ ଉପରେ ଉପରୋକ୍ତ ପରାମର୍ଶ ପତ୍ର ଉପରେ ନିଜର ମୂଲ୍ୟବାନ ପ୍ରସ୍ତାବ/ମନ୍ତବ୍ୟ/ଦୃଷ୍ଟିକୋଣ ପ୍ରଦାନ କରିବା ଲାଗି ଅନୁରୋଧ କରାଯାଉଛି ।
ବ୍ୟକ୍ତିଗତ ଭାବେ ଅଂଶଗ୍ରହଣ କରୁଥିବା ଅଂଶଗ୍ରହଣକାରୀମାନେ ୦୧ ଏପ୍ରିଲ, ୨୦୨୬ ସୁଦ୍ଧା ଏଇଆର୍‌ଏକୁ ସେମାନଙ୍କର ନାମ, ଇମେଲ୍ ଠିକଣା, ମୋବାଇଲ ନମ୍ବର, ଗାଡ଼ି ନମ୍ବର ଇମେଲ୍ (director-ps@aera.gov.in ଏବଂ rajan.gupta1@aera.gov.in) ଜରିଆରେ ନିଶ୍ଚିତକରଣ ପଠାଇପାରିବେ । ଅଂଶଧାରକଙ୍କ ବୈଠକ ପୂର୍ବରୁ ଅନ୍‌ଲାଇନ୍ ଲିଙ୍କ୍ ଏଇଆର୍‌ଏ ୱେବ୍‌ସାଇଟ୍ (https://aera.gov.in)ରେ "ନ୍ୟୁଜ୍ ଆଣ୍ଡ ଆନାଉନ୍ସମେଣ୍ଟ୍ସ" ଟାବ୍ ଅଧୀନରେ ଶେୟାର୍ କରିଦିଆଯିବ ।
CBC 03112/12/0028/2526 ସ୍ୱା./- ସଚିବ, ଏଇଆର୍‌ଏ

See Career Appointment on every Wednesday & Saturday

# ସୁସ୍ଥ ରହିବେ ବୟସ୍କ ବ୍ୟକ୍ତି



ପ୍ର. ସୁବୋଧ କୁମାର ସାହୁ

''ରୋଗ ମଣିଷର ବଡ଼ ଶତ୍ରୁ। ରୋଗ ହେଲେ ମନୁଷ୍ୟ ମନରୁ ସବୁ ସୁଖ ଦୂରେଇଯାଏ। କୌଣସି କାର୍ଯ୍ୟ କରିବାରେ ସ୍ପୃହା କମିଯାଏ। ଶୋଇ ରହିବାକୁ ଇଚ୍ଛା ହୁଏ, କିନ୍ତୁ ନିଦ ହୁଏ ନାହିଁ। ଶୋଇ ନ ପାରିଲେ ଶରୀର ପୀଡ଼ା ହୁଏ, ଶରୀର ଦୁର୍ବଳ ହୁଏ। ଏଥିପାଇଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଠିକ୍ ଔଷଧ, ଠିକ୍ ଅନୁପାତରେ ଏବଂ ଠିକ୍ ସମୟରେ ନେବା ଉଚିତ। ରୋଗଠାରୁ ଦୂରେଇ ରହିବା ପାଇଁ ସର୍ବଦା ସ୍ୱାସ୍ଥ୍ୟକର ପରିବେଶକୁ ଆପଣେଇବା ଭଲ।''



ଦଶ ବର୍ଷ ପୂର୍ବେ ମନୁଷ୍ୟର ହାରାହାରି ଜୀବନକାଳ ପ୍ରାୟ ୬୩ ବର୍ଷ ଥିଲା। ଡାକ୍ତରୀ ବ୍ୟବସ୍ଥାର ସୁବ୍ୟବସ୍ଥା ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗୁଁ ଆମର ହାରାହାରି ବୟସ ବଢ଼ି ୭୦ ବର୍ଷରେ ପହଞ୍ଚିଲାଣି। ଏହି ବୟସରେ କ'ଣ ସବୁ ଘଟିବ, କେହି କିଛି କହିପାରିବେ ନାହିଁ। ତେଣୁ ବାର୍ଦ୍ଧକ୍ୟ ବୟସରେ ନିମ୍ନଲିଖିତ ୧୦ ଗୋଟି ସୂତ୍ର ପ୍ରତି ଧ୍ୟାନ ଦେଲେ ଆମେ ସୁସ୍ଥ ରହିବା ସହ ଖୁସିରେ ଜୀବନଯାପନ କରିପାରିବା।

**ପୁଷ୍ଟିକର ଖାଦ୍ୟ :** ଆମେ ବଞ୍ଚିବା ପାଇଁ ଖାଦ୍ୟ ଖାଉ, ସ୍ୱାଦ ପାଇଁ ନୁହେଁ। ଖାଦ୍ୟ ଆମକ ଶକ୍ତି ଯୋଗାଏ। ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାର ଅଛି। ଆମର ଦୈନନ୍ଦିନ ଖାଦ୍ୟରେ ପୁଷ୍ଟିସାର, ଶ୍ୱେତସାର, ଜୀବସାର ଏବଂ ସ୍ନେହସାର ରହିବା ଉଚିତ। ଉକ୍ତ ଚାରିଗୋଟି ଉପାଦାନ ମୁଖ୍ୟତଃ ସବୁଜ ପନିପରିବା, ବିଭିନ୍ନ ଶସ୍ୟ, ମାଛ, ମାଂସ ଏବଂ ଅଣ୍ଡା ଆଦିରେ ଭରପୂର ଥାଏ। ନିରାମିଷ ଖାଦ୍ୟକୁ ଅଧିକ ବ୍ୟବହାର କରି ଆମିଷ ଖାଦ୍ୟକୁ ସୀମିତ ରଖିଲେ ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ଖାଦ୍ୟ ଖାଇବା ସମୟରେ ପେଟପୂରା ନ ଖାଇ କିଛି ଅଂଶ ଖାଲି ରଖିଲେ ସ୍ୱାସ୍ଥ୍ୟ ଭଲ ରହେ।

**ବିଶୁଦ୍ଧ ପାନୀୟ :** ସୁଷମ ଖାଦ୍ୟ ସହିତ ନିର୍ମଳ ପାନୀୟର ଆବଶ୍ୟକତା ରହିଛି। ଦୂଷିତ ଜଳ ବହୁ ସଂକ୍ରାମକ ରୋଗର କାରଣ। ତେଣୁ ଫୁଟା ଏବଂ ଉଷୁମ ପାଣି ପିଇବା ଉଚିତ। ଖାଦ୍ୟ ଖାଇବା ସମୟରେ ପାଣି ପିଇବା ଅନୁଚିତ। କାରଣ ପାକସ୍ଥଳୀରୁ ନିର୍ଗତ ହାଇଡ୍ରୋକ୍ଲୋରିକ ଅମ୍ଳ ଲଘୁ ହୋଇ ଖାଦ୍ୟକୁ ହଜମ କରିପାରେ ନାହିଁ। ତେଣୁ ଖାଦ୍ୟ ଖାଇବାର ୩୦ରୁ ୩୫ ମିନିଟ୍ ପରେ ପାଣି ପିଇବା ଉଚିତ। ଦିନକୁ ଅତିକମ୍‌ରେ ଅଢ଼େଇ ଲିଟରରୁ ତିନି ଲିଟର ପାଣି ପିଇଲେ ଖାଦ୍ୟ ଭଲ ହଜମ ହୁଏ ଏବଂ ଆମର ବୃକ୍କ ବା କିଡ୍‌ନୀ ଠିକ୍ ଭାବରେ କାମ କରିଥାଏ। ବଜାରରେ ବିକ୍ରି ହେଉଥିବା ଥଣ୍ଡା ପାନୀୟଠାରୁ ଯେତେ ଦୂରରେ ରହିବେ, ତାହା ସ୍ୱାସ୍ଥ୍ୟ ପ୍ରତି ସେତେ ଭଲ।

**ଶାରୀରିକ ଶ୍ରମ:** ସୁସ୍ଥ ରହିବାକୁ ହେଲେ ଶାରୀରିକ ପରିଶ୍ରମ ଜରୁରୀ। ଶ୍ରମ ବିମୁଖ ହେବା ବହୁ ରୋଗର କାରଣ। ବୟୋଜ୍ୟେଷ୍ଠ ବ୍ୟକ୍ତି କଠିନ ପରିଶ୍ରମ ନ କରି ଅଙ୍ଗପ୍ରତ୍ୟଙ୍ଗ ଚଳନ ପାଇଁ ହାଲୁକା ବ୍ୟାୟାମ କରିବା ଉଚିତ। ସେଥିମଧ୍ୟରୁ ଦିନକୁ ସକାଳୁ ୩୦ରୁ ୩୫ ମିନିଟ୍ ଚାଲିବା ଉଚିତ। ଚାଲିବା ସହ ଏକ ଘଣ୍ଟା ପର୍ଯ୍ୟନ୍ତ ଖାଲିପେଟରେ ଯୋଗ କରାଯାଇପାରେ। ଯୋଗ ଦୁଇ ପ୍ରକାର; ଯଥା ପ୍ରାଣାୟମ ଏବଂ ଆସନ। ପ୍ରାଣାୟମ ହେଉଛି ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟା ବ୍ୟାୟାମ। ଏହା ଦ୍ୱାରା ଯଥେଷ୍ଟ ଅମ୍ଳଜାନ ଶରୀରରେ ପ୍ରବେଶ କରେ। ଆସନ ହେଉଛି ଅଙ୍ଗପ୍ରତ୍ୟଙ୍ଗ ଚଳନ। ପ୍ରାଣାୟମ ୩୦ରୁ ୪୦ ମିନିଟ୍ ଏବଂ ଆସନ ୨୫ରୁ ୩୦ ମିନିଟ୍ ମଧ୍ୟରେ ସୀମିତ ରଖିଲେ ଶରୀର ନୀରୋଗ ରହିଥାଏ। ତା'ସହ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହେ।

**କ୍ରୋଧ ନିୟନ୍ତ୍ରଣ:** କ୍ରୋଧ ମନକୁ ଅସ୍ଥିର କରେ ଏବଂ ରକ୍ତଚାପ ବଢ଼ାଏ। କ୍ରୋଧ ମନରେ ଅଶାନ୍ତି ସୃଷ୍ଟି କରି ଜୀବନକୁ ଧ୍ୱଂସମୁଖକୁ ଟାଣିନିଏ। ଛୋଟଛୋଟ କଥାରେ ନ ରାଗି ଶାନ୍ତ ରହିବା ଉଚିତ। କ୍ରୋଧଠାରୁ ସର୍ବଦା ଦୂରେଇ ରହିଲେ ଶରୀର ଅନେକାଂଶରେ ସୁସ୍ଥ ରହେ।

**ମନ ଖୋଲି ହସିବା:** ହସିବାକୁ ଏକ ବ୍ୟାୟାମ ସହ ତୁଳନା କରାଯାଇପାରେ। ମନଖୋଲା ହସ ମନରୁ ଦୁଃଖ ଦୂର କରେ। ହସ ଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସୁଚାରୁ ରୂପେ ଚଳନ ହୁଏ। ହୃତ୍‌ପିଣ୍ଡକୁ ରକ୍ତ ସଞ୍ଚାଳନ ଠିକ୍ ରହେ ଏବଂ ରକ୍ତଚାପ ସ୍ଥିର ରହେ। ହସ ଦ୍ୱାରା ଶରୀରର ସ୍ନାୟୁ ଚଳଚଞ୍ଚଳ ରହିବା ସହ ମନ ଉତ୍‌ଫୁଲିତ ରହିଥାଏ। କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ। ହସ ଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ ଏବଂ ବୁଦ୍ଧି ପ୍ରଖର ହୁଏ।

**ସୁନିଦ୍ରା:** ନିଦ୍ରା ଶରୀରରୁ ଅବଶ ଦୂର କରେ। ଶୋଇଲେ ମନରୁ ସବୁ ଦୁଶ୍ଚିନ୍ତା ଦୂର ହୁଏ। ନିଦ ଶରୀରକୁ ସତେଜ ରଖେ। କୌଣସି କାର୍ଯ୍ୟ କରିବାକୁ ଆଗ୍ରହ ସୃଷ୍ଟି ହୁଏ। ରକ୍ତଚାପ ସ୍ଥିର ରହେ। ତେଣୁ ପ୍ରତ୍ୟେକ ବୟୋଜ୍ୟେଷ୍ଠ ବ୍ୟକ୍ତି ଦିନକୁ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଉଚିତ। ଶୟନକକ୍ଷର ବାତାବରଣ ଶାନ୍ତ ରହିଲେ ଭଲ ନିଦ ହୁଏ।

**ନୀରୋଗ ଜୀବନଯାପନ :** ରୋଗ ମଣିଷର ବଡ଼ ଶତ୍ରୁ। ରୋଗ ହେଲେ ମଣିଷ ମନରୁ ସବୁ ସୁଖ ଦୂରେଇଯାଏ। କୌଣସି କାର୍ଯ୍ୟ କରିବାରେ ସ୍ପୃହା କମିଯାଏ। ଶୋଇ ରହିବାକୁ ଇଚ୍ଛା ହୁଏ, କିନ୍ତୁ ନିଦ ହୁଏ ନାହିଁ। ଶୋଇ ନ ପାରିଲେ ଶରୀର ପୀଡ଼ା ହୁଏ, ଶରୀର ଦୁର୍ବଳ ହୁଏ। ଏଥିପାଇଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଠିକ୍ ଔଷଧ, ଠିକ୍ ଅନୁପାତରେ ଏବଂ ସଠିକ୍ ସମୟରେ ନେବା ଉଚିତ। ରୋଗଠାରୁ ଦୂରେଇ ରହିବା ପାଇଁ ସର୍ବଦା ସ୍ୱାସ୍ଥ୍ୟକର ପରିବେଶକୁ ଆପଣେଇବା ଭଲ।

**ଧନ ଲୋଭ ତ୍ୟାଗ :** ଦୈନନ୍ଦିନ ଜୀବନରେ ଧନର ଆବଶ୍ୟକତା ଯଥେଷ୍ଟ ଅଛି। ପାଖରେ ଧନ ଥିଲେ ସମସ୍ତ ଅଭାବ ଦୂର ହୁଏ ଏବଂ ମନ ପ୍ରଫୁଲ୍ଲ ରହେ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଧନ ମନରେ ଭୟ ସୃଷ୍ଟି କରେ। ଧନ ରୋଜଗାର ପାଇଁ ଅସତ୍ ପଥ ଅବଲମ୍ବନ ନ କରି ସାଧୁତା ରକ୍ଷା କରିବା ଉଚିତ୍। ମାତ୍ରାଧିକ ଧନଲୋଭ ବିଭିନ୍ନ ରୋଗର କାରଣ। ଅଧିକ ଧନ ରୋଜଗାର ପାଇଁ ବ୍ୟସ୍ତ ରହିଲେ ଶରୀର କ୍ଷୀଣ ଏବଂ ଦୁର୍ବଳ ହୁଏ। ଆବଶ୍ୟକତାଠାରୁ ଅଧିକ ଧନ ଥିଲେ ଏହାକୁ ଦୁଃଖୀ ଦରିଦ୍ରଙ୍କୁ ଦାନ ଏବଂ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ଲଗାଇଲେ ଈଶ୍ୱର ଆଶୀର୍ବାଦ କରିବେ ବୋଲି ଭାବିବା ଉଚିତ।

**ପ୍ରକୃତି ସହ ରହିବା :** ପ୍ରକୃତିକୁ ଭରପୂର ଉପଭୋଗ କରିବା ପାଇଁ ଭଗବାନ ସୃଷ୍ଟି କରିଛନ୍ତି। ପାହାଡ଼ ପର୍ବତଘେରା ସବୁଜିମା ସ୍ଥାନ ପରିଭ୍ରମଣରେ ଗଲେ ମନରୁ ସବୁ ପ୍ରକାର ଦୁଃଖ କ୍ଷଣିକ ପାଇଁ ଦୂର ହୋଇଯାଏ। ତେଣୁ ନିଜ ପରିବାର କିମ୍ବା ସମବୟସ୍କ ବନ୍ଧୁଙ୍କ ସହ ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣରେ ଯାଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ। ପ୍ରାକୃତିକ ସୌନ୍ଦର୍ଯ୍ୟ ବ୍ୟତୀତ ନିଜ ରାଜ୍ୟ ତଥା ଦେଶର ଧର୍ମସ୍ଥଳୀଗୁଡ଼ିକ ଭ୍ରମଣରେ ଗଲେ ମନରେ ଧାର୍ମିକ ଭାବନା ସୃଷ୍ଟି ହେବା ସହ ସ୍ୱାସ୍ଥ୍ୟ ଭଲ ରହେ।

**ବର୍ତ୍ତମାନ ସହ ରହିବା :** ମଣିଷ ତା'ର ଜୀବନକାଳରେ ବାଲ୍ୟ ଅବସ୍ଥାଠାରୁ ପ୍ରୌଢ଼ ପର୍ଯ୍ୟନ୍ତ ଅନେକ କିଛି ସୁକର୍ମ ଏବଂ କୁକର୍ମ କରିଥାଏ। ବାର୍ଦ୍ଧକ୍ୟ ସମୟରେ ସେହି ସମସ୍ତ ଘଟଣାବଳୀ ମନେପଡ଼େ। ଏହିସବୁ ଘଟଣା ମନକୁ ବ୍ୟସ୍ତ ଏବଂ ଆନ୍ଦୋଳିତ କରିଥାଏ। ବିଶେଷକରି କୁକର୍ମ ମନରେ ଦୁଃଖ ଦିଏ। ଏହିସବୁ ଘଟଣା ଭାବି ଶରୀର ରୋଗଗ୍ରସ୍ତ ହୁଏ। ଏହାଛଡ଼ା ଅଧିକ ବାର୍ଦ୍ଧକ୍ୟ ବୟସରେ ଭବିଷ୍ୟତରେ କ'ଣ ଘଟିବ କହିହେବ ନାହିଁ। ହୁଏତ ପୁଅ ଝିଅ ଆମ କଥା ବୁଝିବେ କି ନାହିଁ ଭାବନା ଆସେ। ଏହା ଦ୍ୱାରା ଆମେ ରୋଗଗ୍ରସ୍ତ ହେଉ। ତେଣୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଅତୀତ ଏବଂ ଭବିଷ୍ୟତକୁ ସମ୍ପୂର୍ଣ୍ଣ ଭୁଲି ସର୍ବଦା ବର୍ତ୍ତମାନ ସହ ରହିବା ଉଚିତ। ଏହା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଆମେ ନୀରୋଗ ହୋଇ ଦୀର୍ଘଜୀବୀ ହେବା।

– ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ଆଖିର ଯତ୍ନ



ଆଖିର ଯତ୍ନ ନେବାକୁ ହେଲେ ପାଞ୍ଚଟି ଜିନିଷକୁ ମୁଖ୍ୟତଃ ପ୍ରାଧାନ୍ୟ ଦେବାକୁ ହୋଇଥାଏ। ପ୍ରଥମଟି ହେଉଛି ପ୍ରତିଷେଧକ ବ୍ୟବସ୍ଥା (ପ୍ରିଭେନ୍‌ଶନ୍) ଗ୍ରହଣ। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ କରନ୍ତୁ। ତା' ସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ତଥା ଗାଜର, ସବୁଜ ପନିପରିବା ଓ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ରଖନ୍ତୁ। ମଧୁମେହ ଓ ଉଚ୍ଚ ରକ୍ତଚାପ ସମସ୍ୟା ଥିଲେ ନିୟମିତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ଔଷଧ ଖାଆନ୍ତୁ। ତା'ସହ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଚକ୍ଷୁ ଡାକ୍ତରଙ୍କ ନିକଟରେ ଆଖିର ଚେକଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ। କମ୍ପ୍ୟୁଟର ସ୍କ୍ରିନ୍ ଆଗରେ ବେଶୀ ସମୟ କାମ କରୁଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆଖିକୁ ବିଶ୍ରାମ ଦିଅନ୍ତୁ। ଭଲ ଭାବରେ ମୁହଁ ଧୋଇଦିଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ଲାଗିବ। ଆଣ୍ଟିଗ୍ଲେୟାର ଚଷମା ପିନ୍ଧନ୍ତୁ। ଆଖିକୁ ବିଭିନ୍ନ ପ୍ରକାର କ୍ଷତିକାରକ ଜିନିଷରୁ ଦୂରେଇ ରଖନ୍ତୁ।

## ଧୂମପାନ ତ୍ୟାଗ କରିବାକୁ ହେଲେ...



ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ଏଥିଲାଗି ସୁଗାର ନ ଥିବା ଚୁଇମ୍‌ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇମ୍‌ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀର୍ଘଦିନ ଧରି ଧୂମପାୟୀ, ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସ୍‌ଫୁସ୍‌ର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦% କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ୍ ହୋଇଥାଆନ୍ତି। ଯେଉଁମାନେ ଧୂମପାନ କରିବାକୁ ପ୍ରବର୍ତ୍ତାଉଛନ୍ତି, ସେମାନଙ୍କଠାରୁ ଦୂରେଇ ରୁହନ୍ତୁ।

## ଜାଣିରଖନ୍ତୁ...



ଅନ୍ତତଃପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା କେତେକାଂଶରେ ହ୍ରାସ ପାଇଥାଏ ବୋଲି ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଅଲିଭ୍ ତେଲ ଏବଂ ହଳଦୀରେ ଥିବା କୁର୍କମିନ୍ ନାମକ ଔଷଧୀୟ ତତ୍ତ୍ୱ ହୃଦ୍‌ରୋଗ ଆଶଙ୍କାରୁ ମଧ୍ୟ ରକ୍ଷା କରିଥାଏ। ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହୃଦ୍‌ରୋଗର ଆଶଙ୍କାକୁ କମ୍ କରିହେବ। ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତିକମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦବହୁଳତା ୩୨ ଭାଗ ଦାୟୀ। ତେଣୁ ଶରୀରର ଗଢ଼ଣ ଓ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଫଳ, ଗଜାମୁଗ, ବୁଟ ଓ ଦଲିଆ ଆଦି ଖାଦ୍ୟ ସୁସ୍ଥ ହୃଦୟ ପାଇଁ ଖୁବ୍ ଉପଯୋଗୀ। ବୟସ ୫୦ କିମ୍ବା ତା'ଠାରୁ ଅଧିକ ହୋଇଥିଲେ ନିଜର ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ।

## କାର୍ଯ୍ୟଦକ୍ଷତା ବଢ଼ାଇବାର ସହଜ ଉପାୟ



ନିଜର କାମକୁ କିପରି ସୂଚାରୁ ଭାବରେ ତୁଲାଇ ହେବ, ସେ ନେଇ ଆମେ ବେଶ୍ ସଚେତନ ରହିଥାଉ। ହେଲେ ବେଳେବେଳେ ପାରିପାର୍ଶ୍ୱିକ ପରିସ୍ଥିତି, କାମର ଅଧିକ ଚାପ କାରଣରୁ ସମ୍ପାଦନ କରୁଥିବା କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ। ତେବେ ଏହାକୁ କିପରି ସମାଧାନ କରାଯାଇପାରିବ, ସେ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଏଭଳି ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ସେମାନେ ଏଥିରୁ ଜାଣିପାରିଥିଲେ ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜ କାମକୁ କେତେକାଂଶରେ ଠିକ୍ ଭାବରେ ତୁଲାଇପାରିବେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନେ ନିୟମିତ ଯୋଗ କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୫୫% ବ୍ୟକ୍ତି ନିଜ କାମକୁ ଠିକ୍ ଭାବରେ କରିପାରୁଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଉପକାରୀ ଆଖୁରସ



ଶରୀର ପାଇଁ ବେଶ୍ ଉପକାରୀ ହେଉଛି ଆଖୁରସ। ମୁଖ୍ୟତଃ ଖରାଦିନେ ଏହାର ଚାହିଦା ଅଧିକ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରି ରହିଛି। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଏହାବ୍ୟତୀତ ଶରୀରରେ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ ଥିବାରୁ ଏହା ଦାନ୍ତ ଓ ଦାନ୍ତମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ ମଧ୍ୟ କେତେକାଂଶରେ ଦୂର କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିଥାଏ। ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ଏହା ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ।

## ସ୍ୱାସ୍ଥ୍ୟ ସୂଚନା

➤ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ସୁସ୍ଥ ରହିବା ନିହାତି ଜରୁରୀ ହୋଇପଡ଼ିଛି। ତେଣୁ ସବୁବେଳେ ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରନ୍ତୁ ଏବଂ ନିଜର ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ।

➤ଯଦି ଆପଣ କୌଣସି ସ୍ୱାସ୍ଥ୍ୟ ସମସ୍ୟା ସହ ଜଡ଼ିତ ଏବଂ ସେ ନେଇ ଚିକିତ୍ସା ଜାରି ରହିଛି, ତେବେ ଯଦି ଏ ବିଷୟରେ ମନରେ କିଛି ପ୍ରଶ୍ନବାଚୀ ସୃଷ୍ଟି ହେଲା ତା'ହେଲେ ବିଳମ୍ବ ନ କରି ଯେଉଁ ଡାକ୍ତରଙ୍କ ଅଧୀନରେ ଚିକିତ୍ସିତ ହେଉଛନ୍ତି ତାଙ୍କ ସହ ତୁରନ୍ତ ପରାମର୍ଶ କରନ୍ତୁ।

➤ବର୍ତ୍ତମାନ ଖରାଦିନ। ତାପମାତ୍ରା ଧୀରେ ଧୀରେ ବଢ଼ିବା ଆରମ୍ଭ ହେଲାଣି। ତେଣୁ ଶରୀରରେ ଜଳୀୟ ଅଂଶ ଯେପରି ସନ୍ତୁଳିତ ରହିବ, ସେ ନେଇ ଧ୍ୟାନ ଦିଅନ୍ତୁ। ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

➤ନିଜକୁ ଯେତେସମ୍ଭବ ଶାନ୍ତ ପରିବେଶରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ।

➤ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।

➤ତଟକା ଫଳମୂଳରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରି ରହିଛି। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଶରୀର ପାଇଁ ଉପକାରୀ। ବିଶେଷଭାବରେ ବ୍ରେକଫାଷ୍ଟରେ ଫଳମୂଳ ଖାଆନ୍ତୁ।



# ଫଳପ୍ରଦ ଆଣ୍ଟିବାୟୋଟିକ୍ ପଦାର୍ଥର ବିକାଶ

(ଶେଷ ଭାଗ)

ବ୍ୟାକ୍ଟେରିଓଫେଜ୍ ଭାଇରସ୍ ବ୍ୟାକ୍ଟେରିଆର ପ୍ରତିରକ୍ଷା ବ୍ୟବସ୍ଥା ଭେଦ କରେ କିପରି। ବ୍ୟାକ୍ଟେରିଓଫେଜ୍ ହେଉଛି ବ୍ୟାକ୍ଟେରିଆକୁ ସଂକ୍ରମିତ କରୁଥିବା ଏକ ଭାଇରସ୍। ବଞ୍ଚିବା ପାଇଁ ସେମାନଙ୍କୁ ଏକ ବ୍ୟାକ୍ଟେରିଆ କୋଷରେ ପ୍ରବେଶ କରି ନିଜର ପ୍ରତିକୃତି ଗଠନ ପୂର୍ବକ ଅନ୍ୟ ବ୍ୟାକ୍ଟେରିଆଙ୍କୁ ସଂକ୍ରମିତ କରିବା ନିମନ୍ତେ ପଦାକୁ ନିର୍ଗତ ହେବା ଆବଶ୍ୟକ। ଏହି ଭାଇରସ୍‌କୁ ପଦାକୁ ବାହାରିବା ପାଇଁ ହେଲେ ବ୍ୟାକ୍ଟେରିଆ କୋଷଭିତ୍ତି ଗଠନର ମୁଖ୍ୟ ଉପାଦାନ ପେପ୍ଟିଡୋଗ୍ଲାଇକାନ ସ୍ତର ଅତିକ୍ରମ କରିବା ଜରୁରୀ। ବୈଜ୍ଞାନିକମାନେ ଏବେ ଏଭଳି କିଛି ସୂକ୍ଷ୍ମ ଭାଇରସ୍ ଅଧ୍ୟୟନ କରୁଛନ୍ତି, ଯାହା ଏକକ ଷ୍ଟ୍ରାଣ୍ଡ ବିଶିଷ୍ଟ ଡି.ଏନ୍.ଏ. କିମ୍ବା ଆର.ଏନ୍.ଏ. ଅଣୁରେ ଗଠିତ। ଏହି ଭାଇରସ୍‌ମାନଙ୍କର କ୍ଷୁଦ୍ର ଓ ପ୍ରଭାବଶାଳୀ ଜିନୋମ ଥାଏ, ଯାହା ବ୍ୟାକ୍ଟେରିଆକୁ ସହଜରେ ବିନାଶ କରିବାରେ ସହାୟକ ହୋଇଥାଏ।

**ଭାଇରସ୍ ପ୍ରୋଟିନ୍ ଯାହା ବ୍ୟାକ୍ଟେରିଆ ପ୍ରୋଟିନ୍ ମୁରଜେକୁ ଅକ୍ଷମ କରେ**

ବ୍ୟାକ୍ଟେରିଓଫେଜ୍ ଭାଇରସ୍ ବ୍ୟାକ୍ଟେରିଆକୁ ବିନାଶ କରିବା ପାଇଁ ନିଜର ସିଙ୍ଗଲ-ଜିନ୍ ଲାଇସିସ୍ ପ୍ରୋଟିନ୍ (Sgls) ନାମକ ଏକ ବିଶେଷ ପ୍ରୋଟିନ୍ ଉପରେ ନିର୍ଭର କରେ। ଲି ଏବଂ କ୍ଲେମନ୍ସ ଏହି ପ୍ରୋଟିନର ଭୂମିକା ଉପରେ ଗୁରୁତ୍ୱ ଦେଇଛନ୍ତି, ଯାହା ବ୍ୟାକ୍ଟେରିଆର ପ୍ରମୁଖ କୋଷଭିତ୍ତି ଗଠନରେ ସହାୟକ ପ୍ରୋଟିନ୍ 'ମୁରଜେ'କୁ ଟାର୍ଗେଟ କରି କାର୍ଯ୍ୟକରେ। ମୁରଜେ ମୁଖ୍ୟତଃ ଏକ ଫ୍ଲିପେସ୍ ପ୍ରୋଟିନ ଭାବରେ କାର୍ଯ୍ୟ କରେ, ଯାହା ମୁଖ୍ୟତଃ କୋଷଭିତ୍ତି ଗଠନର ଏକ ମୁଖ୍ୟ ଉପାଦାନ ଫସ୍ଫୋଲିପିଡର ଅଣୁକୁ କୋଷଝିଲ୍ଲୀର ଦୁଇ ସ୍ତର ଦେଇ ପରିବହନ ପ୍ରକ୍ରିୟାରେ ସାହାଯ୍ୟ କରେ। ଏହା କୋଷ ମଧ୍ୟରୁ ପେପ୍ଟିଡୋଗ୍ଲାଇକାନ ନିର୍ମାଣର ଉପାଦାନକୁ କୋଷଝିଲ୍ଲୀ ଦେଇ ପରିବହନ କରେ, ଯଦ୍ୱାରା ସେଗୁଡ଼ିକ ବର୍ଦ୍ଧନଶୀଳ ତରୁଣ ଜୀବକୋଷର କୋଷଭିତ୍ତି ଗଠନରେ ଭାଗ ନେଇପାରନ୍ତି। ସେମାନଙ୍କ ଗବେଷଣାରୁ ଆହୁରି ମଧ୍ୟ ସୂଚନା ମିଳେ ଯେ, Sgls ବ୍ୟତୀତ ଅନ୍ୟ ଦୁଇଟି ଅସମ୍ପର୍କିତ ପ୍ରୋଟିନ ଯଥା SglM ଓ SglPP୭ ମଧ୍ୟ ବ୍ୟାକ୍ଟେରିଆର ମୁରଜେ ପ୍ରୋଟିନ୍‌କୁ ଅବରୋଧ କରି ଏହାକୁ ମାରିଦିଏ।

ଏହି ପ୍ରକ୍ରିୟା ବୁଝିବା ପାଇଁ ବୈଜ୍ଞାନିକ ଲି କାଲଟେକ୍ର 'ବେକମ୍ୟାନ



ଇନ୍‌ଷ୍ଟିଚ୍ୟୁଟ ବାୟୋଲୋଜିକାଲ ଆଣ୍ଡ କ୍ରାୟୋଜେନିକ ଟ୍ରାନ୍ସମିଶନ ଇଲେକ୍‌ଟ୍ରୋନ୍ ମାଇକ୍ରୋସ୍କୋପି' ଗବେଷଣା କେନ୍ଦ୍ରରେ କ୍ରାୟୋ-ଇଲେକ୍‌ଟ୍ରୋନ ମାଇକ୍ରୋସ୍କୋପି ପଦ୍ଧତି ପ୍ରୟୋଗ କରିଥିଲେ। ମୁରଜେ ଭଳି ଫ୍ଲିପେସର ଅଣୁଗୁଡ଼ିକ କୋଷଝିଲ୍ଲୀରେ ସ୍ଥାୟୀ ନିର୍ଗମ ଦ୍ୱାର ସୃଷ୍ଟି ନ କରି ପେପ୍ଟିଡୋଗ୍ଲାଇକାନ ନିର୍ମାଣର ଉପାଦାନ ଅଣୁଗୁଡ଼ିକୁ କୋଷଝିଲ୍ଲୀର ପ୍ରତ୍ୟେକ ପାର୍ଶ୍ୱରେ ଥର ଥର କରି ସଂସ୍ପର୍ଶରେ ଆଣିଥାଏ। ଯେତେବେଳେ ମୁରଜେ କୋଷ ଭିତରେ ବାହକ ପଦାର୍ଥ ସଙ୍ଗେ ଯୁକ୍ତ ହୋଇ ବନ୍ଧନ କରିଥାଏ, ସେତେବେଳେ ଏହା ସଂଯୋଜିତ ଅଣୁକୁ ବାହାର ପାର୍ଶ୍ୱରେ ନିର୍ମୁକ୍ତ କରିବା ପାଇଁ ନିଜର ଆକାର ପରିବର୍ତ୍ତନ କରେ। ବୈଜ୍ଞାନିକ ଲି' ଲକ୍ଷ୍ୟ କରିଥିଲେ ଯେ, ଉଭୟ SglM ଏବଂ SglPP୭ ପ୍ରୋଟିନ୍ ମୁରଜେରେ ଏକ ଖାଲୁଆ ଅଂଶ ସହିତ ସଂଲଗ୍ନ ହୋଇଥା'ନ୍ତି, ଯାହା ଏହାର ପରିବହନ ପାଇଁ ଆବଶ୍ୟକ ସଂରଚନାତ୍ମକ ପରିବର୍ତ୍ତନକୁ ପ୍ରତିହତ କରେ। ଗବେଷଣାରୁ ସ୍ପଷ୍ଟ ହୋଇଗଲା ଯେ, ଏହି Sgls ପ୍ରୋଟିନ୍‌ଦ୍ୱୟ ମୁରଜେ ସହିତ ବାହାରପଟୁ ସଂଯୁକ୍ତ ହୋଇ ତାହାକୁ ଗୋଟିଏ ସ୍ଥାନରେ ବନ୍ଦୀ କରିଦିଅନ୍ତି। ଗବେଷକମାନେ ନିଜର ଏହି ସନ୍ଧାନ ଦ୍ୱାରା ଉତ୍ସାହିତ; କାରଣ ମୁରଜେ ପ୍ରୋଟିନ୍‌ର ବାହ୍ୟ-ମୁଖୀ ଅଂଶ ହିଁ ବାହ୍ୟ ପରିବେଶର ସଂସ୍ପର୍ଶରେ ଆସିଥାଏ, ଯଦ୍ୱାରା ଏହାକୁ ନୂତନ ଲକ୍ଷ୍ୟସ୍ଥଳ ହିସାବରେ ଗ୍ରହଣ କରି ଉପଯୁକ୍ତ ଔଷଧ ପ୍ରୟୋଗ ଦ୍ୱାରା ସହଜରେ ଟାର୍ଗେଟ କରାଯାଇପାରିବ।

ଗବେଷକ ଦଳ ବିଶ୍ୱାସ କରନ୍ତି ଯେ, ଯେହେତୁ ବ୍ୟାକ୍ଟେରିଓଫେଜ୍ ଭାଇରସ୍ ଦ୍ରୁତ ନୂଆ ନୂଆ ରୂପରେ ବିବର୍ତ୍ତିତ ହୋଇଥାଏ, Sgls ପ୍ରୋଟିନ୍ ବହନ କରୁଥିବା ଆହୁରି ଅନେକ ପ୍ରଜାତିର ବ୍ୟାକ୍ଟେରିଓଫେଜ୍ ଭାଇରସ୍ ମଧ୍ୟ ସନ୍ଧାନ ମିଳିବାର ଆଶା କରାଯାଉଛି, ଯେଉଁମାନଙ୍କ ଜରିଆରେ ବ୍ୟାକ୍ଟେରିଆମାନଙ୍କୁ ସହଜରେ ମୁକାବିଲା କରିହେବ। ଏହି ବ୍ୟାକ୍ଟେରିଓଫେଜ୍ ଭାଇରସ୍‌ଗୁଡ଼ିକୁ ଗବେଷଣାଗାରରେ ପୃଥକ କରିବା ସହଜସାଧ୍ୟ ହୋଇଥିବାରୁ ଏମାନଙ୍କ ଜିନୋମର ଅଧ୍ୟୟନ ଦ୍ୱାରା ବ୍ୟାକ୍ଟେରିଆ ଶରୀରରେ ଆଣ୍ଟିବାୟୋଟିକ୍ସ ପଦାର୍ଥ ପ୍ରୟୋଗ ନିମନ୍ତେ ନୂତନ ଆକ୍ରମଣସ୍ଥଳୀର ସନ୍ଧାନ ମିଳିପାରିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଛନ୍ତି।

–ନିକୁଞ୍ଜ ବିହାରୀ ସାହୁ
ମୋ: ୮୦୧୮୭୦୮୮୫୮

# ଇ-କମର୍ସ ଶୁଳ୍କକୁ ନେଇ ଭାରତ-ଆମେରିକା ମତଭେଦ

## ଡବ୍ଲ୍ୟୁଟିଓ ସଂସ୍କାର ରୋଡମ୍ୟାପ୍‌ରେ ବାଧା

ୟାଉଣ୍ଡେ (କାମେରୁନ), ୨୯।୩ (ରଏଟର୍ସ)

ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ସଂସ୍କାର ପାଇଁ ପ୍ରସ୍ତୁତ ହେଉଥିବା ବ୍ଲୁ-ପ୍ରିଣ୍ଟ ଏବେ ଏକ ବଡ଼ ବିବାଦ ଘେରକୁ ଚାଲିଆସିଛି। ବିଶେଷକରି ଡିଜିଟାଲ ବାଣିଜ୍ୟ ବା ଇ-କମର୍ସ ଶୁଳ୍କକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଥିବା ମତଭେଦ ଯୋଗୁ ଏହି ପ୍ରକ୍ରିୟା ମନ୍ଥର ହୋଇଯାଇଛି। ୧୯୯୮ ମସିହାରୁ ଇଲେକ୍ଟ୍ରୋନିକ୍ସ ଟ୍ରାନ୍ସମିଶନ ଯଥା ସଫ୍ଟୱେର୍, ସଙ୍ଗୀତ ଏବଂ ମୁଭି ଡାଉନ୍‌ଲୋଡ୍ ଆଦି ଉପରେ କୌଣସି ଅନ୍ତର୍ଜାତୀୟ ଶୁଳ୍କ ଲାଗୁ କରାଯାଉନାହିଁ। ଏହି ବ୍ୟବସ୍ଥାର ଅବଧି ଚଳିତ ମାସ ଶେଷ ହେଉଥିବାବେଳେ ଏହାକୁ ବଢ଼ାଇବା ପାଇଁ ଆମେରିକା ଚାପ ପକାଉଛି। ଇରାନ ଯୁଦ୍ଧ ଯୋଗୁ ସାମୁଦ୍ରିକ ପରିବହନ ବାଧାପ୍ରାପ୍ତ ହୋଇଥିବା ବେଳେ, ଡବ୍ଲ୍ୟୁଟିଓ ବୈଠକରେ ଏହି ଅଚଳାବସ୍ଥା ବିଶ୍ୱ ବାଣିଜ୍ୟ ପ୍ରତି ଆହୁରି ଅନିଶ୍ଚିତତା ସୃଷ୍ଟି କରିଛି। ଯଦି ଇ-କମର୍ସ ଶୁଳ୍କ ଉପରେ ସହମତି ନ ହୁଏ, ତେବେ ଏହା ଡବ୍ଲ୍ୟୁଟିଓର ପ୍ରାସଙ୍ଗିକତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବ ବୋଲି କୂଟନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଭାରତ ମାତ୍ର ୨ ବର୍ଷ ପାଇଁ ଏହି ସୁବିଧା ବଢ଼ାଇବାକୁ ରାଜି ହୋଇଛି, କାରଣ ଏହି ଶୁଳ୍କ ଛାଡ଼ ଯୋଗୁ ବିକାଶଶୀଳ ଦେଶଗୁଡ଼ିକ ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଆମେରିକା ଏହାକୁ ସ୍ଥାୟୀ ଭାବେ ଲାଗୁ କରିବାକୁ ଚାହୁଁଥିବା ବେଳେ, ଅତି କମ୍‌ରେ ୧୦ ବର୍ଷ ପାଇଁ ଏହି ମୋରାଟୋରିୟମ ବଢ଼ାଇବାକୁ ଯୁକ୍ତି କରୁଛି। ବ୍ୟବସାୟିକ ଗୋଷ୍ଠୀଙ୍କ ମତରେ ଏହାଦ୍ୱାରା ବାଣିଜ୍ୟରେ ସ୍ଥିରତା ରହିବ।

ବହୁ ପ୍ରତୀକ୍ଷିତ ଡବ୍ଲ୍ୟୁଟିଓ ସଂସ୍କାର ରୋଡମ୍ୟାପ୍‌ରେ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସଂସ୍କାର, ସବ୍‌ସିଡିରେ ସ୍ୱଚ୍ଛତା, ବିକାଶଶୀଳ ଦେଶଙ୍କ ସୁବିଧା ଆଦି ଅନ୍ତର୍ଭୁକ୍ତ। ସଂଗଠନର ନିଷ୍ପତ୍ତି ନେବା ଶୈଳୀକୁ ସହଜ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ସେହିପରି ଚାଇନା ଭଳି ଦେଶଗୁଡ଼ିକ ଯେପରି ସବସିଡି ନିୟମର ଅପବ୍ୟବହାର ନ କରିବେ, ସେଥିପାଇଁ ଆମେରିକା ଏବଂ ୟୁରୋପୀୟ ସଂଘ ନୂତନ ନିୟମ ଉପରେ ଜୋର୍ ଦେଉଛନ୍ତି। ବିକାଶଶୀଳ ଦେଶଗୁଡ଼ିକୁ ମିଳୁଥିବା ସ୍ୱତନ୍ତ୍ର ସୁବିଧାଗୁଡ଼ିକର ପୁନଃ ସମୀକ୍ଷା ପାଇଁ ମଧ୍ୟ ଏଥିରେ ପ୍ରସ୍ତାବ ରହିଛି।

# ଖଦିର ପ୍ରଚାର ପ୍ରସାର ପାଇଁ ଡିଜିଟାଲ ମାର୍କେଟିଂ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୯।୩ (ସୌମ୍ୟରଞ୍ଜନ ରାଉତ)



ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ପାଇଁ ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ସ୍ଥାନୀୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟରେ ଚାଲିଥିବା ୭ ଦିନିଆ ଖଦି ମେଳା ୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏପରି କହିଛନ୍ତି। ଖଦିର ପ୍ରଚାର ପ୍ରସାର ପାଇଁ ଡିଜିଟାଲ ମାର୍କେଟିଂ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ସହ ଯୁବ ପିଢିଙ୍କୁ ଆକୃଷ୍ଟ କରିବା ପାଇଁ ନୂଆ ନୂଆ ଡିଜାଇନ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ଖଦି ସାମଗ୍ରୀ ବ୍ୟବହାର ହେଲେ ଏହି କ୍ଷେତ୍ର ସଶକ୍ତ ହୋଇପାରିବ । ତେଣୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଖଦି ବସ୍ତ୍ର ପିନ୍ଧିବାକୁ ମନ୍ତ୍ରୀ ମଲ୍ଲିକ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ଖଦି ମେଳାରେ ବୁଣାକାର ଓ କାରିଗରଙ୍କ ମଧ୍ୟରେ ଇ-କମର୍ସ ଉପରେ ସଚେତନତା ସୃଷ୍ଟି କରାଯିବା ସହ ୫୦ ଗୋଟି କାରିଗର ଓ ବୁଣାକାର ଗୋଷ୍ଠୀଙ୍କୁ ଓପନ ନେଟୱର୍କ ଫର୍ ଡିଜିଟାଲ କମର୍ସ (ଓଏନ୍‌ଡିସି) ପ୍ଲାଟଫର୍ମ ସହ ସଂଯୋଗ କରାଯାଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଚିବ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂ, ଡ. ଅରୁନ୍ଧତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତଥର ମୋଟ ୭୫ଟି ଷ୍ଟଲ ଖୋଲାଯାଇଥିଲା । ଓଡ଼ିଶା ସହ ତେଲଙ୍ଗାନା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ ରାଜ୍ୟର ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି । ଯାଜପୁରର ବାପୁଜୀ ଖଦି ସେବା ସଂଘ, ଖୋର୍ଦ୍ଧାର ମା' ଦୁର୍ଗା ଗ୍ରାମ୍ୟ ଶିଳ୍ପ ସମିତି ଏବଂ ରେଶମ ଓ ଶ୍ରେଷ୍ଠ ଷ୍ଟଲ ବର୍ଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ।

# ଜିଓ ପକ୍ଷରୁ ଜାତୀୟ ସୁରକ୍ଷା ମାସ

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ପକ୍ଷରୁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ, ସୁରକ୍ଷା ଡ୍ରିଲ, ଆଲୋଚନାଚକ୍ର, ପ୍ରଶିକ୍ଷଣ ଅଧିବେଶନ ତଥା ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ସହିତ ଜାତୀୟ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ମାସର ପ୍ରଥମ ଭାଗରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡର ଓଡ଼ିଶା ମୁଖ୍ୟ ଗୌରବ କୁମାର ଭୁବନେଶ୍ୱରରୁ ଏହି ଏକ ମାସ ବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ୫୫ତମ ଜାତୀୟ ସୁରକ୍ଷା ମାସର ଥିମ୍ ଥିଲା 'ସୁରକ୍ଷା ସୁଦୃଢ଼ କରିବା ପାଇଁ ଲୋକଙ୍କୁ ସାମିଲ କରନ୍ତୁ, ଶିକ୍ଷିତ କରନ୍ତୁ ଏବଂ ସଶକ୍ତ କରନ୍ତୁ'। ସଚେତନତା ଅଭିଯାନର ଅଂଶସ୍ୱରୂପ ରାଜ୍ୟବ୍ୟାପୀ ଜିଓର ବିଭିନ୍ନ ପ୍ରତିଷ୍ଠାନରେ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟସ୍ଥଳରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ବ୍ୟବହାର ଇତ୍ୟାଦିର ଗୁରୁତ୍ୱ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାୟଗଡା, ଭବାନୀପାଟଣା, କେଉଁଝର, ଅନୁଗୋଳ, ସମ୍ବଲପୁର, ରାଉରକେଲା, ବାରିପଦା ଏବଂ ଭଦ୍ରକ ଆଦି ସହରରେ ଜିଓ କର୍ମଚାରୀମାନଙ୍କ ଦ୍ୱାରା ଚିତ୍ରାଙ୍କନ ଏବଂ ପୋଷ୍ଟର ତିଆରି ପ୍ରତିଯୋଗିତା, ସୁରକ୍ଷା ପ୍ରତିଜ୍ଞା, ସୁରକ୍ଷା ବ୍ୟାଜ, କୁଇଜ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ କରାଯାଇଛି। ଏହି ପଦକ୍ଷେପଗୁଡ଼ିକରେ ଅଂଶଗ୍ରହଣ ଉତ୍ସାହଜନକ ରହିବା ସହିତ ଅଂଶଗ୍ରହଣକାରୀମାନଙ୍କୁ ଅର୍ଥପୂର୍ଣ୍ଣ ଉପାୟରେ ସଚେତନ ଏବଂ ସାମିଲ କରିବା ନେଇ ଉଦ୍ୟମ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ଜିଓ ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ବ୍ୟାପକ ସମାଜର ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ଏକ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ କରୁଛି।

# ରେଳପଥରେ ଆପତ୍ତିଜନକ ବିଜ୍ଞାପନ ନିଷିଦ୍ଧ

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

## ମଦ୍ୟପାନ, ତମାଖୁ, ଧୂମପାନ ପ୍ରଚାର ମନା

ଭାରତୀୟ ରେଳପଥ ଅଧୀନ ରେଳପଥରେ ଆପତ୍ତିଜନକ ବିଜ୍ଞାପନ ନିଷିଦ୍ଧ କରାଯାଇଛି। ଟ୍ରେନରେ ପ୍ରଦର୍ଶିତ ବିଜ୍ଞାପନ ପାଇଁ ପ୍ରତ୍ୟେକ ବିଜ୍ଞାପନ ଯୋଜନାର ପୂର୍ବ ଅନୁମୋଦନ ବାଧ୍ୟତାମୂଳକ ଏବଂ ସମ୍ପୃକ୍ତ ରେଳପଥ ଡିଭିଜନର ଡିଭିଜନାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ। ତେବେ ବିଜ୍ଞାପନ ପ୍ରଦର୍ଶନ ପାଇଁ ବ୍ରାଣ୍ଡ୍ ଚୟନ କରିବା ବିଜ୍ଞାପନ ଏଜେନ୍ସିର ବିଶେଷାଧିକାର। ବିଜ୍ଞାପନ ପ୍ରଦର୍ଶନ ପାଇଁ ବିଜ୍ଞାପନ ଏଜେନ୍ସି କେନ୍ଦ୍ର କିମ୍ବା ରାଜ୍ୟ ଆଇନ ପାଳନ କରିବା ଆବଶ୍ୟକ। ଆଇନର ନଜରରେ ଆପତ୍ତିଜନକ ବିଜ୍ଞାପନ ନିଷେଧ ଅଟେ । ଟ୍ରେନ ଭିତରେ କିମ୍ବା ବାହାରେ ଆଲକୋହଲ ପାନୀୟର ବିଜ୍ଞାପନ ପ୍ରଦର୍ଶନ କରାଯାଇପାରିବ ନାହିଁ। ସେହିପରି ବିଜ୍ଞାପନର ପ୍ରଚ୍ଛଦପଟରେ କାମୁକ ଦୃଶ୍ୟ ରହିଥିଲେ କିମ୍ବା ପରିବହନର ଅନ୍ୟାନ୍ୟ ମାଧ୍ୟମରୁ ପ୍ରତିଯୋଗିତାମୂଳକ ବିଜ୍ଞାପନ ମଧ୍ୟ ପ୍ରଦର୍ଶନ କରାଯାଇପାରିବ ନାହିଁ। ରେଳ ଦୁର୍ଘଟଣା ବିରୋଧରେ ପଲିସି ପ୍ରଦାନ କରୁଥିବା ଘରୋଇ ବୀମା କମ୍ପାନୀଗୁଡ଼ିକ ତରଫରୁ ବିଜ୍ଞାପନ ଲଗାଯାଇପାରିବ ନାହିଁ। ସିଗାରେଟ, ବିଡ଼ି ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦର ବିଜ୍ଞାପନ ଉପରେ ମଧ୍ୟ ପ୍ରତିବନ୍ଧକ ରହିଛି। କୌଣସି ସ୍ଥାନରେ ଉଲ୍ଲଂଘନ ହେଲେ, ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଶୁକ୍ରବାର ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାରତୀୟ ରେଳପଥର ଇ-କ୍ରୟ ବ୍ୟବସ୍ଥା (ଆଇଆରଇପିଏସ) ଅନଲାଇନ ପୋର୍ଟାଲରେ ଇ-ନିଲାମ ଜରିଆରେ ସମସ୍ତ ବିଜ୍ଞାପନ ଚୁକ୍ତିନାମା ପ୍ରଦାନ କରାଯାଇଥାଏ। ବିଜ୍ଞାପନଦାତାଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡକୁ ରେଖାଙ୍କିତ କରୁଥିବା ବାଣିଜ୍ୟିକ ଆୟ ଏବଂ ଅଣ-ଭଡ଼ା ରାଜସ୍ୱ ନୀତି ଏବଂ ଅନୁବନ୍ଧ ସମ୍ବନ୍ଧୀୟ ସ୍ୱତନ୍ତ୍ର ସର୍ତ୍ତାବଳୀ ଅନୁଯାୟୀ ନିବେଶକଙ୍କୁ ଚୟନ କରାଯାଇଥାଏ।

# ଇମ୍ଫା ଫାଉଣ୍ଡେଶନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



କଳିଙ୍ଗନଗର, ୨୯।୩ (ଶୁଭାଶିଷ ରାଉତ)

ଇମ୍ଫାର ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଯାଜପୁର ଜିଲା ଦାନଗଦି ବ୍ଲକ୍ ଯଖପୁରା ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍ଗାବନ୍ଦୀ ପ୍ରୋଜେକ୍ଟ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସାମାଜିକ କର୍ମୀ ହଳଧର ନାୟକ, ପଞ୍ଚାୟତର ବରିଷ୍ଠ ନାଗରିକ ଗଣେଶ୍ୱର ସାହୁ, ଇମ୍ଫା କଳିଙ୍ଗନଗରର ମାନବ ସମ୍ବଳ ବିଭାଗ ଜିଏମ୍ ଜିଏସ୍‌ପି ରାଓ ଏବଂ ଦାନଗଦି ବ୍ଲକ ସିଏଚ୍‌ସିର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଜ୍ୟୋତି ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରାକେଶ ଆଇଚ ଓ ପ୍ରକାଶ ବେହେରା ଏବଂ ଇମ୍ଫା ପକ୍ଷରୁ ଲୋକ ସମ୍ପର୍କ ବିଭାଗର ଡିଜିଏମ୍ ବାସୁଦେବ ମୁଣ୍ଡା ଓ ପ୍ରିୟବ୍ରତ କେଶି ପ୍ରମୁଖ ଯୋଗଦେଇଥିଲେ। ଇମ୍ଫା କଳିଙ୍ଗନଗରର ମାନବ ସମ୍ବଳ ବିଭାଗର ଜିଏମ୍ ଜିଏସ୍‌ପି ରାଓ ଫାଉଣ୍ଡେଶନ ପକ୍ଷରୁ ଅଞ୍ଚଳରେ ଚାଲୁଥିବା କନ୍ୟା ଏକ୍ସପ୍ରେସ, ଇ-ଶିକ୍ଷା ଏକ୍ସପ୍ରେସ ଏବଂ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଅଞ୍ଚଳରେ ବିକାଶଧାରାକୁ ତ୍ୱରାନ୍ୱିତ କରିବ ବୋଲି କହିଥିଲେ। ଶିବିରରେ ଡା. ଜ୍ୟୋତି ମହାପାତ୍ର, ଡା. ପ୍ରୟାଗଜିତ ରାଉତରାୟ ଓ ଡା. ସାଇ ସିକନ ଜେନା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ଥାନୀୟ ବାଲୁଙ୍ଗାବନ୍ଦୀ ଏବଂ ଅଁଳାପାଳ ଗ୍ରାମର ପ୍ରାୟ ୨୩୩ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ବଣ୍ଟାଯାଇଥିଲା। ଶିବିରକୁ ସୁଜିତ ରାଉତ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ଓ ଫାଉଣ୍ଡେଶନର ମ୍ୟାନେଜର ଆଶିଷ ଦାସ ପରିଚାଳନା କରିଥିଲେ। ଫାଉଣ୍ଡେଶନର ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ ଓ ମହାମାୟା ମହାଦେବ ପାଲ ପ୍ରମୁଖ ସହଯୋଗ କରିଥିଲେ।

# 'ଭଲ ଉତ୍ପାଦ ଏହାର ଗୁଣବତ୍ତା ଦ୍ୱାରା ଆଦୃତ ହୁଏ'

**ଭୁବନେଶ୍ୱରସ୍ଥିତ ଜୟବାବା ଅଟୋମୋବାଇଲ୍ସର ମ୍ୟାନେଜିଂ ପାର୍ଟନର ହର୍ଷିତ ଲୋଧା ଜଣେ ସଫଳ ଉଦ୍ୟୋଗୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ୨୦୨୩ରେ ପ୍ରତିଷ୍ଠିତ 'ଜୟବାବା ଟ୍ରାଇବ୍'ର ପ୍ରତିଷ୍ଠାତା ଏବଂ ସକ୍ରିୟ ସଦସ୍ୟ ଭାବେ ସେ ସଫଳତାର ପାହାଚ ଚଢ଼ିବାରେ ଲାଗିଛନ୍ତି। ବ୍ୟବସାୟିକ ଯାତ୍ରା ସମ୍ପର୍କରେ ହର୍ଷିତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...**



ହର୍ଷିତ ଲୋଧା

**ପ୍ର- ରୟାଲ ଏନ୍‌ଫିଲ୍ଡ ବିକ୍ରି ୨୦୨୫ରେ ଏକ ବଡ଼ ରେକର୍ଡ ସୃଷ୍ଟି କରିଛି। ଭାରତରେ ୧୦ ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି ହୋଇଛି। ୨୦୨୪ ତୁଳନାରେ ଏହା ୨୫% ବଢ଼ିଛି। ଓଡ଼ିଶା ବଜାରରେ ମଧ୍ୟ ଏପରି ଉତ୍ସାହ ଆପଣ ଲକ୍ଷ୍ୟ କରୁଛନ୍ତି କି?**

ଉ- ହଁ, ଏହା ସତ୍ୟ। ଭୁବନେଶ୍ୱରରେ ଆମର ରିଟେଲ ବିକ୍ରିରେ ୫୧% ବୃଦ୍ଧି ଦେଖାଯାଇଛି ଏବଂ ଏହା ରୟାଲ ଏନ୍‌ଫିଲ୍ଡର ମାର୍କେଟ ଶେୟାରରେ ମଧ୍ୟ ପ୍ରତିଫଳିତ ହୋଇଛି। ଭୁବନେଶ୍ୱରର ପ୍ରିମିୟମ୍ ମୋଟରସାଇକେଲ ସେଗମେଣ୍ଟରେ ରୟାଲ ଏନ୍‌ଫିଲ୍ଡର ବଜାର ଅଂଶଧନ ୩୦%ରୁ ୩୨% କୁ ବୃଦ୍ଧି ପାଇଛି ଏବଂ ସମଗ୍ର ଓଡ଼ିଶାରେ ଏହା ୩.୯%ରୁ ବୃଦ୍ଧି ପାଇ ୨୯.୯%ରେ ପହଞ୍ଚିଛି।

**ପ୍ର- ଭୁବନେଶ୍ୱରର ପ୍ରମୁଖ ମୋଟରସାଇକଲ ଡିଲରମାନଙ୍କ ମଧ୍ୟରୁ ଜଣେ ହୋଇଥିବାବେଳେ ଆପଣଙ୍କ ମତରେ ଏହି ଶିଳ୍ପ ବର୍ତ୍ତମାନ କେଉଁ ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେଉଛି?**

ଉ- ଜିଏସ୍‌ଟି ୨.୦ ଲାଗୁ ହେବା ପରେ ୩୫୦ସିସି ମୋଟରସାଇକେଲରେ ଟିକସ ୨୮%ରୁ ୧୮%କୁ ହ୍ରାସ ପାଇବା ଯୋଗୁ ଚାହିଦାରେ ବୃଦ୍ଧି ହୋଇଛି। ଆମେ ଏହି ବର୍ଦ୍ଧିତ ଚାହିଦାର ପ୍ରାୟ ୭୫ରୁ ୮୦% ପୂରଣ କରିବାରେ ସଫଳ ହୋଇଛୁ ଏବଂ ଏହାସହ ଆମେ ଆମର ରିଟେଲ ବିକ୍ରିରେ ୫୦%ରୁ ଅଧିକ ବୃଦ୍ଧି ହାସଲ କରିଛୁ।

**ପ୍ର- ଯୁକ୍ତରାଷ୍ଟ୍ର ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ହାର୍ଲେ-ଡେଭିଡସନ ବାଇକ୍‌ଗୁଡ଼ିକୁ ଶସ୍ତା କରିଦେବ, ରୟାଲ ଏନ୍‌ଫିଲ୍ଡ ଉପରେ ଏହା ପ୍ରଭାବ ପକାଇବ କି?**

ଉ- ମୁଁ ବିଶ୍ୱାସ କରେ ଯେ କୌଣସି ଉତ୍ପାଦ କେବଳ ରିହାତି କିମ୍ବା ମାଗଣା ଉପହାର ଦେଇ ବିକ୍ରି କରାଯାଇପାରିବ ନାହିଁ। ଭାରତରେ, ଏକ ଭଲ ଉତ୍ପାଦ ତାହାର ଗୁଣବତ୍ତା ଏବଂ ଠିକ୍ ମୂଲ୍ୟ ପାଇଁ ଆଦୃତ ହୁଏ। ଆମର ବଢୁଥିବା ବିକ୍ରି ଏହାର ସବୁଠାରୁ ବଡ଼ ପ୍ରମାଣ।

**ପ୍ର- ଏପର୍ଯ୍ୟନ୍ତ ଆପଣଙ୍କର ଯାତ୍ରା କିପରି ଥିଲା? ଆପଣଙ୍କର ସ୍ୱତନ୍ତ୍ରତା (ୟୁନିକ୍ ସେଲିଂ ପଏଣ୍ଟ) କ'ଣ?**

ଉ- ୩ ବର୍ଷ ପୂର୍ବେ ଜୟବାବା ଆରମ୍ଭ ହେବା ଦିନଠାରୁ ଏହାର ନେତୃତ୍ୱ ନେବା ଏକ ଚମତ୍କାର ଅନୁଭୂତି ରହିଛି। ଗ୍ରାହକମାନଙ୍କୁ ସର୍ବୋତ୍ତମ ଅନୁଭୂତି ପ୍ରଦାନ କରିବା ଏବଂ ସେମାନଙ୍କୁ ଏହି ସ୍ୱତନ୍ତ୍ର ରାଇଡିଂ ସଂସ୍କୃତି ସହ ପରିଚିତ କରାଇବା ଆମର ଲକ୍ଷ୍ୟ ଥିଲା। 'ଜୟବାବା ଟ୍ରାଇବ୍' ହେଉଛି ଆମର ଏକ ରାଇଡିଂ ଗ୍ରୁପ୍, ଯାହା ରାଇଡିଂକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ କରାଯାଇଥିଲା ଏବଂ ସମୟ ସହିତ ଏହା ଆହୁରି ବଡ଼ ଓ ଉନ୍ନତ ହେବାରେ ଲାଗିଛି। ଆମର 'ନେଟ ପ୍ରୋମୋଟର ସ୍କୋର' ୫୦ ରୁ ଅଧିକ ରହିଛି, ଯାହା ଶିଳ୍ପ ମାନଦଣ୍ଡଠାରୁ ଅଧିକ ଏବଂ ଆମର ସଫଳତାର ସୂଚକ।

**ପ୍ର- ଜଣେ ଉଦ୍ୟୋଗୀ ଭାବରେ ଆପଣ କାହିଁକି ଏହି ବ୍ୟବସାୟକୁ ବାଛିଲେ? ନୂତନ ଭାବେ ଏହି କ୍ଷେତ୍ରକୁ ଆସୁଥିବା ବ୍ୟକ୍ତିଙ୍କୁ ଆପଣ କ'ଣ ପରାମର୍ଶ ଦେବେ?**

ଉ- ବାଇକିଂ ସବୁବେଳେ ମୋର ପ୍ୟାଶନ୍ ରହିଛି ଏବଂ ମୁଁ ମାନସିକ ସୁସ୍ଥତା ପାଇଁ ବାଇକ ଚଳାଏ। ମୁଁ ଏପରି ଏକ ବ୍ୟବସାୟରେ ମୋର ସମ୍ପୃକ୍ତି ଚାହୁଁଥିଲି, ଯାହା ମୋତେ ଉତ୍ସାହିତ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରେରଣା ଦେବ। ମୁଁ ବରଂ କହିବି ଯେ ଏକ ସୁଯୋଗ ପାଇଲି ଏବଂ ଜଣେ ରୟାଲ ଏନଫିଲ୍ଡ ଡିଲର ହୋଇଗଲି। ବର୍ତ୍ତମାନ ନିଜ ସ୍ୱପ୍ନକୁ ସାକାର କରିବା ସହ ନିଜ ପସନ୍ଦର ବ୍ୟବସାୟ କରୁଛି। ଯୁବପିଢ଼ିଙ୍କୁ କହିବି, ସେମାନେ ଯାହା କରିବାକୁ ଭଲ ପାଆନ୍ତି ତାହା କରନ୍ତୁ। ତାହା ସେମାନଙ୍କୁ ସର୍ବୋତ୍ତମ ସଫଳତା ଦେବ।

# ବୈଶାଖୀ ମେଳାରେ ଗାଲାକ୍ସି ସୋଲାର୍ ଷ୍ଟଲ୍

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)




ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରର ଅଗ୍ରଣୀ କମ୍ପାନୀ ଗାଲାକ୍ସି ସୋଲାର୍ ଏନର୍ଜି ପ୍ରାଇଭେଟ ଲିମିଟେଡ କଟକ ବୈଶାଖୀ ବାଣିଜ୍ୟ ମେଳାରେ ସବୁଜ ଶକ୍ତି ସମାଧାନ ପ୍ରଦର୍ଶନ କରୁଛି। ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ଏହି ଗାଲାକ୍ସି ସୋଲାର୍ କମ୍ପାନୀର ଟିମ୍ ଷ୍ଟଲ ନମ୍ବର ଏ-୨୫ରେ ଆଧୁନିକ ସୋଲାର୍ ଟେକ୍ନୋଲୋଜି ପ୍ରଦର୍ଶନ କରୁଛନ୍ତି। ଏହା ଘରୋଇ ଏବଂ ଶିଳ୍ପକ୍ଷେତ୍ରର ଉପଭୋକ୍ତାଙ୍କୁ ଖର୍ଚ୍ଚ ସଞ୍ଚୟକାରୀ ଶକ୍ତି ସମାଧାନ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ମେଳାରେ ଗାଲାକ୍ସି ସୋଲାର୍ ଟିମ ବ୍ୟକ୍ତିଗତ ଶକ୍ତି ଅଡିଟ, ସୋଲାର୍ ଇନ୍‌ଷ୍ଟଲେଶନ ବିଷୟରେ ପରାମର୍ଶ ଏବଂ ଲାଇଭ ଡେମୋନଷ୍ଟ୍ରେଶନ ପ୍ରଦାନ କରୁଛି। ଏହାଦ୍ୱାରା ଲୋକେ ନିଜର ମାସିକ ବିଦ୍ୟୁତ୍ ବିଲ୍ ବହୁତ କମ୍ କରିପାରିବେ ବୋଲି ଜଣାପଡ଼ିଛି। ଗାଲାକ୍ସି ସୋଲାର୍ ଏନର୍ଜିର ଜଣେ ମୁଖପାତ୍ର କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ସ୍ଥାନୀୟ ଲୋକଙ୍କୁ ସବୁଜ ଶକ୍ତି ବିକଳ୍ପ ପ୍ରଦାନ କରିବା, ଯାହା ଦୀର୍ଘକାଳୀନ ଆର୍ଥିକ ଲାଭ ଏବଂ ପରିବେଶ ସୁରକ୍ଷା ଦେବ।

# ଆମଦାନୀ ଉପରେ ନିର୍ଭରଶୀଳ ଓଡ଼ିଶା

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

## ସଂରକ୍ଷିତ ଅଛି ବକ୍ସାଇଟ୍, ଅନିଶ୍ଚିତତାରେ ରିଫାଇନେରୀ

ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ଦିଗରେ ଯାତ୍ରା ଏକ ସ୍ପଷ୍ଟ ମୂଲ୍ୟ-ଶୃଙ୍ଖଳା ବ୍ୟବଧାନ ଦ୍ୱାରା ପଛକୁ ଯାଉଛି। ଏହା ଓଡ଼ିଶାରେ ଦେଶର ଅଧାରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ରହିଛି, ତଥାପି ଆମର ରିଫାଇନାରୀଗୁଡ଼ିକ ଏବେ ବି ଅନିଶ୍ଚିତ, ପ୍ରାୟତଃ ବାଧାପ୍ରାପ୍ତ ଆମଦାନୀ ଉପରେ ନିର୍ଭର କରେ। କଳାହାଣ୍ଡି ଏବଂ ରାୟଗଡ଼ାରେ ବକ୍ସାଇଟ୍ ଖଣି ଖୋଲିବା କେବଳ ଶିଳ୍ପ ପ୍ରଗତିକୁ ତ୍ୱରାନ୍ୱିତ କରିବା ନୁହେଁ ବରଂ ଭାରତର କଞ୍ଚାମାଲ ଭବିଷ୍ୟତକୁ ସୁରକ୍ଷିତ କରିବା ଏବଂ ଆର୍ଥିକ ସ୍ଥିରତା ନିର୍ମାଣ କରିବା ପାଇଁ ବୋଲି ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରଫେସର ସୁରେଶ ଚନ୍ଦ୍ର ମିଶ୍ର କହିଛନ୍ତି। ସେ କହିଛନ୍ତି, ଭାରତ ଏହାର ୯୫% ରୁ ଅଧିକ ଲୁହାପଥର, ୫୫% ବକ୍ସାଇଟ୍ ଏବଂ ୯୦% କ୍ରୋମାଇଟ୍ ଘରୋଇ ଭାବରେ ଉତ୍ପାଦନ କରେ। କେବଳ ଓଡ଼ିଶା ଭାରତର ଅଧାରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ଏବଂ ଏହାର ଲୁହାପଥର ଉତ୍ପାଦନର ଏକ ତୃତୀୟାଂଶ ଅଟେ। ଏଗୁଡ଼ିକ ଭାରତର ଇସ୍ପାତ, ଆଲୁମିନିୟମ, ଭିତ୍ତିଭୂମି ଏବଂ ଶକ୍ତି ପରିବର୍ତ୍ତନ ମହତ୍ତ୍ୱାକାଂକ୍ଷାକୁ ଆଧାର କରୁଥିବା ରଣନୈତିକ ସମ୍ପତ୍ତି ଅଟନ୍ତି। ତଥାପି ଖଣିଜ ପଦାର୍ଥର ପ୍ରାଧାନ୍ୟ ସ୍ୱୟଂଚାଳିତ ଭାବରେ ଉତ୍ପାଦନ ଗଭୀରତାରେ ପରିଣତ ହୁଏ ନାହିଁ କିମ୍ବା ଚାକିରି ଘନତା ଗ୍ୟାରେଣ୍ଟି ଦିଏ ନାହିଁ ବୋଲି ପ୍ରଫେସର ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ମଧ୍ୟପ୍ରାଚ୍ୟ ସଙ୍କଟ: ଆର୍ଥିକ ଦୁର୍ବଳ କ୍ଷେତ୍ର ପାଇଁ ବଢ଼ିପାରେ 'ରିଲିଫ' ପ୍ୟାକେଜ

ନୂଆଦିଲ୍ଲୀ, ୨୯।୩

ପଶ୍ଚିମ ଏସିଆରେ ସଙ୍କଟ ନ ଥମିଲେ କେନ୍ଦ୍ର ସରକାର ଆର୍ଥିକ ଦୁର୍ବଳ କ୍ଷେତ୍ରଗୁଡ଼ିକ ପାଇଁ ଅଧିକ ରିଲିଫ ପ୍ୟାକେଜ ଘୋଷଣା କରିପାରନ୍ତି। ଏଥିରେ ଏମ୍‌ଏସ୍‌ଏମ୍‌ଇ ସହ ଅନ୍ୟାନ୍ୟ ଦୁର୍ବଳ କ୍ଷେତ୍ର ସାମିଲ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହାଦ୍ୱାରା ସେହି କ୍ଷେତ୍ରଗୁଡ଼ିକ ତିଷ୍ଠି ରହିବା ସହ ଦେଶର ବଜାରରେ ମୂଲ୍ୟବୃଦ୍ଧି ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟ ରହିଛି। ସରକାର ଏପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲରେ ଏକ୍ସାଇଜ ଡ୍ୟୁଟି କମାଇବା ସହିତ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଆବଶ୍ୟକ ପଡ଼ିଲେ ଆହୁରି ପଦକ୍ଷେପ ନେବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସୂତ୍ର କହିଛି। ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ କାରଣରୁ ବିଶ୍ୱ ତୈଳ ମୂଲ୍ୟ ବଢୁଛି। ଏହାର ପ୍ରଭାବରୁ ସାଧାରଣ ଲୋକଙ୍କୁ ରକ୍ଷା ଦେବା ପାଇଁ ସରକାର ପେଟ୍ରୋଲରେ ଏକ୍ସାଇଜ ଡ୍ୟୁଟି ପ୍ରତି ଲିଟର ୩ ଟଙ୍କା କମାଇ ଦେଇଛନ୍ତି ଏବଂ ଡିଜେଲକୁ ଡ୍ୟୁଟି ମୁକ୍ତ କରିଛନ୍ତି। ଏହା ସହିତ ଦେଶରେ ଡିଜେଲ ଓ ବିମାନ ଇନ୍ଧନର ଯୋଗାଣ ବଢ଼ାଇବା ପାଇଁ ସେଗୁଡ଼ିକର ରପ୍ତାନି ଉପରେ ଡ୍ୟୁଟି ପୁନଃ ଲଗାଇଛନ୍ତି। ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରେ ଇରାନ ବଡ଼ ଧରଣର ପ୍ରତିଶୋଧ ନେଇଥିଲା। ଏହା ପରେ ବିଶ୍ୱ ତୈଳ ମୂଲ୍ୟ ପ୍ରାୟ ୫୦% ବଢ଼ିଯାଇଛି। ମାର୍ଚ୍ଚ ଆରମ୍ଭରେ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୧୯ ଡଲାର୍ ପର୍ଯ୍ୟନ୍ତ ପହଞ୍ଚିଥିଲା, ପରେ ଏହା ପ୍ରାୟ ୧୦୦ ଡଲାରକୁ ଖସିଛି। ଭାରତ ନିଜର ୮୮% କ୍ରୁଡ ତୈଳ ଏବଂ ଅଧା ପ୍ରାକୃତିକ ଗ୍ୟାସ ବାହାରୁ ଆଣେ। ଏହା ମୁଖ୍ୟତଃ ହର୍ମୁଜ ପ୍ରଣାଳୀ ଦେଇ ଆସେ। ଏହି ମାସର ଆରମ୍ଭରେ ସରକାର ରପ୍ତାନିକାରୀଙ୍କୁ ରପ୍ତାନି ବାଧ୍ୟତା ପୂରଣରେ କିଛି ଆଶ୍ୱସ୍ତି ଦେଇଛନ୍ତି, କାରଣ ପଶ୍ଚିମ ଏସିଆ ସଙ୍କଟ ଯୋଗୁ ସାମଗ୍ରୀ ପରିବହନରେ ଅସୁବିଧା ହେଉଛି। ଏହା ସହିତ ସରକାର 'ରିଲିଫ' ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନା ପାଇଁ ୪୯୭ କୋଟି ଟଙ୍କା ରଖାଯାଇଛି। ଏହା ଅଧିକ ମାଲ ବହନ ଖର୍ଚ୍ଚ, ବୀମା ଖର୍ଚ୍ଚ ବଢ଼ିବା ଏବଂ ଯୁଦ୍ଧ ଯୋଗୁ ହେଉଥିବା ବିପଦରୁ ରପ୍ତାନିକାରୀଙ୍କୁ ସହାୟତା ଦେବ। ଏହି ପଦକ୍ଷେପ ଦ୍ୱାରା ଦେଶର ସପ୍ଲାଇ ଚେନ୍ ମଜଭୁତ୍ ରହିବ, ଛୋଟ ରପ୍ତାନିକାରୀଙ୍କୁ ସୁରକ୍ଷା ମିଳିବ, ଅର୍ଡର ବାତିଲ ହେବ ନାହିଁ ଏବଂ ରପ୍ତାନି କ୍ଷେତ୍ରରେ ଚାକିରି ସୁରକ୍ଷିତ ରହିବ ବୋଲି ଆଶା କରାଯାଉଛି। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି ଯେ, ଏହି ସଙ୍କଟରେ ସର୍ବାଧିକ ପ୍ରଭାବିତ ବ୍ୟବସାୟୀ ଓ ପରିବାରକୁ ତୁରନ୍ତ ସହାୟତା ଦେବା ଦରକାର। ଏକାସଙ୍ଗରେ ଦୀର୍ଘକାଳୀନ ଆବଶ୍ୟକତା ପାଇଁ ଟଙ୍କା ଯୋଗାଡ଼ କରିବା ମଧ୍ୟ ଜରୁରୀ। ଏଥିରେ କେବଳ ତୈଳ ନୁହେଁ, ଅନ୍ୟାନ୍ୟ ସାମଗ୍ରୀରେ ମଧ୍ୟ ଦୀର୍ଘକାଳୀନ ସଞ୍ଚୟ କରିବା ଦରକାର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗ୍ରୀନ୍ସ, ଟାଉନ୍ କ୍ଲବ କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇଟେକ୍ ମେଡିକାଲ କଲେଜ ଖେଳପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ୨ଟି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର

### ରାମକୃଷ୍ଣ ମହାପାତ୍ର ମେମୋରିଆଲ କ୍ରିକେଟ

ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଗ୍ରୀନ୍ସ ଏକାଡେମୀ ଓ ଟାଉନ୍ କ୍ଲବ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତୃତୀୟ ପ୍ରି-କ୍ୱାର୍ଟରରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୭ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗ୍ରୀନ୍ସ କ୍ରିକେଟ ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୨ ରନ କରିଥିଲା। ଦଳ ପକ୍ଷରୁ ଦୀପ୍ତାଂଶୁ ଦାସ ସର୍ବାଧିକ ୩୯ ରନ କରିଥିଲେ। ପ୍ରଗତି ସ୍ପୋର୍ଟିଂ ବୋଲର ସ୍ୱସ୍ତିକ ଦେହୁରୀ ୪ ଓଭରରେ ୧୭ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ୧୦୩ ରନ ବିଜୟ ଲକ୍ଷ୍ୟରେ ବ୍ୟାଟିଂ କରିଥିବା ପ୍ରଗତି ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟରେ ୯୫ ରନରେ ସୀମିତ ରହିଥିଲା। ଅସୀମ ବାରାଦ ୩୭ ବଲରୁ ୫୫ ରନ ସଂଗ୍ରହ କରିଥିଲେ ହେଁ ଦଳକୁ ଜିତାଇ ପାରି ନ ଥିଲେ। ବିଜୟୀ ଦଳର ଆର୍ଯ୍ୟନ୍ ମହାନ୍ତି ୩ଟି ଏବଂ ଶୁଭମ୍ ମହାନ୍ତି, ଅଭିଷେକ ସେନାପତି ଓ ଜଗନ୍ନାଥ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଫଳରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୭ ରନରେ ବିଜୟ ଲାଭ କରିଥିଲା। ଆର୍ଯ୍ୟନ୍ ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ପୂର୍ବତନ ରଣଜୀ ଖେଳାଳି ଓ କୋଚ୍ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ କୁମାର ଜେନା।

ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲରେ ଟାଉନ କ୍ଲବ୍ ୬୨ ରନରେ ହାଇଟେକ୍ କ୍ରିକେଟ ଏକାଡେମୀକୁ ହରାଇଥିଲା। ଟସ୍‌ଜିତି ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ଈଶାନ ମହାପାତ୍ର ସର୍ବାଧିକ ୬୩ ରନ କରିଥିଲେ। ବିପକ୍ଷ ଦଳର ବୋଲର ଭାବତୋଷ ବିଶ୍ୱାଳ ୪ ଉଇକେଟ ନେଇଥିଲେ। ଜବାବରେ ହାଇଟେକ୍ କ୍ରିକେଟ ଏକାଡେମୀ ଦଳ ୧୪.୨ ଓଭରରେ ୭୬ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ହାଇଟେକ୍ ମେଡିକାଲ କଲେଜ ପିଇଟି ସୁରେଶ ନାୟକ ଅତିଥିଭାବେ ଯୋଗଦେଇ ଈଶାନ ମହାପାତ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଜୟଦେବ ସଂଘ ପକ୍ଷରୁ ଜଗମୋହନ ସ୍ୱାଇଁ, ଆୟୁଷ ପ୍ରଧାନ, ପବିତ୍ର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍ଯ୍ୟନ ମହାନ୍ତି ଓ ଈଶାନ ମହାପାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# କୋହଲିଙ୍କ ନୂଆ କୀର୍ତ୍ତିମାନ

**ବେଙ୍ଗାଲୁରୁ, ୨୯।୩**

ବିରାଟ କୋହଲି ସନରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ୩୮ ବଲରେ ବିସ୍ଫୋରକ ୬୯ ରନ ପାଳି ଖେଳିଥିଲେ। ଏହି ଅପରାଜିତ ଇନିଂସ ଅବସରରେ ସେ ଏସିଆରେ ଟି୨୦ ଫର୍ମାଟରେ ସର୍ବାଧିକ ରନ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ପାକିସ୍ତାନର ଶୋଏବ ମଲିକଙ୍କ ନାମରେ ଥିଲା। ସେ ୫୫୭ ଟି୨୦ ମ୍ୟାଚ୍‌ରେ ୧୩,୫୭୧ ରନ କରିଥିଲେ। କିନ୍ତୁ କୋହଲି ବର୍ତ୍ତମାନ ୪୧୫ ମ୍ୟାଚ୍‌ରେ ୧୩,୬୧୨ ରନ କରିଛନ୍ତି। ସେ ଏବେ ବିଶ୍ୱରେ ସର୍ବାଧିକ ଟି୨୦ ରନ କରିଥିବା ବ୍ୟାଟରଙ୍କ ତାଲିକାର ଷଷ୍ଠ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ୍‌ର କ୍ରିସ ଗେଲ୍ ସର୍ବାଧିକ ୧୪,୫୬୨ ରନ ସହ ଏହି ତାଲିକା ଶୀର୍ଷରେ ରହିଥିବା ବେଳେ ତାଙ୍କ ପଛକୁ କିରନ ପୋଲାର୍ଡ (୧୪,୪୮୨ ରନ), ଇଂଲଣ୍ଡର ଆଲେକ୍ସ ହେଲ୍ସ (୧୪,୪୪୯), ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର (୧୪,୦୬୩) ଓ ଇଂଲଣ୍ଡର ଜୋସ ବଟଲର (୧୩,୮୪୫) ରହିଛନ୍ତି।

# ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶକୁ ୨ ଲେଖାଏ ସ୍ୱର୍ଣ୍ଣ

**ରାୟପୁର, ୨୯।୩ (ପି.ଟି.)**

ଝାଡ଼ଖଣ୍ଡ ଓ ହିମାଚଳ ପ୍ରଦେଶ ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬ର ପଞ୍ଚମ ଦିବସରେ ଦୁଇଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଝାଡ଼ଖଣ୍ଡ ତରଫରୁ ପ୍ରଥମ ସ୍ୱର୍ଣ୍ଣ ଆଣି ଦେଇଥିଲେ ପୁନମ ଓରାଓଁ।

### ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ

ମହିଳା ୫୦କେଜି ଫାଇନାଲରେ ସେ ତେଲେଙ୍ଗାନାର ଗୀତା କେ'ଙ୍କୁ ୬-୩ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ୬୭କେଜି ଗ୍ରୀକୋ ରୋମାନ ଫାଇନାଲରେ ଅଜିତ କୁମାର ମୁଣ୍ଡା ଟେକ୍‌ନିକାଲ ସୁପରିଅରିଟିରେ ଗୁଜରାଟର ମୁକେଶ ଭାସଭାଙ୍କୁ ପରାସ୍ତ କରିଛନ୍ତି। ହିମାଚଳ ପ୍ରଦେଶ ଏହାର ଦୁଇଟି ସ୍ୱର୍ଣ୍ଣ ପଦକ ନଭିଶ କୁମାର (୯୭କେଜି ଗ୍ରୀକୋ ରୋମାନ) ଓ ପ୍ରିୟଙ୍କା ଚୌଧାରୀ (ମହିଳା ୬୨କେଜି)ଙ୍କ ଜରିଆରେ ହାସଲ କରିଥିବା ବେଳେ ଜୋସାଙ୍ଗଜୁଆଲି (ମହିଳା+୮୬କେଜି) ଓ ଡେଭିଡ୍ ଜୋହମିଂମାୱିଆ (ପୁରୁଷ +୧୧୦କେଜି) ପୋଡିୟମ ଶୀର୍ଷରେ ରହି ମିଜୋରାମର ପଦକ ସ୍ୱର୍ଣ୍ଣ ସଂଖ୍ୟା ୪କୁ ବୃଦ୍ଧି କରିଛନ୍ତି। ରବିବାର ଏହି ପଦକ ଜିତିବା ଦ୍ୱାରା ମିଜୋରାମ ଓଭର ଅଲ ପଦକ ତାଲିକାରେ ୫ମ ସ୍ଥାନକୁ ଉନ୍ନୀତ ହୋଇଛି। କର୍ଣ୍ଣାଟକ ୧୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ଓଭରଅଲ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଆୟୋଜକ ଛତିଶଗଡ଼ ଏକ ରୌପ୍ୟ (ରିଷିକା କଶ୍ୟପ) ଓ ଏକ ବ୍ରୋଞ୍ଜ (ଲକି ବାବୁ ମାରକ୍ରମ) ପାଇଥିଲେ ମଧ୍ୟ ପଦକ ତାଲିକାର ୯ମ ସ୍ଥାନକୁ ଖସିଆସିଛି।


PRIYA CEMENT™
STRENGTH THAT ROARS
40 YEARS
**VENDORS REQUIRED**
WITH EXPERTISE IN WALL PAINTING, DEALER BOARDS & POSM
We are a large and reputed cement manufacturing company, inviting vendors with experience in:
High-Rise Wall Paints - Shop Paints - Dealer Boards (ACP Boards, Glow Sign Boards, Non-Lit Flex Boards, Foam Boards etc.)
In-store branding at dealer outlets, Printing Leaflets, Certificates, Brochures etc.
Interested vendors may apply / call
Srikanth Marri - 7022030619, srikanth.marri@priyacement.com
Abhimanyu Singh - 8517979409, abhimanyu.s@priyacement.com


# ବ୍ଲାକ୍‌ବେଲ୍ଟ ପରୀକ୍ଷା, ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୯।୩ (ବିଜୟ ରଣା)**

ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ କରାଟେ ଖେଳର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ପ୍ରଶିକ୍ଷକ ପ୍ରଶିକ୍ଷଣ ଓ ସେମିନାରରେ ଓଡ଼ିଶାର ବିଭିନ୍ନ ଜିଲାରୁ ୫୦ରୁ ଉର୍ଦ୍ଧ୍ୱ ଭାଗ ନେଇଥିଲେ। ଏହି ଅବସରରେ ସ୍କୁଲରେ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ସେନ୍‌ସେଇ ଗଣେଶ ଚନ୍ଦ୍ର ବେହେରା ୫ମ ଡାନ୍ ହାସଲ କରିଥିବା ବେଳେ ୨ଜଣ ଦ୍ୱିତୀୟ ଡାନ୍ ଏବଂ ୫୫ ଜଣ ପ୍ରଥମ ଡାନ୍ ବ୍ଲାକ୍‌ବେଲ୍ଟରେ କୃତକାର୍ଯ୍ୟ ହୋଇଥିଲେ। ପ୍ରଶିକ୍ଷଣ ଶିବିର ଓ ବ୍ଲାକବେଲ୍ଟ ପରୀକ୍ଷା ହାନ୍‌ସୀ ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



ଉତ୍କଳ କରାଟେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ସେମିନାରରେ ଯୋଗଦେଇଥିବା ପ୍ରଶିକ୍ଷକମାନେ।

# ଦଲାଚକଟା ପୀଡ଼ିତଙ୍କୁ ବିଜୟ ଉତ୍ସର୍ଗ କଲା ଆର୍‌ସିବି



**ବେଙ୍ଗାଲୁରୁ, ୨୯।୩**

ସନ୍‌ରାଇଜର୍ସ ବିପକ୍ଷ ମ୍ୟାଚ୍‌ରେ ଏକ ଜବରଦସ୍ତ ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜ ବେଙ୍ଗାଲୁରୁ (ଆର୍‌ସିବି) ତା'ର ଅଭିଯାନ ଆରମ୍ଭ କରିଛି। ଦଳର ଏହି ବିଜୟକୁ ଅଧିନାୟକ ରଜତ ପଟିଦାର ଗତବର୍ଷ ଦଲାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ଲାଗି ଉତ୍ସର୍ଗ କରିଛନ୍ତି। ଫ୍ରାଞ୍ଚାଇଜ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଭିଡିଓରେ ପଟିଦାର କହିଛନ୍ତି, ଏହି ବିଜୟକୁ ଆମେ ଗତବର୍ଷ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କୁ ଉତ୍ସର୍ଗ କରୁଛୁ। ଏହାବାଦ୍ ସେ ପ୍ରକାଶ କରିଛନ୍ତି, ଏହି ବିଜୟ ଲାଗି ଦେବଦତ୍ତ ପଡିକଲ ଓ ବିରାଟ କୋହଲିଙ୍କୁ ଶ୍ରେୟ ଦିଆଯିବା ଦରକାର। ସେମାନେ ଖୁବ୍ ଭଲ ଆରମ୍ଭ ଦେଇଥିଲେ। ତା' ପରେ ଆମେ ମ୍ୟାଚ୍‌କୁ ଯଥାଶୀଘ୍ର ଶେଷ କରିବାକୁ ଦେଖିଥିଲୁ। ୨୦୦ ଟାର୍ଗେଟ ପିଛା କରିବା କଷ୍ଟକର। ଆମ ଖେଳାଳିମାନେ ଖୁବ୍ ଭଲ ବ୍ୟାଟିଂ ଓ ବୋଲିଂ କରିଥିଲେ।

# ସ୍କୁଲ୍ସ ଓପନ ଚେସ୍: ଆରିଶ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩ୟ ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ପାଇ ଆରିଶ୍ ନନ୍ଦ ଗୋସ୍ୱାମୀ ଚାମ୍ପିୟନ ହୋଇଛନ୍ତି। ଆୟୁଷ୍ମାନ ବେହେରା, ସ୍ୱସ୍ତି ଷଡ଼ଙ୍ଗୀ, ସତଭିକ ମହାନ୍ତି ଓ ଶ୍ରୀୟାଂଶୀ ବେହେରା ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୪ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ (ଭାରତ)ର ମ୍ୟାନେଜର (ପ୍ରଡକ୍ସନ) ଆଦିତ୍ୟ କୁମାର ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଭାଇସ୍-ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଲକ୍ଷ୍ମୀପ୍ରିୟାଙ୍କ ସମ୍ପର୍କୀୟ ନିବେଦିତା ପଟ୍ଟନାୟକ, ସୌମ୍ୟା ମହାନ୍ତି ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।


# Classified Everyday
0674-2580101, 9692975378


**REAL ESTATE**
**SALE**

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**AFFIDAVIT**

By virtue of an affidavit sworn before Executive Magistrate, Bisra, dated 26th March 2026, I, BINAY MINZ, At- BIJADIHI, P.O.- Bangurkela, P.S.- BISRA, Dist.- Sundargarh, Odisha, PIN- 770036, Odisha declare that I have changed my name from BINOD MINZ to BINAY MINZ. Henceforth, I shall be known as BINAY MINZ for all purposes.
BINAY MINZ
D-3783

ସତ୍ୟବାଦୀ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଇଜିଲାସ ସତ୍ୟପାଠ ନଂ.- ୮୮୬/ ୨୫.୦୩.୨୦୨୬ ଜରିଆରେ ମୁଁ ସତ୍ୟପାଠ ପୂର୍ବକ ଘୋଷଣା କରୁଅଛି କି, ଆମ୍ଭ ପିତା କୁବେର ରାଉତ, ବୟସ (୭୭)ଙ୍କୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପ୍ରଭାବିତ କରି ଆମର ପାରିବାରିକ ଭୂ-ସମ୍ପତ୍ତି ହସ୍ତାନ୍ତର କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ଆମ୍ଭେ ଏକମାତ୍ର ପୁତ୍ର ଥାଇ ଆମ୍ଭ ଅଗୋଚରରେ ସତ୍ୟପାଠରେ ବର୍ଣ୍ଣିତ ନିମ୍ନୋକ୍ତ ସମ୍ପତ୍ତି ବେଆଇନ ଭାବରେ ହସ୍ତାନ୍ତର କରାଗଲେ ଆମ୍ଭ ପରିବାର ଏଥିପାଇଁ ଦାୟୀ ରହିବୁନାହିଁ। ସମ୍ପତ୍ତିର ବିବରଣୀ- ପୁରୀ ଜିଲ୍ଲା, ସତ୍ୟବାଦୀ ତହସିଲ, ମୌଜା- ନୂଆବାଗଲପୁର, ଖାତା ନଂ.- ୫୮, ୩୪, ୧୫ ଏବଂ ମୌଜା- ପଦ୍ମପୁର, ଖାତା ନଂ.- ୬୮, ୪୩୫/୫୨
ସ୍ୱା./- ସଞ୍ଜୟ କୁମାର ରାଉତ
ପିତା- କୁବେର ରାଉତ, ଗ୍ରାମ- ନୂଆବାଗଲପୁର, ପୋଷ୍ଟ- ମହୁରା, ଥାନା- ବଳଙ୍ଗା, ପୁରୀ
D-3784

By virtue of an affidavit before the Executive Magistrate, Bonai, Dtd.- 23.03.26, I, NAGESWAR MAHANTA, R/o. Village/P.O.- Kudeikela, P.S.- Lahunipara, Dist.- Sundargarh, Odisha, PIN- 770040 declare that my daughter name has been wrongly mentioned in Sukanya Samriddhi Yojana Postal Account under Lahunipara BO as JAYANTI MAHANTA instead of SUREKHA MAHANTA. That both the names is same and one person. Henceforth, she shall be known as SUREKHA MAHANTA for all purposes. D-3782

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


୰ଅନ୍ୱେଷା ଧରାଶ୍ରୀ ଜେନା
(ଲାଡ୍‌ଲି)
ଆବିର୍ଭାବ- ୨୩।୦୪।୨୦୦୯
ତିରୋଧାନ- ୩୦।୦୩।୨୦୧୨
ହଣ୍ଡପା, ଅନୁଗୋଳ
ଆମକୁ କନ୍ଦାଇ କନ୍ଦାଇ ତୁ ସବୁଦିନ ପାଇଁ ଚାଲିଗଲୁ। ତୁ ଯେଉଁଠି ବି ଅଛୁ ଭଲରେ ଥା। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଜେନା ପରିବାରବର୍ଗ
ଧ-୩୭୮୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ଉମେଶ ଚନ୍ଦ୍ର ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ: ୨୫।୦୧।୧୯୪୭
ତିରୋଧାନ: ୨୦।୦୩।୨୦୨୬
ବାପା! ଚାହିଁ ଚାହିଁ ଆଜିକୁ ୧୦ ଦିନ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ସମସ୍ତଙ୍କୁ ବ୍ୟଥିତ କରିଛି। ଆମ୍ଭମାନଙ୍କୁ ଆପଣଙ୍କର ସେହି ଅନାବିଳ ସ୍ନେହ ଓ ମିଷ୍ଟଭାଷୀ କଥା ଆମ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ଝିଅ କୁନିଆ, ମାମିନା, ପିଙ୍କିନା, ଜ୍ୱାଇଁ- ବିଚ୍ଛୁ, ବାବୁ, ସଂଜୟ ଏବଂ ନାତୁଣୀ ଓ ନାତୁଣୀଜ୍ୱାଇଁ।
ଧ-୩୭୮୭

**ଏକାଦଶାହ ଉପଲକ୍ଷେ**


ସ୍ୱର୍ଗତ ଦେବାଶିଷ ରାଉତ
(ହୋଟେଲ ବ୍ଲୁ ଭାଇନ ଓ ତନ୍ଦୁରିୱାଲାର ପ୍ରତିଷ୍ଠାତା)
ସ୍ଥାନ:- କୁଁଆସ, ଭଦ୍ରକ
ଆବିର୍ଭାବ: ୧୧।୦୧।୧୯୬୨
ତିରୋଧାନ: ୨୦।୦୩।୨୦୨୬
ଆଜି ପବିତ୍ର ଏକାଦଶାହ ତିଥି ଅବସରରେ ପରିବାରର ସମସ୍ତ ସଦସ୍ୟମାନଙ୍କ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଆପଣଙ୍କ ଆତ୍ମା ସ୍ୱର୍ଗଲାଭ କରୁ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସମସ୍ତ ଭ୍ରାତୃବର୍ଗ, ଝିଆରୀ ଓ ପୁତୁରାମାନେ, ଭାଇବୋହୂମାନେ, ସ୍ତ୍ରୀ: ଭକ୍ତିସୁଧା ରାଉତ, ପୁତ୍ର: ଅମିତ ବିକ୍ରମ ରାଉତ, କନ୍ୟା: ଅଙ୍କିତା ପ୍ରିୟଦର୍ଶିନୀ ଏବଂ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୭୮୬

**ଦ୍ୱାଦଶାହ ଉପଲକ୍ଷେ**
୩୦।୦୩।୨୦୨୬


୰ଶରତ କୁମାର ପାଢ଼ୀ
ମିଶ୍ରପଡ଼ା, ଅନୁଗୋଳ
ଆବିର୍ଭାବ: ୧୦।୦୩।୧୯୫୯
ତିରୋଧାନ: ୧୯।୦୩।୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୩୭୮୮

**୧୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


ସ୍ୱର୍ଗତା ସ୍ନେହଲତା ଷଡଙ୍ଗୀ (ସ୍ନେହ)
୧୦୪, ରତ୍ନାକର ବାଗ-୧, ଭୁବନେଶ୍ୱର,
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ, ବାହୁଡ଼ାଯାତ୍ରା)
ଆଜି ତୁମର ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆଜି ତୁମ ଆତ୍ମା ଆରପାରିରେ ରହି ମଧ୍ୟ ଆମମାନଙ୍କୁ ଆଶୀର୍ବାଦ କରୁଥାଉ, ଏତିକି ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସ୍ୱାମୀ କାଳିନ୍ଦୀ ଚରଣ ଷଡ଼ଙ୍ଗୀ, ପୁଅ- ବାବୁଲି, ବୋହୂ-ଗୀତୁ, ଝିଅ- ଟୁନି, ଜ୍ୱାଇଁ- ରାମ, ପୁଅ- ମୁନା, ବୋହୂ- ଅପୁ, ନାତିନାତୁଣୀ- ନୀରଜ, ନୀରଜା, ଗୁଡୁ ଓ କାହ୍ନାଙ୍କ ସହ ସମସ୍ତ ପରିବାରବର୍ଗ।
ଧ-୩୭୮୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ସଂକ୍ଷେପରେ

### ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣବର୍ଗ କର୍ମଶାଳା

କଣ୍ଟାବାଞ୍ଜି,୨୯।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନଗର ଭାଜପା ଦ୍ୱାରା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ କର୍ମଶାଳା ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରଠାରେ ରବିବାର ଦିନ ଅନୁଷ୍ଠିତ ହେଇଯାଇଛି। ଏଥିରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ମୁଖ୍ୟ ପ୍ରଶିକ୍ଷକ ହିସାବରେ ଦଳର ଜିଲା ସଭାପତି ଶ୍ରୀବତ୍ସ ବେହେରା ସମ୍ମାନିତ ଅତିଥି ଭାଜପା ଜିଲା ଉପ ସଭାପତି ବେଦ ବ୍ୟାସ ନାଗ, ମଣ୍ଡଳ ସଭାପତି ଅଜିତ କାଠର ଯୋଗ ଦେଇଥିଲେ। ଏହି ଅବସରରେ ନବନିଯୁକ୍ତ ସରକାରୀ ଓକିଲ ଅଶୋକ ଦାସ, ପର୍ଶୁରାମ ସାଗରିଆ, ବି. ଶର୍ମା, ଅଭିମନ୍ୟୁ ନାଗ, ମନିଷ ହଂସ, ଆଲୋକ ଶର୍ମାଙ୍କୁ ବିଧାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଯୁବ ମୋର୍ଚ୍ଚା ସଭାପତି ପପୁ ଜୁଏଡ଼ ପରିଚାଳନା କରିଥିଲେ। ଅତିଥିମାନେ ଦଳର ବିଚାର, ଚିନ୍ତାଧାରା ଏବଂ ସୁଦୃଢ ଅର୍ଥନୀତି ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଦଳକୁ ବୁଥ ସ୍ତରରୁ ମଜଭୁତ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା।

### ୩୪ କୁଣ୍ଡୀୟ ଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ

ଲୋଇସିଂହା,୨୯।୩(ସୁଶାନ୍ତ ବାରିକ)

ଆଗଲପୁର ତହସିଲ ସଦର ମହକୁମାସ୍ଥିତ ଭୁଲିଆ ସମାଜ କଲ୍ୟାଣ ମଣ୍ଡପରେ ସ୍ଥାନୀୟ ୩୪ ଯୋଡି ଯଜମାନଙ୍କ ସହଯୋଗକ୍ରମେ ୩୪ କୁଣ୍ଡୀୟ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆପଡ଼ା ଜିଲା ହରିପୁର ଗୁରୁକୁଳର ସଂସ୍ଥାପକ ଆଚାର୍ଯ୍ୟ ଡ. ସୁଦର୍ଶନ ଦେବ ସମବେତ ଭକ୍ତମାନଙ୍କୁ ଗୁରୁକୁଳ ଶିକ୍ଷାର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧଗୁରୁ ସାଧନା ଆଶ୍ରମର ସଂସ୍ଥାପକ ବିଶୁଦ୍ଧା ନନ୍ଦ ସରସ୍ୱତୀ, ସଚେତନ ମୁନି, ସୁରେଶ୍ୱର ମୁନି, ସାହେବ ଭୋଇ, ସୁବାସ ସାହୁ, ଦୀକ୍ଷା ନନ୍ଦ, ପୁରୁଷୋତ୍ତମ ମୁନି ପ୍ରମୁଖ ମଞ୍ଚାସୀନ ଥିଲେ। ଆନନ୍ଦ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଗଲପୁରର ବେଦ ପ୍ରେମୀ ସହଯୋଗ କରିଥିଲେ।

### ଜିଲାସ୍ତରୀୟ ମହିଳା ପାଠଚକ୍ର

#### ନାରୀ ସାଧନା ଦ୍ୱାରା ସୁରକ୍ଷା ପାଇପାରିବ

ଟିଟିଲାଗଡ,୨୯।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଜିଲାସ୍ତରୀୟ ମହିଳା ପାଠଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଅଞ୍ଜନି ମଞ୍ଜରୀ ହୋତା ଓ ସମ୍ପାଦିକା ଇନା ବେହେରାଙ୍କ ଆହ୍ୱାନ କ୍ରମେ କଳାହାଣ୍ଡି, ନୂଆପଡା ଓ ବଲାଙ୍ଗୀର ଜିଲାର ବିଭିନ୍ନ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ଓ ମହିଳା ପାଠଚକ୍ରରୁ ବହୁ ମହିଳା ଯୋଗ ଦେଇଥିଲେ। ସର୍ବପ୍ରଥମେ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରାଯାଇ ଧ୍ୟାନ ଓ ପ୍ରାର୍ଥନା କରାଯାଇଥିଲା। ଏହି ମହିଳା ପାଠ ଚକ୍ରରେ କଳାହାଣ୍ଡି ଜିଲାର ମହିଳା ପାଠଚକ୍ର ସଙ୍ଗଠିକା ମାଳବିକା ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନାରୀମାନେ ସମାଜରେ ଶିକ୍ଷା କ୍ଷେତ୍ରରେ ଆଗୁଆ ଅଛନ୍ତି। ଏପରି କି ସବୁ କ୍ଷେତ୍ରରେ ଆଗୁଆ ଥାଇ ସୁଦ୍ଧା ନିର୍ଯାତନାର ଶିକାର ହେଉଛନ୍ତି। ନାରୀ ନିକଟରେ ଶକ୍ତି ଓ ସାଧନା ଶକ୍ତିର ଅଭାବ ରହିଛି। ଯଦି ନାରୀ ଆଧ୍ୟାତ୍ମିକ ଦିଗରେ ଆଗେଇ ଯିବା ସହ ଭଗବାନଙ୍କ ପ୍ରତି ଦୃଢ଼ ବିଶ୍ୱାସ ରଖି ସାଧନା କରିବ ତେବେ ସୁରକ୍ଷା ପାଇପାରିବ ବୋଲି ମୁଖ୍ୟବକ୍ତା ପାଢୀ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ଗୌରୀରାଣୀ ସାହୁ, ସସ୍ମିତା ପାଣିଗ୍ରାହୀ, ରାଜେଶ ଛୁରା, ଶୀତଳ ସାହୁ, ଆଲୋକ ମିଶ୍ର, ସୌମ୍ୟ ରଞ୍ଜନ ଛୁରା ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପପୁ ଭାଇ। ଏଥିରେ ବହୁ ମାନ୍ୟଗଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

# ୮ରେ ଜିଲାପାଳ ଅଫିସ ଆଗରେ ଧାରଣା

ବଲାଙ୍ଗୀର,୨୯।୩(ବୀରେନ୍ଦ୍ର କୁମାର ଝାଙ୍କର)



ଚିନିକଳ ସଂଘର୍ଷ ସମିତିର ସଦସ୍ୟମାନେ।

**ଦେଓଗାଁ ଚିନିକଳ ସଂଘର୍ଷ ସମିତି ବୈଠକ**

ବଲାଙ୍ଗୀର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନଠାରେ ରବିବାର ଦେଓଗାଁ ଚିନିକଳ ସଂଘର୍ଷ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦେଓଗାଁ ଚିନିକଳ ପୁନରୁଦ୍ଧାର ପାଇଁ ବାରମ୍ବାର ଆଲୋଚନା ଏବଂ ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସରକାର ଏହାକୁ କାର୍ଯ୍ୟକ୍ଷମ କରୁ ନ ଥିବାରୁ ବୈଠକରେ କଡା ସମାଲୋଚନା କରାଯାଇଥିଲା। ଡବଲ ଇଞ୍ଜିନ ସରକାର ବଲାଙ୍ଗୀରବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି ବୈଠକରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। କିଛି ମାସ ତଳେ ବଲାଙ୍ଗୀର ପଥରଚେପାଠାରେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଘୋଷଣା କରିଥିଲେ। ସଂଘର୍ଷ ସମିତି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସ୍ୱାଗତ କରିଥିଲା। କିନ୍ତୁ ନିକଟ ଅତୀତରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଭୁବନେଶ୍ୱରଠାରେ ବଡମ୍ବା ଓ ନୟାଗଡ ଚିନିକଳ ଚାଲିବା ନେଇ ସବୁଜ ସଙ୍କେତ ଦେଇଥିଲେ ମଧ୍ୟ ବଲାଙ୍ଗୀର ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ସମ୍ବନ୍ଧରେ କିଛି କହି ନ ଥିଲେ। ସରକାରଙ୍କ ଏଭଳି ଉଦାସୀନତା ଏବଂ ପାତରଅନ୍ତର ନୀତିକୁ ଦେଓଗାଁ ଚିନିକଳ ସଂଘର୍ଷ ସମିତି ମୁଖ୍ୟ ଆବାହକ ବିଭୁଦତ୍ତ ମିଶ୍ର ଏବଂ ଆବାହକ ମଣ୍ଡଳୀ ସମାଲୋଚନା କରିଛନ୍ତି। ଏପ୍ରିଲ ୮ ତାରିଖ ଦିନ ଚିନିକଳ ତୁରନ୍ତ ପୁନଃ କାର୍ଯ୍ୟକ୍ଷମ କରିବା ଦାବିରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଏହି ଦିନ ଜିଲାପାଳଙ୍କ ଜରିଆରେ ଚିନିକଳ ପୁନରୁଦ୍ଧାର ଦାବିରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶାହାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ସ୍ଥିରୀକୃତ ହୋଇଛି। ବୈଠକରେ ସତ୍ୟ ବନଛୋର, ନୀଳମଣି ମିଶ୍ର, ଡ. ବିପିନ କୁଶଲିଆ, ମଧୁସୂଦନ କ୍ଷେତି, ସୌରୀ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ପିଣ୍ଟୁ ସେଠ, ସରୋଜ ମେଶ୍ରା ମତବ୍ୟକ୍ତ କରିଥିଲେ। ଶେଷରେ ଆବାହକ ରାଜେଶ ବର୍ଗର୍ତ୍ତି ଧନ୍ୟବାଦ ଦେଇଥିଲେ।

# ଡୁମାଲ ସମ୍ପ୍ରଦାୟ ନୂତନ କର୍ମକର୍ତ୍ତା ଚୟନ



ବୈଠକରେ ଯୋଗ ଦେଇଥିବା ଡୁମାଲ ସମ୍ପ୍ରଦାୟ ଲୋକେ।

ଲୋଇସିଂହା,୨୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କର୍ଲପାଟ ଗ୍ରାମର ମା' ମାହେଶ୍ୱରୀ ପୀଠ ନିକଟସ୍ଥ ଗୋଷ୍ଠୀ କେନ୍ଦ୍ର ଆଗରେ କନ୍ଦାଜୁରୀ ଚକ (କେନ୍ଦ୍ର) ଡୁମାଲ ସମାଜର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶରତ ମହାକୁରଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ଡ଼ା. ଥାଟି ସଂଯୋଜନା କରିଥିଲେ। ଜିଲା ସଭାପତି ମହାକୁରଙ୍କ ନିର୍ଦ୍ଦେଶକ୍ରମେ ସଭାପତି ୨୧ ଜଣିଆ କନ୍ଦାଜୁରୀ ଚକ ନୂତନ କମିଟି ଗଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରଯାଇଛି। ସେହି ୨୧ ଜଣିଆ କମିଟି ସଦସ୍ୟଙ୍କ ପକ୍ଷରୁ ଜୟମଙ୍ଗଳ କର୍ମୀଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ହୃଷୀକେଶ ବାରିକ ଉପସଭାପତି, ଡ଼ାକ୍ତର ଥାଟି ସମ୍ପାଦକ, ମୁକୁନ୍ଦ ପଧାନ ସହ ସମ୍ପାଦକ, ଅଶୋକ ପଧାନ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ କନ୍ଦାଜୁରୀ, ପଣ୍ଡରାଣୀ, ଦୁମଦୁମି, କର୍ଲପାଟ, ଲୋଇସିଂହା, ସାରେସମୁଣ୍ଡା, ବଡ଼ଟୀକା ଓ ବୁର୍ଡାର ଅଧିବାସୀ ଯୋଗ ଦେଇଥିଲେ।

# ଛାତ ପଡ଼ିଲାଣି, ସୂଚନା ଫଳକ ଲାଗିନାହିଁ

## କେନ୍ଦୁପତ୍ର ଗାର୍ଡ କ୍ୱାର୍ଟର ନିର୍ମାଣରେ ଅନିୟମିତତା ଅଭିଯୋଗ

ଲୋଇସିଂହା,୨୯।୩(ସୁଶାନ୍ତ ବାରିକ)



ବିନା ସୂଚନା ଫଳକରେ ନିର୍ମାଣାଧୀନ କେନ୍ଦୁପତ୍ର ଗାର୍ଡ କ୍ୱାର୍ଟର।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରବନ୍ଧଲିସ୍ଥିତ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ପରିସରରେ କେନ୍ଦୁପତ୍ର ଗାର୍ଡ କ୍ୱାର୍ଟର ନିର୍ମାଣ ହେଉଛି। ନିକଟରେ କୋଠାର ଛାତ ପଡି ସାରିଛି। କିନ୍ତୁ କାମରେ ଅନିୟମିତତା ହେବା ସହିତ ସୂଚନା ଫଳକ ଲଗାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଝାରବନ୍ଧଲିରେ ଗୋଟିଏ କ୍ୟାମ୍ପସ୍‌ରେ ଲୋଇସିଂହା ଓ ଆଗଲପୁର କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟ କରୁଛି। ଉକ୍ତ ରେଞ୍ଜ କାର୍ଯ୍ୟାଳୟ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି। ରେଞ୍ଜ କାର୍ଯ୍ୟାଳୟ ପରିସରରେ ଥିବା ଏକ ମନ୍ଦିର ପଛପଟେ ଗାର୍ଡ କ୍ୱାର୍ଟର ନିର୍ମାଣ ହେଉଛି। ତେବେ କୋଠା କାମରେ ନିମ୍ନମାନର ଇଟା ବ୍ୟବହୃତ ହେବା ସହିତ ବାଲି,ସିମେଣ୍ଟ ମିଶ୍ରଣରେ ଅନିୟମିତତା କରାଯାଇଥିବା ଅଭିଯୋଗ ହେଉଛି। ଫଳରେ କୋଠାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ପାଣ୍ଠିରୁ ଉକ୍ତ କ୍ୱାର୍ଟର ନିର୍ମାଣ ହେଉଛି ଓ ଏହାର ବ୍ୟୟ ଅଟକଳ କେତେ ତାହା କାହାରିକୁ ଜଣାନାହିଁ। ଏହାଛଡା ରେଞ୍ଜ ପରିସରରେ କେନ୍ଦୁପତ୍ର ଓ ବସ୍ତା ଶୁଖାଇବା ପାଇଁ ପ୍ଲାଟଫର୍ମ ନିର୍ମାଣ ହେଉଛି। ତାହା ମଧ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କ୍ଷତିଗ୍ରସ୍ତ ପରିବାର ପର ଘରେ ନେଲେ ଆଶ୍ରୟ

ସଇଁତଲା,୨୯।୩(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଆମ୍ବପାଲି ପଞ୍ଚାୟତର ଭେରୁଆଁଭଟା ଗ୍ରାମରେ ଝଡ଼ ତୋଫାନ ହେବା ଯୋଗୁ ଗ୍ରାମର ବହୁ କଚ୍ଚା ଘର ଭାଙ୍ଗିଯିବା ସହ ଜଣେ ଆହତ ହୋଇଥିବା ଜଣାଯାଇଛି। ଘର ଭାଙ୍ଗିଯିବାରୁ କେତେକ ପରିବାର ପର ଘରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି।

ଶୁକ୍ରବାର ଅପରାହ୍ନରେ ସଇଁତଲା ବ୍ଲକର କୁମ୍ଭାରୀ, ସଇଁତଲା, କେରମେଲି, ବୁଢ଼ାବାହାଲ, ଭେରୁଆଁଭଟା, ଆମ୍ବପାଲି ଅଞ୍ଚଳରେ ପବନ ସହ ବର୍ଷା ହୋଇଥିଲା।

**ବର୍ଷା, ପବନରେ ଭାଙ୍ଗିଲା ଘର**

ପୁଣି ସେହିଦିନ ସନ୍ଧ୍ୟା ସମୟରେ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ଭେରୁଆଁଭଟା ଗ୍ରାମରେ ଏହାର ପ୍ରକୋପ ଅଧିକ ଦେଖିବାକୁ ମିଳିଥିଲା। ପବନରେ ଗ୍ରାମର ବାବୁରାମ ସାହୁ, ଜଳନ୍ଧର ସାହୁ, ଦୈତାରୀ ସାହୁ, ଶ୍ରୀକାନ୍ତ ସାହୁ ଓ ସନ୍ତୋଷ ସାହୁଙ୍କ ଘର ଛପର ଉଡ଼ିଯିବା ସହ ଘର ଭାଙ୍ଗିଯାଇଛି। ସେହିପରି ଗ୍ରାମର ଡ଼େବରିଆ ହରପାଲଙ୍କ ଘର ଭାଙ୍ଗି ଯିବା ସହ ତାଙ୍କ ଉପରେ ଛପର ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହାଛଡା ସଇଁତଲା ଅଞ୍ଚଳର ବହୁ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବା ବେଳେ ଖୁମ୍ବଗୁଡ଼ିକ ବଙ୍କା ହୋଇଯାଇଛି। କେତେକ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଶନିବାର ଦିନ ଭେରୁଆଁଭଟା ଗ୍ରାମର ବାବୁରାମ, ଜଳନ୍ଧର, ଦୈତାରୀ, ଶ୍ରୀକାନ୍ତ ଓ ସନ୍ତୋଷ ପ୍ରମୁଖ ତୁରନ୍ତ ସେମାନଙ୍କୁ ଘର ଭଙ୍ଗା ସହାୟତା ଦେବା ପାଇଁ ଲିଖିତ ଭାବେ ଜଣାଇବାକୁ ସଇଁତଲା ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ଛୁଟି ଦିନ ହୋଇଥିବାରୁ ସେମାନେ ନିରାଶ ହୋଇ ଫେରି ଯାଇଥିଲେ। ତେବେ ଏହି ପରିବାର ଲୋକେ ଗରିବ ଶ୍ରେଣୀର ହୋଇଥିବାରୁ ଘର ସଜାଡି ନ ପାରି ପରଘରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଯଥାଶୀଘ୍ର ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



କଳସ ଭସାଣି ଶୋଭାଯାତ୍ରା।

ଖପ୍ରାଖୋଲ,୨୯।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢିବାହାଲ ଗାଁର ୭୮ତମ ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ନବମୀରେ ଆରମ୍ଭ ହୋଇଥିବା ନାମଯଜ୍ଞ ଅବସରରେ ପ୍ରଥମେ କଳସ ଆବାହନ, ନାମ ଆରମ୍ଭ, ହୋମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ରବିବାର ନାମଯଜ୍ଞ ଉଦ୍‌ଯାପନୀ ସହିତ କଳସ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିବା ବେଳେ ତିନିଦିନ ଧରି ଗାଁ ଉତ୍ସବମୁଖର ହୋଇ ଉଠିଥିଲା। ଏହି ନାମଯଜ୍ଞରେ ସିଲାଟପାନି, କୁଲଣ୍ଡି, ମସାନକୁଣ୍ଡା, ପଲସାପାନି, ଗୌରଟେକ, ବିଛିଲିବାହାଲ , ଢ଼ୋଲମାନ୍ଦଳ ସମେତ ବୁଢିବାହାଲ ଗାଁର ତିନୋଟି ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। କର୍ତ୍ତା ଭାବେ ଗାଁ ଗୌନ୍ତିଆ ହର୍ଷରାମ ଖର୍ସେଲ ସପତ୍ନୀକ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ଭାବେ ପଣ୍ଡିତ ସତ୍ୟପ୍ରିୟ ତ୍ରିପାଠୀ, ଯୁବରାଜ ତ୍ରିପାଠୀ, ରୋହନମୟ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ନାମଯଜ୍ଞ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ରାମଲୀଳା ମହୋତ୍ସବ ଆରମ୍ଭ

ବଲାଙ୍ଗୀର,୨୯।୩(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜଗନ୍ନାଥପଡା ଠାରେ ଆରମ୍ଭ ହୋଇଥିବା ରାମଲୀଳା ମହୋତ୍ସବର ଏକ ଦୃଶ୍ୟ।

ବଲାଙ୍ଗୀର ସହର ଜଗନ୍ନାଥପଡା ଠାରେ ଶନିବାର ରାତିରେ ରାମଜୀ ନାଟ୍ୟ ସଂସଦ ପକ୍ଷରୁ ପ୍ରସିଦ୍ଧ ରାମଲୀଳା ମହୋତ୍ସବ ଆରମ୍ଭ ହୋଇଛି। ନାଟ୍ୟଗୁରୁ ବାଳମୁକୁନ୍ଦ ବେହେରାଙ୍କ ସୁଲଳିତ କଣ୍ଠରେ ଆରମ୍ଭ ହୋଇଥିବା ରାମଲୀଳା ମହୋତ୍ସବକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ରାମ ବନ୍ଦନାରୁ ଆରମ୍ଭ ହୋଇଥିଲା ରାମଲୀଳା। ବୈଷ୍ଣବ ସଦାଶିବ ରଚିତ ରାମଲୀଳାକୁ ପାଥେୟ କରି ବିଭିନ୍ନ ଭୂମିକାରେ କଳାକାରମାନେ ଅଭିନୟ କରିଥିଲେ। ରାମାୟଣ କଥାକୁ ଦେବାଧିଦେବ ମହାଦେବ ମାତା ପାର୍ବତୀଙ୍କୁ ଶୁଣାଇବା ଠାରୁ ଆରମ୍ଭ ହୋଇଥିଲା ରାମଲୀଳା। ପ୍ରଥମ ରଜନୀରେ ବିଶ୍ୱାମିତ୍ର ଋଷି ଦୁଇ ଭାଇ ରାମ ଓ ଲକ୍ଷ୍ମଣଙ୍କୁ ନେଇ ଯାଉଥିବା ବେଳେ ବାଟରେ ତାଡକା ବଧ ହୋଇଥିଲା। ଏହାପରେ ମିଥିଳା ପ୍ରବେଶ ଓ ଧନୁଭଙ୍ଗ ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରଥମ ଦିନରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ରୁଦ୍ର ନାରାୟଣ ପଟେଲ ଦୁଇଟି ଭୂମିକା ଶିବ ଏବଂ ଜନକ ରାଜା ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ଅଭିନୟକୁ ଦର୍ଶକମାନେ ପ୍ରଶଂସା କରିଥିଲେ। ବଲାଙ୍ଗୀର ରାମଜୀ ନାଟ୍ୟ ସଂସଦର ରାମଲୀଳା ସ୍ୱାଧୀନତା ପୂର୍ବରୁ ଆୟୋଜିତ ହୋଇଆସୁଛି। ସ୍ୱତନ୍ତ୍ର ଛଉନୃତ୍ୟ ଶୈଳୀରେ ପ୍ରାୟ ୧୫୦ ବର୍ଷ ତଳୁ ଆରମ୍ଭ ହୋଇଥିବା ରାମଲୀଳାକୁ ଚଳିତବର୍ଷଠାରୁ ରାମଲୀଳା ମହୋତ୍ସବ ଭାବେ ପାଳନ କରାଯାଉଛି।

# ଲୋଇସିଂହା କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ ଛାତ୍ରୀ ଛାତ୍ର।

ଲୋଇସିଂହା,୨୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ଓଡିଆ ଓ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ବିଭାଗର ଷଷ୍ଠ ପର୍ଯ୍ୟାୟ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତି ଯୋଗଦେଇ ଭବିଷ୍ୟତ ପାଇଁ ଶୁଭ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ.ହିମାଂଶୁ ମହାକୁର, ଡ. ଜଳଧର ମାଝୀ, ତୋଷାଳି ଆଶା ଦର୍ଜି, ସୁଜାତାରାଣୀ ମହାପାତ୍ର, ଲିସାରାଣୀ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଉଭୟ ବିଭାଗର ମୁଖ୍ୟ ଜଗମୋହନ ଦର୍ଜି ଓ ତୃପ୍ତିମୟୀ ନାୟକ ନିଜ ନିଜ ବିଭାଗ ସଭାରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ଦୀପାଞ୍ଜଳି ସୁନା ଓ ପ୍ରିୟଙ୍କା ପଟେଲ ସଭା କାର୍ଯ୍ୟ ସଂଯୋଜନା କରିଥିଲେ।

# ବୁଢୀପଦର ପଞ୍ଚାୟତକୁ ମିଳିଲା ଆଇଏସ୍‌ଓ ମାନ୍ୟତା ପ୍ରମାଣପତ୍ର

ଲୋଇସିଂହା,୨୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ଗ୍ରାମ ପଞ୍ଚାୟତକୁ ଏକ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ଆଇଏସଓ ମାନ୍ୟତା ମିଳିଛି। ଶୁକ୍ରବାର ବଲାଙ୍ଗୀର ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆଇଏସଓ ମାନ୍ୟତା ୯୦୦୧ :୨୦୧୫ ପ୍ରମାଣପତ୍ର ସରପଞ୍ଚ ଲକ୍ଷ୍ମୀ ପଧାନଙ୍କୁ ମିଳିଛି। ଏହି ଖବର ଜଣାପଡିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ସୂଚନା ଅନୁଯାୟୀ, ଦେଶର ଏକ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ବୁଢୀପଦର ପଞ୍ଚାୟତ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ସଂସ୍ଥାର କର୍ମଚାରୀ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ହେଉଥିବା ଉନ୍ନୟନ କାମ ତଦାରଖ କରିଥିଲେ। ଏହାବାଦ କାର୍ଯ୍ୟକାରୀ ହେଉଥିବା ସାମାଜିକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପଞ୍ଚାୟତର ଜନସାଧାରଣଙ୍କୁ ପଚାରି ବୁଝିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ରେକର୍ଡପତ୍ର ଯାଞ୍ଚ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ମହିଳାଙ୍କ ପାଇଁ ରହିଥିବା ଏକ ସ୍ୱତନ୍ତ୍ର ସ୍ୱଚ୍ଛ କକ୍ଷ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ। ପଞ୍ଚାୟତରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତକୁ ମିଳୁଥିବା ଅନୁଦାନର ସୁପରିଚାଳନା, ଧାର୍ଯ୍ୟ ସମୟରେ ପ୍ରକଳ୍ପଗୁଡିକ ସାରୁଥିବା ଜାଣିବାକୁପାଇ ସର୍ବେକ୍ଷଣ ସଂସ୍ଥା ସନ୍ତୋଷ ପ୍ରକାଶ କରି ଆଇଏସଓ ମାନ୍ୟତା ପ୍ରଦାନ କରିଥିବା ସରପଞ୍ଚ ପଧାନ କହିଛନ୍ତି। ପ୍ରକାଶ ଥାଉ କି ଏହି ପ୍ରମାଣପତ୍ର ଆସନ୍ତା ୨୦୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ। ମାର୍ଚ୍ଚ ୨୦୨୭ ଓ ୨୦୨୮ରେ ମଧ୍ୟ ଉପରୋକ୍ତ ସଂସ୍ଥା ପକ୍ଷରୁ ଉକ୍ତ ପଞ୍ଚାୟତ ଅଞ୍ଚଳରେ ସମୀକ୍ଷା କରାଯିବ। ଯଦି ଏଥିରେ କର୍ତ୍ତୃପକ୍ଷ ଅସହଯୋଗ କରନ୍ତି, ତେବେ ମିଳିଥିବା ପ୍ରମାଣପତ୍ର ପ୍ରତ୍ୟାହାର କରାଯିବ। ଉକ୍ତ ପ୍ରମାଣପତ୍ରରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି।

# ମିଳୁନି ପଦୋନ୍ନତି, କାମ ବନ୍ଦ ଚେତାବନୀ

ବଲାଙ୍ଗୀର,୨୯।୩(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ**

ଓଡିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ବଲାଙ୍ଗୀର ଶାଖା ପକ୍ଷରୁ ରବିବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ପଦୋନ୍ନତି କ୍ଷେତ୍ରରେ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ କିଭଳି ବଞ୍ଚିତ କରାଯାଉଛି ସୂଚନା ଦିଆଯାଇଥିଲା। ସଂଘ ପକ୍ଷରୁ ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ କରାଯାଇଥିଲା। ଗତ ଜାନୁୟାରୀ ୨୨ ତାରିଖରେ ହାଇକୋର୍ଟଙ୍କ ରାୟ ଅନୁଯାୟୀ ଅନ୍ୟ ଜିଲାରେ ଜିଲାସ୍ତରୀୟ ପଦୋନ୍ନତି କମିଟି (ଡିପିସି) ବୈଠକ ବସି ସାରିଥିଲେ ମଧ୍ୟ ବଲାଙ୍ଗୀର ଜିଲାରେ ଏହା ବସୁ ନ ଥିବାରୁ ଜିଲାର ଶତାଧିକ ମହିଳା ସ୍ୱାସ୍ଥ୍ୟକର୍ମୀ ପଦୋନ୍ନତିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ବଲାଙ୍ଗୀର ସିଡିଏମ୍‌ଓ, ଜିଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବା ସତ୍ତ୍ୱେ କିଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ କହିଥିଲେ। ଏପରି କି ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଚାକିରି ସମୟ ସୀମା ମଧ୍ୟରେ ଗୋଟିଏ ମଧ୍ୟ ପଦୋନ୍ନତି ନ ପାଇ ବିନା ପଦୋନ୍ନତିରେ ଅବସର ଗ୍ରହଣ କରୁଛନ୍ତି। ବଲାଙ୍ଗୀର ସିଡିଏମ୍‌ଓ ଓ ଜିଲାପାଳଙ୍କୁ ବାରମ୍ବାର ପତ୍ର ମାଧ୍ୟମରେ ଅଭିଯୋଗ କରିଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆସନ୍ତା ୧୫ ଦିନ ମଧ୍ୟରେ ଜିଲାସ୍ତରୀୟ ପଦୋନ୍ନତି କମିଟି ବୈଠକ ନ ବସିଲେ ଏପ୍ରିଲ ୧୨ରୁ ସ୍ୱାସ୍ଥ୍ୟକର୍ମୀମାନେ ଅନ୍‌ଲାଇନ କାମ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ସଂଘ ସମ୍ପାଦିକା ରୀନା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟକର୍ମୀ ଦେବାନନ୍ଦ ପାତ୍ର, ବିନୋଦ ସାହୁ, ରମାକାନ୍ତ ପଟେଲ, ଜାମିନୀ ମେହେର, ବଂଶୀଧର ମେହେର, ଡୋଳାମଣି ମେହେର, ସସ୍ମିତା ଶତପଥୀ, ସୌଦାମିନୀ ସାହୁ, ପୁଷ୍ପିତା ମିଶ୍ର, ସୁନିତା ଷଡଙ୍ଗୀ, ସବିତା ପଣ୍ଡା, ସୁଶୀଳା ପତ୍ରୀ, ରାଧାମଣି ସିଂ, ସଞ୍ଜୁକ୍ତା କୁମ୍ଭାର, ଜୟନ୍ତୀ ସାହୁଙ୍କ ସମେତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

**ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ**

ଡୁଙ୍ଗୁରିପାଲି,(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମ ଇନ୍ଦ୍ରାନଗର ଗଣ୍ଡା ପଡାରେ ଅଷ୍ଟ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କଳସ ଶୋଭାଯାତ୍ରା ହୋଇଥିଲା। ପୂଜା କର୍ତ୍ତାଭାବେ ଆଜାଦ ସାଗର ଓ ତାଙ୍କ ସ୍ତ୍ରୀ ଉପାସୀ ସାଗର ଦାୟିତ୍ୱରେ ରହିଥିଲେ। ନାମଯଜ୍ଞ କମିଟି ସଭାପତି ମହାଦେବ ସାଗର, ସମ୍ପାଦକ ନିରଞ୍ଜନ ସାଗର, ପ୍ରଦୀପ ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ତରଭା,୨୯।୩ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଡିଓ ଶିବାନନ୍ଦ କର୍ମୀ, ମୁଖ୍ୟବକ୍ତାଭାବେ ରୁଦ୍ର ମାଧବ ବାରିକ, ପରିଚାଳନା ସମିତି ସଭାପତି ଲକ୍ଷ୍ମଣ ରଣା, ପରିଚାଳନା ସମିତି ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି ଓ ପ୍ରଧାନଆଚାର୍ଯ୍ୟ ମହେନ୍ଦ୍ର ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରିତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଉର୍ଲେ ରାମଲୀଳା, ଶିବଧନୁ ଭଗ୍ନ

ବିନିକା,୨୯।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହର ୱାର୍ଡ ନଂ ୧୦ ଉର୍ଲେ ଗ୍ରାମରେ ଶ୍ରୀରାମ ନବମୀ ଦିନରୁ ରାମଲୀଳା ଚାଲିଛି। ଗାଁର ସମସ୍ତଙ୍କ ଘରକାନ୍ଥରେ ଜୟ ଶ୍ରୀରାମ ଲେଖା ହୋଇଥିବା ବେଳେ ଦୁଆରରେ ପୂର୍ଣ୍ଣ କଳସ ସ୍ଥାପନ ହୋଇଛି। ଗାଁ ସାରା ରାମମୟ ହୋଇଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ରାମ ଭଜନରେ ଭକ୍ତିମୟ ପରିବେଶ ସୃଷ୍ଟି ହେଉଛି। ରବିବାର ଶ୍ରୀରାମ ଲୀଳାର ତୃତୀୟ ଦିବସରେ ଶିବଧନୁକୁ ପ୍ରଭୁ ଶ୍ରୀରାମ ଭଗ୍ନ କରିଥିବା ଦୃଶ୍ୟ ଅଭିନୀତ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମରୁ ଶହଶହ ଲୋକଙ୍କ ସମାଗମ ହୋଇଥିଲା। ଶ୍ରୀରାମ ଭୂମିକାରେ ବନମାଳୀ ମିଶ୍ର, ଲକ୍ଷଣ ଭୂମିକାରେ ରାମ ଗୋପାଳ ହୋତା, ସୀତା ଭୂମିକାରେ ବିନୋଦ କୁଅଁରଙ୍କ ଚିତାକର୍ଷକ ଅଭିନୟ ଦର୍ଶକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

### ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବିନିକା,୨୯।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଶିଶୁମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ସୋମ୍ୟରଞ୍ଜନ ନାଏକ, ଜିଲା ପ୍ରଭାରୀ ସୁରେଶ୍ୱର ପୁରୋହିତ, ମୁଖ୍ୟବକ୍ତାଭାବେ ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ସମ୍ମାନୀତ ଅତିଥି ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା ଯୋଗଦେଇଥିଲେ। ସରକାରଙ୍କ ଯୋଜନାଗୁଡିକ ଯେପରି ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଅଭିନାଶ ଗାଇଗାରିଆ ଶିବିର ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମଞ୍ଚସ୍ଥ ହେଲା ନାଟକ ଶ୍ରୀରାମଙ୍କ ବନବାସ ଗମନ

## ବୌଦ୍ଧ ଶ୍ରୀ ରାମଲୀଳା ଯାତ୍ରାର ତୃତୀୟ ଦିବସ

ବୌଦ୍ଧ,୨୯।୩(ଅଜିତ କୁମାର ବାରିକ)



ବୌଦ୍ଧର ପ୍ରସିଦ୍ଧ ରାମଲୀଳା ନାଟକର ଦୃଶ୍ୟ।

ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରାର ରବିବାର ଥିଲା ତୃତୀୟ ସନ୍ଧ୍ୟା। ନାଟକର ତୃତୀୟ ସନ୍ଧ୍ୟାରେ ପରମ୍ପରା ଅନୁଯାୟୀ ସୀତାଙ୍କ ସ୍ୱୟଂମ୍ବର ସଭା, ଶିବଧନୁ ଭଙ୍ଗ ଓ ରାମସୀତା ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଗବାନ ଶ୍ରୀରାମ ମାତା ସୀତାଙ୍କ ସମେତ ତାଙ୍କର ଅନ୍ୟ ଭାଇ ଏବଂ ବନ୍ଧୁମାନଙ୍କୁ ଅଯୋଧ୍ୟାବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରାଜା ଦଶରଥ ପ୍ରିୟପୁତ୍ର ଶ୍ରୀରାମଚନ୍ଦ୍ରଙ୍କୁ ରାଜ୍ୟଭାର ଅର୍ପଣ କରିବାକୁ ନିଷ୍ପତି ନେଇ ପ୍ରସ୍ତୁତି ଆରମ୍ଭ କରୁଥିବାବେଳେ ରାଣୀ କୈକେୟୀ ପୂର୍ବରୁ ଏକ ଯୁଦ୍ଧରେ ଦଶରଥଙ୍କୁ କରିଥିବା ସହାୟତା ଯୋଗୁ ଦାସୀ ମନ୍ଥରାର କୁମନ୍ତ୍ରଣାରେ ପଡି ପାଇଥିବା ବରରେ ନିଜ ପୁତ୍ର ଭରତଙ୍କୁ ଅଯୋଧ୍ୟାର ରାଜା ଓ ଶ୍ରୀରାମଙ୍କୁ ୧୪ବର୍ଷ ବନବାସ ବର ମାଗିଥିଲେ। କୈକେୟୀଙ୍କ ନିଷ୍ପତି ଯୋଗୁ ଅଯୋଧ୍ୟାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପିତୃ ସତ୍ୟ ପାଳନ କରିବା ପାଇଁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ପତ୍ନୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହିତ ବନ ଗମନ କରିବାକୁ ନିଷ୍ପତି ନେଇଥିଲେ। ଶ୍ରୀରାମ ସୀତା ଓ ଲକ୍ଷ୍ମଣଙ୍କ ବନଗମନ ପରେ ପୁତ୍ର ବିରହରେ ରାଜା ଦଶରଥଙ୍କ ପରଲୋକ ହୋଇଥିଲା। ଭବାନୀଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନା ଓ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଉତ୍କୃଷ୍ଟ ଲେଖନୀ ଚାଳନାରେ ଯାତ୍ରାନୁଷ୍ଠାନର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡିକୁ ପ୍ରଦର୍ଶନ କରିଥିଲେ। ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଓ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ୧୮ ଦିନର ଏହି ପ୍ରସିଦ୍ଧ ରାମଲୀଳା ଯାତ୍ରାରେ ଦିନକୁ ଦିନ ଦର୍ଶକଙ୍କ ଭିଡ ବୃଦ୍ଧି ପାଇବାରେ ଲାଗିଛି। ନାଟକରେ ରାମ ଭୂମିକାରେ କୀର୍ତ୍ତିଭୋଇ, ସୀତା ଜିତେନ୍ଦ୍ର ମହାନ୍ତି, ଲକ୍ଷ୍ମଣ ମନୋରଞ୍ଜନ ମିଶ୍ର, ଦଶରଥ ମୃତ୍ୟୁଞ୍ଜୟ ମିଶ୍ର, ପର୍ଶୁରାମ ସତ୍ୟଜିତ ମିଶ୍ର, କୌଶଲ୍ୟା ଜଗଦୀଶ ବାରିକ, କୈକେୟୀ ମୁକେଶ ପ୍ରଧାନ, ସୁମିତ୍ରା ସୁଜ୍ଞାନ ଜେନା, ମନ୍ଥରା ରଞ୍ଜନ ବାରିକ, ସୁମନ୍ତ ମନୋଜ ସାହୁ, ଭରତନ୍-ତପନ ବାରିକ, ଶତ୍ରୁଘ୍ନ ଅମ୍ରିତ ମହାପାତ୍ର ଅଭିନୟ କରିଥିଲେ।

# ପର୍ଶୁରାମ ଭେଟ, ସୀତା ବିବାହ ପରିବେଷଣ



ଶ୍ରୀରାମ ଲୀଳା ନାଟକରେ ସୀତା ବିବାହର ଏକ ଦୃଶ୍ୟ।

## ଡୁଲେଶ୍ୱରରେ ଶ୍ରୀରାମଲୀଳା ନାଟକ

ଅମରପାଲି,୨୯।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଅନ୍ତର୍ଗତ ଡୁଲେଶ୍ୱର ଗ୍ରାମରେ ଚାଲିଥିବା ଶ୍ରୀରାମଲୀଳା ନାଟକର ଦ୍ୱିତୀୟ ସନ୍ଧ୍ୟା ରବିବାର ପର୍ଶୁରାମ ଭେଟ ଓ ସୀତା ବିବାହ ଦୃଶ୍ୟ ପରିବେଷଣ ହୋଇଛି। ସୀତା ବିବାହ ପାଇଁ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ମର୍ଯ୍ୟାଦାଜନକ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ସମ୍ପର୍ଣ୍ଣ ହୋଇଥିଲା। ଏଥିରେ ପରମେଶ୍ୱର ପଣ୍ଡାଙ୍କ ପରିବାର ପ୍ରଭୁ ଶ୍ରୀରାମଙ୍କ ମାତା ପିତା ହୋଇଥିବା ବେଳେ ବଡ଼ଜେମା ବାବୁ ଓ ସାନଜେମା ବାବୁଙ୍କ ପରିବାର କନ୍ୟା ଘର ହୋଇଥିଲେ। କବି ପୀତାମ୍ବର ବାବୁଙ୍କ ରଚିତ ଶ୍ରୀରାମ ଲୀଳା ନାଟକରେ ଗ୍ରାମର ଅଜିତ ଗଇନ୍ଦ୍ର ରାମ ଭୂମିକାରେ ଅଭିନୟ କରିଥିଲେ। ସେହିପରି ଲକ୍ଷ୍ମଣ ଭୂମିକାରେ ଦେବେନ୍ଦ୍ର ସାହୁ, ଦଶରଥ ହଳଧର ବାଘ, କୈକେୟୀ କଂସାରୀ ବଢିଆ ଓ ପର୍ଶୁରାମ ଭୂମିକାରେ ବ୍ରହ୍ମାନନ୍ଦ ବେହେରା ଅଭିନୟ କରିଥିଲେ। ଏହା ଦେଖିବାକୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଦର୍ଶକଙ୍କ ସମାଗମ ହୋଇଥିଲା।

# ମଞ୍ଚସ୍ଥ ହେଲା ନାଟକ ବୃତ୍ତି

## ସୁବର୍ଣ୍ଣପୁରରେ ବିଶ୍ୱ ନାଟ୍ୟ ଦିବସ ପାଳିତ



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ବିଶ୍ୱ ନାଟକ ଦିବସ ଅବସରରେ ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲଠାରେ ନାଟ୍ୟଚକ୍ର ଅନୁଷ୍ଠାନ ପକ୍ଷରୁ ନାଟକ 'ବୃତ୍ତି' ଶନିବାର ରାତିରେ ମଞ୍ଚସ୍ଥ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁଙ୍କ ଦ୍ୱାରା ରଚିତ ଓ ଗଦାଧର ବାରିକଙ୍କ ନିର୍ଦ୍ଦେଶନାରେ ପରିବେଷିତ ଏହି ନାଟକରେ ସୌମ୍ୟକାନ୍ତ ମିଶ୍ର, ଶ୍ରଦ୍ଧାଞ୍ଜଳୀ ମିଶ୍ର ଓ ଶ୍ରଦ୍ଧାଞ୍ଜଳୀ ଷଡ଼ଙ୍ଗୀ ପ୍ରମୁଖ ଅଭିନୟ କରିଥିଲେ। ଜିଲାପାଳ ଡ଼ ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ନାଟକକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ଶୁଭାଶିଷ ରଥା ଯୋଗଦେଇ କଳାକାରଙ୍କ ଅଭିନୟକୁ ପ୍ରଶଂଶା କରିଥିଲେ। ଭେଟରାନ ମ୍ୟୁଜିସିଆନ ଉମେଶ କୁମ୍ଭାରଙ୍କୁ ନାଟ୍ୟଚକ୍ର ସମ୍ମାନରେ ସମ୍ୱର୍ଦ୍ଧିତ କରାଯାଇଥିଲା। ଶତାଧିକ ଦର୍ଶକ, ନାଟ୍ୟ ପ୍ରେମୀ ନାଟକ ବୃତ୍ତିକୁ ଉପଭୋଗ କରିଥିଲେ।

## ଡୁଙ୍ଗୁରିପାଲି, ରାମପୁର ଓକିଲ ସଂଘ ନିର୍ବାଚନ ସରିଲା

ଡୁଙ୍ଗୁରିପାଲି,୨୯।୩ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଓକିଲ ସଂଘର ବିଭିନ୍ନ ପଦବୀ ନେଇ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଛି। ସଂଘ ସଭାପତି ଭାବେ ରାଜେନ୍ଦ୍ର ପ୍ରସାଦ ଭୋଇ ନିର୍ବାଚିତ ହୋଇଛନ୍ତି। ରାଜେନ୍ଦ୍ର ୨୧ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁବାଷ ଭୋଇ ୧୨ଖଣ୍ଡ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ପଦବୀ ପାଇଁ ବୀରେନ୍ଦ୍ର ଦଣ୍ଡସେନା, ମିତେନ୍ଦୁ ଅଭିନାଶ ଗୌତମ ଓ ପରମେଶ୍ୱର ଦେହୁରୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବୀରେନ୍ଦ୍ର ୧୨ ଖଣ୍ଡ, ମିତେନ୍ଦୁ ୨ଖଣ୍ଡ ପାଇଥିବା ବେଳେ ପରମେଶ୍ୱର ୨୧ ଖଣ୍ଡ ଭୋଟ ପାଇ ସମ୍ପାଦକ ଭାବେ ବିଜୟୀ ହୋଇଥିଲେ। ଉପସଭାପତି ଭାବେ ପ୍ରମୋଦ କୁମାର ହୋତା, ସହସମ୍ପାଦକ ଭାବେ ହରେକୃଷ୍ଣ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଲକ୍ଷ୍ମଣ ନାଏକ ନିର୍ବାଚନ ପରିଚାଳନା କରିଥିଲେ।

ସେହିପରି ରାମପୁର ଓକିଲ ସଂଘର ନିର୍ବାଚନ ଶେଷ ହୋଇଛି। ଉପସଭାପତି ପଦବୀ ନେଇ ନିର୍ବାଚନ ହୋଇଥିଲା। ମନୋଜ କୁମାର ପଣ୍ଡା ଓ ପ୍ରଫୁଲ୍ଲ କୁମାର ମେହେରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୩୮ ଜଣ ମତଦାନ କରିଥିଲେ। ୨ଟି ଭୋଟ ନାକଚ ହୋଇଥିଲା। ମନୋଜ କୁମାର ପଣ୍ଡା ୯ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରଫୁଲ୍ଲ କୁମାର ମେହେର ୨୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ବରିଷ୍ଠ ଓକିଲ ଆନନ୍ଦ କୁମାର ପାଢ଼ୀ ସଭାପତି, ନାରାୟଣ ଭୋଇ ସମ୍ପାଦକ, ପ୍ରତାପ ଭୋଇ ସହସମ୍ପାଦକଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବିନିକା,୨୯।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଚିତ୍ରସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏନଏସି ଏକଜିକ୍ୟୁଟିଭ ଅଫିସର ମାନସ ରଞ୍ଜନ ଭୋଇ, ମୁଖ୍ୟବକ୍ତାଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଅଶୋକ କୁମାର ବିଶି, ସମ୍ମାନିତ ଅତିଥିଭାବେ ସିଆରସିସି ହିମାଂଶୁ ଭୂଷଣ ପଣ୍ଡା, ପ୍ରତିଷ୍ଠାତା ଭବିଷ୍ୟ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ସୁଧାଂଶୁ ଶେଖର ଦାସ, ସମ୍ପାଦକ ଶିଶୁକାଶ ବିଦ୍ୟା ମନ୍ଦିର ସର୍ବେଶ୍ୱର ପୁରୋହିତ, ପ୍ରଧାନ ଆଚାର୍ଯ୍ୟ ଶିକ୍ଷୟିତ୍ରୀ ସୁଶ୍ରୀ ରିଙ୍କି ମେହେର ଯୋଗଦେଇଥିଲେ। ସଭାପତି ମେହେରଙ୍କ ସ୍ୱାଗତ ଅଭିଭାଷଣ ପରେ ସମ୍ପାଦକ ପୁରୋହିତ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ସୁଧାଂଶୁ ଶେଖର ପୁରୋହିତ ମଞ୍ଚ ସଂଯୋଜନା କରିଥିଲେ। ବିଦ୍ୟା ମନ୍ଦିର ସହପ୍ରଧାନ ଆଚାର୍ଯ୍ୟା ଜନନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସିତ ହେଲେ ୩୨୦ ରୋଗୀ

## ସୁବର୍ଣ୍ଣପୁର ମା' ଘରେ ମାଗଣା ସ୍ୱାସ୍ଥ୍ୟ ଶିବିର

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)



ଟ୍ରଷ୍ଟର କର୍ମକର୍ତ୍ତା, ସାମାଜିକକର୍ମୀଙ୍କ ଉପସ୍ଥିତିରେ ଜିଲାପାଳ ଓ ଏସ୍‌ପି ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ସୁବର୍ଣ୍ଣପୁର ସହର ଘୋଡାଘାଟପଡାସ୍ଥିତ ମା' ଘରେ ୧୪ ତମ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଆୟୋଜିତ ହୋଇଯାଇଛି। ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ମା' ଘର ପଶ୍ଚିମ ଓଡିଶା ଶାଖା ସୁବର୍ଣ୍ଣପୁର ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା। ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ତଥା ମୁଖ୍ୟ ଆୟୋଜକ ଏସସିବି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଶିବିରକୁ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ ଓ ସୁଜାତା ପୂଜାରୀ ଉପସ୍ଥିତ ଥିଲେ। ଶିବିରରେ କଟକ, ଭୁବନେଶ୍ୱର ଓ ବଲାଙ୍ଗୀରରୁ ବିଭିନ୍ନ ରୋଗର ୧୦ଜଣ ବିଶେଷଜ୍ଞ ଡାକ୍ତର ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ, ଚଷମା ଓ ଜଳପାନ ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ, ବୃଦ୍ଧା ବୃଦ୍ଧଙ୍କଠାରୁ ଆରମ୍ଭ କରି ଶିଶୁଙ୍କ ପର୍ଯ୍ୟନ୍ତ ମୋଟ ୩୨୦ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ଦିଆଯାଇଥିଲା। ସତ୍ୟଜିତ ନାୟକଙ୍କ ନେତୃତ୍ୱରେ ଟ୍ରଷ୍ଟ କର୍ମକର୍ତ୍ତା ଓ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଏହି ପରି ସ୍ୱାସ୍ଥ୍ୟ ସେବା ଜାରି ରହିବ ବୋଲି ଡାକ୍ତର ହୋତା ପ୍ରତିକ୍ରିୟାରେ କହିଛନ୍ତି।

# ମା' ଭଗବତୀଙ୍କ ପୀଠରେ ଚଣ୍ଡୀଯଜ୍ଞ ସମ୍ପନ୍ନ



ଭଗବତୀଙ୍କ ମନ୍ଦିରରେ ଚଣ୍ଡୀଯଜ୍ଞ ଅବସରରେ ପୂଜାର୍ଚ୍ଚନା।

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ସ୍ଥିତ ମା' ଭଗବତୀ ଦେବୀଙ୍କ ପୀଠରେ ଚୈତ୍ର ନବରାତ୍ର ଅବସରରେ ଅଷ୍ଟମୀ ନିଶା ରାତ୍ରୀରେ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଭୋରରୁ ସ୍ନାନ ନୀତି ପରେ ମା' ଭଗବତୀ ମହାଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ନୀତି ପୂଜା ସରିବା ପରେ ମା'ଙ୍କ ପାଖରେ ଅନ୍ନ ଭୋଗ ଲାଗି ପରେ ଅପରାହ୍ନ ପର୍ଯ୍ୟନ୍ତ ପହଡ ପଡିଥିଲା। ସନ୍ଧ୍ୟାରେ ମନ୍ଦିର ଖୋଲାଯାଇ ମା'ଙ୍କ ସନ୍ଧ୍ୟାଧୂପ, ନୀତି ଆଳତୀ ହେବା ପରେ ପଞ୍ଚାମୃତ ଭୋଗ ବଣ୍ଟନ କରାଯାଇଥିଲା। ପରେ ଚଣ୍ଡୀଯଜ୍ଞ ପାଇଁ ରାତି ୧୦ଟା ବେଳେ ମହାନଦୀ ଆମ୍ବଘାଟରୁ ପୂର୍ଣ୍ଣ କଳସ ପୂଜା ବିଧି ସହ ମନ୍ଦିରକୁ ଅଣାଯାଇ ରାତିରେ ମା'ଙ୍କ ପାଖରେ ନିଶାପୂଜା କରାଯାଇଥିଲା। ପରେ ମା'ଙ୍କ ଆଜ୍ଞା ପାଇବା ପରେ ଚଣ୍ଡୀଜପ ଓ ଚଣ୍ଡୀଯଜ୍ଞ କରାଯାଇଥିଲା। ଏହି ସପ୍ତସତୀ ଚଣ୍ଡୀଯଜ୍ଞରେ ପଣ୍ଡିତ ଆଚାର୍ଯ୍ୟ ଆନନ୍ଦ ମିଶ୍ର ଓ କର୍ତ୍ତା ଭାବେ ରାଜ କିଶୋର ତ୍ରିପାଠୀ, ମାନଭଞ୍ଜନ ମିଶ୍ର, ଅଜିତ ମିଶ୍ର, ହୃଷୀକେଶ ପାଢୀ ଓ ମନ୍ଦିର ମୁଖ୍ୟ ପୂଜକ ସୁରୁବାବୁ ଥନାପତି, ଦେବେଶ ଥନାପତି, ମା' ମହାକାଳୀଙ୍କ ସେବକ ସୁରୁବାବୁ ଡାଙ୍ଗୁଆ, ମନ୍ଦିର ସେବାକାରୀ ଉମେଶ ଚୌହାନ ଏବଂ ଭକ୍ତବୃନ୍ଦ ଉପସ୍ଥିତ ଥିଲେ।

# ସୁରେଶ୍ୱରୀ ମନ୍ଦିରରେ ଚଣ୍ଡୀଯଜ୍ଞ

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ଚୈତ୍ର ନବରାତ୍ର ଅବସରରେ ଅଷ୍ଟମୀ ଦିନ ବିଶ୍ୱର କଲ୍ୟାଣ ତଥା ସୁବର୍ଣ୍ଣପୁର ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ବଦିନ ସପ୍ତମୀ ଅପରାହ୍ନରେ କର୍ତ୍ତାମାନଙ୍କ ସହ ଶତାଧିକ ମହିଳା ସହରର ମହାନଦୀ ତେନ୍ତୁଳିଘାଟଠାରୁ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ପ୍ରତିଷ୍ଠା କରିଥିଲେ। ଅଷ୍ଟମୀ ଦିନ ସକାଳେ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ଶିବ ନାରାୟଣ ପୂଜାହାରୀ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞରେ କର୍ତ୍ତାଭାବେ ମାନଭଞ୍ଜନ ବେଦବାକ, ବେଣୀମାଧବ ବେଦବାକ, ଭୁବନେଶ୍ୱର ମେହେର, ଶ୍ରୀବନ୍ତ ମିଶ୍ର, ବିଶ୍ୱରଞ୍ଜନ ଦଳାଇ, ରାଜେନ୍ଦ୍ର ମେହେର, ଅରୁଣ ବାଘ ଓ କାଳିଆ କର୍ମୀ ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ସୁରେଶ୍ୱରୀ ମନ୍ଦିରର ପୂଜକ ଅଚ୍ୟୁତ ପୂଜାହାରୀଙ୍କ ସଂଯୋଜନା ତଥା ଅଜିତ ଥନାପତି, ଗୋପାଳ ନେଗୀ, ଶୁଭ୍ରାଂଶୁ ଚାନ୍ଦ, ସୁବାଷ ଭୋଇ, ବୈକୁଣ୍ଠ ଶତପଥୀ, ଭୀଷ୍ମ ମୁନି, ସାଲବେଗ ନାଏକ ଓ ଶେଷଦେବ ମେହେର ପ୍ରମୁଖଙ୍କ ସହ କମିଟି କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ସୋନପୁର ଉପଜିଲାପାଳ ଡ଼. ସୌମ୍ୟାରୂପା ରଥଙ୍କ ସମେତ ଶତାଧିକ ଭକ୍ତ ଯୋଗ ଦେଇ ବିଭୁକୃପା ଲାଭ କରିଥିଲେ।




ମା' ସୁରେଶ୍ୱରୀଙ୍କ ମନ୍ଦିରରେ ଚଣ୍ଡୀଯଜ୍ଞ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

# ଖମ୍ଭେଶ୍ୱରୀପାଲିରେ ଡୁମାଲ ସମାଜର ବୈଠକ

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)



ବୈଠକରେ ଉପସ୍ଥିତ ଡୁମାଲ ସମାଜର ନେତୃବୃନ୍ଦ।

ସୋନପୁର ବ୍ଲକ ବିଶିମୁଣ୍ଡା ପଞ୍ଚାୟତ ଖମ୍ଭେଶ୍ୱରୀପାଲି ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଡୁମାଲ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୩ ତମ ରାଜ୍ୟ ମହାସଭାର ନିର୍ଦ୍ଦେଶ ଅନୁସାରେ ଜିଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ପକ୍ଷରୁ ହରଡଖୋଲ, ବିଶିମୁଣ୍ଡା, ମଲ୍ଲିକମୁଣ୍ଡା, ଖଲିଆପାଲି, ମୟୂରଉଡାନ ଓ ଖରଜୁରା ଗ୍ରାମପଞ୍ଚାୟତର ଡୁମାଲ ଜାତି ସମାଜ ହାଣ୍ଡିବର୍ଗୀ, ବିରିଷ୍ଠ ଜାତିଭାଇ ଓ ସାଧାରଣ ଜାତି ଭାଇମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଉପସଭାପତି ଲକ୍ଷ୍ମଣ ବଢ଼ିଆ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ କିଶୋର କର୍ମୀ, ଜିଲା ଆଇନ ସେଲ ସଦସ୍ୟ କୃଷ୍ଣଚନ୍ଦ୍ର କମ୍ପ ଓ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ କୁମାର ଦେହୁରୀ ଯୋଗଦେଇଥିଲେ। ବୈଠକରେ ଉପସ୍ଥିତ ଥିବା ସମସ୍ତ କର୍ମକର୍ତ୍ତା, ଜାତି ଭାଇମାନଙ୍କର ମତାମତ ନେଇ ହରଡଖୋଲ କେନ୍ଦ୍ର ନାମ ଉଚ୍ଛେଦ ହୋଇଥିଲା। ୬ଟି ଗ୍ରାମପଞ୍ଚାୟତକୁ ନେଇ ଏହି ଅବସରରେ ଖମ୍ଭେଶ୍ୱରୀପାଲି-ଡୁଙ୍ଗୁରୀପାଲି କେନ୍ଦ୍ର ନାମରେ ନାମିତ କରାଗଲା। ସେହିପରି ସୁବର୍ଣ୍ଣପୁର ପୌରପରିଷଦ, କଳାପଥର ପଞ୍ଚାୟତ ଓ ଜନମୁରା ପଞ୍ଚାୟତକୁ ନେଇ ସୋନପୁର ସଦର କେନ୍ଦ୍ର ନାମରେ ନାମିତ କରାଯାଇଛି। ପୂର୍ବରୁ ହରଡଖୋଲ କେନ୍ଦ୍ର କମିଟିରେ ଥିବା ସମସ୍ତ କର୍ମକର୍ତ୍ତାଙ୍କୁ ତାଙ୍କ ପଦ ପଦବୀରୁ ଜିଲା କମିଟି ନିଲମ୍ବିତ କରିଥିବା ଘୋଷଣା କରାଯାଇଥିଲା। ଜିଲା ସମ୍ପାଦକ କିଶୋର କର୍ମୀ ନୂତନ କେନ୍ଦ୍ର କମିଟି ଗଠନ କରିବା ପାଇଁ ଆହ୍ୱାନ କରିଥିଲେ। ସାଙ୍ଗଠନିକ ସାମାଜିକ ଜାତିଭିତ୍ତିକ ଡୁମାଲ ପରିଷଦ ଓଡ଼ିଶାର ସମ୍ବିଧାନ ଓ ଭାରତୀୟ ସମ୍ବିଧାନ ଅନୁଯାୟୀ ପ୍ରଶାସନିକ ବ୍ୟବସ୍ଥା ଅନୁସାରେ ପରିଚାଳନା କରାଯିବ ବୋଲି ଜିଲା ଆଇନ ସେଲ ସଦସ୍ୟ କୃଷ୍ଣଚନ୍ଦ୍ର କମ୍ପ ଓ ବିରିଷ୍ଠ ସଦସ୍ୟ ଲକ୍ଷ୍ମଣ ଦେହୁରୀ କହିଥିଲେ। ଏହି ଅବସରରେ ଖମ୍ଭେଶ୍ୱରୀପାଲି-ଡୁଙ୍ଗୁରିପାଲି ନୂତନ କେନ୍ଦ୍ର ଗଠିତ ହୋଇଥିଲା। ଏହାର ସଭାପତି ମଜିନ୍ଦ୍ର ପଲିଆ, ସମ୍ପାଦକ ମନ୍ଦରଧର ଚାଉଳିଆ, କୋଷାଧ୍ୟକ୍ଷ ହାଡୁ ପ୍ରଧାନ, ସଭ୍ୟ ଭୁକୁଲୁ ମହାକୁର, କୁଳମଣି ଖେତୀ, ସୁଦାମ ଚାଉଳିଆ, ବିଚାରକ ମଣ୍ଡଳୀରେ ଭିକାରି ପଲିଆ ଘୁଟୁ ଦେହୁରୀ ଓ ଜିଲା ପ୍ରତିନିଧି ହରିହର ପଲିଆ, କୈଳାସ କର୍ମୀ, ରମଣୀ ଖେତିଙ୍କୁ ନିଆଯାଇଛି। କେନ୍ଦ୍ର ସମ୍ପାଦକ ମନ୍ଦରଧର ଚାଉଳିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ତୈଳ ସଙ୍କଟ ମୁକାବିଲା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ରାଉରକେଲା, ୨୯।୩(ସଙ୍ଗୀତା ଜେନା)

ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁ ତୈଳ ସଙ୍କଟ ଦେଖାଯାଇଛି। ଏଥିରେ ଭାରତ ପ୍ରଭାବିତ ହେଉଛି। ଆମେରିକା ସାମ୍ରାଜ୍ୟବାଦୀ ନୀତି ବିରୋଧରେ ଓ ଯୁଦ୍ଧ ପରିସମାପ୍ତି କରିବା, ଯୁଦ୍ଧ ଯୋଗୁ ଭାରତରେ ରନ୍ଧନ ଗ୍ୟାସ ଓ ତୈଳ ସଙ୍କଟର କେନ୍ଦ୍ର ସରକାର ମୁକାବିଲା କରିବା, ରନ୍ଧନ ଗ୍ୟାସ ବର୍ଦ୍ଧିତ ଦରକୁ ପ୍ରତ୍ୟାହାର କରିବା ଓ ପର୍ଯ୍ୟାପ୍ତ ରନ୍ଧନ ଗ୍ୟାସ ସାଧାରଣ ଖାଉଟିଙ୍କୁ ଯୋଗାଇଦେବା ଦାବିରେ ରବିବାର ସିପିଆଇଏମ, ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସ୍ଥାନୀୟ ଆମ୍ୱାଗାନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।



ଆମ୍ୱଗାନ ଛକରେ ବିକ୍ଷୋଭ ପ୍ରଦର୍ଶନ ।

ସିପିଆଇଏମ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପାର୍ଟିର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବିପି ମହାପାତ୍ର, ବସନ୍ତ ନାୟକ, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ଅଜୟ ଶର୍ମା, ଏନ୍‌ଏନ୍ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ପ୍ରଦୀପ ସେଠୀ, ଅରୁଣ ମହାରଣା, ଦିବାକର ମହାରଣା, ସମ୍ବିତ ସ୍ୱାଇଁ, ବିନୟ ବେହୁରିଆ, ଅଶୋକ ଦାସ ପ୍ରମୁଖ ବକ୍ତବ୍ୟ ରଖି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସରକାର ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଯୁଦ୍ଧ ଯୋଗୁ ଦେଶରେ ଦେଖାଦେଇଥିବା ବିଭିନ୍ନ ସଙ୍କଟରୁ ସାଧାରଣ ଲୋକଙ୍କୁ ଆଶ୍ୱସ୍ତ ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ।

ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପାର୍ଟି ନେତା ସଚିନ ରାୟ, ବାସୁଦେବ ସାହୁ, ହିତେଶ ମଲିକ, ପ୍ରମୋଦ ପରିଡ଼ା, ଜୟନ୍ତୀ ମୋହିନୀ, ଜନ୍ମେଜୟ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।

# ରାଉରକେଲାରେ ଖଜୁର ପର୍ବ ପାଳିତ


ଝିରପାଣି ଅଞ୍ଚଳରେ ଖ୍ରୀଷ୍ଟଧର୍ମାବଲମ୍ବୀ ଶୋଭାଯାତ୍ରା କରୁଛନ୍ତି।

ରାଉରକେଲା, ୨୯।୩(ସଙ୍ଗୀତା ଜେନା)

ଆସନ୍ତା ସପ୍ତାହରେ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ପବିତ୍ର ଇଷ୍ଟରପର୍ବ ଆସୁଛି। ଏହାର ପୂର୍ବ ରବିବାର ଅର୍ଥାତ୍ ୨୯ ମାର୍ଚ୍ଚକୁ ଖଜୁରପର୍ବ ବା ପାମ୍ ସଣ୍ଡେ ଭାବେ ପାଳନ କରାଯାଇଛି। ଏହି ଦିବସର ଧାର୍ମିକ ଓ ଐତିହ୍ୟମୟ ମହତ୍ତ୍ୱ ରହିଛି। ଯିଶୁ ଜେରୁଜେଲମ୍ ପ୍ରବେଶ ସମୟରେ ତାଙ୍କୁ ଖଜୁରିପତ୍ରରେ ସ୍ୱାଗତ କରାଯାଇଥିଲା। ଉକ୍ତ ଖଜୁରି ଡାଳକୁ ନେଇ ଖଜୁରପର୍ବ ପାଳନ କରାଯାଇଥାଏ। ଏହିକ୍ରମରେ ରାଉରକେଲାର ହମିରପୁରସ୍ଥିତ ଆର୍‌ସି ଚର୍ଚ୍ଚ, ସେଣ୍ଟପଲ୍‌ସର୍ ଚର୍ଚ୍ଚ, ସାକ୍ରେଡ ହାର୍ଟ ଚର୍ଚ୍ଚ, ଝିରପାଣି ଆର୍‌ସି ଚର୍ଚ୍ଚ, ସିଏନ୍‌ଆଇ, ଏନ୍‌ଜିଡବ୍ଲୁଜିଏଲ୍, ଜିଇଏଲ୍, ମାର୍ଥୋମା ଭଳି ଚର୍ଚ୍ଚଗୁଡ଼ିକରେ ଖଜୁରପର୍ବ ପାଳନ କରାଯାଇଛି। ଭକ୍ତମାନେ ଖଜୁରିପତ୍ର ନେଇ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ଚର୍ଚ୍ଚରେ ବିଶେଷ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ।

# ୫୪ ଗୋରୁ ଉଦ୍ଧାର

## ହାତୀବାରି-ବୀରମିତ୍ରପୁର ରାସ୍ତା ଦେଇ ହେଉଥିଲା ଚାଲାଣ

ରାଉରକେଲା, ୨୯।୩
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ନିକଟସ୍ଥ ନୂଆଗାଁ ହାତୀବାରି-ବୀରମିତ୍ରପୁର ମୁଖ୍ୟରାସ୍ତା ଦେଇ ରବିବାର ଭୋରରୁ ଚାଲାଣ ହେଉଥିବା ୫୪ ଗୋରୁ ଉଦ୍ଧାର କରାଯାଇଛି। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଦିନକୁ ଦିନ ଗୋବଂଶ ବିଲୁପ୍ତ ହେଉଥିବା ବେଳେ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋରୁ ଋଣ ଆକାରରେ ସ୍ଥାନୀୟ ଗୋ-ପାଳକମାନଙ୍କୁ ବିତରଣ କରାଯାଇ ଗୋ-ସମ୍ପଦ ବୃଦ୍ଧି କରାଯାଉଛି। ମାତ୍ର ଅନ୍ୟପଟେ କିଛି ଅସାଧୁ ଲୋକମାନେ ଗୋରୁ ବ୍ୟାପାର ଆଳରେ ଅଞ୍ଚଳରୁ ଅବାଧରେ ଗୋ-ଚାଲାଣ କରୁଛନ୍ତି। ଏଭଳି ଏକ ଗୋ-ଚାଲାଣକୁ ରୋକି ହାତୀବାରି ଥାନା ପୋଲିସ ଉଦ୍ଧାର ହୋଇଥିବା ଗୋରୁଙ୍କୁ ହାତୀବାରି ଅଞ୍ଚଳର ଗୋ-ପାଳକମାନଙ୍କୁ ବିତରଣ କରିଛି ବୋଲି ହାତୀବାରି ଥାନାଧିକାରୀ ଗୀତାଳୀ ମିର୍ଦ୍ଧା କହିଛନ୍ତି।

# ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକଦିବସୀୟ କର୍ମଶାଳା


ଅତିଥିମାନେ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ରାଉରକେଲା, ୨୯।୩(ସଙ୍ଗୀତା ଜେନା)

ଓଡ଼ିଶା ରାଜ୍ୟ ପାଇଁ ଉନ୍ନତ ଭାରତ ଅଭିଯାନ(ୟୁବିଏ) ଅଧୀନରେ ଆଞ୍ଚଳିକ ସମନ୍ୱୟ ପ୍ରତିଷ୍ଠାନ (ଆର୍‌ସିଆଇ) ସହଭାଗିତାରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାଠାରେ ଗ୍ରାମ୍ୟ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଭିଯାନ ସହ ଜଡ଼ିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟାପକମାନେ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ରାଉରକେଲା ଏନ୍‌ଆଇଟି ଅଭିଯାନର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟରତ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଶିଖା ରାୟ ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇଥିଲେ। ନୋଡାଲ ଅଧିକାରୀ ପ୍ରଫେସର ଆରକେ ବେହେରା କର୍ମଶାଳାର ସାରାଂଶ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମାହେଶ୍ୱର ରାଓ, ୟୁବିଏର ଅଧକ୍ଷ ପ୍ରଫେସର ବିଭୁଦତ୍ତ ସାହୁ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍ ପ୍ରମୁଖ ଭାଷଣ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ପ୍ର. ରାଓ କହିଲେ, ଗ୍ରାମାଞ୍ଚଳରେ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ରେଜିଷ୍ଟ୍ରାର ପ୍ର. ଧୀମାନ କହିଲେ, ୟୁବିଏ ଅଧୀନରେ ସ୍ୱାସ୍ଥ୍ୟ ଶିବିର, ପରିମଳ, ସ୍ୱଚ୍ଛତା ସଚେତନତା ଅଭିଯାନ, କମ୍ପ୍ୟୁଟର ସାକ୍ଷରତା କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସହ ଜୈବିକ କୃଷି, ବୃକ୍ଷରୋପଣ ଅଭିଯାନ, ଦକ୍ଷତା ବିକାଶ ଓ ନବୀକରଣୀୟ ଶକ୍ତି ସଚେତନତାକୁ ପ୍ରୋତ୍ସାହିତ କରାଯାଉଛି ବୋଲି ଧୀମାନ୍ କହିଥିଲେ। ସେହିପରି ୟୁବିଏ ଅଧକ୍ଷ ପ୍ର. ସାହୁ କହିଲେ, ଶିକ୍ଷାନୁଷ୍ଠାନ ପକ୍ଷରୁ ୭ମ ସେମିଷ୍ଟାରରେ ସାମୂହିକ ସେବାରେ ଇଞ୍ଜିନିୟରିଂ ପ୍ରକଳ୍ପ ଦ୍ୱାରା ଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରାଯିବ, ଯାହାକି ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱିତ ହେବ। ପ୍ରଫେସର ସିତୁରାଣୀ ପାତ୍ର ଧନ୍ୟବାଦ ଦେଇଥିଲେ। ପରେ ଦ୍ୱିତୀୟ ବୈଷୟିକ ଅଧିବେଶନରେ ସ୍କେଲେବଲ୍ ବର୍ଜ୍ୟ ପରିଚାଳନା ସମାଧାନ ବିଷୟରେ ମଲ୍ୟବାନ ଅନ୍ତଃଦୃଷ୍ଟି ପ୍ରଦାନ କରାଯାଇଥିଲା। ଏଥିରେ ଏ୪ କନଜର୍ଭର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ଅଜୟ ମହାନ୍ତି ତୃଣମୂଳସ୍ତରୀୟ ପରିଚାଳନାରେ ମଡେଲ, ସାମୂହିକ ଅଂଶଗ୍ରହଣ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଇମ୍ପେରିଆଲ କଲେଜ, ନବରଙ୍ଗପୁର ମଡେଲ ଡିଗ୍ରୀ କଲେଜ, କଟକ ରେଭେନ୍‌ଶା କଲେଜ, କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ କଲେଜ, ଖୋର୍ଦ୍ଧା କଳିଙ୍ଗ ଶିଳ୍ପ ପ୍ରଯୁକ୍ତି ପ୍ରତିଷ୍ଠାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ସିର୍ନଜି ଇଞ୍ଜିନିୟରିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି, ସୁନ୍ଦରଗଡ଼ ଡୁଡୁକା ଭଳି ୧୮ଟି କଲେଜର ଛାତ୍ରୀଛାତ୍ର ଓ ଅଧ୍ୟାପକ ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ଅଂଶଗ୍ରହଣକାରୀଙ୍କୁ କ୍ୟାମ୍ପସ ପରିଭ୍ରମଣ କରାଯାଇଥିଲା।

# ଭାରତୀୟ ଇସ୍ପାତ ମଜଦୁର ମହାସଂଘ କାର୍ଯ୍ୟକାରିଣୀ ବୈଠକ

ରାଉରକେଲା, ୨୯।୩(ଦିନେଶ ମିଶ୍ର)

ଭାରତୀୟ ଇସ୍ପାତ ମଜଦୁର ମହାସଂଘର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ସେକ୍ଟର-୪ ସ୍ଥିତ ବିଶ୍ୱକର୍ମା ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ପାତ ଉଦ୍ୟୋଗ ପ୍ରଭାରୀ ଏମ୍. ଜଗଦୀଶ୍ୱର ରାଓ, ସହ ଉଦ୍ୟୋଗ ପ୍ରଭାରୀ ହିମାଂଶୁ ଶେଖର ବଳ, ପୂର୍ବତନ ପ୍ରଭାରୀ ଦେବେନ୍ଦ୍ର କୁମାର ପାଣ୍ଡେ, ମହାସଂଘର ସାଧାରଣ ସମ୍ପାଦକ ରଞ୍ଜୟ କୁମାର ଉପସ୍ଥିତ ଥିଲେ। ମହାସଂଘର ସଭାପତି କାମିନି ଶ୍ରୀନିବାସ ରାଓ ଅଧ୍ୟକ୍ଷତା କରିଥିବା ବେଳେ ସୁନ୍ଦରଗଡ଼ ଜିଲା ପ୍ରଭାରୀ ରାଜେନ୍ଦ୍ର ନାଥ ମହନ୍ତ ଯୋଗଦେଇ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ସାଲେମ୍, କୁଦ୍ରେମୁଖ, ଭଦ୍ରାବତୀ, ବୋକାରୋ, ଭିଲାଇ, ଦୁର୍ଗାପୁର, ଡଲି ରାଜହରା, କିରିବୁରୁ, ଗୋଆ, ଚିଡିଆ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଇସ୍ପାତ ମହାସଂଘ ବୈଠକରେ ସମସ୍ତ ଇସ୍ପାତ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ନିଶାମୁକ୍ତ ଭାରତ ପାଇଁ ଯୁବ ସଚେତନତା ରାଲି


ବିଶ୍ରା ଅଞ୍ଚଳରେ ସଚେତନତା ରାଲି।

ରାଉରକେଲା, ୨୯।୩(ସଙ୍ଗୀତା ଜେନା)

ବ୍ରହ୍ମାକୁମାରୀ ବିଶ୍ରା ତତ୍ତ୍ୱାବଧାନରେ ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ରବିବାର ଏକ ଯୁବ ଜନସଚେତନତା ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ରାଲିର ଶୁଭାରମ୍ଭ ପ୍ରାତଃ ସାଢ଼େ ୬ଟା ବେଳେ ଜଗନ୍ନାଥ ମନ୍ଦିର ସାମ୍ନାରେ, ଡେଲି ମାର୍କେଟ ଗ୍ରାଉଣ୍ଡଠାରୁ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁଦେଷ୍ଣା ପ୍ରଧାନ (ରେଞ୍ଜ ଅଫିସର, ଫରେଷ୍ଟ ଡିପାର୍ଟମେଣ୍ଟ), ମନୋରଞ୍ଜନ କୁମ୍ଭାର (ପୋଲିସ ଥାନା ଇନ୍‌ଚାର୍ଜ, ବିଶ୍ରା), କ୍ରାଇମ ବ୍ରାଞ୍ଚ ଇନ୍‌ସପେକ୍ଟର ଉମେଶ ଚନ୍ଦ୍ର ବେହେରା ଏବଂ ବ୍ରହ୍ମାକୁମାରୀଜ୍ ବି କେ ଜୟଶ୍ରୀ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଯୁବାମାନଙ୍କୁ ନିଶାର କୁପ୍ରଭାବ ବିଷୟରେ ଅବଗତ କରାଇ ସମାଜରେ ତାଙ୍କର ସକାରାତ୍ମକ ଭୂମିକାକୁ ଉଜାଗର କରିବା ଉଦ୍ଦେଶ୍ୟରେ ଏହି ସଚେତନତା ରାଲି କରାଯାଇଥିଲା। ୩ଟି ପ୍ରମୁଖ ସ୍ଥାନରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରି ସାଧାରଣ ଲୋକଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ସଚେତନ କରାଗଲା। ପରେ ସମସ୍ତେ ମିଶି ନିଶା ରୂପୀ ରାବଣଙ୍କ କୁଶପୁତ୍ତଳିକା ସାମ୍ନାରେ ନିଜର ଦୁର୍ଗୁଣକୁ ଦାନ କରି ତାହାକୁ ଦାହ କରିଥିଲେ। ସମସ୍ତେ ନିଶାଦ୍ରବ୍ୟକୁ ସ୍ପର୍ଶ ନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ରାଲିରେ ମୋଟ ୨୩୩ ଛାତ୍ରୀଛାତ୍ର, ଯୁବା, ସାମାଜିକ କର୍ମୀ, ସୁରକ୍ଷା ବଳ ଏବଂ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଭାଗ ନେଇଥିଲେ।

# ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ

ରାଉରକେଲା, ୨୯।୩
(ବିପ୍ଲବ ରଞ୍ଜନ ଦାଶ)

କୋଏଲ ନଗର 'ଏ' ବ୍ଲକ ହନୁମାନ ମନ୍ଦିର ପଞ୍ଚମୁଖୀ ଶ୍ରୀରାମ ହନୁମାନ ସେବା ସମିତି ପକ୍ଷରୁ ରବିବାର ହନୁମାନଙ୍କ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ଆଧାତ୍ମିକ ସଙ୍ଗୀତ ସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁଙ୍କୁ କମିଟି ସଦସ୍ୟଙ୍କ ଦ୍ୱାରା ପ୍ରସାଦ ବଣ୍ଟନ କରାଯାଇଥିଲା। କମିଟି ସଭାପତି ପ୍ରଦୀପ ପାଢ଼ୀ ଆସନ୍ତା ବର୍ଷ ଆହୁରି ଧୁମ୍‌ଧାମରେ ଉତ୍ସବ ପାଳନ କରାଯିବ ବୋଲି କହିଥିଲେ। ରାମନବମୀ ଉତ୍ସବକୁ କମିଟି ସଦସ୍ୟ ମୁନା ସାମନ୍ତରାୟ, ବସନ୍ତ ଦାସ, ମିକା ସିଙ୍ଗ, ପ୍ରଶାନ୍ତ ଦାସ ଉପସ୍ଥିତ ରହି ପ୍ରସାଦ ବଣ୍ଟନରେ ସହଯୋଗ କରିଥିଲେ।

# ୬ଦିନିଆ ସ୍ୱତନ୍ତ୍ର ସେବା ଶିବିର

ରାଉରକେଲା, ୨୯।୩
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ତରଫରୁ ଜାତୀୟ ସେବା ଯୋଜନା ମାଧ୍ୟମରେ ଚାଲିଛି ୬ଦିନିଆ ସ୍ୱତନ୍ତ୍ର ସେବା ଶିବିର। ଶିବିର ଶାଖା-୧ ପକ୍ଷରୁ ଆସନ୍ତା ୧ ତାରିଖ ଯାଏ ପୌଷ୍ୟଗ୍ରାମ ପଦ୍ମପୁର, କୁଆଁରମୁଣ୍ଡାଠାରେ ଚାଲିବ। ତେବେ ଗତ ୪ ଦିନଧରି ଚାଲିଥିବା ଏ ସ୍ୱତନ୍ତ୍ର ଶିବିରକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ଦାଶ ପରିଚାଳନା କରୁଥିବା ବେଳେ, ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପରମେଶ୍ୱର ଶତପଥୀ ଶିବିରରେ ଅଧ୍ୟକ୍ଷତା କରୁଛନ୍ତି। ଏହି ସ୍ୱତନ୍ତ୍ର ଶିବିର ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଚାଲିଥିବା ବେଳେ ଏନେଇ ଗ୍ରାମ୍ୟଭ୍ରମଣ ସହିତ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବୃକ୍ଷରୋପଣ ତଥା ସୁସ୍ଥତାର ବାର୍ତ୍ତା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଯାଉଛି।


ସ୍ୱତନ୍ତ୍ର ଶିବିରରେ କଲେଜ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ।

# ଅଭିଭାବକ, ଶିକ୍ଷକ ସଭା

ରାଉରକେଲା, ୨୯।୩(ଦିନେଶ ମିଶ୍ର)

ଡିସୁଜା ସ୍କୁଲର ଅଡିଟୋରିୟମ୍ ପରିସରରେ ଶନିବାର ଅଭିଭାବକ ଶିକ୍ଷକ ସଭା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟତୀ ଗୁରୁଓ୍ୱାରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡା. ପ୍ରଶାନ୍ତ ପାତ୍ର ଯୋଗ ଦେଇଥିଲେ। ଶିଶୁମାନଙ୍କ ମାନସିକତା, ଅଭିଭାବକଙ୍କ କର୍ତ୍ତବ୍ୟ ଓ ତାଙ୍କ ଭବିଷ୍ୟତ ତଥା ଶିକ୍ଷା ସମ୍ବନ୍ଧୀୟ ଅନେକ ଦିଗ ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ମନୀଷା ନାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ଉପ ପ୍ରଧାନ ଶିକ୍ଷୟିତ୍ରୀ ଜୟିତାନ ନାଏକ ବିଦ୍ୟାଳୟର କାର୍ଯ୍ୟକଳାପ ଓ ଛାତ୍ରୀଛାତ୍ରମାନଙ୍କ ସମଗ୍ର ଉନ୍ନତି ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷିକା ମୃଣାଳିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ

ରାଉରକେଲା, ୨୯।୩(ବିପ୍ଲବ ରଞ୍ଜନ ଦାଶ)

ଅଗ୍ନିକାଣ୍ଡର ସଫଳ ମୁକାବିଲା ପାଇଁ ରାଉରକେଲା ଅଗ୍ନିଶମ ବାହିନୀ ପକ୍ଷରୁ ଉଦିତ ନଗର ପଢ଼ିଆଠାରେ ଶନିବାର ଏକ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ବାସିନ୍ଦା ତଥା ରାଉରକେଲା ମହାନଗର ନିଗମର ଉପରିସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଭଳି ପାରମ୍ପରିକଠାରୁ ଆରମ୍ଭ କରି ଅତ୍ୟାଧୁନିକ ଉପାୟରେ ନିଆଁ ନିୟନ୍ତ୍ରଣ କରାଯାଇପାରିବ ଅଗ୍ନିଶମ ବାହିନୀର ଯବାନମାନେ ତାହାର କଳା କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଡେପୁଟି ଫାୟାର ଅଫିସର ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅରକ୍ଷିତଙ୍କ ଦଇବ ସାଜିଛନ୍ତି ସାମାଜିକ କର୍ମୀ ମହେନ୍ଦ୍ର

## ମଦର ଟେରେସାଙ୍କଠାରୁ ପାଇଥିଲେ ପ୍ରେରଣା

ରାଉରକେଲା, ୨୯।୩(ଦିନେଶ ମିଶ୍ର)

ବୟସ ହେଉଛି ୮୫ ବର୍ଷ। ନା ଦେହରେ ଅଛି କୌଣସି କପଡ଼ା ନା ଅଛି ପାଦରେ ଚପଲ। ବାର୍ଦ୍ଧକ୍ୟର ପରିଣତ ବୟସରେ ସେ ଜୀବନରେ ହାର ନ ମାନି ସେବାକୁ ନିଜର ବ୍ରତ ବୋଲି ଆଦରି ନେଇଛନ୍ତି। ଏଭଳି ପରିସ୍ଥିତିରେ ସାମାଜିକକର୍ମୀ ବାବା ମହେନ୍ଦ୍ର କୁମାର ବଳ ତାଙ୍କ ଜୀବନକାଳ ଭିତରେ ୩୫ରୁ ଉର୍ଦ୍ଧ୍ୱ ଅନାଥ କନ୍ୟାଙ୍କ ବିବାହ ନିଜ ଆର୍ଥିକ ରାଶିରୁ କରିଥିବାବେଳେ ୨ଶହରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ସ୍ୱାବଲମ୍ବୀ କରିଛନ୍ତି ।

ବାବା ମହେନ୍ଦ୍ର କୁମାର ବଳ ୧୯୪୬ରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ୧୨ ବର୍ଷ ହୋଇଥିବା ବେଳେ ଘରୁ ଲୁଚି କଟକ ପଳାଇ ଆସିଥିଲେ। ପରେ ୧୯୫୯ରେ କଲିକତା ଅଭିମୁଖେ ଚାକିରି କରିବାକୁ ଯାଇଥିଲେ। ସେଠାରେ ଶ୍ରୀବଳ ଏକ ଜଳଖିଆ ଦୋକାନରେ ଚା, ପ୍ଲେଟ ଧୋଇ ଦୁଇ ପଇସା ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ରାତିହେଲେ ସାମାଜିକ କର୍ମୀ ବଳ କଲିକତାରେ ଥିବା ମଦର ଟେରେସାଙ୍କ ଆଶ୍ରମକୁ ଯାଇ ସେଠାରେ ରହି ମଦରଟେରେସାଙ୍କ କୁଷ୍ଠରୋଗୀଙ୍କ ପ୍ରତି ସେବା କରିବାର ଦୃଶ୍ୟ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଫଳରେ ସେ ଜଳଖିଆ ଦୋକାନରେ କାମଛାଡ଼ି ଉକ୍ତ ଆଶ୍ରମରେ ରହିବାକୁ ମନସ୍ଥ କରି ଦୀର୍ଘ ୧୦ ବର୍ଷ କୁଷ୍ଠରୋଗୀମାନଙ୍କ ସେବା କରିଥିଲେ। ପରେ ତାଙ୍କୁ ରାଉରକେଲା ଗୋପବନ୍ଧୁପାଲ୍ଲୀ ସ୍ଥିତ କୁଷ୍ଠଆଶ୍ରମକୁ ପଠାଯାଇଥିଲା। ଶ୍ରୀବଳ ରାଉରକେଲାକୁ ୧୦୭୦ରେ ଆସିବା ପରେ ସେ ନୟାବଜାରସ୍ଥିତ କୁଷ୍ଠ କଲୋନି, ସେକ୍ଟର-୬ କୁଷ୍ଠ କଲୋନି ଭଳି ବିଭିନ୍ନ ଅଞ୍ଚଳରେ କୁଷ୍ଠରୋଗୀମାନଙ୍କୁ ସେବା କରିଥିଲେ। ତାଙ୍କର ଏଭଳି ନିଷ୍ପାପର କାର୍ଯ୍ୟଦେଖି ୧୯୭୬ରେ ସ୍ୱୟଂ ମଦର ଟେରେସା ରାଉରକେଲା ଗସ୍ତ କରିଥିଲେ। ପରେ ମହେନ୍ଦ୍ର ସମାଜରେ ଅବହେଳିତ ଅନାଥଶିଶୁ ଓ କନ୍ୟାମାନଙ୍କୁ ଥଇଥାନ କରିବା ଲାଗି ଆଖପାଖ ଅଞ୍ଚଳରୁ ନିଜେ ଭିକ୍ଷାବୃତ୍ତି କରି ସାର୍ବଭୌତିକ ଆଶ୍ରମ ନିର୍ମାଣ କରିଥିଲେ। ଏହି ଆଶ୍ରମରେ ବାବା ବଳ ମାଗଣାରେ ପିଲାମାନଙ୍କୁ ପାଠ ପଢ଼ାଇବା ସହ ଉଚ୍ଚଶିକ୍ଷିତ ଛାତ୍ରୀଛାତ୍ର ସୃଷ୍ଟି କରି ଚାଲିଛନ୍ତି। ଏହି ନିଃସ୍ୱାର୍ଥପର ଭାବେ କାର୍ଯ୍ୟଦେଖି ତାଙ୍କୁ ମିହିର ଚରଣ ମୁଖାର୍ଜୀ ସ୍ମୃତି ସମ୍ମାନ, ବୈଶାଖୀ ସାହିତ୍ୟ ସ୍ମୃତି ସେବା ସମ୍ମାନ ଭଳି ଏକାଧିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।


ଅନାଥ ପିଲାଙ୍କ ଗ୍ରହଣରେ ବାବା ମହେନ୍ଦ୍ର ବଳ।

# ଡିଜିଟାଲ ପ୍ରଭାବରୁ ଶିଶୁଙ୍କୁ ବହି ପ୍ରତି ଆକୃଷ୍ଟ କର

## ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀ


ଶିଶୁସାହିତ୍ୟିକ ସମ୍ମିଳନୀରେ ଶିଶୁ ପତ୍ରିକା ଉନ୍ମୋଚନ କରାଯାଉଛି।

ରାଉରକେଲା, ୨୯।୩(ବିପ୍ଲବ ରଞ୍ଜନ ଦାଶ)

ଡିଜିଟାଲ ପ୍ରଭାବରୁ ଶିଶୁକିଶୋରଙ୍କୁ ଛାପା ବହି ପ୍ରତି ଆକୃଷ୍ଟ କରିବାକୁ ପଡ଼ିବ ବୋଲି ବିଶିଷ୍ଟ ଶିଶୁ ସାହିତ୍ୟିକମାନେ ରବିବାର ମତପ୍ରକାଶ କରିଛନ୍ତି। ରବିବାର ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସମ୍ମାନ ସମାରୋହ ଓ ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ଶିଶୁର ସରଳ ମନକୁ ପାଠ୍ୟପୁସ୍ତକ ସହିତ ଶିଶୁସାହିତ୍ୟ ଆଡ଼କୁ ଟାଣି ନେଇ ସେମାନଙ୍କୁ ପଠନ ମନସ୍କ କରିବା ସାହିତ୍ୟିକମାନଙ୍କର ପରମ କର୍ତ୍ତବ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରି କହିଲେ, ବହିର ବିକଳ୍ପ ନାହିଁ। ଇ- ପୁସ୍ତକ କେବେ ବି ଏହାର ସ୍ଥାନ ନେଇପାରିବ ନାହିଁ । 'ଡିଜିଟାଲ ପ୍ରଭାବରେ ଶିଶୁଙ୍କ ପୁସ୍ତକ ପଠନ ପ୍ରତି ଆଗ୍ରହର ଚିତ୍ର' ପ୍ରସଙ୍ଗ ଉପରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିଶୁସାହିତ୍ୟିକ କୁଞ୍ଜବିହାରୀ ସାହୁ କହିଲେ, ଏବର ଶିଶୁ ମୋବାଇଲ ଦେଖାରେ ଏତେ ବ୍ୟସ୍ତ ରହୁଛି ଯେ ପୁସ୍ତକ ପଢ଼ାରେ ସମୟ ଦେବାକୁ ଅମଙ୍ଗ ହେଉଛି। ସିଧା ସଳଖ ଛାପା ବହି ପଢ଼ାରେ ଯେତିକି ପ୍ରଭାବ ରହିଛି, ଡିଜିଟାଲ ବ୍ୟବସ୍ଥାରେ ସେତିକି ପୁଲକ ଓ ଆହ୍ଲାଦ ପ୍ରାପ୍ତ ହୁଏ ନାହିଁ ବୋଲି ସାହୁ କହିଥିଲେ। ସ୍ୱତନ୍ତ୍ର ଅତିଥି ପୂର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ କହିଲେ, ଓଡ଼ିଶା କାହିଁକି ସମଗ୍ର ଭାରତରେ ଶିଶୁ ସାହିତ୍ୟର ଆଦୃତି ନାହିଁ। ଯୁଗେ ଯୁଗେ ଛାପା ବହିର ପ୍ରାଧାନ୍ୟ ଥିଲା ଓ ଆଗାମୀ ଦିନରେ ରହିଥିବ । ସମ୍ମାନିତ ବକ୍ତା ଆଶିଷ ଶତପଥୀ ଶିଶୁଙ୍କ ସାହିତ୍ୟ ହିଁ ଜୀବନ ବୋଲି କହିଥିଲେ। ପ୍ରଥମେ ଗୁରୁକୁଳ ବୈଦିକ ଆଶ୍ରମର ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ-ସମ୍ପାଦିକା କମଳା ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ସମ୍ପାଦକ ବରିଷ୍ଠ ଶିଶୁ ସାହିତ୍ୟିକ ସତ୍ୟବ୍ରତ ଦାସ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଲେଖକ କୁଞ୍ଜବିହାରୀ ସାହୁ, ବରିଷ୍ଠ ଗୀତିକବି ତାରିଣୀ ଚରଣ ସାହୁ ଓ ବିଶିଷ୍ଟ ବିଜ୍ଞାନ ଲେଖକ ଧର୍ମରାଜ ପ୍ରଧାନଙ୍କୁ ଯଥାକ୍ରମେ ବାଣୀସାଧକ ସରୋଜିନୀ- ନାରାୟଣ ସାହୁ ସ୍ମୃତି ସମ୍ମାନ, ଉପାନ୍ତକବି ଅଲେଖ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ ଓ ବୈଜ୍ଞାନିକ ଡ. ନୀଳାଚଳ ସାହୁଙ୍କ ବିଜ୍ଞାନ-ସାହିତ୍ୟ ସମ୍ମାନରେ ବିଭୂଷିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ନିକୁଞ୍ଜ ବିହାରୀ ଦାଶ,କବି ଅଶୋକ କୁମାର ପାତ୍ର, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସାହୁ, କବି ଗୌରବ ଡ. କୀର୍ତ୍ତିଚନ୍ଦ୍ର ବହିଦାର, କବିସୁମନ ତୀର୍ଥବାସୀ ପଟେଲ ପ୍ରମୁଖଙ୍କୁ ମାନପତ୍ର, ଉପାୟନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ସହଯୋଗୀ ସମ୍ପାଦକ କବି ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ମଞ୍ଚ ପରିଚାଳନା ଓ କବି କଳ୍ପନା ସାହୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଦେବେନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କ୍ରିକେଟ୍ କୋଚିଂ ସେଣ୍ଟର ଭାଙ୍ଗିଲେ ଦୁର୍ବୃତ୍ତ

ଝାରସୁଗୁଡ଼ା, ୨୯।୩(ଆଶିଷ ରଞ୍ଜନ ଦାଶ)– ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସରବାହାଲ ହାଇସ୍କୁଲ ଖେଳପଡ଼ିଆରେ ଥିବା କ୍ରିକେଟ୍ କୋଚିଂ ସେଣ୍ଟର ପ୍ରୋଗ୍ରେସିଭ କ୍ରିକେଟ୍ ଏକାଡେମୀକୁ ରବିବାର ଭୋର ସମୟରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏନେଇ କ୍ରିକେଟ୍ କୋଚିଂ ସେଣ୍ଟର ମୁଖ୍ୟ ଶୋଭନ ଦେବ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଭୋର ୪ଟାରୁ ୫ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ଏକାଡେମୀର ଅଭ୍ୟାସ କ୍ଷେତ୍ରକୁ କ୍ଷତିଗ୍ରସ୍ତ କରିଥିଲେ। ଏଥିସହ କ୍ରିକେଟ୍ ଅଭ୍ୟାସ ପାଇଁ ଲଗାଯାଇଥିବା ନେଟ୍‌କୁ ଭାଙ୍ଗି ଦେଇଥିଲେ। ଏଥିଯୋଗୁ କ୍ରିକେଟ୍ କୋଚିଂ ବାଧାପ୍ରାପ୍ତ ହୋଇଥିଲା।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

କୋଲାବିରା, ୨୯।୩ (ସଞ୍ଜୟ ପୂଜାରୀ)– ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ କୋଲାବିରା ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ମହୁଲପାଲି ଥାନା ଅନ୍ତର୍ଗତ ଲାଙ୍ଗପସ ଗ୍ରାମର ରାଜେଶ କିଷାନ(୩୪)। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ କୋଲାବିରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ସମ୍ପୃକ୍ତା ଯୁବତୀ ୪ ମାସ ଗର୍ଭବତୀ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜାଣିବା ପରେ ରାଜେଶ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଯୁବତୀ ଜଣଙ୍କ କୋଲାବିରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଯୁବତୀଙ୍କ ଡାକ୍ତରୀମାଇନା କରାଯାଇଥିବା ଜଣାପଡ଼ିଛି।

### ଯୋଡ଼ାଗଲା ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ

ଦେବଗଡ଼, ୨୯।୩(ଶଶାଙ୍କ ଶେଖର ଝାଙ୍କର)– ଦେବଗଡ଼ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟାଳୟରେ ବିସ୍ଥାପିତ ଯୋଡ଼ାଗଲା ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଧୀରେନ ଦାଶ, ସମ୍ପାଦକ ମିହିର ଦାଶ, କୋଷାଧ୍ୟକ୍ଷ ଶଙ୍କର୍ଷଣ ନନ୍ଦଙ୍କ ପରିଚାଳନାରେ ବହୁ ବ୍ରାହ୍ମଣ ସଭ୍ୟ ଏଥିରେ ଯୋଗଦେଇ ସମାଜ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ନନ୍ଦ ଅଭିଭାଷଣରେ ସମାଜ କଲ୍ୟାଣ କାର୍ଯ୍ୟରେ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରେରଣାଦାୟୀ ପଦକ୍ଷେପକୁ ଆସନ୍ତା ବର୍ଷରେ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସାହାଯ୍ୟ କରିବାରେ ମନୋଜ ଦେବତା, ରୁକୁ ଦ୍ୱିବେଦୀ ଓ ନିଲୁ ଦାଶ ସହଯୋଗ କରିଥିଲେ। ସର୍ବସମ୍ମତିକ୍ରମେ ଆଇନଜୀବୀ ଅନନ୍ତ ନାରାୟଣ ଦାଶଙ୍କୁ ଆଇନ ପରାମର୍ଶଦାତା ଓ ମନୋଜ କୁମାର ଦେବତାଙ୍କୁ ସହସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ମିହିର ରଞ୍ଜନ ଦାଶ, ପିଣ୍ଟୁ ଦ୍ୱିବେଦୀ, ଯୁଧିଷ୍ଠିର ଦାଶ, ସୁଦର୍ଶନ ଦାଶ ଉପସ୍ଥିତ ଥିଲେ।

### ବାମଣ୍ଡା ଷ୍ଟେଟ୍ ସୂର୍ଯ୍ୟବଂଶୀ କ୍ଷତ୍ରୀୟ ଖାଇରା ସମାଜର ବାର୍ଷିକ ସଭା

ଦେବଗଡ଼, ୨୯।୩(ଶଶାଙ୍କ ଶେଖର ଝାଙ୍କର)– ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ବଡଛାପଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତିରିବ ଗ୍ରାମରେ ରବିବାର ବାମଣ୍ଡା ଷ୍ଟେଟ୍ ସୂର୍ଯ୍ୟବଂଶୀ କ୍ଷତ୍ରୀୟ ଖାଇରା ସମାଜର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ଷ୍ଟେଟ୍ ସୂର୍ଯ୍ୟବଂଶୀ କ୍ଷତ୍ରୀୟ ଖାଇରା ସମାଜ, ମଣ୍ଡଳ-୨ର ସମ୍ପାଦକ ବାଞ୍ଛାନିଧି ପ୍ରଧାନଙ୍କ ଆବାହକତ୍ୱ ଓ ସଭାପତି ଲିଙ୍ଗରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋକପାତ କରିଥିଲେ। ଏଥିସହ ଏକ ଶିକ୍ଷିତ, ପ୍ରଗତିଶୀଳ, ନିଶାମୁକ୍ତ ସମାଜ ଗଠନ ଉପରେ ବକ୍ତବ୍ୟ ଦେଇଥିଲେ। ତିରିବ ଗ୍ରାମର ରବୀନ୍ଦ୍ର ଭୋଇ, ଲଳିତ ମୋହନ ଭୋଇ, କର୍ଣ୍ଣ ଭୋଇ, ପୂର୍ଣ୍ଣଚନ୍ଦ୍ର ଭୋଇ, ଜ୍ଞାନେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏଥିରେ ବାମଣ୍ଡା ଷ୍ଟେଟ୍ ସୂର୍ଯ୍ୟବଂଶୀ କ୍ଷତ୍ରୀୟ ଖାଇରା ସମାଜର ଶତାଧିକ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶୁଖିଲା ପଡ଼ିଛି ଇବ୍ ନଦୀ: ଚାଷୀ, ମତ୍ସ୍ୟଜୀବୀ ହନ୍ତସନ୍ତ

ଝାରସୁଗୁଡ଼ା, ୨୯।୩(ଆଶିଷ ରଞ୍ଜନ ଦାଶ)



ଶୁଖି ଯାଇଥିବା ଇବ୍ ନଦୀ।

ଝାରସୁଗୁଡ଼ା ଜିଲା ଦେଇ ପ୍ରବାହିତ ଇବ୍ ନଦୀ ଏବେ ଶୁଖିଲା ପଡ଼ିଛି। ନଦୀରେ ଜଳସ୍ତର ହ୍ରାସ ପାଇବା ଯୋଗୁ ଏହା ଉପରେ ନିର୍ଭର କରୁଥିବା ଚାଷୀ, ମତ୍ସ୍ୟଜୀବୀ ଓ ସ୍ଥାନୀୟ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ଏପରି କି ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଇଛି।

ସୂଚନା ଅନୁଯାୟୀ, ଇବ୍ ନଦୀ ଉପରେ ଚାଷୀ, ମତ୍ସ୍ୟଜୀବୀ ଓ ସ୍ଥାନୀୟ ଜନସାଧାରଣ ନିର୍ଭର କରିଥାନ୍ତି। ବିଶେଷକରି ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଣ୍ଡିଆବୁଡ଼, ଜମେରା, ବୁଢ଼ୀପଦର, ଇବ୍, କରଲାଖାଇ, ବୁନ୍ଦିଆ, ଅଇଁଲାପାଲି ଅଞ୍ଚଳର ମତ୍ସ୍ୟଜୀବୀ ଇବ୍‌ନଦୀରୁ ମାଛ ଧରି ପରିବାର ପ୍ରତିପୋଷଣ କରିଥା'ନ୍ତି। ସେହିପରି ଉପରୋକ୍ତ ଅଞ୍ଚଳର ଚାଷୀ ମଧ୍ୟ ଏହି ନଦୀରୁ ଜଳ ସଂଗ୍ରହ କରି ପନିପରିବା ଚାଷ କରିଥା'ନ୍ତି। ହେଲେ ଚଳିତବର୍ଷ ମାର୍ଚ୍ଚ ମାସ ଶେଷ ହୋଇ ନ ଥିବାବେଳେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଇବ୍ ନଦୀରେ ପାଣି ପ୍ରାୟତଃ ଶୁଖିଗଲାଣି। ଏଥିଯୋଗୁ ମାଛ ଧରି ଜୀବିକା ନିର୍ବାହ କରୁଥିବା ଶତାଧିକ ମତ୍ସ୍ୟଜୀବୀ ଏବେ ରୋଜଗାର ହରାଇ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି। ସେହିପରି ଚାଷୀମାନେ ମଧ୍ୟ ସମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଏହି ପାଣିରେ ସ୍ନାନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପଟୁମାଟି ଏବଂ ବାଲି ଦ୍ୱାରା ଇବ୍ ନଦୀଗର୍ଭ ପୋତି ହୋଇଯାଉଛି। ପ୍ରଶାସନର ବିନା ଅନୁମତିରେ ବିଭିନ୍ନ କମ୍ପାନୀ ପକ୍ଷରୁ ଇବ୍ ନଦୀରୁ ପାଣି ସଂଗ୍ରହ କରାଯାଉଛି। ଜିଲା ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଇବ୍ ନଦୀରେ କିଛି ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ସୁପାରିସ କଲେ ଗ୍ରୀଷ୍ମଋତୁରେ ନଦୀରେ ପାଣିର ଅଭାବ ରୁହନ୍ତା ନାହିଁ। ତୁରନ୍ତ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବା ପାଇଁ ଜିଲାବାସୀ ଦାବି କରିଛନ୍ତି। ଅପରପକ୍ଷେ ନଦୀରୁ ପାଣି ନେଉଥିବା ଏବଂ ବର୍ଜ୍ୟବସ୍ତୁ ଛାଡୁଥିବା କମ୍ପାନୀ ବିଷୟରେ ପଚାରିବାରୁ ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ରିସିଭ୍ କରି ନ ଥିଲେ।

# ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦଙ୍କ ସମେତ ସଦସ୍ୟ।

## ସାଧୁ ବ୍ରାହ୍ମଣବୈଷ୍ଣବ ସମାଜର ମହାସଭା

ଦେବଗଡ଼, ୨୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ସଦର କଲ୍ୟାଣମଣ୍ଡପଠାରେ ବାମଣ୍ଡା, ଅନୁଗୋଳ, ରେଢ଼ାଖୋଲ ସାଧୁ ବ୍ରାହ୍ମଣ ବୈଷ୍ଣବ ସମାଜର ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମହନ୍ତ ମହାରାଜ ସତ୍ୟପୀର ଦାଶଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ପ୍ରମୋଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାକେଶ କୁମାର ଦାଶ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ଧରଣୀଧର ଦାଶ, ପଣ୍ଡିତ ଜଳନ୍ଧର ଦାଶ, ପଣ୍ଡିତ କମଳଲୋଚନ ଦାଶ, ପ୍ରମୋଦ ଦାଶ, ସରୋଜ କୁମାର ଦାଶ ଓ ମହେନ୍ଦ୍ର ଦାଶ ମଞ୍ଚାସୀନ ଥିଲେ। ମହାସଭାରେ ସମାଜ ସମ୍ପର୍କିତ ଐତିହାସିକ ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯିବା ସହିତ ସମାଜ ସୁଧାର ପାଇଁ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ ବିଷୟରେ ଆଲୋଚନା ହୋଇଥିଲା। ମଞ୍ଚାସୀନ ଅତିଥିମାନେ ସମାଜ ସଂସ୍କାର ବିଷୟରେ ସୁଚିନ୍ତିତ ମତାମତ ଦେବା ସହିତ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଏକଜୁଟ ହୋଇ ଆଗକୁ ବଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାମଣ୍ଡା, ରେଢ଼ାଖୋଲ ଓ ଅନୁଗୋଳର ଶତାଧିକ ସଦସ୍ୟ ଯୋଗଦେଇଥିଲେ। ସରୋଜ ଦାଶ ଧନ୍ୟବାଦ ଦେଇଥିଲେ।

# ସୁଗୁଡ଼ା ସେବା ସମବାୟ ସମିତିର ବାର୍ଷିକ ଅଧିବେଶନ

## ନୂତନ କୋଠା ଉଦ୍‌ଘାଟିତ

ଦେବଗଡ଼, ୨୯।୩(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ସୁଗୁଡ଼ାସ୍ଥିତ ସୁଗୁଡ଼ା ସେବା ସମବାୟ ସମିତି ପ୍ରାଙ୍ଗଣରେ ରବିବାର ସମିତିର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିସହ ନୂତନ କୋଠା ଓ ଜନସେବା କେନ୍ଦ୍ର କୋଠା ଉଦ୍‌ଘାଟିତ ହୋଇଯାଇଛି। ସମିତି ଉପଦେଷ୍ଟା ବସନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସମିତି ସଭାପତି ସିଦ୍ଧେଶ୍ୱର ଗୁରୁ ଯୋଗଦେଇ ଉଭୟ କୋଠାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଦସ୍ୟ ଅମରେନ୍ଦ୍ର ଗଙ୍ଗଦେବ, ବିରଞ୍ଚି ନାରାୟଣ ଠାକୁର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁଗଳ କିଶୋର ନାୟକ, ଈଶ୍ୱର ଚନ୍ଦ୍ର ସାହୁ, ଧନୁର୍ଜୟ ପ୍ରଧାନ, ସୁରେଶ ଚନ୍ଦ୍ର ପ୍ରଧାନ, ଦେବାନନ୍ଦ ଗଡେଇ, ଟିକେଶ୍ୱର ସାହୁ ଓ ସୁବ୍ରତ କୁମାର ପାତ୍ର ଯୋଗଦେଇଥିଲେ। ସମିତି ସମ୍ପାଦକ ବିଶିକେଶନ ବେହେରା ଗତ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଧର ଗୁରୁ, ପ୍ରସନ୍ନ କୁମାର ସାହୁ, ବାବୁଲାଲ ବେହେରା ଓ ନବୀନ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ସୁଗୁଡ଼ା ସେବା ସମବାୟ ସମିତି ଅଧୀନ ବିଭିନ୍ନ ଗ୍ରାମରୁ ୪୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ସଦସ୍ୟ ଉପସ୍ଥିତ ରହି ସମିତିର ବିଭିନ୍ନ ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା କରିଥିଲେ।

## ବିଶ୍ୱ ନାଟ୍ୟ ଦିବସ ପାଳିତ

ବ୍ରଜରାଜନଗର, ୨୯।୩ (ବିଜୟ ବରାଡ଼)– ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀ ଛକସ୍ଥିତ ଏକ ହୋଟେଲରେ ବିଶ୍ୱ ନାଟ୍ୟ ଦିବସ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲାର କଳା କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଗୁରୁ ବ୍ୟାସଦେବ ପଣ୍ଡା, ଉପନ ଚରଣ ସାହୁ, ପ୍ରମୋଦ ଦାସ, ପୀତାମ୍ବର ଆଚାର୍ଯ୍ୟ, ଦୀପ୍ତି ସାମନ୍ତରାୟ ଯୋଗଦେଇ ମଞ୍ଚ କଳାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ।

## ଟ୍ରକ୍‌ଚାପାରେ ନାବାଳକ ମୃତ୍ୟୁ ଘଟଣା: ଚାଳକ କୋର୍ଟଚାଲାଣ

କୋଲାବିରା, ୨୯।୩(ସଞ୍ଜୟ ପୂଜାରୀ)– ୪୯ନଂ. ଜାତୀୟ ରାଜପଥର କୋଲାବିରା ଥାନା ଅଧୀନ କୁଣ୍ଡୁରୁସିଂହା ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ଟ୍ରକ୍‌ଚାପାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ତେବେ ଦୁର୍ଘଟଣା ପରେ ଫେରାର ଥିବା ଟ୍ରକ୍ ଚାଳକଙ୍କୁ କୋଲାବିରା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ରାଜସ୍ଥାନ କୋଟା ଅଞ୍ଚଳର ଆସଲାମ୍ ବେଗ୍(୫୧)। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ କିର୍ମିରା ବ୍ଲକ୍ ଅଧୀନ ଅର୍ଡା ନିକଟସ୍ଥ ତାଲମାଲ ଗ୍ରାମର କବିତା ପଟେଲ ଓ ତାଙ୍କ ପୁଅ ଅକ୍ଷିତ୍ ପଟେଲ(୮) ଏକ ସ୍କୁଟିରେ କୁଚିଣ୍ଡା ଥାନା ଅଧୀନ ଜୁନାନି ଗ୍ରାମ ଅଭିମୁଖେ ଯାଉଥିଲେ। କୁଣ୍ଡୁରୁସିଂହା ଗ୍ରାମଠାରେ ସେମାନେ ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବାବେଳେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଅକ୍ଷିତ୍ ଓ କବିତା ରାସ୍ତାରେ ଛିଟିକି ପଡ଼ିଥିଲେ। ଏହି ସମୟରେ ଟ୍ରକ୍ ଚକ ଅକ୍ଷିତ୍‌ଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ କବିତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ଚାଳକ ଟ୍ରକ୍ ନେଇ ପଳାଇ ଯାଇଥିଲେ। ପରେ ଲରିଆପାଲିଠାରେ ଜନସାଧାରଣ ଉକ୍ତ ଟ୍ରକ୍‌କୁ ଅଟକ ରଖିଥିବାବେଳେ ଚାଳକ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

କୋଲାବିରା, ୨୯।୩(ସଞ୍ଜୟ ପୂଜାରୀ)

କୋଲାବିରା ବ୍ଲକ୍ ରଘୁନାଥପାଲି ପଞ୍ଚାୟତ ଭାଲୁମାଲସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହରିହର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କ ଉପରେ ଆଲୋଚନା କରିଥିଲେ। ଉତ୍ସବ ପ୍ରାରମ୍ଭରେ ଅପାର କେବୁଲ ଓ ଜୟ ହନୁମାନ ଉଦ୍ୟୋଗର ମ୍ୟାନେଜର ଦ୍ୱୟ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ଶିକ୍ଷାକେନ୍ଦ୍ରର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ମାତୃକର୍ମୀ ସୌଭାଗ୍ୟ ପଟେଲ, ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ସରପଞ୍ଚ ରଞ୍ଜନ କୁମାର ସରାଫ ଓ ସମିତି ସଭ୍ୟ ବୃନ୍ଦାବନ ନାଏକ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ନବୀନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସକ୍ରିୟ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ନବୀନ ନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶିବିରରୁ ୪୧ ୟୁନିଟ୍ ରକ୍ତ ସଂଗୃହୀତ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଦେବଗଡ଼, ୨୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅନ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚୋପଦାର ଯୋଗଦେଇଥିଲେ। ଏହି ଶିବିରରୁ ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡିଆଇବି ଡିଏସ୍‌ପି ପବିତ୍ର କିଷାନ ଶିବିର ପରିଚାଳନା କରିଥିଲେ। ଦେବଗଡ଼ ଜିଲା ହାବିଲ୍‌ଦାର କନ୍‌ଷ୍ଟେବଲ୍ ସଂଘ ସଭାପତି ଯୋଗେନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ବେହେରାଙ୍କ ସମେତ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଶିବିର ଆୟୋଜନରେ ସହଯୋଗ କରିଥିଲେ। ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ପୋଲିସ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଗ୍ରୀଷ୍ମଋତୁରେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ପୋଲିସ ଏଭଳି ପଦକ୍ଷେପ ନେଇଥିବା ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ଏହି ଶିବିରରେ ଦେବଗଡ଼ ଜିଲା ପୋଲିସରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣ ରକ୍ତଦାନ କରିଥିଲେ।

# ଝାରସୁଗୁଡ଼ା ବିମାନବନ୍ଦରରେ ୨ ସେବାର ଶୁଭାରମ୍ଭ



ଝାରସୁଗୁଡ଼ା ବିମାନବନ୍ଦରରେ ଅନୁଷ୍ଠିତ ଭର୍ଚ୍ଚୁଆଲ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଝାରସୁଗୁଡ଼ା, ୨୯।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଯାତ୍ରୀଙ୍କ ସୁବିଧା ପାଇଁ ଶନିବାର ଦୁଇଟି ନୂତନ ପ୍ରକଳ୍ପ ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ରାଜକୋଟ ବିମାନବନ୍ଦରରୁ ଭର୍ଚ୍ଚୁଆଲ ମାଧ୍ୟମରେ ଏହି ନୂତନ ପିକ୍-ଅପ୍ ଆଣ୍ଡ୍ ଡ୍ରପ୍ ଲେନ୍ ଏବଂ ମାଗଣା ୱାଇଫାଇ ସେବାର ଶୁଭାରମ୍ଭ କରିଥିଲେ। ପିକ୍-ଅପ୍ ଆଣ୍ଡ୍ ଡ୍ରପ୍ ଲେନ୍ ସୁବିଧା ଦ୍ୱାରା ବିମାନବନ୍ଦର ପରିସରରେ ଗାଡ଼ି ଚଳାଚଳକୁ ଶୃଙ୍ଖଳିତ କରିବା ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଲେନ୍ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ବିନା କୌଣସି ଅସୁବିଧାରେ ବିମାନବନ୍ଦରକୁ ଯାତାୟାତ କରିପାରିବେ। ସେହିପରି ଯାତ୍ରୀଙ୍କୁ ଡିଜିଟାଲ ଦୁନିଆ ସହ ଯୋଡ଼ି ରଖିବା ପାଇଁ ବିମାନବନ୍ଦରରେ ଏବେ ହାଇସ୍ପିଡ୍ ମାଗଣା ୱାଇଫାଇ ସୁବିଧା ଉପଲବ୍ଧ ହେବ। ଏନେଇ ବିମାନବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆ କହିଛନ୍ତି, ଝାରସୁଗୁଡ଼ା ବିମାନବନ୍ଦରର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯାତ୍ରୀଙ୍କୁ ଏକ ଆରାମଦାୟକ ଓ ଦକ୍ଷ ଯାତ୍ରା ଅନୁଭୂତି ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏଭଳି ନୂତନ ପଦକ୍ଷେପ ବିମାନବନ୍ଦରର ସେବାର ମାନକୁ ଆହୁରି ଉନ୍ନତ କରିବ।

# ଶିକ୍ଷାବିତ୍ ଘନଶ୍ୟାମ ସାହୁଙ୍କ ପରଲୋକ

ଦେବଗଡ଼, ୨୯।୩ (ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଜିଲା ଆର୍‌ଏସ୍‌ଏସ୍‌ର ସକ୍ରିୟ ସଦସ୍ୟ, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ସିଆର୍‌ସିସି ଘନଶ୍ୟାମ ସାହୁ(୬୧)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଯକୃତଜନିତ ରୋଗରେ ପୀଡ଼ିତ ହୋଇ କିଛିଦିନ ହେବ ଚିକିତ୍ସିତ ହେଉଥିଲେ। ରବିବାର ଅପରାହ୍ନରେ ରିଆମାଳସ୍ଥିତ ନିଜ ବାସଭବନରେ ସେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ଦେବଗଡ଼ ଓ ସେଠାରୁ ଭୁବନେଶ୍ୱର ଅଭିମୁଖେ ନିଆଯାଉଥିବାବେଳେ ଅନୁଗୋଳଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ଦେବଗଡ଼ ଜିଲା ସମେତ ରାଜ୍ୟ ଶିକ୍ଷକ ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୬୫ ମାର୍ଚ୍ଚ ୧୧ରେ ସେ ଜନ୍ମଗ୍ରହଣ କରିଥିଲେ। ସେ ଶିକ୍ଷକ ଭାବେ ୧୯୮୯ ଡିସେମ୍ବର ୩୦ରେ କାର୍ଯ୍ୟରେ ଯୋଗଦେଇଥିଲେ। ଶିକ୍ଷାଦାନ ସହ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଧାନ ଶିକ୍ଷକ, ସିଆର୍‌ସିସି, ଜିଲା ଶିକ୍ଷକ ସଂଘ ସଭାପତି, ବ୍ଲକ୍ ଶିକ୍ଷକ ସଂଘ ସଭାପତି, ରିଆମାଳ ସରସ୍ୱତୀ ଶିଶୁମନ୍ଦିର ପରିଚାଳନା ସମିତିର ସଭାପତି ଆଦି ଦାୟିତ୍ୱ ନିର୍ବାହ କରିବା ସହ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ଭଳି ରାଜ୍ୟ ସଙ୍ଗଠନର ଦାୟିତ୍ୱ ବେଶ୍ ଦକ୍ଷତାର ସହ ନିର୍ବାହ କରିଥିଲେ। ଆର୍‌ଏସ୍‌ଏସ୍‌ରେ ମଧ୍ୟ ବିଭିନ୍ନ ପଦବୀରେ ରହି କାର୍ଯ୍ୟଭାର ଗ୍ରହଣ କରିଥିଲେ। ୨୦୨୫ ମାର୍ଚ୍ଚ ୩୧ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଏହାପରେ ତାଙ୍କର ଯକୃତଜନିତ ସମସ୍ୟା ଦେଖାଦେଇଥିଲା।

# ବିଜ୍ଞାନ, ପରିବେଶ ମେଳାରେ ୪୪ ପ୍ରକଳ୍ପ ପ୍ରଦର୍ଶିତ

ଦେବଗଡ଼, ୨୯।୩(ଶଶାଙ୍କ ଶେଖର ଝାଙ୍କର)



ବିଜ୍ଞାନମେଳାରେ ଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

ଦେବଗଡ଼ସ୍ଥିତ ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ବିଜ୍ଞାନ ଓ ପରିବେଶ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ତଥା ସଭାପତି ମାନସ କୁମାର ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ପି ଅନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଦେବଗଡ଼ ସରକାରୀ ପଲିଟେକ୍ନିକ୍‌ର ଅଧ୍ୟକ୍ଷ ବସନ୍ତ କୁମାର ଗନ୍ତାୟତ, ମୁଖ୍ୟବକ୍ତା ଭାବେ ଦେବଗଡ଼ କଲେଜ ଅଧ୍ୟକ୍ଷ ସୁଦାମ କୁମାର ପରିଡ଼ା ଓ ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷା ଅର୍ଚ୍ଚନା ବାରିକ ଯୋଗଦେଇଥିଲେ। ଏହି ମେଳାରେ ଦେବଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ନପଟାରୀ ଡେମ୍ ଏକାଡେମୀ ପ୍ରଥମ, ଚିନ୍ମୟ ବିଦ୍ୟାଳୟ ଦ୍ୱିତୀୟ ଓ ଦେବଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ବିଚାରକ ଭାବେ ଦେବଗଡ଼ ସରକାରୀ ପଲିଟେକ୍ନିକ ମାଇନିଂ ବିଭାଗର ମୁଖ୍ୟ ଧୃତି ସୁନ୍ଦର ପ୍ରଧାନ ଓ କଂସର ସରକାରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରୋହିତ କୁମାର ସାହୁ ଯୋଗଦେଇଥିଲେ। ଶ୍ରେଷ୍ଠ ତିନୋଟି ପ୍ରକଳ୍ପକୁ ଯଥାକ୍ରମେ ଟ୍ରଫି ସହିତ ୫ହଜାର, ୩ ହଜାର ଓ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଅଂଶଗ୍ରହଣ କରିଥିବା ଅନ୍ୟ ୭ଟି ବିଦ୍ୟାଳୟକୁ ୧ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲର ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର, ଡଲି ଦେହୁରୀ, ମଧୁସ୍ମିତା ଗଙ୍ଗଦେବ, ଅବିନାଶ ଗଙ୍ଗଦେବ, ଦେବେନ୍ଦ୍ର ସାମଲଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩୦/୨୦୨୬ Bhubaneswar, Monday, March 30/ 2026




# ବିଜୟରୁ ମୁମ୍ବାଇର ଅଭିଯାନ

ମୁମ୍ବାଇ, ୨୯।୩

ରୋହିତ ଶର୍ମା ଓ ରିୟାନ ରିକଲଟନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ୬ ଉଇକେଟରେ ପରାସ୍ତ କରିଛି। ଫଳରେ ମୁମ୍ବାଇ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ରାଜସ୍ଥାନ ବନାମ ସିଏସ୍‌କେ
ସ୍ଥାନ: ଗୁଆହାଟୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ମୁମ୍ବାଇ ଆଇପିଏଲ୍‌ରେ ତା'ର ପ୍ରଥମ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। ଅନ୍ତିମ ଥର ୨୦୧୩ରେ ମୁମ୍ବାଇ ତା'ର ପ୍ରଥମ ମ୍ୟାଚ୍ ଜିତିଥିଲା।

ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍‌କୁ ରାହାନେ ଓ ଫିନ ଆଲେନ ୬୯ ରନର ଭଲ ଆରମ୍ଭ ପ୍ରଦାନ କରିଥିଲେ। ଆଲେନ ୧୭ ବଲରେ ୩୭ (୬ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ନଂ-୩ରେ ଆସିଥିବା କାମେରନ ଗ୍ରୀନ (୧୮) ବିଫଳ ହୋଇଥିଲେ। ରାହାନେ ୪୦ ବଲରେ ୬୭ (୩ ଚୌକା ଓ ୫ ଛକା) ଓ ଅଙ୍ଗକ୍ରିଶ ରଘୁବଂଶୀ ୨୯ ବଲରେ ୫୧ (୬ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ରିଙ୍କୁ ସିଂ ୨୧ ବଲରେ ୩୩ (୪ ଚୌକା) ରନ କରି ଅପରାଜିତ ରହିଥିଲେ। କେକେଆର ୨୦ ଓଭରରେ ୪ ଉଇକେଟ ହରାଇ ୨୨୦ ରନ କରିଥିଲା। ମୁମ୍ବାଇ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୩ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ପାଇଁ ଆରମ୍ଭରୁ ରୋହିତ ଶର୍ମା ଓ ରିୟାନ ରିକଲଟନ ଛକା ଓ ଚୌକା ବର୍ଷା କରିଥିଲେ। ଦୁହେଁ ୧୧.୫ ଓଭରରେ ୧୪୮ ରନର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରିଥିଲେ। ରୋହିତ ୩୮ ବଲରେ ୭୮ (୬ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ (୧୬) ବିଫଳ ହୋଇଥିଲେ। ଶତକ ଆଡ଼େ ମୁହାଁଇଥିବା ରିକଲଟନ ୪୩ ବଲରେ ୮୧ (୪ ଚୌକା ଓ ୮ ଛକା) ରନ କରି ଦୁର୍ଭାଗ୍ୟବଶତଃ ରନ ଆଉଟ୍ ହୋଇଥିଲେ। ଏହାପରେ ତିଲକ ବର୍ମା (୨୦) ଓ ହାର୍ଦ୍ଦିକ (୧୮*) ଦଳର ବିଜୟ ଲାଗି ଆବଶ୍ୟକୀୟ ରନ ସଂଗ୍ରହ କରିନେଇଥିଲେ। ଫଳରେ ମୁମ୍ବାଇ ୧୯.୧ ଓଭରରେ ୪ ଉଇକେଟ ହରାଇ ୨୨୪ ରନ କରି ନେଇଥିଲା।


ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୨୦/୪ (ଅଜିଙ୍କ୍ୟ ରାହାନେ-୬୭, ଅଙ୍ଗକ୍ରିଶ ରଘୁବଂଶୀ-୫୧, ରିଙ୍କୁ ସିଂ-୩୩*, ଶାର୍ଦ୍ଦୁଳ ଠାକୁର-୩/୩୯)। ମୁମ୍ବାଇ ଇଣ୍ଡିଆନ୍ସ: ୧୯.୧ ଓଭରରେ ୨୨୪/୪ (ରିୟାନ ରିକଲଟନ-୮୧, ରୋହିତ ଶର୍ମା-୭୮, ସୁନୀଲ ନାରିନ-୧/୪୩)।

# ଏଲ୍‌ଏଲ୍‌ସିସି କ୍ରିକେଟ: ରେଡ୍ ଷ୍ଟାର ଚାମ୍ପିୟନ


ଚାମ୍ପିୟନ ରେଡ୍ ଷ୍ଟାର୍ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)

ସ୍ଥାନୀୟ ଆଇଆର୍‌ସିରେ ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଆୟୋଜକ ଏଲ୍‌ଏଲ୍‌ସିସିକୁ ୭ ଉଇକେଟରେ ହରାଇ ରେଡ୍ ଷ୍ଟାର ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ନିର୍ଦ୍ଧାରିତ ୩୫ ଓଭରରେ ୫ ଉଇକେଟ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ଜୟଦୀପ ରାଜ ନାୟକ ସର୍ବାଧିକ ୬୮ ରନକରି ଅପରାଜିତ ରହିଥିଲେ। ଆର୍ଯ୍ୟନ ପାଟଶାଣୀ ୪୧ ଏବଂ ଆଶୀର୍ବାଦ ପ୍ରଧାନ ଓ ଅଧିନାୟକ ତେଜେଶ୍ୱର ପଣ୍ଡା ୨୮ ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ଅଧିନାୟକ ଓମ୍ ଶ୍ରୀ ଏସ୍. ସାହୁ ୩ଟି ଏବଂ ମହମ୍ମଦ ଶାହାବାଜ ସଲାମ ୨ଟି ଉଇକେଟ ନେଇଥିଲେ। ୧୯୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ରେଡ୍ ଷ୍ଟାର ଦଳ ୨୩ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓମ୍ ଶ୍ରୀ ସାହୁ ୩୯ ବଲ୍‌ରୁ ୫୬ ଏବଂ ଧନଞ୍ଜୟ ରାୟ ୩୩ ରନକରି ଅପରାଜିତ ରହିଥିଲେ। ଦୁଇ ଓପନର ଅମିତ କୁମାର ସାହୁ ଓ ଆୟାନ ଷଡ଼ଙ୍ଗୀ ଦ୍ରୁତ ୪୪ ରନ ଲେଖାଏ ସଂଗ୍ରହ କରିଥିଲେ। ଏଲ୍‌ଏଲ୍‌ସିସି ବୋଲର ସୁନୀଲ କୁମାର ନାୟକ ୩ଟି ଯାକ ଉଇକେଟ ନେଇଥିଲେ। ୩ଟି ଉଇକେଟ ନେବା ସହ ୫୬ ରନରେ ଅପରାଜିତ ରହିଥିବା ରେଡ୍ ଷ୍ଟାର ଦଳର ଓମ୍ ଶ୍ରୀ ଏସ୍. ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଫାଇନାଲର ପ୍ରଥମାର୍ଦ୍ଧ ପରେ କ୍ରୀଡ଼ା ଖବରଦାତା ତପନ ସ୍ୱାଇଁ, ବିମଳ ରାଉଳ, ଶକ୍ତି ପ୍ରସାଦ ନନ୍ଦ, ପ୍ରଫୁଲ୍ଲ ସାହୁ ଓ ଚକ୍ରଧର ମାଝିଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ପାୟର ଅବଦୁଲ ରହିମ ଖାଁ ଓ ଚନ୍ଦ୍ରମୋହନ ବରାଳ ମ୍ୟାଚ ପରିଚାଳନା କରିଥିଲେ। ଅମିତେଶ ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଆର୍ଯ୍ୟନ ମୋରେ ଓ ରିଶି ଇମର୍ଜିଂ ଖେଳାଳି ପୁରସ୍କାର ପାଇଥିବାବେଳେ ପୁପୁନ ବେହେରା ଶ୍ରେଷ୍ଠ କ୍ୟାଚ, ରୋହିତ ବିଭାର ଶ୍ରେଷ୍ଠ ଫିଲ୍ଡର, ଆର୍ଯ୍ୟନ ଷଡ଼ଙ୍ଗୀ ଶ୍ରେଷ୍ଠ ଉଇକେଟ କିପର, ମୋହିତ ପଙ୍କଜ ସାହୁ ଶ୍ରେଷ୍ଠ ବୋଲର, ଅମିତ ଶ୍ରେଷ୍ଠ ବ୍ୟାଟର, ଓମ୍ ଶ୍ରୀ ଏସ୍. ସାହୁ ଗେମ୍ ଚେଞ୍ଜର ଓ ପ୍ଲେୟର ଅଫ୍ ଦି ସିରିଜ ଏବଂ ପ୍ରଗତି ସ୍ପୋର୍ଟିଂ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ପାଇଥିଲେ। ପୂର୍ବରୁ ଅନୁଷ୍ଠିତ ବାଳିକା ବର୍ଗର ଟୁର୍ନାମେଣ୍ଟରେ ଶ୍ରୀୟା ପ୍ରିୟଦର୍ଶିନୀ ଶ୍ରେଷ୍ଠ ଫିଲ୍ଡର, ଅନନ୍ୟା ଦାସ ଶ୍ରେଷ୍ଠ ଉଇକେଟ କିପର, ମିତାଲି ଶର୍ମା ଶ୍ରେଷ୍ଠ ବୋଲର, ତନଭି ରଞ୍ଜନ ଶ୍ରେଷ୍ଠ ବ୍ୟାଟର ଏବଂ ମିତାଲି ଶର୍ମା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏ କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ପ୍ରଧାନ ଏବଂ କର୍ପୋରେଟର ମାନସିର ସୁନ୍ଦରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏଲ୍‌ଏଲ୍‌ସିସି କ୍ଲବର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରତିଷ୍ଠିତ କୋଚ୍ ଅଜୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ଜାତୀୟ କ୍ରୀଡ଼ା ସଂହିତା ମାନିବେ ସମସ୍ତ କ୍ରୀଡ଼ା ସଂଘ

**ଅଲିମ୍ପିକ ସଂଘର ବାର୍ଷିକ ଅଧିବେଶନରେ ନିଷ୍ପତ୍ତି**

କଟକ, ୨୯।୩(କୁମାରଶ୍ରୀ)

ରାଜ୍ୟର ସମସ୍ତ କ୍ରୀଡ଼ା ସଂଘ ଜାତୀୟ କ୍ରୀଡ଼ା ସଂହିତା ମାନିବେ। ୬ ମାସ ଭିତରେ ସଂଘର ସମ୍ବିଧାନ ସଂଶୋଧନ କରିବେ। ସଂହିତାର ସମସ୍ତ ନିୟମକୁ ଅନୁପାଳନ କରି ଡିସେମ୍ବର ସୁଦ୍ଧା ନିର୍ବାଚନ କରିବେ। ରବିବାର ଓଡ଼ିଶା ଅଲିମ୍ପିକ ସଂଘ(ଓଓଏ)ର ବାର୍ଷିକ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି। ଜାତୀୟ କ୍ରୀଡ଼ା ସଂହିତା ଲାଗୁ କରିବା ନିମନ୍ତେ ସମସ୍ତ କ୍ରୀଡ଼ା ସଂଘକୁ ବିଧିବଦ୍ଧ ଭାବେ ସୂଚାଇ ଦିଆଯାଇଛି ବୋଲି ଓଓଏ ସମ୍ପାଦକ ଅଭିଜିତ ପାଲ କହିଛନ୍ତି। ଉପସଭାପତି କମଳାକାନ୍ତ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଘରେ ଦେଖାଦେଇଥିବା ବିବାଦ ବାବଦରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ କ୍ଲବ ହାଉସ୍‌ର ନବୀକରଣ ଆଗାମୀ ଦୁଇ ମାସ ଭିତରେ ଶେଷ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଓଓଏ ସହ ଅନୁବନ୍ଧିତ ବିଭିନ୍ନ ୟୁନିଟକୁ ମିଳୁଥିବା ଅନୁଦାନ ରାଶି ବୃଦ୍ଧି କରାଯାଇଛି। ଯେଉଁ ୟୁନିଟ ୩୦ହଜାର ଟଙ୍କାର ଅନୁଦାନ ପାଉଥିଲେ ଆଗାମୀ ଦିନରେ ସମ୍ପୃକ୍ତ ୟୁନିଟକୁ ୫୦ହଜାର ଟଙ୍କା ଏବଂ ୧୫ହଜାର ଟଙ୍କା ପାଉଥିବା ୟୁନିଟ ୩୦ହଜାର ଟଙ୍କା ପାଇବ। ଓଓଏ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଉପସଭାପତି ପ୍ରତାପ ଶତପଥୀ, ବିନୋଦ ଦାସ, ନଳିନୀ କୁମାର ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଣ୍ଟୋନେଲି ଜିତିଲେ ଜାପାନିଜ ଗ୍ରାଁ ପ୍ରି

ସୁଜୁକା, ୨୯।୩ (ଏପି)

ଇଟାଲିର ୧୯ ବର୍ଷୀୟ ମର୍ସିଡିଜର କିମି ଆଣ୍ଟୋନେଲି ରବିବାର ଜାପାନିଜ ଗ୍ରାଁ ପ୍ରି ଜିତିଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ଦ୍ୱିତୀୟ ଫର୍ମୁଲା-୧ ରେସ୍ ବିଜୟ। ଆଣ୍ଟୋନେଲି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ମ୍ୟାକ୍‌ଲରେନର ତଥା ଅଷ୍ଟ୍ରେଲିଆର ଓସ୍କାର ପିଆଷ୍ଟ୍ରିଙ୍କୁ ୧୩.୪ସେକେଣ୍ଡ ବ୍ୟବଧାନରେ ପଛରେ ପକାଇ ରେସ୍ ଜିତିଛନ୍ତି। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମର୍ସିଡିଜର ଜର୍ଜ ରସେଲ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେଣ୍ଟ୍ରାଲ ଜାପାନରେ ଅବସ୍ଥିତ ସୁଜୁକା ସର୍କିଟରେ ଅନୁଷ୍ଠିତ ଏହି ରେସ୍‌ରେ ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ୫ମ ଓ ଫେରାରିର ଲୁଇସ୍ ହାମିଲଟନ ୬ଷ୍ଠ ସ୍ଥାନରେ ରହିଥିଲେ। ଆଣ୍ଟୋନେଲି ଦୁଇ ସପ୍ତାହ ପୂର୍ବେ ଚାଇନାରେ ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା-୧ ରେସ୍ ଜିତିଥିଲେ। ଫର୍ମୁଲା ୱାନ ଇତିହାସରେ ଦ୍ୱିତୀୟ ସର୍ବକନିଷ୍ଠ ଡ୍ରାଇଭର ଭାବେ ରେସ୍ ଜିତିବାର ଗୌରବ ଅର୍ଜନ କରିଥିଲେ। ମାକ୍ସ ଭର୍ଷ୍ଟାପେନ୍ ୨୦୧୬ରେ ମାତ୍ର ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଡ୍ରାଇଭର ଭାବେ ଫର୍ମୁଲା-୧ ରେସ୍ ଜିତିଥିଲେ। ଆଣ୍ଟୋନେଲି ଆହୁରି ମଧ୍ୟ ଚାଇନାରେ ପୋଲ୍ ପୋଜିଶନ ହାସଲ କରିଥିଲେ। ସିଜନର ପ୍ରଥମ ତିନୋଟି ରେସ୍ ପରେ ଆଣ୍ଟୋନେଲିଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୭୨ରେ ପହଞ୍ଚିଛି ଏବଂ ସର୍ବକନିଷ୍ଠ ଭାବେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ଅଛନ୍ତି।


ଜାପାନିଜ୍ ଗ୍ରାଁ ପ୍ରି ବିଜୟୀ କିମି ଆଣ୍ଟୋନେଲି।


ମାୟାମି ଓପନ ଟେନିସ ମହିଳା ସିଙ୍ଗଲ୍ସ ଟ୍ରଫି ସହ ଆରିନା ସାବାଲେଙ୍କା।

# ବନ୍ଦ ହେବା ସ୍ଥିତିରେ ତୀରନ୍ଦାଜୀ ଏଚ୍‌ପିସି

- ଦୁର୍ବଳ ଭିତ୍ତିଭୂମି; ଅସନ୍ତୋଷ ଜାହିର କଲା ଟାଟା ଏକାଡେମୀ
- ଖେଳ ଛାଡ଼ି ସାରିଲେଣି ୮ କ୍ରୀଡ଼ାବିତ୍, ଏବେ ଅଛନ୍ତି ୧୬
- ଏ ଦିଗରେ ଧ୍ୟାନ ଦିଆଯିବ: କ୍ରୀଡ଼ା ସଚିବ

କଟକ, ୨୯।୩(କୁମାରଶ୍ରୀ)

ଓଡ଼ିଶାରେ ତୀରନ୍ଦାଜୀ ଖେଳର ବିକାଶକୁ ଦୃଷ୍ଟିରେ ରଖି ଦୁଇ ବର୍ଷ ପୂର୍ବେ କେନ୍ଦୁଝରର ଶଙ୍କରପୁରଠାରେ ଉତ୍କୃଷ୍ଟ ପ୍ରଦର୍ଶନ କେନ୍ଦ୍ର ତଥା ଏଚ୍‌ପିସି ପ୍ରତିଷ୍ଠା ହୋଇଥିଲା। ଟାଟା ତୀରନ୍ଦାଜୀ ଏକାଡେମୀର ସହଭାଗିତାରେ ରାଜ୍ୟରେ ଏହି ପାରମ୍ପରିକ ଖେଳରୁ ପ୍ରତିଭା ସୃଷ୍ଟି କରାଯିବା ଲକ୍ଷ୍ୟ ରହିଥିଲା। ତେବେ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖୋଲାଯାଇଥିବା ରାଜ୍ୟର ଏହି ଏକମାତ୍ର ତୀରନ୍ଦାଜୀ ଏଚ୍‌ପିସି ଏବେ ବନ୍ଦ ହେବା ସ୍ଥିତିକୁ ଆସିଲାଣି। ରାଜ୍ୟ କ୍ରୀଡ଼ା ବିଭାଗ ଯେଉଁ ସବୁ ସର୍ତ୍ତ ରଖି ଏଚ୍‌ପିସି ଆରମ୍ଭ କରିଥିଲା ତାହା ପୂରଣ କରିପାରୁନି। ଉତ୍ତମ ଭିତ୍ତିଭୂମି ଯୋଗାଇବା ତ ଦୂରର କଥା ଫାଙ୍କା ପଡ଼ିଆରେ ଖେଳାଳିଙ୍କୁ ପ୍ରଶିକ୍ଷଣର ସୁଯୋଗ ଦିଆଯାଉଛି। ଅତ୍ୟାଧୁନିକ ପ୍ରଶିକ୍ଷଣ ଏଠାରେ ସ୍ୱପ୍ନ ପାଲଟିଛି। ଏପରି କି ୪୦ଜଣ ଖେଳାଳି ରହିବେ ବୋଲି ସ୍ଥିର ହୋଇଥିବା ବେଳେ ଏବେ ମାତ୍ର ୧୬ ଜଣ ଏଚ୍‌ପିସିରେ ଅଛନ୍ତି। ଇତି ମଧ୍ୟରେ ୮ଜଣ ଖେଳ ଛାଡ଼ିଛନ୍ତି। ଟାଟା ଏକାଡେମୀ ଅସନ୍ତୋଷ ଜାହିର କରି ଗତ ମାସରେ କ୍ରୀଡ଼ା ବିଭାଗକୁ ଅବ୍ୟବସ୍ଥା ବାବଦରେ ଅବଗତ କରାଇଥିଲା। କ୍ରୀଡ଼ା ସଚିବ ଭୁପେନ୍ଦ୍ର ପୁନିଆଙ୍କୁ ପଚାରିବାରୁ ଏ ଦିଗରେ ଧ୍ୟାନ ଦିଆଯିବ ବୋଲି ସେ ମତ ଦେଇଛନ୍ତି।

ନିକଟ ଅତୀତରେ ଓଡ଼ିଆ ତୀରନ୍ଦାଜମାନେ ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୬୯ତମ ଏସ୍‌ଜିଏଫଆଇ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳଗତ ଭାବେ ରନର୍ସଅପ ମଧ୍ୟ ହୋଇଛି। ଦିନକୁ ଦିନ ଜାତୀୟ ମାନଚିତ୍ରରେ ଓଡ଼ିଶା ତୀରନ୍ଦାଜୀ ଖେଳର ସ୍ଥିତି ମଜଭୁତ ହେଉଥିବା ବେଳେ ରାଜ୍ୟ କ୍ରୀଡ଼ା ବିଭାଗର ଅବହେଳାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟାଟା ଏକାଡେମୀ ପକ୍ଷରୁ ଝାଡ଼ଖଣ୍ଡରେ ଏକ ଏଚ୍‌ପିସି ରହିଛି, ଯେଉଁଠାରୁ ଭାରତର ଅନେକ ସୁନାମଧନ୍ୟ ଖେଳାଳି ସୃଷ୍ଟି ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୨୪ରେ ଓଡ଼ିଶା ସରକାର ରାଜ୍ୟରେ ଏକ ଏଚ୍‌ପିସି ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲେ। ଟାଟା ଏକାଡେମୀର ସହାୟତା ଲୋଡ଼ା ଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସ୍ଥାନ ଚିହ୍ନଟ ହୋଇଥିଲା। ପରେ କେନ୍ଦୁଝରର ଶଙ୍କରପୁରରେ ଏଚ୍‌ପିସି ପ୍ରତିଷ୍ଠା ନିମନ୍ତେ ସ୍ଥିର କରାଯାଇଥିଲା। ସେହିବର୍ଷ ଟାଟା ଏକାଡେମୀ ସହିତ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ଭିତ୍ତିଭୂମି ଯୋଗାଇବା ଦାୟିତ୍ୱ କ୍ରୀଡ଼ା ବିଭାଗ ସମ୍ଭାଳିବ, ଖେଳାଳିଙ୍କୁ ଉନ୍ନତ ପ୍ରଶିକ୍ଷଣ ଦାୟିତ୍ୱ ଟାଟା ଏକାଡେମୀର ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଚ୍‌ପିସିର ଜଣେ ବରିଷ୍ଠ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି, ଟାଟା ଏକାଡେମୀ ୩ଜଣ ପ୍ରଶିକ୍ଷକଙ୍କୁ ଏଠାରେ ନିଯୁକ୍ତ କରିଛି। ହେଲେ ଖେଳର ବିକାଶ ନେଇ ସେହିଭଳି କୌଣସି ସ୍ଥିତି ଦେଖିବାକୁ ମିଳୁନି। ୧୨ଜଣ ବାଳକ ଏବଂ ୧୨ଜଣ ବାଳିକାଙ୍କୁ ନେଇ ପ୍ରଥମେ କମ୍ପାଉଣ୍ଡ ରାଉଣ୍ଡରେ ପ୍ରଶିକ୍ଷଣ ଦିଆଯାଉଥିଲା। ୮ଜଣ ଖେଳ ଛାଡ଼ି ଚାଲି ଗଲେଣି। ଆଗାମୀ ଦିନରେ ରିକର୍ଭ ରାଉଣ୍ଡରେ ୧୦ଜଣ ଖେଳାଳିଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ଦିଆଯିବ ବୋଲି ଆଲୋଚନା ହେଉଛି। ହେଲେ ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଟାଟା ଏକାଡେମୀ ବାରମ୍ବାର ଅସନ୍ତୋଷ ଜାହିର କରୁଛି। ଧନୁ କିଣିବା ନିମନ୍ତେ ଅସମର୍ଥ ଆଦିବାସୀ ପିଲାଙ୍କୁ ଏଠାରେ ପ୍ରଶିକ୍ଷଣ ଦେବାର ଯୋଜନା ବିଫଳ ହେବାକୁ ବସିଲାଣି ବୋଲି ଅଧିକାରୀ ଜଣକ କହିଛନ୍ତି। କ୍ରୀଡ଼ା ବିଭାଗ ଦୃଷ୍ଟି ନ ଦେଲେ ଏଚ୍‌ପିସି ବନ୍ଦ ହୋଇଯିବ ବୋଲି ସେ କ୍ଷୋଭର ସହ କହିଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ କୁହନ୍ତି ଯେ, ପ୍ରୋତ୍ସାହନ ମିଳିଲେ ତୀରନ୍ଦାଜମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିପାରିବେ। ଏଚ୍‌ପିସି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାକୁ ସୁଫଳ ମିଳିବ। କ୍ରୀଡ଼ା ବିଭାଗ ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସମ୍ପୂର୍ଣ୍ଣାନନ୍ଦ କହିଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ